ସମ୍ପାଦକୀୟ



لا اله الا الله محمد رسول الله

# ସତ୍ୟର୍ ଦାବୀ ପ୍ରତ୍ୟେକ ଦିଗରୁ ଝଟକୁଥାଏ

ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ] ଙ୍କ ସତ୍ୟତା ଉପରେ ଯେତେ ଯାହା ଆଲୋଚନା କଲେ ବି ତାହା କମ ହେବ। ଆଜି ମଧ୍ୟ ପୃଥିବୀର ଏକ ବୃହତର ଭାଗ, ଅଧିକାଂଶ ଗୋଷ୍ଠୀ ତାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବାରୁ ବଂଚିତ ହୋଇ ରହିଛନ୍ତି। ଏଥିପାଇଁ ହତୋତ୍ସାହ ହେବା ଆଦୌ ଠିକ ନୁହେଁ। ବଳିଷ୍ଠ ପ୍ରମାଣ, ଯୁକ୍ତି ତଥା ତର୍କବିତର୍କ କ୍ଷେତ୍ରରେ ଆମେ ବୀଜୟୀ ହୋଇ ସାରିଛୁ ଓ ବିଜୟର ଏହି କ୍ଷେତ୍ର ୧୨୫ ବର୍ଷ ହେଲା ଆମର କରାୟତ ହୋଇ ରହିଛି ଓ ଏହା ସର୍ବଦା ଆମ ପାଖରେ ହିଁ ରହିଥିବ। ଯେତେଦୂର ସଂଖ୍ୟାଗତ ଦୃଷ୍ଟି କୋଣରୁ ଜୟଲାଭ କରିବାର ପ୍ରଶ୍ନ ଉଠୁଛି, ସେ ଦିନ ମଧ୍ୟ ଆଉ ବେଶି ଦୂର ନାହିଁ। ହଜରତ ମସିହ ମଉଦ[ଅସ] ଅହମଦିୟା ସଂପ୍ରଦାୟର ସଂଖ୍ୟାଗତ ବିଜୟର ଭବିଷ୍ୟତ ବାଣୀ କରି କହିଥିଲେ ଯେ ଅଲ୍ଲାଃତାଲା ଏହି ଜମାଅତକୁ ସମସ୍ତ ଦେଶରେ ପ୍ରସାରିତ କରିଦେବେ ଏବଂ ତାତ୍ତ୍ୱିକ ଯୁକ୍ତି ଓ ପ୍ରବର୍ତନା ମାଧ୍ୟମରେ ଏହାକୁ ସବୁରି ଉପରେ ଜୟଯୁକ୍ତ କରାଇବେ। ଏହି ଧରଣର ଯୁକ୍ତି ଓ ପ୍ରମାଣଭିତିକ ବିଜୟ ଯାହା ବିଷୟରେ ମୁଁ ଆଗରୁ କହିଛି, ଏବେ ମଧ୍ୟ ଆମେ ହାସଲ କରିଛୁ। ସଂଖ୍ୟାଭିତିକ ବିଜୟ ପାଇଁ ଯେତେ ଦୂର ସମୟ ଅବଧିର ପ୍ରଶ୍ନ ରହିଛି ଯେ କେତେ ସମୟ ଆଉ ଲାଗିବ, ସେ ସଂକ୍ରାନ୍ତରେ ଏହି ଭବିଷ୍ୟତବାଣୀରେ ହଜରତ ମସିହ ମଉଦ[ଅସ] କହିଛନ୍ତି:

"ଆଜିର ଦିନଠାରୁ ତୃତୀୟ ଶତାବ୍ଦୀ ପୂରଣ ହୋଇ ନଥିବ ଯେବେ ଯୀଶୁଙ୍କ ପୁନରାଗମନର ପ୍ରତୀକ୍ଷାରେ ବସିଥିବା କି ମୁସଲମାନ କି ଖ୍ରୀଷ୍ଟିୟାନ ଅତ୍ୟନ୍ତ ନିରାଶ ଓ ସନ୍ଦେହ ଘେରରେ ରହି ସେହି ମିଥ୍ୟା ସିଦ୍ଧାନ୍ତକୁ ପରିତ୍ୟାଗ କରିଦେବେ। ସଂସାରରେ ଗୋଟିଏ ମାତ୍ର ଧର୍ମ ରହିବ ଓ ଜଣେ ମାତ୍ର ଧର୍ମ ପ୍ରବର୍ତକ। ମୁଁ ତ ଏହାର ବୀଜ ବପନ କରିବାକୁ ଆସିଛି। ତେଣୁ ମୋ ହାତରେ ସେହି ମଞ୍ଜି ବୁଣାଗଲା। ଏବେ ଏହି ବୀଜ ଅଙ୍କୁରିତ ହେବ, ତାହା ବଢ଼ିବ, ପୁଷ୍ପିତ ହେବ ଓ ଫଳ ପ୍ରଦାନ କରିବ। ଏପରି କେହି ନାହିଁ ଯେ ଏହାକୁ ରୋକି ପାରିବ।"

***(ତଜକରାତୁଶ୍ ଶହାଦତୈତ୍, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୨୦, ପୃ ୬୭)***

'ତଜ୍‌କରାତୁଶ୍ ଶହାଦତୈନ' ପୁସ୍ତକ ୧୯୦୩ ମସିହାରେ ରଚନା କରାଯାଇଥିଲା। ଆଜି ଏହି ଭବିଷ୍ୟତ ବାଣୀକୁ ୧୧୫ (ଏକ ଶହ ପନ୍ଦର) ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ତୃତୀୟ ଶତାବ୍ଦୀ ସଂପୂର୍ଣ୍ଣ ହେବାକୁ ଆଉ ୧୮୫(ଏକ ଶହ ପଂଚଅଶି) ବର୍ଷ ବାକି ଅଛି। ଏହାଠାରୁ କମ ସମୟ ମଧ୍ୟରେ ବି ଆମେ ଏହି ବିଜୟର ଟୀକା ହାସଲ କରିପାରିବା। ଆମେ ଅଲ୍ଲାଃଙ୍କ ଠାରେ ଏହି ଆଶା ରଖୁଛୁ ଓ ପ୍ରାର୍ଥନା କରୁଛୁ ଯେ 'ହେ ପ୍ରଭୁ! ଇସ୍‌ଲାମ ଅହମଦିୟତର ବିଜୟକୁ ନିକଟରୁ ଅତି ନିକଟତର କରାଇ ଚାଲିଥା'ନ୍ତୁ।' ଆମିନ।

ହଜରତ ମସିହ ମଉଦ[ଅସ]ଙ୍କ ସତ୍ୟତାର ଅନେକ ପ୍ରମାଣ ରହିଛି। ଆମେ ଏଠାରେ କ'ଣ ବଖାଣିବୁ ଓ କ'ଣ ନାହିଁ। ଯେଉଁ ଦିଗରୁ ଚିନ୍ତା କଲେ ମଧ୍ୟ ତାଙ୍କ ସତ୍ୟତା ହିଁ ସ୍ପଷ୍ଟ ଦିଶୁଛି। ସେହି ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କ ସ୍ୱର ଯାହା କାଦିୟାନ ଗ୍ରାମରୁ ଏକଦା ଉଠିଥିଲା, ଆଜି ତାହା ବିଶ୍ୱର ୧୧୨ଟି ଦେଶରେ ବ୍ୟାପିଯାଇଛି। ଦୁନିଆ ଆଜି ଜମାଅତ ବିଷୟରେ ଜାଣିଲାଣି, ଚିହ୍ନିଲାଣି ତଥା ଏହି ସଂପ୍ରଦାୟକୁ ଅତ୍ୟନ୍ତ ସମ୍ମାନ ଓ ମାନ୍ୟତା ସହକାରେ ଦେଖୁଛନ୍ତି। ଆମର ପ୍ରିୟତମ ଖଲିଫତୁଲ୍ ମସିହ ପଂଚମ[ଅବ] ବିଭିନ୍ନ ଦେଶର ସଂସଦ ଭବନରେ ଯାଇ ଇସଲାମର ସୁନ୍ଦର ଓ ଶାନ୍ତିପ୍ରଦ ଶିକ୍ଷା ସଂବନ୍ଧରେ ଅଗଣିତ ବକ୍ତବ୍ୟ ପ୍ରଦାନ କରି ଚାଲିଛନ୍ତି। ସଂସାର ତାଙ୍କୁ ଏକ ମହାନ ଶାନ୍ତିଦୂତ ରୂପେ ଜାଣିବାରେ ଲାଗିଲେଣି। ଏହି କଥା ସ୍ୱୀକାର ମଧ୍ୟ କରୁଛନ୍ତି ଯେ ଆଜି ଜଗତକୁ କେବଳ ତାଙ୍କରି ଆଧ୍ୟାତ୍ମିକ ନେତୃତ୍ୱ, ତାଙ୍କ ସଦୁପଦେଶ ନୀତି ଶିକ୍ଷା ଓ ତାଙ୍କ ମାର୍ଗଦର୍ଶନର ଆବଶ୍ୟକତା ରହିଛି।

ହଜୁର ଅନଓ୍ୱର[ଅବ] ଏଇମାତ୍ର ଅକ୍ଟୋବର ୨୦୧୮ରେ ଆମେରିକା ତଥା 'ଗୋଏଟେମୋଲା' ଯାତ୍ରା କରିଥିଲେ। ୨୧ ଅକ୍ଟୋବର ୨୦୧୮ ରବିବାର ଦିନ ସେ ଓ୍ୱାଶିଂଟନ୍‌ରୁ ହିଓଷ୍ଟନ୍ ବାହାରିଲେ। ୟୁନାଇଟେଡ ଏୟାର ଲାଇନର UA484 ବିମାନ ୨.୩୫ ମିନିଟ ସମୟରେ ଓ୍ୱାଶିଂଟନର Dullas ବିମାନବନ୍ଦରରୁ ହିଓଷ୍ଟନର ଜର୍ଜବୁଶ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବେଳେ ଉଡାଣ ଭରିବାର ଅଳ୍ପ ସମୟ ପରେ ପାଇଲଟଙ୍କ କ୍ୟାବିନରୁ ଏହି ଘୋଷଣା କରାଗଲା :

## ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ଇମାମ୍ ମେହ୍‌ଦୀ ଏବଂ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ଓ ଆପଣ ଆ:ସଙ୍କ ସତ୍ୟତା ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ର ଆୟାତ୍। | ୨ |
| ୩ | ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ସୟଦ୍‌ନା ହଜ୍‌ରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପବିତ୍ରବାଣୀ। | ୩ |
| ୪ | ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ରବାଣୀ। | ୪ |
| ୫ | ଖୁତ୍‌ବାଜୁମା ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ପ୍ରଦତ ୨୩ ମାର୍ଚ୍ଚ ୨୦୧୮। | ୫ |
| ୬ | ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଜୀବନଚରିତ - ପାରିବାରିକ ଜୀବନକୁ ଉତମରୂପେ ଗଢି ତୋଳିବା ସମ୍ବନ୍ଧୀୟ ଘଟଣାବଳୀର ଆଲୋକରେ। | ୧୧ |
| ୭ | ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରାର୍ଥନା ଗୃହୀତ ହେବାର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ ଆଲୋକରେ। | ୧୭ |
| ୮ | ସଦାକତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅର୍ଥାତ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତା ଯୁଗର ଆବଶ୍ୟକତା ତଥା ଆକାଶୀୟ ଐଶି ସମର୍ଥନର ଆଲୋକରେ। | ୨୧ |
| ୯ | ବାଶରହ୍ (ଅର୍ଥାତ୍ ଆନୁପାତିକ) ଚାନ୍ଦା ଏବଂ ଓ୍ୱସିୟତ ବ୍ୟବସ୍ଥାର ଗୁରୁତ୍ୱ ଓ ଉପକାରିତା। | ୨୫ |


**"ହଜରତ ମିର୍ଜା ମସରୁର୍ ଅହମଦ୍ ଆମ ବିମାନରେ ଯାତ୍ରା କରୁଛନ୍ତି ଏବଂ ଆମେମାନେ ତାଙ୍କୁ ସ୍ୱାଗତ ଜଣାଉଛୁ। ହଜୁର ମହୋଦୟ 'ବିଶ୍ୱଶାନ୍ତି ଦୂତ' (World Ambassador of Peace) ରୂପେ କାର୍ଯ୍ୟ କରୁଛନ୍ତି ଏବଂ ବିଶ୍ୱରେ ସାଂପ୍ରଦାୟିକ ସ୍ୱାଧୀନତା, ଭ୍ରାତୃତ୍ୱ ଓ ଶାନ୍ତିର ପ୍ରତିଷ୍ଠା ଲାଗି ପ୍ରୟାସରତ ଅଛନ୍ତି।"**

ଆମେ ହଜରତ ମସିହ ମଉଦ[ଅସ]ଙ୍କ ଦାବିର ସତ୍ୟତା ସଂବନ୍ଧରେ ବର୍ଣ୍ଣନା କରୁଥିଲୁ, ଯାହାର ପ୍ରମାଣ ବ୍ୟାପକ ଭାବରେ ଦେଖିବାକୁ ମିଳେ। ପବିତ୍ର କୁରଆନ, ହଦିସରେ ବର୍ଣ୍ଣିତ ଭବିଷ୍ୟତବାଣୀ ଦୃଷ୍ଟିରୁ ବହୁ ଦିବ୍ୟଦ୍ରଷ୍ଟା ଧର୍ମଗୁରୁମାନଙ୍କ ଆଗାମୀ ସୂଚନା ଆଧାରରେ, ସ୍ୱୟଂ ହଜରତ ମସିହ ମଉଦ[ଅସ] ନିଜ ଆଗମନର ଭବିଷ୍ୟତବାଣୀ ପୂରଣ ହେବା ଅବସରରେ ତଥା ତାଙ୍କ ମାଧ୍ୟମରେ ପ୍ରକାଶିତ ଆଲୌକିକ ନିଦର୍ଶନ ଓ ସ୍ୱର୍ଗୀୟ ଚିହ୍ନସବୁର ଦୃଷ୍ଟିକୋଣରୁ, ତାଙ୍କ ଉତାରେ 'ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍' ଅର୍ଥାତ ଅବତାର ଶୈଳୀରେ ଖିଲାଫତ ପ୍ରତିଷ୍ଠା ହେବା ଦ୍ୱାରା ଯାହାକି ତାଙ୍କ ଖଲିଫାମାନଙ୍କ ମାଧ୍ୟମରେ ପୂରଣ ହୋଇ ଚାଲିଥିବା ଭବିଷ୍ୟତ ସୂଚନା ତଥା ସ୍ୱର୍ଗୀୟ ନିଦର୍ଶନ ଦୃଷ୍ଟିରୁ, ଜମାଅତର ପ୍ରଗତି ଓ ପ୍ରସାର ଦୃଷ୍ଟିକୋଣରୁ, ଜମାଅତର ବ୍ୟବସ୍ଥିତ ସଂଗଠନ ମାଧ୍ୟମରେ, ପ୍ରଚାର ଓ ପ୍ରକାଶନ ମାଧ୍ୟମରେ, ଗୋଟିଏ ଖଲିଫା ତଥା ଜଣେ ଆଧ୍ୟାତ୍ମିକ ଧର୍ମଗୁରୁଙ୍କ ହାତରେ ଏକତ୍ରିତ ହେବା ଦିଗରୁ, ମୁବଲିଗ୍, ମୋଅଲିମ ତଥା ଦାଇୟାନେ ଇଲଲ୍ଲାଃମାନଙ୍କ କାର୍ଯ୍ୟଧାରା ଦୃଷ୍ଟିରୁ, ବିଶ୍ୱର କୋଡିଏ ପାଖାପାଖି ଦେଶରେ ଅନୁଷ୍ଠିତ ବାର୍ଷିକ ଧର୍ମ ସମାବେଶ (ଜଲସା ସାଲାନା) ତଥା ଏଥିରେ ଉତରୋତର ଉନ୍ନତି ଓ ଏହାର ସୁଦୂର ପ୍ରସାରୀ ପ୍ରଭାବ ଦୃଷ୍ଟିକୋଣରୁ, ଇସଲାମର ସେବାରେ ନିଜକୁ ଉତ୍ସର୍ଗ କରିବା, ଓ୍ୱାକିଫିନେ ନୌ (ନୂତନ ସନ୍ତାନ ଉତ୍ସର୍ଗ) ଯୋଜନା ଦ୍ୱାରା ଧର୍ମ ସେନାବାହିନୀ ପ୍ରସ୍ତୁତ ହୋଇଥିବା ଦୃଷ୍ଟିରୁ, ବିଭିନ୍ନ ଆର୍ଥିକ ଚାନ୍ଦା ଓ ଧନତ୍ୟାଗ ଦୃଷ୍ଟିକୋଣରୁ, ଶତ୍ରୁମାନଙ୍କୁ ପ୍ରତିହତ କରିବା, ଅପଦସ୍ତ ଓ ଲାଞ୍ଛିତ କରିବା, ସେମାନଙ୍କର ସମସ୍ତ କୁଟଚକ୍ରାନ୍ତକୁ ପଣ୍ଡ କରିବା ତଥା ଦୃଢ଼ ହସ୍ତରେ ଦମନ କରିବା ଓ ସେମାନଙ୍କ ବିନାଶ ହେବା ଇତ୍ୟାଦି ସାମୁହିକ ଦୃଷ୍ଟିକୋଣ ଭିତିରେ ହଜରତ ମସିହ ମଉଦ[ଅସ]ଙ୍କ ସତ୍ୟତା ସ୍ପଷ୍ଟ ଦିବାଲୋକ ସଦୃଶ ପ୍ରମାଣସିଦ୍ଧ ହେଲା।

ଶତ୍ରୁ ପ୍ରତିପକ୍ଷ ବିରୋଧିମାନଙ୍କୁ ନିନ୍ଦିତ, ଅପମାନିତ ଓ ସମୂଳେ ବିନାଶ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ]ଙ୍କର କେତେକ ବିଶ୍ୱାସ ବର୍ଦ୍ଧକ ଘଟଣା ମୂଳକ ବକ୍ତବ୍ୟ ଆମେ ଏଠାରେ ଉପସ୍ଥାପନ କରୁଛୁ।

**ମସିହ ମଉଦଙ୍କ ପ୍ରତି ମୃତ୍ୟୁର ଅନିଷ୍ଟ ଚିନ୍ତାକରି ଯିଏ ବି ମିଥ୍ୟା ଦୈବିବାଣୀ ପ୍ରକାଶ କରିଥିଲା, ସେ ନିଜେ ହିଁ ମରିଗଲା।**

*ଅବଶିଷ୍ଟାଂଶ ପୃଷ୍ଠା- ୨୯ ରେ ଦେଖନ୍ତୁ......*

**ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡ଼ିବ; ଏବଂ ଯଦି ସେ ସତ୍ୟବାଦୀ ହୋଇଥାଏ, ତେବେ ତୁମମାନଙ୍କ ସଂକ୍ରାନ୍ତରେ ସେ କହିଥିବା କେତେକ (ଭୟପ୍ରଦ) ଭବିଷ୍ୟବାଣୀ ଅବଶ୍ୟ ପୂର୍ଣ୍ଣ ହେବ**

## ଅଲ୍ଲାଃତାଲାଙ୍କ ବାଣୀ

✡ وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ ۠ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا ؕ يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا ؕ وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ ○

(النور:56)

ଅନୁବାଦ – ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରଛନ୍ତି ଯେ ସେ ସେମାନଙ୍କୁ ଭୁପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ, (ଓ) କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ, ସେମାନେ ଅବଜ୍ଞାକାରୀ ମାନଙ୍କ ମଧ୍ୟରେ ଗଣା ହେବେ । *(ନୂର:୫୬)*

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ହେ ମୋର ପ୍ରିୟ (ଲୋକମାନେ) ! ଯେବେ କି ପ୍ରାଚୀନ କାଳରୁ ଏହା ହିଁ ଅଲ୍ଲାଃଙ୍କର ପରମ୍ପରା ଚାଲିଆସିଛି ଯେ ଇଶ୍ୱର ଦୁଇଗୋଟି ପରାକ୍ରମ ପ୍ରଦର୍ଶନ କରିଥାନ୍ତି । ଯାହାଫଳରେ ବିରୋଧିମାନଙ୍କର ଦୁଇଗୋଟି ତଥାକଥିତ ମିଥ୍ୟା ଉଲ୍ଲାସକୁ ସେ ପଦଦଳିତ କରି ଦେଖାଇଦିଅନ୍ତି । ତେଣୁ ଏହା କେତେ ସମ୍ଭବ ନୁହେଁ ଯେ ଇଶ୍ୱର ବର୍ତମାନ ନିଜର ପ୍ରାଚୀନ ପରମ୍ପରାକୁ ଛାଡିଦେବେ । ତେଣୁ ମୁଁ ଯେଉଁକଥା ତୁମକୁ କହିଲି ସେଥିରେ ଦୁଃଖିତ ହୁଅନାହିଁ ଓ ତୁମର ମନ ବ୍ୟତିବ୍ୟସ୍ତ ନହୋଇଯାଉ, କାରଣ ତୁମମାନଙ୍କ ପକ୍ଷେ ଦ୍ୱିତୀୟ ଐଶି ପରାକ୍ରମକୁ ଦେଖିବା ଜରୁରୀ ଏବଂ ଏହା ଆସିବା ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ । କାରଣ ତାହା ଚିରସ୍ଥାୟୀ ଯାହାର କ୍ରମାଗତ ପ୍ରକ୍ରିୟା ମହାପ୍ରଳୟ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ ଏବଂ ସେହି ଦ୍ୱିତୀୟ କୁଦ୍‌ରତ୍ (ସେପର୍ଯ୍ୟନ୍ତ) ଆସିପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ନଯାଇଛି । କିନ୍ତୁ ମୁଁ ଯେତେବେଳେ ଯିବି ସେତେବେଳେ ଖୁଦା ଉକ୍ତ ଦ୍ୱିତୀୟ କୁଦ୍‌ରତ୍‌କୁ ତୁମପାଇଁ ପଠାଇଦେବେ ଯାହା ସଦାସର୍ବଦା ତୁମ ସହିତ ରହିବ" ।

*(ରିସାଲା ଅଲ୍‌ୱସିୟତ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୫)*

✡ وَلَوْ تَقَوَّلَ عَلَيْنَا بَعْضَ الْاَقَاوِيْلِ ○ لَاَخَذْنَا مِنْهُ بِالْيَمِيْنِ ○ ثُمَّ لَقَطَعْنَا مِنْهُ الْوَتِيْنَ ○ فَمَا مِنْكُمْ مِّنْ اَحَدٍ عَنْهُ حٰجِزِيْنَ ○

(الحاقہ:45تا48)

ଅନୁବାଦ – ଏବଂ ଯଦି ଏହି ବ୍ୟକ୍ତି ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତା ବୋଲି କହନ୍ତେ (ତାହା ଥରେ ମାତ୍ର ହେଲେ ମଧ୍ୟ), ତେବେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାହାଙ୍କୁ ଧରିପକାନ୍ତୁ, ଏବଂ ତାହାଙ୍କର ଜୀବନନାଡିକାକୁ କାଟି ଦିଅନ୍ତୁ । ଅତଏବ ଏପରି ପରିସ୍ଥିତିରେ ତୁମମାନଙ୍କ ମଧ୍ୟରୁ କେହି ହେଲେ ତାହାକୁ ଅଲ୍ଲାଃଙ୍କ ଶାସ୍ତିରୁ ରକ୍ଷା କରିପାରନ୍ତେ ନାହିଁ । *(ଅଲ୍-ହାକ୍‌କା:୪୫-୪୮)*

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଖୁଦାତାଲା ପବିତ୍ର କୋରାନ୍‌ରେ ଏକ ଉନ୍ମୁକ୍ତ ତରବାରି ପରି ଏ ହୁକୁମ୍ ଦେଇଛନ୍ତି କି ଏ ନବୀ ଯଦି ମୋ ସମ୍ବନ୍ଧରେ ମିଥ୍ୟା କହିଥାଆନ୍ତା ଏବଂ କୌଣସି କଥାରେ ଇଫ୍‌ତେରା (ମନଗଢ଼ା କଥା) କରିଥାଆନ୍ତା ତେବେ ମୁଁ ତା ଜୀବନନାଡିକାକୁ କାଟି ଦେଇଥାଆନ୍ତି ଓ ସେ ଏତେବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିନଥାନ୍ତା । ଅତଏବ ଏବେ ଯେତେବେଳେ ଆମେ ନିଜର ଏହି ମସିହ୍ ମଉଦ୍‌ଙ୍କୁ ସେହି ମାପଦଣ୍ଡରେ ମାପୁଅଛୁ ତେବେ ବରାହିନେ ଅହେମଦୀୟା ଦେଖିଲେ ଏକଥା ପ୍ରମାଣ ହେଉଅଛି କି ଏହି ଦାବୀକୁ ଅଲ୍ଲାଃଙ୍କ ତରଫରୁ ଏବଂ ଅଲ୍ଲାଃତାଲାଙ୍କ ବାଣୀ ହେବାର ପାଖାପାଖି ୩୦ବର୍ଷ ହୋଇଗଲାଣି । ଏବଂ ୨୧ବର୍ଷ ହେବ ବରାହିନେ ଅହେମଦୀୟା ଛପା ହୋଇସାରିଛି । ପୁଣି ଯଦି ଏତେବର୍ଷ ପର୍ଯ୍ୟନ୍ତ ସେହି ମସିହ୍ ନିଃଶେଷ ନହେବା ଏବଂ ଶାନ୍ତିରେ ରହିବା ତାଙ୍କ ସତ୍ୟବାଦୀ ହେବାର ଦଲିଲ୍ ନୁହେଁ ତେବେ ଏଥିରୁ ଏଫଳ ବାହାରୁଛି କି ନଉଜୁବିଲ୍ଲାଃ ଆଁ ହଜ୍‌ରତ୍ ସ:ଆ:ସଙ୍କ ତିରିଶି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁରୁ ବଂଚି ରହିବା ଆପଣଙ୍କ ସତ୍ୟବାଦୀ ହେବାର ମଧ୍ୟ ଦଲିଲ ନୁହେଁ । କାରଣ ଯେବେ ଖୁଦାତାଲା ଏଠାରେ ଜଣେ ମିଥ୍ୟାବାଦୀ ମୁଦେଇ ରିସାଲତ୍ (ରସୁଲ୍ ହେବାର ଦାବୀ କରୁଥିବା ବ୍ୟକ୍ତି)କୁ ୩୦ବର୍ଷ ପର୍ଯ୍ୟନ୍ତ ମହଲତ୍ ଦେଇଛନ୍ତି ଏବଂ *ଲୌ ତକଓ୍ୱଲା ଆଲୈନା* ପ୍ରତିଶ୍ରୁତିର କିଛି ଖିଆଲ୍ ରଖିଲେନାହିଁ । ତେଣୁ ସେହିପରି ନଉଜୁବିଲ୍ଲାଃ ଏହା ମଧ୍ୟ କହନା କରାଯାଇପାରେ କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମଧ୍ୟ ଜଣେ ମିଥ୍ୟାବାଦୀ ହେବା ସତ୍ୱେ ମହଲତ ଦିଆଯାଇଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ମିଥ୍ୟାବାଦୀ ହେବା ଅସାଧ । ତେଣୁ ଯାହା ଅସାଧ ତାହା ମଧ୍ୟ ହେଉଛି ଅସମ୍ଭବ । ଏବଂ ପ୍ରକାଶ୍ୟ ଅଟେ କି କୋରାନ୍‌ର ଏହି ଦଲିଲ୍ ସେତେବେଳେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇପାରେ ଯେତେବେଳେ ଏହି ନିର୍ଦ୍ଧାରିତ ନିୟମକୁ ମାନିନିଆଯାଏ କି ଖୁଦା ଏପରି ଧୋକାବାଜ ବ୍ୟକ୍ତିଙ୍କୁ କଦାପି ମହଲତ ଦିଏନାହିଁ, ଯିଏ ଲୋକମାନଙ୍କୁ ପଥଭ୍ରଷ୍ଟ କରାଇବା ପାଇଁ ନିଜକୁ ଅଲ୍ଲାଃଙ୍କ ତରଫରୁ ବୋଲି ଦାବୀ କରେ । କାରଣ ଏପରି ହେଲେ ତା'ସାମ୍ରାଜ୍ୟ ବିଗିଡିଯାଏ ଏବଂ ସତ୍ୟବାଦୀ ଓ ମିଥ୍ୟାବାଦୀ ମଧ୍ୟରେ କୌଣସି ଫରକ ରହେନାହିଁ" ।

*(ରୁହାନି ଖଜାଏନ୍, ଖଣ୍ଡ-୧୭, ଜମିମା ତୋହ୍‌ଫା ଗୋଲଡିୟା, ପୃଷ୍ଠା-୪୨)*

✡ وَقَالَ رَجُلٌ مُّؤْمِنٌ ۖ مِّنْ اٰلِ فِرْعَوْنَ يَكْتُمُ اِيْمَانَهٗۤ اَتَقْتُلُوْنَ رَجُلًا اَنْ يَّقُوْلَ رَبِّيَ اللّٰهُ وَقَدْ جَآءَكُمْ بِالْبَيِّنٰتِ مِنْ رَّبِّكُمْ ؕ وَاِنْ يَّكُ كَاذِبًا فَعَلَيْهِ كَذِبُهٗ ۚ وَاِنْ يَّكُ صَادِقًا يُّصِبْكُمْ بَعْضُ الَّذِيْ يَعِدُكُمْ ؕ اِنَّ اللّٰهَ لَا يَهْدِيْ مَنْ هُوَ مُسْرِفٌ كَذَّابٌ ○

(المؤمن:29)

ଅନୁବାଦ – ଏବଂ ଫିର୍‌ଔନ୍‌ର ଲୋକମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବିଶ୍ୱାସକାରୀ ଥିଲା, କିନ୍ତୁ ବିଶ୍ୱାସକୁ ଗୋପନୀୟ ରଖୁଥିଲା, ସେ କହିଲା, "(ହେ ଲୋକମାନେ) କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ ହତ୍ୟା କରିବ ଯେହେତୁ ସେ କହୁଛି କି ଅଲ୍ଲାଃ (ହିଁ) ମୋର ପାଳନକର୍ତା, ଅଥଚ ସେ ତୁମମାନଙ୍କ ପାଳନକର୍ତାଙ୍କ ନିକଟରୁ ପ୍ରକାଶ୍ୟ ନିଦର୍ଶନମାନ ମଧ୍ୟ ଆଣିଅଛି; ଏବଂ ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡ଼ିବ; ଏବଂ ଯଦି ସେ ସତ୍ୟବାଦୀ ହୋଇଥାଏ, ତେବେ ତୁମମାନଙ୍କ ସଂକ୍ରାନ୍ତରେ ସେ କହିଥିବା କେତେକ (ଭୟପ୍ରଦ) ଭବିଷ୍ୟବାଣୀ ଅବଶ୍ୟ ପୂର୍ଣ୍ଣ ହେବ; ଅଲ୍ଲାଃ ସୀମାଲଙ୍ଘନକାରୀ ଓ ମିଥ୍ୟାବାଦୀକୁ କଦାପି କୃତକାର୍ଯ୍ୟ କରାନ୍ତି ନାହିଁ ।

***ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-***

"ଖୁଦାତାଲାଙ୍କ (ନିକଟରୁ ଆସିଥିବା) ସଦାଗରୀ ଓ ସଂସ୍କାରକଙ୍କୁ ଦୁର୍ବଳ କରିଦେବା ପାଇଁ ତାଙ୍କ ବିରୋଧରେ ପ୍ରତ୍ୟେକ ପ୍ରକାରର ଚେଷ୍ଟା କରାଯାଏ କିନ୍ତୁ ଖୁଦା ତାଙ୍କ ସହିତ ଥାଆନ୍ତି (ତେଣୁ ସେମାନଙ୍କର) ସେହି ସମସ୍ତ ଚେଷ୍ଟା ମାଟିରେ ମିଶିଯାଏ । ଏହିପରି ଅବସରରେ ଏପରି କିଛି ସାଧୁ ଓ ପୁଣ୍ୟ ପ୍ରକୃତିର ବ୍ୟକ୍ତି ଅଟନ୍ତି ଯେଉଁମାନେ କହିଦିଅନ୍ତି *ଓ ଇଁ ୟକୁ ସାଦିକନ୍ ୟୁସିବ୍‌କୁମ୍ ବାଜୁଲ୍ଲଜି ୟଇଦୁକୁମ୍* (ଅର୍ଥାତ୍) ସତ୍ୟବାଦୀଙ୍କର ସତ୍ୟତା ନିଜେ ହିଁ ସେମାନଙ୍କ ପାଇଁ ଜବରଦସ୍ତ ପ୍ରମାଣ ଓ ଦଲିଲ୍ ହୋଇଥାଏ ଏବଂ ମିଥ୍ୟାବାଦୀଙ୍କର ମିଥ୍ୟା ହିଁ ସେମାନଙ୍କୁ ନିଃଶେଷ କରିଦେଇଥାଏ । ତେଣୁ ସେହି ଲୋକମାନଙ୍କୁ ମୋ ମୁଖାଲିଫତ୍ କରିବା ପୂର୍ବରୁ ଅତି କମ୍‌ରେ ଏତିକି ଚିନ୍ତା କରିନେବାର ଉଚିତ୍ ଥିଲା କି ଖୁଦାତାଲାଙ୍କ ପୁସ୍ତକରେ ସତ୍ୟବାଦୀଙ୍କୁ ଚିହ୍ନିବା ପାଇଁ ଏହା ଗୋଟିଏ ମାର୍ଗ ରୂପେ ରଖାଯାଇଛି । କିନ୍ତୁ ଦୁଃଖର ବିଷୟ ହେଉଛି ଏହା କି ଏହି ଲୋକମାନେ ପବିତ୍ର କୋରାନ୍ ତ ପଢୁଛନ୍ତି କିନ୍ତୁ ତାଙ୍କ ତଂଟିରୁ ତଳକୁ ଖସୁନାହିଁ" (ଅର୍ଥାତ୍ ଏକଥାକୁ ବୁଝୁନାହାଁନ୍ତି) ।

*(ତଫସିର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ତୃତୀୟ ଖଣ୍ଡ,
ତଫସିର୍ ସୁରଃ ମୁମିନ୍, ପୃଷ୍ଠା-୧୯୯)*

**ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଜୀବିତ ରହିବ ସେ ଇସା ଇବ୍‌ନେ ମରିୟମ୍ (ଅର୍ଥାତ୍ ମରିୟମ୍ ପୁତ୍ର ଯିଶୁ) ଙ୍କ ଯୁଗକୁ ପାଇବ । ସେ ହିଁ ଇମାମ୍ ମେହ୍‌ଦୀ ତଥା ନ୍ୟାୟ ବିଚାରକ ଓ ନିଷ୍ପତିକାରୀ ହେବେ, ଯିଏ କୃଶକୁ ଭଙ୍ଗ କରିବେ ଓ ଘୁଷୁରୀ ବନ୍ଧ କରିବେ ।**

**——ସୟ୍ୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍[ସ:ଆ:ସ]ଙ୍କ ବାଣୀ——**

✡ عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : کَیْفَ اَنْتُمْ اِذَا نَزَلَ ابْنُ مَرْیَمَ فِیْکُمْ وَاِمَامُکُمْ مِنْکُمْ وَفِیْ رِوَایَةٍ فَاَمَّکُمْ مِنْکُمْ

(بخاری، کتاب الانبیاء، باب نزول عیسی ابن مریم)(حدیقۃ الصالحین، صفحہ 898)

ହଜ୍‌ରତ୍ ଅବୁ ହୁରେରାଃ ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେବେ ମରିୟମ୍ ପୁତ୍ର ଯିଶୁ (ଅର୍ଥାତ୍ ମସିହ୍‌ଙ୍କ ଅନୁରୂପ) ତୁମମାନଙ୍କ ମଧ୍ୟରେ ଆବିର୍ଭାବ ହେବେ ସେତେବେଳେ ତୁମର ଅବସ୍ଥା କେତେ ସୁକୁମାର ହେବ ଯିଏ ତୁମର ଇମାମ୍ ହେବେ ଓ ତୁମମାନଙ୍କ ମଧ୍ୟରୁ ହେବେ । ଆଉ ଏକ ରିଓ୍ୱାୟତ୍‌ରେ ଆସୁଛି କି ସେ ତୁମମାନଙ୍କ ମଧ୍ୟରୁ ଆବିର୍ଭାବ ହେବାଯୋଗୁ ତୁମର ଇମାମତ୍ (ଅର୍ଥାତ୍ ଆଧ୍ୟାତ୍ମିକ ନେତୃତ୍ୱ)ର ଦାୟିତ୍ୱ ନିର୍ବାହ କରିବେ ।

✡ عَنْ نَافِعٍ قَالَ : ذَكَرَ النَّبِيُّ صَلَّى اللّٰهُ عَلَيْهِ وَسَلَّمَ ...... أَرَانِيْ اللَّيْلَةَ عِنْدَ الْكَعْبَةِ فِي الْمَنَامِ فَإِذَا رَجُلٌ آدَمُ كَأَحْسَنِ مَا يُرَى مِنْ أُدْمِ الرِّجَالِ تَضْرِبُ لِمَّتُهُ بَيْنَ مَنْكِبَيْهِ رَجِلُ الشَّعَرِ يَقْطُرُ رَأْسُهُ مَاءً وَاضِعًا يَدَيْهِ عَلَى مَنْكِبَيْ رَجُلَيْنِ وَهُوَ يَطُوْفُ بِالْبَيْتِ فَقُلْتُ مَنْ هٰذَا فَقَالُوْا هٰذَا الْمَسِيْحُ ابْنُ مَرْيَمَ ثُمَّ رَأَيْتُ رَجُلًا وَرَاءَهُ جَعْدًا قَطَطًا أَعْوَرَ عَيْنِ الْيُمْنٰى كَأَشْبَهِ مَنْ رَأَيْتُ بِابْنِ قَطَنٍ وَاضِعًا يَدَيْهِ عَلَى مَنْكِبَيْ رَجُلٍ يَطُوْفُ بِالْبَيْتِ فَقُلْتُ مَنْ هٰذَا فَقَالُوْا هٰذَا الْمَسِيْحُ الدَّجَّالُ (بخاری، کتاب الانبیاء، باب واذکر فی الکتاب مریم اذانتبذت من اهلها

ومسند احمد، جلد2، صفحہ 39)(حدیقۃ الصالحین، صفحہ 894)

ହଜ୍‌ରତ୍ ନାଫେ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଗୋଟିଏ ରାତିରେ ମୁଁ ସ୍ୱପ୍ନରେ ଦେଖିଲି ଯେ ମୁଁ କାବା ମୁକରମାଃ ନିକଟରେ ଏ ଦୃଶ୍ୟ ଦେଖୁଅଛି କି ଜଣେ ଗହମ ରଙ୍ଗର ସୁନ୍ଦର ବ୍ୟକ୍ତି ସେଠାରେ ଉପସ୍ଥିତ ଅଛନ୍ତି । ତାଙ୍କ କେଶ କାନ୍ଧ ପର୍ଯ୍ୟନ୍ତ ଲମ୍ବିଛି, ଚୁଳ ଗୁଡ଼ିକ ସିଧା ଓ ସ୍ୱଚ୍ଛ, ଯେଉଁଥିରୁ ପାଣିବୁନ୍ଦା ଟପକୁଥିବାର ଦୃଷ୍ଟିଗୋଚର ହେଉଅଛି । ସେ ନିଜ ହାତକୁ ଦୁଇଜଣ ଲୋକଙ୍କ କାନ୍ଧ ଉପରେ ରଖି ବୈତୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଘର)ର ପରିକ୍ରମା କରୁଅଛି । ମୁଁ ପଚାରିଲି ଏ ବ୍ୟକ୍ତିଜଣକ କିଏ ? ଏଥିରେ ଲୋକମାନେ ବତାଇଲେ ସେ ହେଉଛନ୍ତି ମସିହ୍ ଇବ୍‌ନେ ମରିୟମ୍ (ଅର୍ଥାତ୍ ମରିୟମ୍ ପୁତ୍ର ଯିଶୁ) ପୁଣି ମୁଁ ତାଙ୍କ ପଛେପଛେ ଆଉଜଣେ ଲୋକଙ୍କୁ ଦେଖିଲି ଯାହାର କେଶ କୁଂଚୁକୁଂଚିଆ ଥିଲା । ତାର କଠିନ ତ୍ୱଚା, ଡାହାଣ ଆଖି କଳା, ଇବ୍‌ନେ କତନ୍ ସହିତ ମିଶୁଥିବା ଚେହେରା ଥିଲା ଏବଂ ସେ ଜଣେ ଲୋକର କାନ୍ଧ ଉପରେ ନିଜ ହାତକୁ ରଖି କାବା ଚତୁଃପାର୍ଶ୍ୱରେ ଘୁରୁଥିଲା । ମୁଁ ପଚାରିଲି ଏ ଲୋକଜଣକ କିଏ ? ଏଥିରେ ଲୋକମାନେ ଉତର ଦେଲେ ସେ ହେଉଛି ମସିହ୍ ଦଜ୍ଜାଲ୍ । (ହଜୁର୍ ସ:ଆ:ସଙ୍କୁ ସ୍ୱପ୍ନରେ ଯେଉଁ ଦୃଶ୍ୟ ଦେଖାଇ ଦିଆଯାଇଥିଲା ସେଥିରେ ତଓ୍ୱାଫେ କାବା ଅର୍ଥାତ୍ କାବା ପରିକ୍ରମା କରିବାର ଅର୍ଥ ହେଉଛି ଏହା କି ମସିହ୍ ବୈତୁଲ୍ଲାଃର ସୁରକ୍ଷା ଏବଂ ତା ଯଶ ଓ ଗୌରବକୁ ଉଚ୍ଚ କରିବା ପାଇଁ ଚେଷ୍ଟିତ ହେବେ ଯେବେ କି ଦଜ୍ଜାଲ୍ କାବାର ବିନାଶ ନିମନ୍ତେ ଚେଷ୍ଟା କରିବ) ।

✡ عَنْ اَنَسِ بْنِ مَالِكٍ رَضِیَ اللّٰهُ عَنْهُ اَنَّ رَسُوْلَ اللّٰهِ صَلَّی اللّٰهُ عَلَیْهِ وَسَلَّمَ قَالَ : لَا الْمَهْدِیُّ اِلَّا عِیْسَی بْنُ مَرْیَمَ ۔

(ابن ماجہ، باب شدۃ الزمان، صفحہ 257، مصری مطبع علمیہ 1313ھ، کنز العمال، جلد7، صفحہ 186)

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି:- ଇସା ଆ:ସଙ୍କ ବ୍ୟତୀତ ଆଉ କେହି ମେହ୍‌ଦୀ ନୁହଁନ୍ତି (ଅର୍ଥାତ୍ ମସିହ୍ ଆ:ସ ହିଁ ମେହ୍‌ଦୀ ହେବେ କାରଣ ମେହ୍‌ଦୀଙ୍କର ଆଉ କୌଣସି ଅଲଗା ଅସ୍ତିତ୍ୱ ନାହିଁ) ।

✡ یُوْشِكُ مَنْ عَاشَ مِنْکُمْ اَنْ یَّلْقٰی عِیْسَی بْنَ مَرْیَمَ اِمَامًا مَهْدِیًّا حَکَمًا عَدْلًا یَکْسِرُ الصَّلِیْبَ وَیَقْتُلُ الْخِنْزِیْرَ (مسند احمد، جلد2، صفحہ 156)

ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଜୀବିତ ରହିବ (ଇନ୍‌ଶାଅଲ୍ଲାଃ) ସେ ଇସା ଇବ୍‌ନେ ମରିୟମ୍ (ଅର୍ଥାତ୍ ମରିୟମ୍ ପୁତ୍ର ଯିଶୁ) ଙ୍କ ଯୁଗକୁ ପାଇବ ସେ ହିଁ ଇମାମ୍ ମେହ୍‌ଦୀ ତଥା ନ୍ୟାୟ ବିଚାରକ ଓ ନିଷ୍ପତିକାରୀ ହେବେ । ଯିଏ କୃଶକୁ ଭଙ୍ଗ କରିବେ ଓ ଘୁଷୁରୀକୁ ବନ୍ଧ କରିବେ ।

✡ عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ عَنِ النَّبِیِّ صَلَّی اللّٰهُ عَلَیْهِ وَسَلَّمَ قَالَ : لَا تَقُوْمُ السَّاعَةُ حَتّٰی یَنْزِلَ عِیْسَی بْنُ مَرْیَمَ حَکَمًا مُقْسِطًا وَاِمَامًا عَدْلًا فَیَکْسِرُ الصَّلِیْبَ وَیَقْتُلُ الْخِنْزِیْرَ وَیَضَعُ الْجِزْیَةَ وَیَفِیْضُ الْمَالَ حَتّٰی لَا یَقْبَلَهٗ اَحَدٌ۔

(سنن ابن ماجہ، کتاب الفتن، باب فتنۃ الدجال وخروج عیسی بن مریم وخروج یاجوج وماجوج)

ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ:- ଯେପର୍ଯ୍ୟନ୍ତ ଇସା ଇବ୍‌ନେ ମରିୟମ୍, ଯିଏ ନ୍ୟାୟ ବିଚାରକ ଓ ନିଷ୍ପତିକାରୀ ଇମାମ୍ ହେବେ, ଆବିର୍ଭାବ ନ ହୋଇଛନ୍ତି (ସେପର୍ଯ୍ୟନ୍ତ) କୟାମତ୍ ଅର୍ଥାତ୍ ମହାପ୍ରଳୟ ହେବନାହିଁ । (ଯେବେ ସେ ଆବିର୍ଭାବ ହେବେ ସେତେବେଳେ) ସେ କୃଶକୁ ଭାଙ୍ଗିବେ, ଘୁଷୁରୀକୁ ବନ୍ଧ କରିବେ (ଅର୍ଥାତ୍ ଖ୍ରୀଷ୍ଟିୟ ଧର୍ମତତ୍ୱକୁ ଖଣ୍ଡନ କରିବେ ଏବଂ ଘୁଷୁରୀ ପ୍ରବୃତି ଆଚରଣକୁ ଶେଷ କରିବେ) । ଜିଜିୟା ପ୍ରଥାକୁ ଶେଷ କରିବେ ଓ ଏପରି ମାଲ୍ ବଂଟନ କରିବେ ଯାହାକୁ ଲୋକେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବେନାହିଁ ।

✡ عَنْ حُذَیْفَةَ رَضِیَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : تَکُوْنُ النُّبُوَّةُ فِیْکُمْ مَا شَآءَ اللّٰهُ اَنْ تَکُوْنَ ثُمَّ یَرْفَعُهَا اللّٰهُ تَعَالٰی ثُمَّ تَکُوْنُ خِلَافَةٌ عَلٰی مِنْهَاجِ النُّبُوَّةِ مَا شَآءَ اللّٰهُ اَنْ تَکُوْنَ ثُمَّ یَرْفَعُهَا اللّٰهُ تَعَالٰی ثُمَّ تَکُوْنُ مُلْکًا عَاضًّا فَتَکُوْنُ مَا شَآءَ اللّٰهُ اَنْ تَکُوْنَ ثُمَّ یَرْفَعُهَا اللّٰهُ تَعَالٰی ثُمَّ تَکُوْنُ مُلْکًا جَبْرِیَّةً فَیَکُوْنُ مَا شَآءَ اللّٰهُ اَنْ یَکُوْنَ ثُمَّ یَرْفَعُهَا اللّٰهُ تَعَالٰی ثُمَّ تَکُوْنُ خِلَافَةٌ عَلٰی مِنْهَاجِ النُّبُوَّةِ ثُمَّ سَکَتَ (مسند احمد، جلد4، صفحہ 273، مشکوۃ باب الانذار والتحذیر، حدیقۃ الصالحین، صفحہ 928)

ହଜ୍‌ରତ୍ ହୁଜୈଫା ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ- ଯେପର୍ଯ୍ୟନ୍ତ ଅଲ୍ଲାଃ ଇଛା କରିବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନବୁଓ୍ୱତ୍ କାଏମ୍ ରହିବ । ପୁଣି ସେ ତାହାକୁ ଉଠାଇ ନେବେ । ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ (ଅର୍ଥାତ୍ ନବୁଓ୍ୱତ୍‌ର ମାର୍ଗରେ ପରିଚାଳିତ ଖିଲାଫତ୍) ସ୍ଥାପନ ହେବ । ପୁଣି ଅଲ୍ଲାଃତାଲା ଯେବେ ଚାହିଁବେ ସେହି ନେମତ୍ (ଅର୍ଥାତ୍ ଖିଲାଫତ୍‌ର ପୁରସ୍କାର) କୁ ମଧ୍ୟ ଉଠାଇନେବେ । ପୁଣି ତା ନିୟତି ମୁତାବକ ଦୁଃଖ ପ୍ରଦାନକାରୀ ରାଜତ୍ୱ କାଏମ୍ ହେବ । (ସେହି ସାମ୍ରାଜ୍ୟରେ ଜନତା ସଂକୀର୍ଣ୍ଣତା ଅନୁଭବ କରିବେ) ଯେତେବେଳେ ଏ ଯୁଗ ଶେଷ ହେବ ସେତେବେଳେ ତାର ଦ୍ୱିତୀୟ ନିୟତି ମୁତାବକ ତାଠାରୁ ମଧ୍ୟ ଅଧିକା ଅତ୍ୟାଚାରୀ ସାମ୍ରାଜ୍ୟ ସ୍ଥାପନ ହେବ । ଏପରିକି ଅଲ୍ଲାଃତାଲାଙ୍କ କରୁଣା ଉଛୁଳି ପଡିବ । ଫଳତଃ ସେ ଉକ୍ତ ଜୁଲମ୍ ଓ ଅତ୍ୟାଚାରର ଯୁଗକୁ ଶେଷ କରିଦେବେ । ତା'ପରେ ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ (ଅର୍ଥାତ୍ ନବୁଓ୍ୱତ୍‌ର ଶୈଳୀରେ ପରିଚାଳିତ ହେଉଥିବା ଖିଲାଫତ୍) ସ୍ଥାପନ ହେବ । ଏତିକି କହି ଆପଣ ସ:ଆ:ସ ନୀରବ ହୋଇଗଲେ ।

✡ عَنْ حُذَیْفَةَ بْنِ یَمَانٍ قَالَ : قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : اِذَا مَضَتْ اَلْفٌ وَ مِائَتَانِ وَاَرْبَعُوْنَ سَنَةً یَبْعَثُ اللّٰهُ الْمَهْدِیَّ (النجم الثاقب، جلد2، صفحہ 209)

ହଜ୍‌ରତ୍ ହୁଜୈଫା ବିନ୍ ୟମାନ ର:ଅ ବର୍ଣ୍ଣନା କରୁଛନ୍ତି କି- ରସୁଲେ କରିମ୍ ସ:ଆ:ସ କହିଲେ- ବାରଶହ ଚାଳିଶି (୧୨୪୦ ସାଲ) ପରେ ଅଲ୍ଲାଃତାଲା ମେହ୍‌ଦୀଙ୍କୁ ପ୍ରେରଣ କରିବେ । (ଅନ୍ ନଜ୍‌ମୁସ୍ ସାକିବ୍, ଖଣ୍ଡ-୨, ପୃଷ୍ଠା-୨୦୯)

**ଇଶ୍ୱର ନିଜର ପ୍ରତିଶୃତି ଅନୁଯାୟୀ ଏପରି ହିଁ କଲେ ଓ ଏହି ଅଧମକୁ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ପଠାଇଲେ ଏବଂ ଏପରି ଆକାଶୀୟ ଅସ୍ତ୍ର ମୋତେ ଦେଲେ ଯଦ୍ୱାରା ମୁଁ କୃଶଧର୍ମୀୟ ସିଦ୍ଧାନ୍ତକୁ ଖଣ୍ଡନ କରିପାରିବି ।**

**ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ବାଣୀ**

***ମୋର କୌଣସି ଗୋଟିଏ ହେଲେ ସିଦ୍ଧାନ୍ତ ମୋର ପ୍ରଭୁ ଓ ତାଙ୍କ ରସୁଲଙ୍କ ବିରୁଦ୍ଧାଚରଣ କରୁନାହିଁ ।***

"ମୋତେ ମହିମାମୟ ଅଲ୍ଲାଃଙ୍କ ରାଣ ଯେ ମୁଁ ବିଧର୍ମୀ କି ଅବିଶ୍ୱାସକାରୀ ନୁହେଁ । *ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃହି* ହେଉଛି ମୋର ସିଦ୍ଧାନ୍ତ ଓ *ଲା କିନିର୍ ରସୁଲଲ୍ଲାହି ୱ୍ ଖାତମନ୍ ନବୀଇନ୍* ଉପରେ ଯାହା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପାଇଁ ଅଭିପ୍ରେତ, ମୋର ସେଥିରେ ଅଟଳ ବିଶ୍ୱାସ ରହିଛି । ମୋର ଏହି ବର୍ଣ୍ଣନାର ସ୍ୱଚ୍ଛତା ଓ ସ୍ପଷ୍ଟ ସ୍ୱୀକାରୋକ୍ତିର ସମର୍ଥନରେ ମୁଁ ଏପରି ଧରଣର ରାଣ ଖାଇ ଶପଥ କରିପାରେ କି ଯେଉଁ ସ୍ତରର ପବିତ୍ର ନାମ ସ୍ୱୟଂ ଇଶ୍ୱର ବହନ କରିଛନ୍ତି ଓ ଯେପରି ଧରଣର ପବିତ୍ର କୁର୍‌ଆନ୍‌ର ଅକ୍ଷରଲିପି ଓ ଯେପରି ସ୍ତରର ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଉତ୍କର୍ଷ ମହିମା ଇଶ୍ୱରଙ୍କ ନିକଟରେ ରହିଛି । ମୋର କୌଣସି ଗୋଟିଏ ହେଲେ ସିଦ୍ଧାନ୍ତ ମୋର ପ୍ରଭୁ ଓ ତାଙ୍କ ରସୁଲଙ୍କ ବିରୁଦ୍ଧାଚରଣ କରୁନାହିଁ । ଏହା ସତ୍ୱେ ମୋ ପ୍ରତି ଯଦି କେହି ବ୍ୟକ୍ତି ମନରେ ଏପରି ଧାରଣା ପୋଷଣ କରିଥାଏ, ତା'ହେଲେ ଏହା ତା'ର ନିଜର ଭୁଲ୍ । ଯେଉଁବ୍ୟକ୍ତି ମୋତେ ଏବେ ବି ଅବିଶ୍ୱାସକାରୀ ବୋଲି ଭାବୁଛି ଓ ମୋତେ ଅମାନ୍ୟ କରିବାରୁ କ୍ଷାନ୍ତ ହେଉନାହିଁ, ସେ ଏହା ଅବଶ୍ୟ ଜାଣିରଖୁ ଯେ ତା'ର ମୃତ୍ୟୁ ପରାନ୍ତେ ତାକୁ ହି କେବଳ ଏ ବିଷୟରେ ପଚରାଯିବ । ମୁଁ ସେହି ଐଶ୍ୱର୍ଯ୍ୟମୟ ଅଲ୍ଲାଙ୍କ ରାଣ ଖାଇ କହୁଛି ଯେ ପରମେଶ୍ୱର ଓ ତାଙ୍କ ପ୍ରେରିତ ବାର୍ତାବହଙ୍କ ଉପରେ ମୋର ଏପରି ଅଖଣ୍ଡ ବିଶ୍ୱାସ ରହିଛି ଯେ ଯଦି ଏହି ଯୁଗର ସମସ୍ତ ଧାର୍ମିକ ଆସ୍ଥାକୁ ନିକିତିର ଗୋଟିଏ ପଲାରେ ରଖାଯାଏ ଓ ମୋର ଧର୍ମ ବିଶ୍ୱାସକୁ ଅନ୍ୟ ପଲାରେ ରଖି ତଉଲାଯାଏ ତେବେ ଅଲ୍ଲାଃଙ୍କ କୃପାରୁ ମୋର ପଲା ହିଁ ଭାରିହେବ" । (କରାମାତୁସ୍ ସାଦେକୀନ୍, ରୁହାନି ଖଜାଏନ୍, ଖଣ୍ଡ-୭, ପୃଷ୍ଠା-୬୭)

***ମୁଁ ଖୁଦାତାଲାଙ୍କ ରାଣ ଖାଇ କହୁଛି ଯେ ମୁଁ ଏବଂ ମୋ ଜମାତ୍ ହେଉଛି ମୁସଲ୍‌ମାନ୍***

ମୁଁ ଖୁଦାତାଲାଙ୍କ ରାଣ ଖାଇ କହୁଛି ଯେ ମୁଁ ଏବଂ ମୋ ଜମାତ୍ ମୁସଲ୍‌ମାନ୍ ଅଟନ୍ତି ଏବଂ ସେମାନେ ଆଁ ହଜ୍‌ରତ୍ ସ:ଆ:ସ ଓ କୁର୍‌ଆନ୍ କରିମ୍ ଉପରେ ଏପରି ଇମାନ୍ ଆଣିଛନ୍ତି ଯେପରି ଜଣେ ସଚ୍ଚା ମୁସଲ୍‌ମାନ୍‌କୁ ଆଣିବା ଉଚିତ୍ । ମୁଁ ଏକ ଅଣୁମାତ୍ରାରେ ମଧ ଇସ୍‌ଲାମ୍‌ର ବାହାରେ ପାଦ ରଖିବାକୁ ଧ୍ୱଂସର କାରଣ ବୋଲି ବିଶ୍ୱାସ କରୁଛି ଏବଂ ମୋର ଏ ସିଦ୍ଧାନ୍ତ କି ଯେତେମାତ୍ରାରେ କରୁଣା ଓ ବୈଭବ କୌଣସି ବ୍ୟକ୍ତି ହାସଲ କରିପାରେ ଏବଂ ଯେତେମାତ୍ରାରେ ଅଲ୍ଲାଃଙ୍କ ସାନିଧ ପାଇପାରେ ତାହା କେବଳ ହିଁ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଆଜ୍ଞାବହତା ସ୍ୱୀକାର ଏବଂ (ତାଙ୍କ ସହିତ) ସମ୍ପୂର୍ଣ୍ଣ ପ୍ରେମ କରିବାରେ ପାଇପାରେ ନଚେତ୍ (ପାଇପାରିବ) ନାହିଁ । ଆପଣ ସ:ଆ:ସଙ୍କୁ ବାଦ ଦେଇ ଏବେ ପୁଣ୍ୟର କୌଣସି ମାର୍ଗ ନାହିଁ" ।
*(ଲେକ୍‌ଚର୍ ଲୁଧିଯାନା, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୬୦)*

***ଇଶ୍ୱର ନିଜର ପ୍ରତିଶୃତି ଅନୁଯାୟୀ ଏପରି ହିଁ କଲେ ଓ ଏହି ଅଧମକୁ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ପଠାଇଲେ ଏବଂ ଏପରି ଆକାଶୀୟ ଅସ୍ତ୍ର ମୋତେ ଦେଲେ ଯଦ୍ୱାରା ମୁଁ କୃଶଧର୍ମୀୟ ସିଦ୍ଧାନ୍ତକୁ ଖଣ୍ଡନ କରିପାରିବି ।***

"ଖୁଦାତାଲା ଠିକ୍ ଅନ୍ଧକାର ଓ ଫିତ୍‌ନା (ବିଭ୍ରାଟ) ସମୟରେ ଏ ଅଧମକୁ ଚଉଦ ସଦିର ପ୍ରାରମ୍ଭରେ ମାନବଜାତିର ସୁଧାରକ ରୂପେ ମୋଜଦିଦ୍ (ସଂସ୍କାରକ) କରି ପ୍ରେରଣ କରିଛନ୍ତି ଏବଂ ଏହି ସଦିରେ ଯେଉଁ ସବୁ ମାତ୍ରାଧିକ ଫିତ୍‌ନା ଇସ୍‌ଲାମ୍‌କୁ କ୍ଷତି ପହଂଚାଉଥିଲା ତାହା ସବୁ ଇସାଇ ପାଦ୍ରୀମାନଙ୍କର ଫିତ୍‌ନା ଥିଲା । ସେଥିପାଇଁ ଖୁଦାତାଲା ଏ ଅଧମର ନାମ ମସିହ୍ ମଉଦ୍ ରଖିଲେ ଓ ଏହି ନାମ ଅର୍ଥାତ୍ ମସିହ୍ ମଉଦ୍ ନାମ ଯାହା ବିଷୟରେ ଆମ ନବୀ ସ:ଆ:ସଙ୍କୁ ଖବର ଦିଆଯାଇଥିଲା ଏବଂ ଇଶ୍ୱରଙ୍କ ପ୍ରତିଶୃତି ଧାର୍ଯ୍ୟ ହୋଇସାରିଥିଲା କି ତସ୍‌ଲିସ୍ (ଖ୍ରୀଷ୍ଟିୟ ମତବାଦ)ର ପ୍ରଭୁତ୍ୱର ଯୁଗରେ ସେହି ନାମରେ ନାମିତ ଜଣେ ମୋଜଦିଦ୍ ଆସିବେ ଯାହାଙ୍କ ହାତରେ କସ୍‌ରେ ସଲିବ୍ (କୃଶଭଙ୍ଗ) ହେବାର ବିଧାନ ଥିଲା । ସେଥିଯୋଗୁ ସହିହ ବୁଖାରୀରେ ଉକ୍ତ ମୁଜଦିଦ୍‌ଙ୍କର ଏପରି ପରିଚୟ ଉଲ୍ଲେଖ ରହିଛି କି ସେ ମୁହମ୍ମଦ୍‌ଙ୍କ ଉମ୍ମତ୍‌ରେ ତାଙ୍କର ଜଣେ ଇମାମ୍ ହେବେ ଏବଂ କୃଶକୁ ଭାଙ୍ଗିବେ । ଏକଥା ଏଥିପ୍ରତି ଇଂଗିତ ଥିଲା କି ସେ କୃଶଧର୍ମ (ଅର୍ଥାତ୍ ଇସାଇ ଧର୍ମ)ର ପ୍ରଭୁତ୍ୱ ବିସ୍ତାର କରିଥିବା ସମୟରେ ଆସିବେ । ସୁତରାଂ ଖୁଦାତାଲା ନିଜ ପ୍ରତିଶୃତି ମୁତାବକ ଏପରି କଲେ ଏବଂ ଏ ଅଧମକୁ ଖୁଦାତାଲା ନିଜ ପ୍ରତିଶୃତି ମୁତାବକ ଚଉଦ ସଦିର ପ୍ରାରମ୍ଭରେ ପ୍ରେରଣ କରିଛନ୍ତି ଏବଂ ଏପରି ସ୍ୱର୍ଗୀୟ ଅସ୍ତ୍ର ମୋତେ ପ୍ରଦାନ କରିଛନ୍ତି ଯଦ୍ୱାରା ମୁଁ ସଲିବି ଧର୍ମ (ଅର୍ଥାତ୍ ଇସାଇ ଧର୍ମର ଧର୍ମତତ୍ୱ)କୁ ଭାଙ୍ଗିପାରିବି । (କିତାବୁଲ୍ ବରିୟାଃ, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୩୫୮)

***ଯେଉଁ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ତରଫରୁ ଧର୍ମର ପୁନର୍ବିନ୍ୟାସ ନିମନ୍ତେ ଆସିବାର ଥିଲା ମୁଁ ହେଉଛି ସେହି ବ୍ୟକ୍ତି***

"ଖୁଦାତାଲା ଏ ଯୁଗର ବର୍ତମାନର ପରିସ୍ଥିତିକୁ ଦେଖି ଓ ପୃଥିବୀକୁ ଭଳିଭଳି ବିଭ୍ରାଟ, ପାପ ଏବଂ ପଥଭ୍ରଷ୍ଟତାରେ ପରିପୂର୍ଣ୍ଣ ପାଇ ମୋତେ ସତ୍ୟର ବାର୍ତାକୁ ପହଂଚାଇବା ପାଇଁ ଓ ସୁଧାର କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିୟୋଜିତ କରିଛନ୍ତି ଏବଂ ଏ ଯୁଗ ମଧ ଏଭଳି ଥିଲା କି..... ଏ ପୃଥିବୀର ଲୋକମାନେ ତ୍ରୟୋଦଶ ଶତାବ୍ଦୀ ହିଜ୍‌ରିକୁ ଶେଷ କରି ଚତୁର୍ଦ୍ଦଶ ଶତାବ୍ଦୀର ମୁଣ୍ଡ ଉପରେ ପହଂଚି ଯାଇଥିଲେ । ସେତେବେଳେ ମୁଁ ଉକ୍ତ ନିର୍ଦ୍ଦେଶକୁ ସୁଚାରୁରୂପେ ସର୍ବସାଧାରଣରେ ଲିଖିତ ଇସ୍ତେହାର୍ ଜରିଆରେ ଓ ବକ୍ତବ୍ୟ ମାଧମରେ ଏ ଘୋଷଣା କରିବା ଆରମ୍ଭ କରିଦେଲି ଯେ ଏହି ଶତାବ୍ଦୀର ପ୍ରାରମ୍ଭରେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ତରଫରୁ ଧର୍ମର ପୁନର୍ବିନ୍ୟାସ କରିବା ପାଇଁ ଆସିବାକୁ ଥିଲା ମୁଁ ହେଉଛି ସେହି ବ୍ୟକ୍ତି । ଫଳତଃ ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଥିବା ଇମାନ୍ (ଅର୍ଥାତ୍ ଧର୍ମବିଶ୍ୱାସ)କୁ ପୁନର୍ବାର ସ୍ଥାପନ କରିବି ଏବଂ ଇଶ୍ୱରଙ୍କଠାରୁ ଶକ୍ତି ଓ ସାମର୍ଥ୍ୟ ଲାଭ କରି ତାହାଙ୍କ ହସ୍ତର ଆକର୍ଷଣ ଦ୍ୱାରା ଏ ସଂସାରକୁ ସୁଧାର, ସତ୍ୟନିଷ୍ଠା/ଧର୍ମପରାୟଣତା ଏବଂ ସତ୍ୟବାଦିତା ଆଡକୁ ଟାଣିଆଣିବି । ସେମାନଙ୍କର ବିଶ୍ୱାସ ଓ କାର୍ଯ୍ୟ ନମୁନାର ତୃଟି ଗୁଡିକୁ ସୁଧାରିବି । ପୁଣି ଯେତେବେଳେ ଏକଥାକୁ କିଛି ବର୍ଷ ବିତିଗଲା ମୋ ଉପରେ ଐଶିବାଣୀ ଅବତୀର୍ଣ୍ଣ ହୋଇ ଏକଥା ସ୍ପଷ୍ଟ କରାଗଲା ଯେ ଏହି ସଂପ୍ରଦାୟରେ ଯେଉଁ ମସିହ୍‌ଙ୍କ ଆଗମନ ନିମନ୍ତେ ଆଦ୍ୟରୁ ପ୍ରତିଶୃତି ଦିଆଯାଇଥିଲା ଓ ସେହି ଶେଷ ମେହ୍‌ଦୀ ଯିଏ ଇସ୍‌ଲାମ୍‌ର ପତନ ସମୟରେ ଏବଂ ପଥଭ୍ରଷ୍ଟତା ବ୍ୟାପି ରହିଥିବା ଯୁଗରେ ପ୍ରତ୍ୟକ୍ଷ ରୂପେ ଇଶ୍ୱରଙ୍କଠାରୁ ମାର୍ଗଦର୍ଶନକାରୀ ଓ ସେହି ଆକାଶୀୟ ପ୍ରାଚୁର୍ଯ୍ୟକୁ ନୂତନ ରୂପେ ମନୁଷ୍ୟ ସମ୍ମୁଖରେ ଉପସ୍ଥାପନକାରୀ ହୋଇ ଆସିବାର ଇଶ୍ୱରଙ୍କ ନିୟତିରେ ଧାର୍ଯ୍ୟ କରାଯାଇଥିଲା, ଯାହାଙ୍କ ସମ୍ବନ୍ଧରେ ଆଜିଠାରୁ ତେରଶହ ବର୍ଷ ପୂର୍ବେ ରସୁଲେ କରିମ୍ ସ:ଆ:ସ ସୁସମାଚାର ଦେଇଥିଲେ, ମୁଁ ହିଁ ହେଉଛି ସେହି ବ୍ୟକ୍ତି । ଏବଂ ଏ ସମ୍ବନ୍ଧରେ ଇଶ୍ୱରଙ୍କ ବାର୍ତାଳାପ ଓ ଦୟାମୟ (ପ୍ରଭୁ)ଙ୍କ ସମ୍ବୋଧନ ଏତେ ସ୍ପଷ୍ଟ ରୂପେ ନିରନ୍ତର ଭାବେ ହୋଇଚାଲିଲା ଯେ ଏଥିରେ କୌଣସି ପ୍ରକାରର ଶଙ୍କା ଓ ସନ୍ଦେହର ସ୍ଥାନ ରହିଲା ନାହିଁ । ପ୍ରତ୍ୟେକ ୱହି (ଅର୍ଥାତ୍ ଐଶିବାଣୀ) ଲୁହା କଂଟା ସଦୃଶ ହୃଦୟ ଭିତରେ ପ୍ରବେଶ କରୁଥିଲା ଓ ଇଶ୍ୱରଙ୍କ ସହିତ ହେଉଥିବା ଏହି ବାର୍ତାଳାପ ଏପରି ମହାନ ଭବିଷ୍ୟବାଣୀରେ ଭରି ରହିଥିଲା କି ସେ ସବୁ ଦିବ୍ୟାଲୋକ ପରି ପୂରଣ ହେଉଥିଲେ ଓ ସେଗୁଡିକର ନିରନ୍ତରତା, ବହୁଳତା ଏବଂ ଅଲୌକିକ ଶକ୍ତିର ଚମତ୍କାରିତା ମୋତେ ଏକଥାକୁ ମାନିନେବା ପାଇଁ ବାଧ କଲା କି ଏହା ହେଉଛି ସେହି ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ କଥା ଯାହାଙ୍କ ବାଣୀ ହେଉଛି ପବିତ୍ର କୋରାନ୍ । ଏବଂ ମୁଁ ଏଠାରେ ତୌରିୟତ୍ ଓ ଇଞ୍ଜିଲ୍‌ର ନାମ ନେଉନାହିଁ କାରଣ ତୌରିୟତ୍ ଓ ଇଞ୍ଜିଲ୍ ଅର୍ଥ ପରିବର୍ତନକାରୀ ମାନଙ୍କ ଦ୍ୱାରା ଏତେମାତ୍ରାରେ ପରିବର୍ତିତ ହୋଇଯାଇଛନ୍ତି ଯେ ଏବେ ସେହି ପୁସ୍ତକ ଗୁଡିକୁ ଇଶ୍ୱରଙ୍କ ବାଣୀ ବୋଲି କହିପାରିବା ନାହିଁ । ସୁତରାଂ ଇଶ୍ୱରଙ୍କର ଯେଉଁ ଐଶୀବାଣୀ ମୋ ଉପରେ ଅବତୀର୍ଣ୍ଣ ହୋଇଛି ତାହା ଏତେମାତ୍ରାରେ ନିଶ୍ଚିତ ଓ ଅକାଟ୍ୟ ଯେ ତାହା ମାଧମରେ ମୁଁ ମୋ ପ୍ରଭୁଙ୍କୁ ପାଇଛି ଏବଂ ସେହି ସ୍ୱର୍ଗବାଣୀ ନା କେବଳ ଆକାଶୀୟ ନିଦର୍ଶନ ଦ୍ୱାରା ହକ୍‌କୁଲ୍ ୟକିନ୍ (ଅର୍ଥାତ୍ ସୁନିଶ୍ଚିତ ବିଶ୍ୱାସ)ର ସ୍ତରକୁ ପହଂଚିଲା ବରଂ ତାହାର ପ୍ରତ୍ୟେକ ଭାଗକୁ ଖୁଦାଙ୍କ ବାଣୀ ପବିତ୍ର କୁର୍‌ଆନ୍ ସହିତ ପରଖାଗଲା, (ଫଳତଃ) ତାହା ତା ମୁତାବକ ପ୍ରମାଣିତ ହେଲା ଓ ତାହାର ସମର୍ଥନରେ ମେଘସଦୃଶ ଆକାଶୀୟ ନିଦର୍ଶନ ବର୍ଷିଲା । ସେହିଦିନ ଗୁଡିକରେ ରମ୍‌ଜାନ୍ ମାସରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ମଧ ଅନୁଷ୍ଠିତ ହେଲା । ଯେପରିକି (ପୂର୍ବରୁ) ଲେଖାଥିଲା ଯେ ଏହି ମେହ୍‌ଦୀଙ୍କ (ଆବିର୍ଭାବ) ସମୟରେ ରମ୍‌ଜାନ୍ ମାସରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେବ ଓ ସେହି ଦିନଗୁଡିକରେ ପଞ୍ଜାବ (ପ୍ରଦେଶ)ରେ ବହୁଳ ମାତ୍ରାରେ ତାଉନ୍ (ଅର୍ଥାତ୍ ପ୍ଲେଗ୍ ରୋଗ) ବ୍ୟାପିଗଲା । ଯେପରି ପବିତ୍ର କୋରାନ୍‌ରେ ଏହି ଖବର ମହଜୁଦ୍ ରହିଛି । ପୂର୍ବରୁ ଅବତାରମାନେ ଏହି ଖବର ଦେଇଛନ୍ତି କି ସେହିଦିନ ଗୁଡିକରେ ବହୁତ ମୃତ୍ୟୁ ହେବ ଓ ଏପରି ହେବ କି କୌଣସି ଗ୍ରାମ ଓ (କୌଣସି) ସହର ସେହି ମୃତ୍ୟୁରୁ ବାଦ୍ ପଡିବ ନାହିଁ । ସୁତରାଂ ଏପରି ହିଁ ହେଲା ଓ ହେଉଅଛି" ।

***(ତଜକରତୁଶ୍ ଶାହାଦତୈନ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା- ୩,୪)***

# ଖୁତ୍‌ବା ଜୁମା

## ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀରୁ ମସିହ୍ ମଉଦ୍‌ଙ୍କ ଆବିର୍ଭାବର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ ପଦମର୍ଯ୍ୟାଦାର ଚର୍ଚ୍ଚା ଓ ଜମାତ୍‌ର ସଦସ୍ୟମାନଙ୍କୁ ଉପଦେଶ ।

ଅଲ୍ଲାଃତାଲାଙ୍କ କୃପାରୁ ଯେଉଁ କଥା ଗୋଟିଏ ଛୋଟିଆ ଗ୍ରାମରୁ ମୁଣ୍ଡଟେକିଥିଲା ତାହା ଆଜି ପୃଥିବୀର ୨୧୦ ଗୋଟି ଦେଶରେ ବ୍ୟାପିସାରିଛି ଏବଂ ଏହା ହିଁ ଆପଣଙ୍କ ସତ୍ୟତାର ମଧ୍ୟ ପ୍ରମାଣ । ଦୂରଦୂରାନ୍ତ ଇଲାକା ଯେଉଁଠି ତିରିଶି ଚାଳିଶି ବର୍ଷ ପୂର୍ବ ପର୍ଯ୍ୟନ୍ତ ମଧ୍ୟ ଅହେମଦୀୟତ୍ ପହଁଚିବାର ଭାବାନା ହିଁ ନଥିଲା । ସେଠାରେ ନା କେବଳ ବାର୍ତା ପହଂଚିଲା ବରଂ ସେଠାରେ ଏପରି ଦୃଢ଼ ବିଶ୍ୱାସ ରଖିଥିବା ଲୋକମାନଙ୍କୁ ଅଲ୍ଲାଃତାଲା ସୃଷ୍ଟି କରାଉଛନ୍ତି ଯେ ଏଥିରେ ଆଶ୍ଚର୍ଯ୍ୟ ଲାଗୁଛି ।

ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ନିଜର ଅନୁଶୀଳନ କରିବା ଉଚିତ୍ ହେବ କି ଯଦି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିଛେ ତେବେ କଣ ଏପରି ମାନି ବୟତ୍‌ର ହକ୍‌କୁ ମଧ୍ୟ ପ୍ରଦାନ କରୁଛେ କି ?

ମସିହ୍ ମଉଦ୍ ଆ:ସ ସଂଖ୍ୟା ନିମନ୍ତେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଖୁତ୍‌ବାଜୁମା ପ୍ରଦତ ୨୩ ମାର୍ଚ୍ଚ ୨୦୧୮ ପାଠକେଙ୍କ ସେବାରେ ପେଶ୍ କରାଯାଉଛି ।

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ-

اِيَّاكَ نَعْبُدُ وَاِيَّاكَ نَسْتَعِيْنُ- اِهْدِنَا الصِّرَاطَ الْمُسْتَقِيْمَ-

صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜି ୨୩ ମାର୍ଚ୍ଚ ଏବଂ ଏହି ଦିନ ଜମାଅତ୍ ଅହେମଦିୟା ଇତିହାସରେ **ୟୋମେ ମସିହ ମଉଦ** ନାମରେ ମନେରଖା ଯାଇଥାଏ । ଏହି ଉପଲକ୍ଷେ ଜମାଅତରେ ଜଲସା ମଧ୍ୟ ପାଳନ କରାଯାଇଥାଏ । ଆସନ୍ତା ଦୁଇଦିନ ଶନିବାର, ରବିବାର ଅର୍ଥାତ୍ Weekend ଆସୁଅଛି । ଅନେକ ଜମାତ୍ ଏହି ଜଲ୍‌ସା ପାଳନ କରିବେ ଏବଂ ଏହି ଜଲ୍‌ସାରେ ଏହି ଦିନଟିର ଇତିହାସ ଏବଂ ପ୍ରଚ୍ଛଦପଟ ସବୁକିଛି ବର୍ଣ୍ଣନା କରାଯିବ ।

ବର୍ତମାନ ମୁଁ ହଜରତ ମସିହ ମଉଦ ଆ.ସଙ୍କ କେତେକ କଥନ ଉପସ୍ଥାପନ କରିବି ଯେଉଁଥିରେ ଆପଣ ମସିହ ଓ ମେହଦିଙ୍କ ଆଗମନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ତାଙ୍କ ପଦ ତଥା ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ହଜୁର ଆ.ସଙ୍କ ଘୋଷଣା ପରେ ନାମକୁ ମାତ୍ର ମୁସଲମାନ ବିଦ୍ୱାନମାନେ ଆପଣଙ୍କ ବିରୁଦ୍ଧରେ (ଲୋକଙ୍କୁ) ପ୍ରବର୍ତାଇବାରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ କିନ୍ତୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଫଳରେ ଜମାଅତ ଉନ୍ନତି ପଥରେ ଆଗେଇ ଚାଲିଛି ଏବଂ ପୁଣ୍ୟବନ୍ତ ଲୋକେ ଜମାଅତର ଅନ୍ତର୍ଭୁକ୍ତ ହୋଇଚାଲିଛନ୍ତି । ହଜରତ ମସିହ ମଉଦ ଆ.ସ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ନିଜ ଆଗମନର ଚର୍ଚ୍ଚା କରି ଘୋଷଣା କଲେ ମୁଁ ହିଁ ଆଗମନକାରୀ ମସିହ ମଉଦ ଅଟେ ଆପଣ ଆହୁରି କହିଲେ-

ପ୍ରକୃତ ଏକେଶ୍ୱରବାଦ, ହଜରତ ମହମ୍ମଦ ସ.ଆଙ୍କ ସମ୍ମାନ ରକ୍ଷା ଓ ପବିତ୍ର କୋରାନ ଅଲ୍ଲାଃତାଲାଙ୍କ ନିକଟରୁ ଆସିବାକୁ ନେଇ ଘୋର ଅତ୍ୟାଚାର ଓ ଆକ୍ରମଣ କରାଯାଉଅଛି ତେବେ କ'ଣ ଏପରି ଅବସ୍ଥାରେ ଅଲ୍ଲାଃଙ୍କ ସ୍ୱାଭିମାନ ଆବଶ୍ୟକ କରୁନାହିଁ କି ଏହି ସଲିବ୍ (କୃଷ) ବିଭ୍ରାଟର ଭଙ୍ଗକାରୀକୁ ଅବତୀର୍ଣ୍ଣ କରିଥାନ୍ତେ ? କ'ଣ ଅଲ୍ଲାଃ ନିଜ ପ୍ରତିଶୃତି **ଇନ୍ନା ନହନୁ ନୟ୍ୟଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲାହେଫିଜୁନ୍** (ଅଲ୍‌ହଜର୍:୧୦) କୁ ପାସୋରି ବସିଛନ୍ତି ? ଖୁବ ଭଲକରି ମନେରଖ ଅଲ୍ଲାଃଙ୍କ ପ୍ରତିଶୃତି ସତ୍ୟ ଅଟେ । *ସେ ନିଜ ପ୍ରତିଶୃତି ମୁତାବକ ସଂସାରରେ ଏକ ସତର୍କକର୍ତା ପ୍ରେରଣ କଲେ, ସଂସାରବାସୀ ତାଙ୍କୁ ସ୍ୱୀକାର କଲେ ନାହିଁ କିନ୍ତୁ ଅଲ୍ଲାଃ ତାଙ୍କୁ ସୁନିଶ୍ଚିତ ସ୍ୱୀକାର କରିବେ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଓ ନିଦର୍ଶନ ଦେଖାଇ ତାଙ୍କର ସତ୍ୟବାଦୀ ହେବା ପ୍ରମାଣିତ କରିଦେବେ । ମୁଁ ତୁମକୁ ସତ କହୁଅଛି କି ମୁଁ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ମସିହ ମଉଦ ହୋଇ ଆସିଅଛି ଇଚ୍ଛା କଲେ ସ୍ୱୀକାର କର ଅବା ନକର* । କିନ୍ତୁ ତୁମର ମୋତେ ଅସ୍ୱୀକାର କଲେ କିଛି ଫରକ୍ ପଡ଼ିବ ନାହିଁ । ଅଲ୍ଲାଃତାଲା ଯାହା ମନସ୍ଥ କରିସାରିଛନ୍ତି ତାହା ନିଶ୍ଚିତ ରୂପେ ପୂରଣ ହେବ । କାରଣ ଅଲ୍ଲାଃ ପୂର୍ବରୁ ହିଁ ବରାହିନେ ଅହେମଦିୟାରେ କହିସାରିଛନ୍ତି **ସଦକଲ୍ଲାହୁ ୱ ରସୁଲହୁ ୱ କାନା ୱଦାମ୍ ମଫ୍‌ଉଲା'' (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୨୦୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)** ଅର୍ଥାତ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ କଥା ସତ୍ୟ ପ୍ରମାଣିତ ହେଲା ଓ ତାଙ୍କ ପ୍ରତିଶୃତି ପୂରଣ ହେଲା ।

ଆଉ ଏକ ସ୍ଥାନରେ ଆପଣ କୁହନ୍ତି-

''ନବୁଓ୍ୱତ୍‌ର ମାର୍ଗରେ ଏହି ଜମାଅତର ପରୀକ୍ଷା କର ଏବଂ ତାପରେ ଦେଖ ସତ୍ୟ କାହା ସହିତ ରହିଛି । କଳ୍ପନା ଓ ପରାମର୍ଶରେ କିଛି ହାସଲ ହେବ ନାହିଁ ଏବଂ ନା ମୁଁ କୌଣସି କଳ୍ପନା ଓ ଯୋଜନା ଆଧାରରେ ନିଜ ସତ୍ୟବାଦୀ ହେବା ଦର୍ଶାଉଅଛି । **ମୁଁ ନିଜ ଘୋଷଣାକୁ ନବୁଓ୍ୱତ୍‌ର ମାର୍ଗରେ ଉପସ୍ଥାପନ କରୁଅଛି ତେବେ କେଉଁ କାରଣରୁ ତୁମେ ଏହି ନିୟମ ଅନୁଯାୟୀ ମୋର ପରୀକ୍ଷା କରୁ ନାହଁ** । ଆପଣ କୁହନ୍ତି ଯେ ମୁକ୍ତ ହୃଦୟର ସହ ମୋ କଥା ଶୁଣିବ ମୁଁ ବିଶ୍ୱାସ ରଖୁଅଛି କି ସେମାନେ ନିଶ୍ଚିତ ରୂପେ ଉପକୃତ ହେବେ ଏବଂ ସ୍ୱୀକାର କରିନେବେ କିନ୍ତୁ ଯାହାଙ୍କ ହୃଦୟ କୃପଣତା ଓ ମଳିନତା ଭରି ରହିଛି ସେମାନେ ମୋ କଥାରୁ କୌଣସି ଲାଭ ଉଠାଇ ପାରିବ ନାହିଁ । ତାଙ୍କର ତ ଅହ୍‌ୱଲ୍ ପରି ଉଦାହରଣ'' (ଅର୍ଥାତ୍ ଏପରି (ଅନ୍ଧ) ଓ ଟେରା ବ୍ୟକ୍ତି ଯାହାକୁ ଏକଟି ଦୁଇ ପରି ଦେଖାଯାଏ) ''ଯିଏ ଏକକୁ ଦୁଇ ବୋଲି ଦେଖିଥାଏ ତାକୁ ଯେତେମାତ୍ରାରେ ପ୍ରମାଣ ଦିଆଗଲେ ମଧ୍ୟ କି ଏହା ଦୁଇ ନୁହେଁ ଏକ ବୋଲି କିନ୍ତୁ ସେ ଏକଥା ସ୍ୱୀକାର କରିବ ନାହିଁ । କହୁଛନ୍ତି'' (ଆପଣ ଉଦାହରଣ ଦେଉଛନ୍ତି) ''କି ଜଣେ ଅହ୍‌ୱଲ୍ ସେବକ ଥିଲା'' (ଜଣେ ଟେରା ବ୍ୟକ୍ତି କାହାର ସେବା କାର୍ଯ୍ୟରେ ନିୟୋଜିତ ଥିଲା) ''ତା ମାଲିକ (ତାକୁ) କହିଲା କି ଘର ଭିତରୁ ଆଇନା ନେଇ ଆସ । ସେ ଗଲା ଓ ପୁଣି ଫେରିଆସି କହିଲା ଯେ ଭିତରେ ତ ଦୁଇଟି ଆଇନା ଅଛି, କେଉଁଟିକୁ ଆଣିବି ? ମାଲିକ କହିଲେ- ସେଠାରେ ତ ଗୋଟିଏ ଅଛି, ଦୁଇଟି ନୁହେଁ । ଅହ୍‌ୱଲ୍ ଜଣକ କହିଲୋ ତେବେ କଣ ମୁଁ ମିଛୁଆ ? (ତା'ର ମାଲିକ ତାକୁ କହିଲା ଆଚ୍ଛା ଗୋଟିଏ ଭାଙ୍ଗିଦିଅ । ଯେତେବେଳେ ଭାଙ୍ଗିଦିଆଗଲା ସେତେବେଳେ ସେ ଜାଣିପାରିଲା ଯେ ବାସ୍ତବରେ ମୋର ହିଁ ଭୁଲ୍‌ଥିଲା'' । ଆପଣ କହୁଛନ୍ତି କି ''କିନ୍ତୁ ଏହି ଅହ୍‌ୱଲ୍‌ମାନେ ଯେଉଁମାନେ ମୋ ମୁକାବିଲାରେ ଅଛନ୍ତି ସେମାନଙ୍କୁ କଣ ଉତର ଦେବି ?'' । କହୁଛନ୍ତି କି ''ସୁତରାଂ ଆମେ ଦେଖୁଅଛୁ ଯେ ଏମାନେ ଯାହାକିଛି ବାରମ୍ବାର ଉପସ୍ଥାପନ କରୁଛନ୍ତି ତାହା ହଦିସ୍‌ର ଭଣ୍ଡାର ଯାହାକୁ ଏମାନେ ଭାବନାର ସ୍ତରଠାରୁ ଆଗକୁ ବଢ଼ାଉନାହାଁନ୍ତି ସେମାନଙ୍କୁ ଜଣାନାହିଁ କି ଗୋଟିଏ ସମୟ ଏପରି ଆସିବ, ସେମାନଙ୍କର ଏପରି କଥା ଯୋଗୁ ଲୋକମାନେ ଥଟ୍ଟା ପରିହାସ କରିବେ'' (ସେମାନେ ଯେଉଁ ଏଣୁତେଣୁ କଥା କହୁଛନ୍ତି ସେଥିରେ ଲୋକମାନେ ଥଟ୍ଟା ପରିହାସ କରିବେ) । ଆପଣ କହୁଛନ୍ତି ପ୍ରତ୍ୟେକ ସତ୍‌ପଥ ପ୍ରାପ୍ତ କରିବାର ଅଭିଳାଷୀର କର୍ତବ୍ୟ କି ସେ ଆମକୁ ଆମ ଘୋଷଣାର ପ୍ରମାଣ ମାଗନ୍ତୁ । ଏଥିନିମନ୍ତେ ଆମେ ସେହି ତଥ୍ୟ ଉପସ୍ଥାପନ କରିବୁ ଯାହାକି ଅବତାରମାନେ କରୁଥିଲେ । **କୁରଆନ, ହଦିସ୍ ଓ ସ୍ୱୀକାର ଯୋଗ୍ୟ ପ୍ରମାଣ ଭିତିରେ ଅର୍ଥାତ ବର୍ତମାନର ଆବଶ୍ୟକତା ଯାହାକି ସୁଧାରକ ନିମନ୍ତେ ଅପରିହାର୍ଯ୍ୟ** । ପୁଣି ସେହି ନିଦର୍ଶନ ଯାହାକି ଅଲ୍ଲାଃତାଲା ମୋ ଦ୍ୱାରା ପ୍ରକାଶିତ କଲେ । ମୁଁ ତାହାର ଏକ

ନକ୍ସା ତିଆରି କରିଛି । ତାହା ପାଖାପାଖି ୧୫୦ ଗୋଟି (ନିଦର୍ଶନ) ହେବ ଯାହାର କୋଟି କୋଟି ଲୋକ ସାକ୍ଷୀ ଅଛନ୍ତି । ମନ୍ଦକଥା ଉପସ୍ଥାପନ କରିବା ଉତମ ପୁରୁଷମାନଙ୍କ କାର୍ଯ୍ୟ ନୁହେଁ ଏଥିଯୋଗୁଁ ହଜରତ ମହମ୍ମଦ ସ.ଆ କହିଥିଲେ କି ମସିହ ନ୍ୟାୟ ବିଚାରକ ହୋଇ ଆସିବେ'' । (ଅର୍ଥାତ୍ ମସିହ୍ ମଉଦ୍ ଯେବେ ଆସିବ ସେ ହକମ୍ ଅର୍ଥାତ୍ ନ୍ୟାୟ ବିଚାରକ ହେବ) ''ତା'ର ନିଷ୍ପତିକୁ ଗ୍ରହଣ କର'' (ସେ ନିଷ୍ପତିକାରୀ ହେବ ତେଣୁ ତା'ର ନିଷ୍ପତିକୁ ମାନ) ''ଯେଉଁମାନଙ୍କ ହୃଦୟରେ ଅପଚିନ୍ତା ଓ ଦୁଷ୍ଟାମୀ ରହିଥାଏ ଏବଂ ସେମାନେ ଅସ୍ୱୀକାର କରିବାର ମନସ୍ଥ କରିଆସିଥାନ୍ତି ସେହିମାନେ ହିଁ ଅଯଥା ଯୁକ୍ତି ଓ ଆପତି କରିବା ଆରମ୍ଭ କରିଦେଇଥାନ୍ତି । କିନ୍ତୁ ସେମାନେ ମନେରଖିବା ଉଚିତ୍ ଯେ ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଅତ୍ୟନ୍ତ ଭବ୍ୟତାର ସହିତ ମୋ ସତ୍ୟତାକୁ ପ୍ରକାଶିତ କରିଦେବେ । ମୁଁ ବିଶ୍ୱାସ ରଖୁଅଛି କି ଯଦି ମୁଁ ମିଥ୍ୟା କହୁଥାଏ ତେବେ ସେ ମୋତେ ସଙ୍ଗେସଙ୍ଗେ ଧ୍ୱଂସ କରିଦେଇଥାନ୍ତେ କିନ୍ତୁ ମୋର ସମସ୍ତ କାର୍ଯ୍ୟ ତାଙ୍କରି କାର୍ଯ୍ୟ ଅଟେ ଏବଂ ମୁଁ ତାଙ୍କରି ନିକଟରୁ ଆସିଅଛି । **ମୋର ଅମାନ୍ୟ କରିବା ତାଙ୍କର ଅମାନ୍ୟ କରିବା ଅଟେ । ସୁତରାଂ ସେ ସ୍ୱୟଂ ମୋର ସତ୍ୟତାର ପରିପ୍ରକାଶ କରିଦେବେ ।** ''ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୩୪-୩୫, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ହଜରତ ମସିହ ମଉଦ ଆ.ସଙ୍କ ଅମାନ୍ୟ କଲେ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟ ହୋଇଥାଏ ଏହି କଥାକୁ ଅଧିକ ସ୍ପଷ୍ଟ କରି ହଜୁର ଆ.ସ କୁହନ୍ତି-

''ମୋତେ ଅସ୍ୱୀକାର କରିବା ମୋର ଅସ୍ୱୀକାର ନୁହେଁ ବରଂ ଏହା ଅଲ୍ଲାଃ ଏବଂ ତା ରସୁଲ୍ ସ:ଆ:ସଙ୍କୁ ଅସ୍ୱୀକାର କରିବା । କାରଣ ଯିଏ ମୋତେ ମିଥ୍ୟାବାଦୀ ବୋଲି ଅଭିହିତ କରୁଛି ସେ ମୋତେ ମିଥ୍ୟାବାଦୀ ରୂପେ ଅଭିହିତ କରିବା ପୂର୍ବରୁ ମାଅଜଲ୍ଲାଃ, ଅଲ୍ଲାଃତାଲାଙ୍କ ମିଥ୍ୟାବାଦୀ ରୂପେ ଅଭିହିତ କରୁଅଛି । ଯେବେକି ସେ ଏକଥା ଦେଖୁଅଛି ଯେ ଅନ୍ତ ଓ ବାହ୍ୟ ବିଭ୍ରାଟ ଗୁଡିକ ସୀମାଧିକ ହୋଇଗଲାଣି ଏବଂ ଖୁଦାତାଲା ତା'ର ପ୍ରତିଶୃତି **ଇନ୍ନା ନହନୁ ନୟଯଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲାହେଫିଜୁନ୍** (ଅଲ୍‌ହଜର୍:୧୦) କରିଥିବା ସତ୍ୱେ ସେମାନଙ୍କ ସୁଧାର ନିମନ୍ତେ କିଛି ବ୍ୟବସ୍ଥା କଲେନାହିଁ ଯେବେକି ସେ ପ୍ରକାଶ୍ୟରେ ଏକଥାରେ ବିଶ୍ୱାସ ଆଣୁଛି ଯେ ଖୁଦାତାଲା ଆୟତେ ଇସ୍‌ତେଖଲାଫ୍‌ରେ ପ୍ରତିଶୃତି କରିଥିଲେ କି ମୁସାଙ୍କ ସମ୍ପ୍ରଦାୟ ସଦୃଶ ଏହି ମୁହମ୍ମଦି ସମ୍ପ୍ରଦାୟରେ ମଧ୍ୟ ଖଲିଫାମାନଙ୍କ ସିଲ୍‌ସିଲା କାଏମ୍ କରିବେ । କିନ୍ତୁ ସେ ମାଅଜଲ୍ଲାଃ ଅର୍ଥାତ୍ ଅଲ୍ଲାଃଙ୍କ ଶରଣ ସେ ପ୍ରତିଶୃତିକୁ ପୂରଣ କଲେନାହିଁ ଓ ବର୍ତମାନ ଏ ଉମ୍ମତ୍ ପାଇଁ କୌଣସି ଖଲିଫା ନାହାଁନ୍ତି । ଓ ନା କେବଳ ଏତିକି ବରଂ ଏକଥାକୁ ମଧ୍ୟ ଅସ୍ୱୀକାର କରିବାକୁ ପଡିବ ଯେ ପବିତ୍ର କୋରାନ୍ ଯେପରି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମସିଲେ ମୁସା ଅର୍ଥାତ୍ ମୁସାଙ୍କ ସଦୃଶ ଅଭିହିତ କରିଛି, ଏହା ମଧ୍ୟ ଠିକ୍ ନୁହେଁ । ମାଅଜଲ୍ଲାଃ ଅର୍ଥାତ୍ ଅଲ୍ଲାଃଙ୍କ ଶରଣ । କାରଣ ଏହି ସିଲ୍‌ସିଲା (ମୁସାଙ୍କ ସିଲ୍‌ସିଲା ସହିତ) ସମାନ ଓ ସଦୃଶ ହେବାପାଇଁ ଏକଥା ଜରୁରୀ ଥିଲା ଯେ ଏହି ଚଉଦ ସଦୀରେ ଏହି ଉମ୍ମତ୍‌ରେ ଜଣେ ମସିହ୍ ଜନ୍ମ ହୁଅନ୍ତା । ଏପରି ଯେପରି ମୁସାଙ୍କ ସିଲ୍‌ସିଲାର ଚଉଦ ସଦିରେ ଜଣେ ମସିହ୍ ଆସିଥିଲା । ଏବଂ ସେହିଭଳି ପବିତ୍ର କୋରାନ୍‌ର ଉକ୍ତ ଆୟତଟିକୁ ମଧ୍ୟ ମିଥ୍ୟା ବୋଲି ଅଭିହିତ କରିବାକୁ ପଡିବ ଯାହା *ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍ (ଜୁମା:୦୪)* ଆୟତରେ ଜଣେ ପ୍ରକଟ ହେବାକୁ ଥିବା ଅହେମଦୀ ବରୋଜ୍‌ର ଖବର ଦେଉଅଛି ଏବଂ ସେହିପରି ପବିତ୍ର କୋରାନ୍‌ର ଅନେକ ଆୟତ ଅଛନ୍ତି ସେଗୁଡିକୁ ମଧ୍ୟ ମିଥ୍ୟାବୋଲି ଅଭିହିତ କରିବାକୁ ପଡିବ ଯେବେକି ମୁଁ ଦାବୀ ମାରି କହୁଛି ଯେ ଅଲ୍‌ହମ୍‌ଦୋ ଠାରୁ ନେଇ ଅନ୍‌ନାସ୍ ପର୍ଯ୍ୟନ୍ତ ସମଗ୍ର କୋରାନ୍‌କୁ ଛାଡିବାକୁ ପଡିବ । ପୁଣି ଚିନ୍ତାକର କି ମୋତେ ମିଥ୍ୟା ଅଭିହିତ କରିବା କଣ ସହଜକଥା ? ଏହାକୁ ମୁଁ ନିଜମନରୁ କହୁନାହିଁ, ଇଶ୍ୱରଙ୍କ ରାଣ ଖାଇ କହୁଛି ଯେ ସତ୍ୟ ହେଉଛି ଏହା କି ଯିଏ ମୋତେ ଛାଡିବ ଏବଂ ମୋତେ ମିଥ୍ୟା ଅଭିହିତ କରିବ ସେ ମୁହଁରେ ନ କରିଲେ ମଧ୍ୟ ନିଜ କାର୍ଯ୍ୟଦ୍ୱାରା ଏହା ପ୍ରମାଣିତ କରିଦେବ ଯେ ସେ ପବିତ୍ର କୋରାନ୍‌କୁ ମିଥ୍ୟା ଅଭିହିତ କରିଛି ଓ ଖୁଦାଙ୍କୁ ପରିତ୍ୟାଗ କରିଦେଇଛି । ଏ ସମ୍ବନ୍ଧରେ ମୋର ଗୋଟିଏ ଇଲ୍‌ହାମ୍‌ରେ ଏଥିପ୍ରତି ଇସାରା ରହିଛି'' (ଅଲ୍ଲାଃତାଲା ଆପଣ ଆ:ସଙ୍କୁ କହୁଛନ୍ତି କି) ***''ଅନ୍‌ତା ମିନ୍ନି ୱ ଆନା ମିନ୍‌କା'' ।*** ଆପଣ ଆ:ସ କହୁଛନ୍ତି କି ''ଅବଶ୍ୟ ମୋତେ ମିଥ୍ୟାବାଦୀ ଅଭିହିତ କରିବାରେ ଖୁଦାଙ୍କୁ ମିଥ୍ୟାବାଦୀ କରିବା ସଦୃଶ ଅଟେ । ଏବଂ ମୋତେ ମାନିବା ଦ୍ୱାରା ଖୁଦାତାଲାଙ୍କ ତସ୍‌ଦିକ୍ ହୋଇଥାଏ ଏବଂ ତା ଅସ୍ତିତ୍ୱ ଉପରେ ଦୃଢ଼ ବିଶ୍ୱାସ ସୃଷ୍ଟି ହୋଇଥାଏ ଏବଂ ପୁଣି ମୋତେ ମିଥ୍ୟାବାଦୀ ଅଭିହିତ କରିବା ଦ୍ୱାରା, ମୋତେ ନୁହେଁ, ଏହା ରସୁଲୁଲ୍ଲାଃ ସ:ଆ:ସଙ୍କୁ ମିଥ୍ୟାବାଦୀ ଅଭିହିତ କରିବା ଅଟେ । ଏବେ କେହି ମୋତେ ମିଥ୍ୟା ଅଭିହିତ କରିବା ଏବଂ ଅସ୍ୱୀକାର କରିବା ସାହସ କରିବା ପୂର୍ବରୁ ଟିକିଏ ମନରେ ଚିନ୍ତା କରୁ ଓ ମନରୁ ଫତ୍‌ୱା ମାଗୁ ଯେ ସେ କାହାକୁ ମିଥ୍ୟାବାଦୀ ରୂପେ ଅଭିହିତ କରୁଛି ?''

ମସିହ ମଉଦଙ୍କର ଅମାନ୍ୟ କରିବା ଦ୍ୱାରା ହଜରତ ମହମ୍ମଦ ସ.ଆଙ୍କର କିଭଳି ଅମାନ୍ୟ ହୋଇଥାଏ ? ଏହିପରି କି ଆପଣ ଯେଉଁ ପ୍ରତିଶୃତି କରିଥିଲେ, ପ୍ରତ୍ୟେକ ଶତାବ୍ଦୀରେ ଜଣେ ସୁଧାରକ ଆସିବେ ଅଲ୍ଲାଃ କ୍ଷମା କରନ୍ତୁ ତାହା ମିଥ୍ୟା ପ୍ରମାଣିତ ହେଉଅଛି । ପୁଣି ହଜୁର ସ.ଆ **ଇମାମକୁମ୍ ମିନ୍‌କୁମ୍**‌ର ଶବ୍ଦ ପ୍ରୟୋଗ କରିଥିଲେ ତାହା ମଧ୍ୟ ଅଲ୍ଲାଃ କ୍ଷମା କରନ୍ତୁ ମିଥ୍ୟା ପ୍ରମାଣିତ ହେଉଅଛି । ସଲିବ୍‌ର ବିଭ୍ରାଟ ସମୟରେ ଜଣେ ମସିହ ଓ ମେହେଦିଙ୍କ ଆଗମନର ହଜୁର ସ.ଆ ସୁସମ୍ବାଦ ଦେଇଥିଲେ ତାହା ମଧ୍ୟ ଅଲ୍ଲାଃ କ୍ଷମା କରନ୍ତୁ ମିଥ୍ୟା ପ୍ରମାଣିତ ହେଉଅଛି । କାରଣ ବିଭ୍ରାଟ ଓ ବିଶୃଙ୍ଖଳା ତ ରହିଛି କିନ୍ତୁ ଆଗମନକାରୀ ଏପର୍ଯ୍ୟନ୍ତ ଆସିଲେ ନାହିଁ । ବର୍ତମାନ ଏକଥାଗୁଡ଼ିକୁ ଯେ (ବାସ୍ତବରେ) ସ୍ୱୀକାର କରିବ ଅର୍ଥାତ୍ କାର୍ଯ୍ୟରେ କରି ଦେଖାଇବ ସେ ହଜରତ ମହମ୍ମଦ ସ.ଆସଙ୍କର ଅମାନ୍ୟକାରୀ ସାବ୍ୟସ୍ତ ହେବ ନା ନାହିଁ'' ଆପଣ ଆ:ସ କହୁଛନ୍ତି ''ସୁତରାଂ ପୁଣି ମୁଁ ସ୍ପଷ୍ଟ ରୂପେ ଏକଥା କହୁଛି କି ମୋତେ ମିଥ୍ୟାବାଦୀ ରୂପେ ଅଭିହିତ କରିବା ସହଜ କାର୍ଯ୍ୟ ନୁହେଁ । ମୋତେ କାଫିର୍ କରିବା ପୂର୍ବରୁ ନିଜକୁ କାଫିର୍ ହେବାକୁ ପଡିବ । ମୋତେ ବେଦୀନ୍ ଏବଂ ଭ୍ରଷ୍ଟ କରିବା ପୂର୍ବରୁ ପ୍ରଥମେ ନିଜ ପଥଭ୍ରଷ୍ଟତା ଓ ନିଜର କୁକର୍ମକୁ ମାନିନେବାକୁ ପଡିବ । ମୋତେ କୋରାନ୍ ଓ ହଦିସ୍‌କୁ ଛାଡିବାବାଲା କହିବା ପାଇଁ ହେଲେ ପ୍ରଥମେ ନିଜେ କୋରାନ୍ ଓ ହଦିସ୍‌କୁ ଛାଡିବାକୁ ପଡିବ, ପରିଶେଷରେ ସେ ହିଁ ଛାଡିବ'' (ଅର୍ଥାତ୍ ମୁଁ ଛାଡିବି ନାହିଁ, ସେ ହିଁ ଛାଡିବ ଯିଏ ମୋତେ ଛାଡିବାବାଲା ବୋଲି କହୁଅଛି) । ହଜୁର ଆ.ସ କହିଲେ ମୁଁ କୋରାନ ଓ ହଦିସ୍‌ର (କହିବା ଅନୁଯାୟୀ) ଆସିଅଛି । ମୁଁ ପଥଭ୍ରଷ୍ଟ ନୁହେଁ ବରଂ ମେହେଦି ଅଟେ । ମୁଁ ଅମାନ୍ୟକାରୀ ନୁହେଁ ବରଂ **ଅନା ଅୱ୍ୱଲୁଲ୍ ମୁମିନିନ୍**‌ର ଦୃଷ୍ଟାନ୍ତ ଅଟେ ଏବଂ ଯାହାକିଛି ମୁଁ କହୁଅଛି ତାହା ଅଲ୍ଲାଃ ମୋ ଉପରେ ପ୍ରକାଶ କରିଛନ୍ତି କି ସେସବୁ ସତ୍ୟ ଅଟେ । ଯାହାର ଅଲ୍ଲାଃଙ୍କ ଉପରେ ଆସ୍ଥା ଅଛି ଯେ ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆଙ୍କୁ ସତ୍ୟବାଦୀ ସ୍ୱୀକାର କରୁଅଛି ତାହା ପାଇଁ ଏହି ପ୍ରମାଣ ଯଥେଷ୍ଟ କି ସେ ମୋ ମୁଖରୁ ଶୁଣିବା ପରେ ନୀରବ ହୋଇଯାଉ କିନ୍ତୁ ଯେ ଦୁଷ୍ଟ ଓ ନିର୍ଲଜ ତାହାର ଉପଚାର ସ୍ୱୟଂ (ଅଲ୍ଲାଃ) କରିବେ'' (ଆପଣ ଏହି ସବୁ କଥା ଆସିଥିବା ଜଣେ ଅତିଥିକୁ ବୁଝାଉଥିଲେ) । ଆପଣ କହିଲେ କି ''ମୋ ମାମଲାରେ ଶିଘ୍ର କାମ ନିଅନାହିଁ ବରଂ ନେକ୍ ନିୟତି ଅର୍ଥାତ୍ ପୁଣ୍ୟମନ ଏବଂ ମୁଣ୍ଡକୁ ସ୍ଥିର କରି ଚିନ୍ତା କର'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା- ୧୪-୧୬, ଏଡିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ପୁଣି ଆପଣ ଆ:ସ ଗୋଟିଏ ଅବସରରେ କହୁଛନ୍ତି କି:-

''ଅତଃ ଯଦି ସେହି ଲୋକମାନଙ୍କ ହୃଦୟରେ କୃପଣତା ଓ ଜିଦ୍‌ଖୋର ପ୍ରବୃତି ନାହିଁ ତେବେ ସେମାନେ **ମୋ କଥା ଶୁଣିବା ପରେ ମୋର ଅନୁଗାମୀ ହୋଇ ଦେଖନ୍ତୁ କି ଅଲ୍ଲାଃତାଲା ସେମାନଙ୍କୁ ଅନ୍ଧାରରେ ଛାଡ଼ିଦେଉଛନ୍ତି ନା ପ୍ରକାଶକୁ ଟାଣି ଆଣୁଛନ୍ତି** ? ମୁଁ ବିଶ୍ୱାସ ରଖୁଅଛି କି ଯେ ଧର୍ଯ୍ୟ ଓ ନିଷ୍ଠାର ସହିତ ମୋ ଆନୁଗତ୍ୟ ସ୍ୱୀକାର କରିବ ସେ ଧ୍ୱଂସ ହେବ ନାହିଁ ବରଂ ସେ ଏହି ଇହକାଳରୁ ହିଁ ଏପରି ଜୀବନର ଅଂଶୀଦାର ହେବ ଯାହାର କୌଣସି ଅନ୍ତ ନାହିଁ'' (ଅର୍ଥାତ୍ ଏ ଜଗତରେ ମଧ୍ୟ ସେ ସମ୍ମାନ ପାଇବ ଏବଂ ପରକାଳରେ ମଧ୍ୟ ଅଲ୍ଲାଃତାଲା ତାକୁ ପୁରସ୍କାର ପ୍ରଦାନ କରିବେ) ।

ଆପଣ କୁହନ୍ତି- ''ଯାହାର ହୃଦୟ ସ୍ୱଚ୍ଛ ଏବଂ ସେ ଅଲ୍ଲାଃଙ୍କୁ ପ୍ରାପ୍ତ କରିବାର ଅଭିଳାଷୀ ତାହା ସମ୍ମୁଖରେ ପୁନର୍ବାର ଆସିବା ସମ୍ବନ୍ଧରେ ମୁଁ ହଜରତ ଈଶାଙ୍କର ନିଷ୍ପତି ରଖୁଅଛି । ସେ ମୋତେ ବୁଝାଇ ଦିଅନ୍ତୁ କି ୟହୁଦିମାନଙ୍କ ପ୍ରଶ୍ନ, ମସିହର ଆଗମନ ପୂର୍ବରୁ ଇଲିୟା ନବୀ ଆସିବା ଅନିବାର୍ଯ୍ୟ ଥିଲା, ତାହାର ଉତରରେ ମସିହ ଯାହକିଛି କହିଲେ ତାହା ଠିକ୍ ଥିଲା ନା ଭୂଲ ? ୟୁହୁଦୀମାନେ ତ ନିଜ ପୁସ୍ତକକୁ ଉପସ୍ଥାପନ କରୁଥିଲେ କି ମଲାକି ନବୀଙ୍କ ସହିଫାରେ ଇଲିୟାଙ୍କ ଆସିବାର କଥା ଲେଖାହୋଇଛି । ମସିଲେ ଇଲିୟା ଅର୍ଥାତ୍ ଇଲିୟାଙ୍କ ସଦୃଶ ଉଲ୍ଲେଖ ନାହିଁ'' (ଇଲିୟାଙ୍କ ନିଜେ ଆସିବାର କଥା ଲେଖାହୋଇଛି । ମସିଲ୍ ଅର୍ଥାତ୍ ତାଙ୍କ ଅନୁରୂପ କଥା ତ ଲେଖାନାହିଁ) । ହଜୁର ଆ.ସ କୁହନ୍ତି ''ଈସାଇମାନେ କହୁଛନ୍ତି ଆଗମନକାରୀ ଯୋହନ୍ନା ଅଟେ ଇଚ୍ଛା କଲେ ସ୍ୱୀକାର କର । ଜଣେ ମୋମିନ୍ ଯେ ଅଲ୍ଲାଃଙ୍କ ଉପରେ

ଆସ୍ଥା ରଖିଥାଏ ଏବଂ ଜାଣିଥାଏ ଅଲ୍ଲାଃଙ୍କ ଅବତାରମାନେ କିଭଳି ଆସିଥାନ୍ତି, ସେ ମସିହଙ୍କ ସହ ପୂର୍ଣ୍ଣ ଏକମତ ପ୍ରକାଶ କରିବ କି ସେ ଯାହା କହିଥିଲେ ଓ କରିଥିଲେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ସଠିକ୍ ଥିଲା । ଆପଣ କୁହନ୍ତି ବର୍ତମାନ କୁହତ ସେହି ସମାନ ମାମଲା ନା ଅନ୍ୟକିଛି ? ଯଦି (ହୃଦୟରେ) ଈଶ୍ୱରଭୟ ରଖୁଥାଅ ତେବେ ଏକଥା କହିବାକୁ ସାହସ କରିବାରେ ହିଁ ତୁମର ଶରୀର ଥରି ଉଠିବ ମୋର ଏହି ଘୋଷଣା ମିଥ୍ୟା ଅଟେ । ଦୁଃଖଦ କି ଏହି ଲୋକମାନଙ୍କ ମଧ୍ୟରେ ଏତିକି ମଧ୍ୟ ବିଶ୍ୱାସ ନାହିଁ ଯେପରିକି ଫିରଔନ୍ ସମ୍ପ୍ରଦାୟର ସେହି ବ୍ୟକ୍ତିର ଥିଲା, ଯେ କହିଥିଲା କି ଯଦି ଈଶା ମସିହ ମିଥ୍ୟାବାଦୀ ତେବେ ସେ ଆପେ ଧ୍ୱଂସ ହେବ । ମୋ ସମ୍ବନ୍ଧରେ ଯଦି ଈଶ୍ୱରଭୟର ସହିତ କାମ ନେଇଥାନ୍ତ ତେବେ ସେହିପରି (ମତ ପ୍ରକାଶ) କରିଥାନ୍ତ ଏବଂ ଦେଖିଥାନ୍ତ କି କ'ଣ ଅଲ୍ଲାଃ ମୋ ସହ ସାହାଯ୍ୟ ସହଯୋଗର ଆଚରଣ କରୁଛନ୍ତି ନା ମୋ ଜମାଅତର ସର୍ବନାଷ କରୁଛନ୍ତି'' (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୩୦-୩୧, ଏଡ଼ିଶନ୍ ୧୯୮୫, ମୁଦ୍ରଣ ଇଂଲିସ୍ ସ୍ଥାନ) ।

ହଜୁର ଅନୱର ଅ.ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ ସେହି ଧ୍ୱନି ଯାହାକି ଗୋଟିଏ ଛୋଟ ବସ୍ତିରୁ ଗୁଞ୍ଜରିତ ହୋଇଉଠିଥିଲା ସଂସାରର ୨୧୦ ଗୋଟି ଦେଶରେ ପ୍ରସାରିତ ହୋଇସାରିଲାଣି ଏବଂ ଏହା ହିଁ ଆପଣଙ୍କ ସତ୍ୟବାଦୀ ହେବାର ପ୍ରମାଣ ଅଟେ । ଦୂରଦୂରାନ୍ତର ଅଂଚଳ ଯେଉଁଠାରେ ୩୦/୪୦ ବର୍ଷ ପୂର୍ବେ ଅହେମହିୟତ୍‌ର ବାର୍ତା ପହଂଚିବା ଅସମ୍ଭବ ଥିଲା ସେହି ସ୍ଥାନମାନଙ୍କରେ କେବଳ ବାର୍ତା ପହଂଚି ନାହିଁ ବରଂ ସେଠାରେ ଅଲ୍ଲାଃ ଏଭଳି ଦୃଢ ବିଶ୍ୱାସୀ (ଅହେମଦି) ପ୍ରଦାନ କରୁଛନ୍ତି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଏହିପରି ଗୋଟିଏ ଘଟଣା ବର୍ଣ୍ଣନା କରୁଅଛି ।

ବେନିନ୍‌ରେ ୨୦୧୨ ମସିହାରେ ଗୋଟିଏ ଜମାଅତ ପ୍ରତିଷ୍ଠା ହେଲା । ସେଠାକାର ଇବ୍ରାହିମ୍ ସାହେବ ଅହେମଦିୟତ୍ ସ୍ୱୀକାର କଲେ । ତାପରେ ସେ ବିଶ୍ୱାସ ଓ ନିଷ୍ଠାରେ ଏଭଳି ଉନ୍ନତି କଲେ କି ନିଜ ସମ୍ପର୍କୀୟମାନଙ୍କ ମଧ୍ୟରେ ପ୍ରଚାର କରିବା ଆରମ୍ଭ କରିଦେଲେ । ତାଙ୍କ ବଡ଼ ଭାଇ ତାଙ୍କ ପ୍ରଚାରରେ ଅତିଷ୍ଟ ହୋଇ ତାଙ୍କ ସହ କଳି କରିବା ଆରମ୍ଭ କରିଦେଲେ କିନ୍ତୁ ସେ ପ୍ରଚାର କାର୍ଯ୍ୟ ଅବ୍ୟାହତ ରଖିଲେ ଏବଂ ତାଙ୍କ ପ୍ରଚେଷ୍ଟାରେ ଆଖପାଖ ଅଂଚଳର ତିନି ଗୋଟି ଗ୍ରାମ ଅହେମଦିୟତ୍‌ରେ ସାମିଲ ହୋଇଗଲେ । ଏଥିରେ ତାଙ୍କ ଭାଇ ନିଜର ଜଣେ ବନ୍ଧୁଙ୍କ ସହ ମିଳିତ ଭାବରେ ତାଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କଲେ । ଇବ୍ରାହିମ୍ ସାହେବ କୁହନ୍ତି, ମୁଁ ସ୍ୱପ୍ନ ଦେଖିଲି କି ମୋ ଭାଇ ନିଜ ବନ୍ଧୁଙ୍କ ସହ ମିଶି ଏକ ଗାତ ଖୋଳି ସେଥିରେ କିଛି ପକାଉଛନ୍ତି । ସ୍ୱପ୍ନ ଦେଖିବାର ତିନି ଦିନପରେ ଉକ୍ତ ବନ୍ଧୁ ଜଣକ ହଠାତ୍ ରୋଗରେ ପିଡ଼ିତ ହୋଇ ମୃତ୍ୟୁ ବରଣ କଲେ । ଏଥିରେ ତାଙ୍କ ଭାଇ କହିବା ଆରମ୍ଭ କରିଦେଲେ କି ଇବ୍ରାହିମ୍ କିଛି ଯାଦୁ କରି ମୋ ସାଥିକୁ ମାରି ଦେଇଛି । କିଛି ଦିନପରେ ପୁନଃ ଇବ୍ରାହିମ୍ ସାହେବ ସ୍ୱପ୍ନରେ ଦେଖିଲେ କି ତାଙ୍କ ଭାଇ ଗୋଟିଏ ବୃକ୍ଷ ସହ ସଲଗ୍ନ ହୋଇ ନିଜକୁ ମାପୁଛନ୍ତି । ସେହି ଅଂଚଳରେ ଏହି ପ୍ରଥା ପ୍ରଚଳିତ କି ଯଦି କେହି ମରିଯାନ୍ତି ତେବେ କବର ଖୋଳିବା ନିମନ୍ତେ ବୃକ୍ଷର ବକଳ ଦ୍ୱାରା ମୃତକକୁ ମାପି ତାହା Sizeର କବର ପ୍ରସ୍ତୁତ କରାଯାଏ । ସେ କୁହନ୍ତି କିଛି ଦିନପରେ ଭାଇଙ୍କ ଗର୍ଭବତୀ ପତ୍ନୀ ରୋଗରେ ପଡ଼ିଲେ ଏବଂ ଦୁଇ ଦିନ ମଧ୍ୟରେ ଦେହତ୍ୟାଗ କଲେ । ତାଙ୍କ ଭାଇ ପ୍ରଚାର କରିଦେଲେ କି ଇବ୍ରାହିମ୍ ଯାଦୁ କରୁଅଛି ଏବଂ ସେଠାକାର ସ୍ଥାନୀୟ ମୁଖ୍ୟଙ୍କ ନିକଟରେ ତାଙ୍କ ବିରୋଧରେ ଅଭିଯୋଗ କରି ନିଜର ସାହାଯ୍ୟ କରିବାକୁ କହିଲେ । ସେ ତାଙ୍କୁ କିଛି ଅର୍ଥ (ଲାଂଚ) ମାଗିଲା କି ଏତେ ଟଙ୍କା ନେଇ ଆସ ମୁଁ ତାହାର ବିଚାର କରୁଛି । ତାଙ୍କ ଭାଇ ଉକ୍ତ ରାଶି ମଧ୍ୟ ପ୍ରଦାନ କଲେ ଏଥିରେ Cheaf ଇବ୍ରାହିମ ସାହେବଙ୍କୁ ଡ଼ାକି ଅତ୍ୟନ୍ତ କ୍ରୋଧରେ କହିଲେ ଏସବୁ ତୁମେ କି ତାମସା ଚଲାଇଛ ? କ'ଣ ଗୋଟିଏ ନୂତନ ଧର୍ମ ଗ୍ରହଣ କରିଛ । ତାହାକୁ ସଙ୍ଗେସଙ୍ଗେ ଛାଡ଼ ଏବଂ ତୌବା କର ନଚେତ୍ ତୁମେ କାଲିର ସୂର୍ଯ୍ୟ ଉଇଁବା ଦେଖିପାରିବ ନାହିଁ । ଇବ୍ରାହିମ ସାହେବ କହିଲେ ମୁଁ ଅହେମଦିୟତ୍‌କୁ ସତ୍‌ଧର୍ମ ଜାଣି ସ୍ୱୀକାର କରିଛି । ତାହାକୁ ତ ମୁଁ ଛାଡ଼ିପାରିବି ନାହିଁ ବାକି ରହିଲା ମରିବା କଥା ତେବେ ବଂଚିବା ଓ ମରିବା ଅଲ୍ଲାଃଙ୍କ ହାତରେ ରହିଛି । ଏଥିରେ Cheaf କହିଲେ ଏହି ଅଂଚଳର ଈଶ୍ୱର ମୁଁ ଅଟେ ଏବଂ ମୁଁ ଯାହା ଚାହିଁବି ତାହା କରିବି ତୁମେମାନେ ଏକଥା ଭଲକରି ଜାଣିଛ ମୁଁ କ'ଣ ନିଷ୍ପତି ଦେବାକୁ ଯାଉଅଛି ଏବଂ ଯାହା ସମ୍ବନ୍ଧରେ ମୁଁ କହିଦିଏ କି ସେ କାଲିର ସୂର୍ଯ୍ୟ ଦେଖିବ ନାହିଁ ତେବେ ତାହାର ମରିବା ସୁନିଶ୍ଚିତ । ଇବ୍ରାହିମ ସାହେବ କହିଲେ ଠିକ୍ ଅଛି ତୁମେ ଏପରି କହୁଥିବ କିନ୍ତୁ ମୁଁ ତୁମକୁ ଏଥିସମ୍ବନ୍ଧରେ କିଛି କହୁ ନାହିଁ । କିନ୍ତୁ ମୁଁ ଧର୍ମ ତ୍ୟାଗ କରିବି ନାହିଁ କାରଣ ଏହା ପ୍ରକୃତ ଓ ସଠିକ୍ ଇସଲାମ (ଧର୍ମ) ଅଟେ । ଏଥିରେ ସେ ଅଧିକ ଉତ୍ୟକ୍ତ ହୋଇଉଠିଲେ ଏବଂ କହିଲେ ଆଙ୍କୁ କୋଠରିରେ ବନ୍ଦ କରିଦିଅ । ଇବ୍ରାହିମ ସାହେବ କହିଲେ ସେମାନଙ୍କୁ କହିଲେ ତୁମେ ଆମ ମଧ୍ୟରେ ପଡ଼ ନାହିଁ ବରଂ ଏହି ମାମଲାକୁ ଛାଡ଼ିଦିଅ । ସେଯାହା ହେଉ ସେମାନେ ଲୋଭି ଲୋକ ଅଟନ୍ତି କିଛି ଟଙ୍କା ନେଇ ସେମାନେ ତାଙ୍କୁ ଛାଡ଼ିଦେଲେ । ଆସନ୍ତା ଦିନ ଖବର ମିଳିଲା Cheaf **ପକ୍ଷାଘାତ (ରୋଗରେ) ଆକ୍ରାନ୍ତ ହୋଇଯାଇଛନ୍ତି ଏବଂ ତାଙ୍କର କୌଣସି ହରକତ କରିବାର ସାମର୍ଥ୍ୟ ନାହିଁ ଏବଂ ମାତ୍ର ଦୁଇ ଦିନରେ ସେ ସେପୁରକୁ ଚାଲିଗଲେ** । ଏହା ଦେଖି ତାଙ୍କ ବଡ଼ ଭାଇ ଯେ ତାଙ୍କ ବିରୋଧି ଥିଲେ ତାଙ୍କ ପରିବାର ଲୋକଙ୍କୁ କହିଲେ ଆମ ମଧ୍ୟରେ ସନ୍ଧି କରାଇଦିଅ । ଏଥିରେ ଇବ୍ରାହିମ୍ ସାହେବ କହିଲେ ମୋର ତ କାହା ସହିତ ଝଗଡ଼ା ହିଁ ନଥିଲା, ଆମେ ତ ଏମିତି ସନ୍ଧି ପସନ୍ଦ କରିଥାଉ ଏବଂ ଏହା ହିଁ ଇସଲାନର ପ୍ରକୃତ ବାର୍ତା ଅଟେ । ଉକ୍ତ ନିଦର୍ଶନ ସେହି ଅଂଚଳରେ ବେଶ୍ ପ୍ରଭାବ ପକାଇଲା ଏବଂ ଅହେମଦିୟତ୍‌ର ସତ୍ୟତା ପ୍ରତିପାଦିତ ହେଲା । ତେବେ ଏସବୁ ଆଜି ମଧ୍ୟ ଅଲ୍ଲାଃଙ୍କ କୃପାରୁ ହଜରତ ମସିହ ମଉଦ ଆ.ସଙ୍କ ସମର୍ଥନରେ ପ୍ରମାଣିତ ହେଉଅଛି । ହଜରତ ମସିହ ମଉଦ ଆ.ସ କୁହନ୍ତି-

''ଦେଖ ମୁଁ ଅଲ୍ଲାଃତାଲାଙ୍କ ପ୍ରତିଜ୍ଞା କରି କହୁଅଛି ସହସ୍ର ନିଦର୍ଶନ ମୋ ସପକ୍ଷରେ ପ୍ରକାଶିତ ହେଲା ଏବଂ ହୋଇଚାଲିଛି ଏବଂ ଭବିଷ୍ୟତରେ ମଧ୍ୟ ହେବ ଏପରି ନୁହେଁ କି ତାହା ବନ୍ଦ ହୋଇଗଲା । ଯଦି ଏସବୁ ମଣିଷର ଯୋଜନା ହୋଇଥାନ୍ତା ତେବେ ଏଭଳି ମୋର ସାହାଯ୍ୟ ସହଯୋଗ କଦାପି ହୋଇନଥାନ୍ତା'' (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୪୮) । ଏସବୁ ଅଲ୍ଲାଃଙ୍କ ଯୋଜନା ଯାହାର ଫଳସ୍ୱରୁପ ମୋର ସାହାଯ୍ୟ ଓ ସମର୍ଥନ ହେଉଅଛି ।

ଗୋଟିଏ ଅବସରରେ ମୁସ୍‌ଲେହ୍‌ଙ୍କ ଆବଶ୍ୟକତା ଏବଂ ମସିହ୍ ମଉଦ୍‌ଙ୍କ ଆବଶ୍ୟକତା ସମ୍ବନ୍ଧରେ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି କି:- ''ଯେପରିକି ପ୍ରତ୍ୟେକ ଫସଲ କାଟିବାର ସମୟ ଆସିଯାଏ ସେହିପରି ଏବେ ବିଭ୍ରାଟକାରୀଙ୍କୁ ଦୂର କରିଦେବାର ସମୟ ଆସିଯାଇଛି'' । ଆପଣ କହୁଛନ୍ତି କି ''ସତ୍ୟବାଦୀଙ୍କ ଅପମାନ କରିବା ଓ ତିରସ୍କାର କରିବାର ସୀମା ଟପିଗଲାଣି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ'' (ଆପଣ ଆ:ସ କହୁଛନ୍ତି- ନଉଜୁବିଲ୍ଲାଃ) ''ମାଛି ଏବଂ ବିରୁଡିର ମାତ୍ରାରେ ମଧ୍ୟ କରାଯାଇନାହିଁ । ବିରୁଡିକୁ ମଧ୍ୟ ମଣିଷ ଡରିଥାଏ । ଏବଂ ପିମ୍ପୁଡିକୁ ମଧ୍ୟ ଭୟ କରିଥାଏ କିନ୍ତୁ ହଜ୍‌ରତ୍ ନବୀ କରିମ୍ ସ:ଆ:ସଙ୍କ ନିମନ୍ତେ ଖରାପ କଥା କହିବା ପାଇଁ ମଧ୍ୟ କୌଣସି ପ୍ରକାର ସଙ୍କୋଚ କରୁନାହାଁନ୍ତି । *କଜ୍ଜବୁ ବିଆୟାତିନା* (ଅର୍ଥାତ୍ ସେମାନେ ଆମ ଆୟତ ଗୁଡିକୁ ମିଥ୍ୟା ଅଭିହିତ କରୁଛନ୍ତି) । ଯେତିକି ତାଙ୍କ ମୁହଁ ଖୋଲିପାରେ ସେମାନେ ସେତିକି ମୁହଁକୁ ଖୋଲି ଗାଳିଗୁଲଜ କଲେ । ବର୍ତମାନ ବାସ୍ତବରେ ସେ ସମୟ ଆସିଯାଇଛି କି ଖୁଦାତାଲା ତାଙ୍କର ହିସାବ କରିବ । ଏହିଭଳି ସମୟରେ ସେ ସର୍ବଦା ଜଣେ ବ୍ୟକ୍ତିକୁ ହିଁ ଜନ୍ମ କରାଇଥାଏ ଯିଏ ତା'ର ମହାନତା ଓ ଦର୍ପ ନିମନ୍ତେ ଜୋସ୍ ରଖିଥିବ । ଏହିଭଳି ବ୍ୟକ୍ତିଙ୍କୁ ଅନ୍ତଃ ସାହାଯ୍ୟର ସାହାରା ମିଳିଥାଏ । ବାସ୍ତବରେ ଅଲ୍ଲାଃତାଲା ସବୁକିଛି ଆପେ ଆପେ କରିଥାଏ କିନ୍ତୁ ସେ ଜନ୍ମ କରାଇବା ଦ୍ୱାରା ଗୋଟିଏ ସୁନ୍ନତ୍‌କୁ ପୂରଣ କରିଥାଏ । *ଓ୍ୱଲନ୍ ତଜିଦା ଲିସୁନ୍ନତିଲାହି ତବ୍‌ଦିଲା''* ବର୍ତମାନ ସେ ସମୟ ଆସିଯାଇଛି କି ଅଲ୍ଲାଃତାଲା ମୋତେ ନିଜ ସୁନ୍ନତ ମୁତାବକ ପ୍ରେରଣ କରିଛନ୍ତି ।

ଆପଣ ଆ:ସ କହୁଛନ୍ତି କି ''ଖୁଦାତାଲାଙ୍କ ପୁସ୍ତକ ଉପରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଜଣାପଡିଥାଏ କି ଯେତେବେଳେ କଥା ସୀମା ପାର୍ କରିଯାଏ ସେତେବେଳେ ଆକାଶରେ ପ୍ରସ୍ତୁତି ଆରମ୍ଭ କରାଯାଏ । ଏହା ହେଉଛି ତାର ଚିହ୍ନ କି ବର୍ତମାନ ପ୍ରସ୍ତୁତିର ସମୟ ଆସିଯାଇଛି । ସଚ୍ଚା ନବୀ, ରସୁଲ୍ ଏବଂ ମୁଜଦ୍ଦିଦ୍ ମାନଙ୍କ ବଡ ଲକ୍ଷଣ ହେଉଛି ଏହା କି ସେମାନେ ସମୟରେ ଆସିଥାନ୍ତି ଓ ଆବଶ୍ୟକ ସମୟରେ ହିଁ ଆସିଥାନ୍ତି । ଲୋକମାନେ ରାଣଖାଇ କୁହନ୍ତୁ ଯେ କଣ ସେ ସମୟ ଆସିନାହିଁ କି ଆକାଶରେ କୌଣସି ପ୍ରସ୍ତୁତି କରାଯିବ ?'' । (ଆପଣ ଆ:ସ ଲୋକମାନଙ୍କୁ ପଚାରୁଛନ୍ତି କି ରାଣଖାଇ ବତାଓ ଯେ କଣ ବର୍ତମାନ ସେହି ସମୟ ଆସନାହିଁ । ସେ ଯୁଗ ଥିଲା ଏବଂ ବର୍ତମାନ ମଧ୍ୟ ଲୋକମାନେ ଏକଥା କହୁଛନ୍ତି କି ଆମମାନଙ୍କ ପାଇଁ କୌଣସି ମୁସ୍‌ଲେହ୍ ଅର୍ଥାତ୍ ସୁଧାରକଙ୍କ ଆବଶ୍ୟକତା ରହିଛି ବରଂ ପାକିସ୍ତାନ୍‌ରେ ତ ମୌଲବୀମାନେ ନିଜେ ହିଁ ଏକଥା କହୁଥିଲେ । କିନ୍ତୁ ମସିହ୍

ମଉଦ୍‌କୁ ଅସ୍ୱୀକାର କରିଛନ୍ତି) ଆପଣ ଆ:ସ କହୁଛନ୍ତି ''କିନ୍ତୁ ମନେରଖ ଅଲ୍ଲାଃତାଲା ସବୁକିଛି ନିଜେ ହିଁ କରିଥାଏ । ଆମେ ଏବଂ ଆମ ଜମାତ୍ ଯଦି ସମସ୍ତେ ଘର ଭିତରେ ବସିପଡିବା ତେବେ ମଧ୍ୟ କାମ ହୋଇଯିବ ଓ ଦଜ୍ଜାଲ୍‌ର ପତନ ହେବ । *ତିଲ୍‌କଲ୍ ଅୟାମୁ ନୁଦାୱିଲୁହା ବଇନନ୍ ନାସେ''* (ଏହିପରି ଦିନ ଗୁଡିକୁ ଲେଉଟି ଆସିଥାଏ) କହୁଛନ୍ତି କି ''ଏହାର ପୁର୍ଣ୍ଣତା ଏକଥା ବତାଉଛି କି ବର୍ତମାନ ତା ପତନର ସମୟ ନିକଟତର'' । (କୌଣସି ବସ୍ତୁ ଯେତେବେଳେ ଶିଖରରେ ପହଂଚିଯାଏ ଅର୍ଥାତ୍ ଯେବେ ଶେଷ ସୀମାରେ ପହଂଚିଯାଏ ଓ ସେ ଏକଥା ବୁଝିଥାଏ କି ବର୍ତମାନ ମୁଁ ସବୁ ଶକ୍ତିର ମାଲିକ ହୋଇଯାଇଛି ଏବଂ ସମସ୍ତ ଉନ୍ନତି ମୋ ହାତରେ ଲାଗିଯାଇଛି ତେବେ ପୁଣି ତା'ର ସେହି ଉଚ୍ଚତମ ସ୍ତରରେ ପହଂଚିବା ପରେ ପୁଣି ପତନ ଆରମ୍ଭ ହୋଇଯାଏ । ସେହିପରି ବର୍ତମାନ ଉକ୍ତ ଶକ୍ତିଗୁଡିକର ମଧ୍ୟ ପତନ ଆରମ୍ଭ ହୋଇଯାଇଛି । ସେ ଇସ୍‌ଲାମ୍ ବିରୋଧି ଶକ୍ତି ହୁଅନ୍ତୁ ବା ଏପରି ଲୋକେ ଯେଉଁମାନେ ଅହେମଦୀୟତ୍‌କୁ ବିରୋଧ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ବିରୋଧ କରୁଛନ୍ତି) । ଆପଣ ଆ:ସ କହୁଛନ୍ତି କି ''ତାର ଉଚ୍ଚରେ ପହଂଚିଯିବା ଏକଥା ପ୍ରକାଶ କରୁଛି କି ଏବେ ସେ ନିଚ୍ଚା ହେବ । ତାର ଆବାଦୀ ତା ବର୍‌ବାଦୀର ଲକ୍ଷଣ ଅଟେ'' ।

ସେ ଭାବୁଛି କି ତାର ଶକ୍ତି ଓ ତାର ଆବାଦୀ ବହୁତ ଅଧିକ । ତେଣୁ ବର୍ତମାନ ସେ ବର୍‌ବାଦୀର ଚିହ୍ନ ହୋଇଯିବ) ''ହଁ ଶୀତଳ ପବନ ବହୁଅଛି । ଅଲ୍ଲାଃତାଲାର କାର୍ଯ୍ୟ ଧିରେ ଧରେ ହେଉଅଛି'' (ଠିକ୍ ଅଛି ଲକ୍ଷଣ ତ ଆରମ୍ଭ ହୋଇଗଲାଣି ଅଲ୍ଲାଃତାଲାଙ୍କ କାର୍ଯ୍ୟ ଧିରେ ଧିରେ ହେଉଅଛି ଏବଂ ତାହା ଇନ୍‌ଶାଅଲ୍ଲାଃ ହୋଇଯିବ) ଆପଣ ଆ:ସ କହୁଛନ୍ତି କି ''ଯଦି ଆମ ନିକଟରେ କୌଣସି ପ୍ରମାଣ ମଧ୍ୟ ନଥାନ୍ତା ତେବେ ମଧ୍ୟ ଏ ଯୁଗର ଅବସ୍ଥା ଉପରେ ଆଖି ଘୁରାଇବା ପରେ ମୁସଲ୍‌ମାନ୍ ମାନଙ୍କର ଏ କର୍ତବ୍ୟ ଥିଲା କି ସେମାନେ ପାଗଳ ସଦୃଶ ଖୋଜିଥାଆନ୍ତେ ଯେ ମସିହ୍ ଏପର୍ଯ୍ୟନ୍ତ କାହିଁକି କସ୍‌ରେ ସଲିବ୍ ଅର୍ଥାତ୍ କୃଶଭଙ୍ଗ ନିମନ୍ତେ ଆସିଲେନାହିଁ । ସେମାନଙ୍କୁ ଏପରି କରିବାର ନଥିଲା କି ତାକୁ ଅର୍ଥାତ୍ ମସିହ୍‌ଙ୍କୁ ନିଜ ଝଗଡା ପାଇଁ ଡାକନ୍ତେ'' (ଇସ୍‌ଲାମ୍‌ର ଯଦି ଏ ସ୍ୱାଭିମାନ୍ ଥିଲା ତେବେ ଇସ୍‌ଲାମ୍‌ର ପ୍ରତିରକ୍ଷା ନିମନ୍ତେ ଡାକିଥାନ୍ତେ । ମସିହ୍‌କୁ ଖୋଜିଥାନ୍ତେ ନା କି ନିଜ ଝଗଡାକୁ ସମାଧାନ କରିବା ପାଇଁ) କହୁଛନ୍ତି ''କାରଣ ତା'ର କାମ ହେଉଛି କସ୍‌ରେ ସଲିବ୍ ଅର୍ଥାତ୍ କୃଶଭଙ୍ଗ ଏବଂ ଏ ଯୁଗରେ ତାର ଆବଶ୍ୟକ ଥିଲା'' (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୯୬-୩୯୮, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ) ।

ଏହିପରି ଆଉଏକ ସ୍ଥାନରେ କହୁଛନ୍ତି କି ''ଦେହ୍‌ରିୟତ୍ ଅର୍ଥାତ୍ ନାସ୍ତିକବାଦ ମଧ୍ୟ ବହୁତମାତ୍ରାରେ ବ୍ୟାପିଯାଇଛି । ତେଣୁ ମୁଁ ତାକୁ ରଦ୍ଦ କରିବା ପାଇଁ ମଧ୍ୟ ଆସିଛି'' । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୮, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ଆପଣ ଆ:ସ କହୁଛନ୍ତି କି ''ସେଇଥିପାଇଁ ତା ନାମ ହେଉଛି ମସିହ୍ ମଉଦ୍ । ଯଦି ମୁଲାମାନଙ୍କୁ ମାନବତାର ସେବା ଓ ଉନ୍ନତି କରିବାର ମୁଦା ଥାଆନ୍ତା ତେବେ ସେମାନେ କଦାପି ଏପରି କରନ୍ତେ ନାହିଁ ଯେପରି ଆମ ସହିତ କରୁଛନ୍ତି । ସେମାନଙ୍କୁ ଏକଥା ଚିନ୍ତା କରିବାର ଥିଲା କି ସେମାନେ ଆମ ବିରୋଧରେ ଫତ୍‌ୱା ଲେଖି କଣ କଲେ ଯାହାକୁ ଅଲ୍ଲାଃତାଲା କହିଥାନ୍ତି ହୋଇଯାଉ, ତାକୁ କିଏ କହିପାରେ କି ନ ହେଉ'' (ଫତ୍‌ୱା ଲେଖିବାରେ କଣ ଲାଭ ହେଲା, ଏହି ଜମାତ୍ ତ ସେହିପରି ଉନ୍ନତି କରି ଚାଲିଛି କାରଣ ଅଲ୍ଲାଃତାଲା ଏ ନିଷ୍ପତି କରିଛନ୍ତି କି ହୋଇଯାଅ ତାହା ହୋଇଯାଉଛି । ପୁଣି କେହି ତାକୁ ରୋକିପାରିବେ ନାହିଁ) ।

ଆପଣ ଆ:ସ କହୁଛନ୍ତି:- ''ଏ ଯେଉଁ ଆମ ବିରୋଧିମାନେ ଏମାନେ ମଧ୍ୟ ଆମର ନୌକର ଚ଼ାକର ଅର୍ଥାତ୍ କୌଣସି ନା କୌଣସି ପ୍ରକାରରେ ଆମ କଥାକୁ ପୂର୍ବ ଓ ପଶ୍ଚିମରେ ପହଂଚାଇ ଦେଉଛନ୍ତି'' । (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୯୮, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ଯେଉଁମାନେ ମୁଖାଲିଫତ୍ କରୁଛନ୍ତି ସେମାନେ ମଧ୍ୟ ବାସ୍ତବରେ ମୁଖାଲିଫତ୍ ଜରିଆରେ ଅହେମଦୀୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌ର ବାର୍ତାକୁ ପହଂଚାଉଛନ୍ତି କାରଣ ଏପରି ମଧ୍ୟ ଲୋକମାନଙ୍କର ଧ୍ୟାନ ଆକର୍ଷଣ ସୃଷ୍ଟି ହେଉଅଛି । ଅନେକ ଲୋକ ଚିଠି ଲେଖୁଛନ୍ତି ଓ ଯୋଗାଯୋଗ ରଖୁଛନ୍ତି କି ଅମୁକ ମୌଲବୀଙ୍କ ମୁଖାଲିଫତ୍ ଯୋଗୁ ବା ଅମୁକ ସ୍ଥାନରେ ଆପଣଙ୍କ ବିରୋଧରେ କଥା ଚାଲିଥିଲା, ସେଥିପାଇଁ ଆମକୁ ମଧ୍ୟ ରହସ୍ୟ ଜାଣିବା ପାଇଁ ଇଚ୍ଛା ସୃଷ୍ଟି ହେଲା । ତେଣୁ ଆମେ ତହ୍‌କିକ୍ କରିବା ଆରମ୍ଭ କରିଦେଲୁ । ଏବଂ ଏବେ ତ ଇଂଟର୍‌ନେଟ୍ ମାଧ୍ୟମରେ ପ୍ରତ୍ୟେକ ସ୍ଥାନରେ ଜମାତ୍‌ର ଲିଟ୍‌ରେଚର ଗୁଡିକ ମଧ୍ୟ ଉପଲବ୍ଧ ହେଉଛି ଓ ଅନେକ କଥା ମିଳିଯାଉଛି । ତେଣୁ ପାର୍ଥକ୍ୟର ତୁଳନା ମଧ୍ୟ କରାଯାଇପାରେ । ତେଣୁ ଗବେଷଣା କରି ଏବେ ଆମେ ଏ ଜମାତ୍‌ରେ ସାମିଲ୍ ହେବାପାଇଁ ଚାହୁଁଛୁ । ତେଣୁ ମୌଲବୀ ଓ ବିରୋଧିମାନଙ୍କର ଏହି କାର୍ଯ୍ୟକଳାପର ମାଧ୍ୟମ ମଧ୍ୟ ତବ୍‌ଲିଗ୍ କରିବାର ଏକ ଜରିଆ ହେଉଅଛି ।

ହଜରତ ମସିହ ମଉଦ ଆ.ସ କେତେକ ଲୋକଙ୍କ ଆପତି ଅର୍ଥାତ ଆମେ ଇସଲାମର ଶିକ୍ଷା ମୁତାବକ ଅମଲ କରୁଅଛେ ଏବଂ ପୂର୍ବରୁ ଇସଲାମ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇସାରିଛି ତାପରେ ଆଉ ଏକ ନୂତନ ଜମାଅତ ଗଠନ କରିବାର ଆବଶ୍ୟକତା କ'ଣ ଥିଲା ଏବଂ ଆପଣଙ୍କ ଜମାଅତରେ ସାମିଲ ହେବାର ଆବଶ୍ୟକତା କ'ଣ ଅଛି ? ଆପଣ ଆ:ସ କହୁଛନ୍ତି କି ବେଳେବେଳେ ଆମ ଅହେମଦୀମାନେ ମଧ୍ୟ ଆପତି କରୁଥିବା ଲୋକମାନଙ୍କର କଥା ଶୁଣି ଚୁପ୍ ହୋଇଯାଉଛନ୍ତି । ସେ ଯୁଗରେ ମଧ୍ୟ ଏହିପରି ଲୋକଥିଲେ ଓ ଆଜିକାଲି ମଧ୍ୟ ଏପରି ଲୋକ ଅଛନ୍ତି ଯେଉଁମାନେ ଚୁପ୍ ହୋଇଯାଉଛନ୍ତି କି କଣ ଉତର ଦେବେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ''ଏପରି ବହୁତ ଲୋକ ଅଛନ୍ତି ଯେଉଁମାନେ ଏ ଅଭିଯୋଗ କରୁଛନ୍ତି ଯେ ଏହି ସିଲ୍‌ସିଲାର କଣ ଆବଶ୍ୟକ ଅଛି ? କଣ ଆମେ ନମାଜ ରୋଗା କରନାହୁଁ । ସୁତରାଂ ସେମାନେ ଏଭଳି (ସରଳ ଲୋକଙ୍କୁ) ଭ୍ରମିତ କରିଥାନ୍ତି ଏବଂ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ କି କିଛି ଅଜଣା ଲୋକ ଏପରି କଥା ଶୁଣି ଭ୍ରମିତ ମଧ୍ୟ ହୋଇଯାଇଥାନ୍ତି । ଆପଣ କୁହନ୍ତି (ମନରେ) ଏପରି ପ୍ରଶ୍ନ ଅଜ୍ଞାନତା ଓ ପୂର୍ଣ୍ଣ ଧାରଣା ନଥିବା ଯୋଗୁଁ ଉତ୍ପନ୍ନ ହୋଇଥାଏ । ଏହା ମୋର ବ୍ୟକ୍ତିଗତ କାର୍ଯ୍ୟ ନୁହେଁ ନା ମୁଁ (ନିଜ ଇଚ୍ଛାରେ) ଏହି ସମ୍ପ୍ରଦାୟ ଗଠନ କରିଛି । ଏହା ଅଲ୍ଲାଃଙ୍କ ଦ୍ୱାରା ସଂସ୍ଥାପିତ କାରଣ ବିଶ୍ୱାସର ଅବସ୍ଥା ଦୁର୍ବଳ ହୋଇ ଏପରି ସ୍ଥଳେ ପହଂଚି ଯାଇଛି କି ଯେପରି ତାହାର ପୂର୍ଣ୍ଣ ବିଲୟ ଘଟିଛି ଏବଂ ଅଲ୍ଲାଃ ପ୍ରକୃତ ବିଶ୍ୱାସର ଆତ୍ମା ଏହି ଜମାଅତ ମାଧ୍ୟମରେ ଫୁଙ୍କିବାକୁ ଚାହୁଁଛନ୍ତି । ଏଭଳି ସ୍ଥଳେ ସେମାନଙ୍କର ଏପରି ପ୍ରଶ୍ନ କରିବା ନିରର୍ଥକ ଓ ଅସଭ୍ୟ । ଅତଃ ମନେରଖ କି ଏପରି ଶଙ୍କା କଦାପି କୌଣସି ଲୋକଙଙ୍କ ମନରେ ଆସିବା ଉଚିତ୍ ନୁହେଁ ଏବଂ ଯଦି ବହୁତ ଚିନ୍ତା କରି ଓ ଧ୍ୟାନର ସହିତ କାମ ନିଆଯାଏ ତେବେ ଏପରି ଶଙ୍କା ଆସିପାରିବ ହିଁ ନାହିଁ । ଧ୍ୟାନର ସହିତ କାମ ନ ନେବା ଦ୍ୱାରା ମନରେ ଏପରି ଶଙ୍କା ଉପୁଜିଥାଏ ଯାହା ସାଧାରଣତଃ ଅବସ୍ଥାକୁ ଦେଖି ଏକଥା କହିଦେଇଥାଆନ୍ତି ଯେ ଆହୁରି ମଧ୍ୟ ମୁସଲ୍‌ମାନ୍‌ମାନେ ଅଛନ୍ତି । ତେଣୁ ଏହି ପ୍ରକାରର ଶଙ୍କା ମନୁଷ୍ୟକୁ ଖୁବ୍‌ଶିଘ୍ର ବିନାଶ କରିଦିଏ'' । ପୁଣି କହୁଛନ୍ତି କି ''ମୁଁ କିଛି ଲୋକମାନଙ୍କର ଏପରି ଚିଠି ଲେଖିଛି ଯେଉଁମାନେ ଏପରି ଲାଗୁଛନ୍ତି ତ ଆମ ସଂପ୍ରଦାୟରେ ଅଛନ୍ତି'' (ବୟତ କରିଛନ୍ତି) ''ଏବଂ କହୁଛନ୍ତି କି ଆମକୁ ଯେବେଠାରୁ ଏକଥା କୁହାଯାଇଛି ଯେ ଆହୁରି ଅନେକ ମୁସଲ୍‌ମାନମାନେ ଅଛନ୍ତି ସେମାନେ ତ ନମାଜ ପଢୁଛନ୍ତି, କଲମା ପଢୁଛନ୍ତି, ରୋଜା ରଖୁଛନ୍ତି ଏବଂ ପୁଣ୍ୟକାର୍ଯ୍ୟ କରୁଛନ୍ତି ଏବଂ ପୁଣ୍ୟବନ୍ତରୂପେ ଜଣାପଡୁଛନ୍ତି । ତେବେ ପୁଣି ଏହି ନୁଆ ସିଲ୍‌ସିଲାର କଣ ଆବଶ୍ୟକ ରହିଛି ?'' । ଆପଣ କହୁଛନ୍ତି କି ''ଏହି ଲୋକମାନେ ଆମ ବୟତରେ ଦାଖଲ ହେବା ସତ୍ୱେ ମଧ୍ୟ ଏହିପରି ଶଙ୍କା ଓ ଆପତି ଗୁଡିକୁ ଶୁଣି ଲେଖୁଛନ୍ତି କି ଆମକୁ ଏହାର ଉତର ଆସୁନାହିଁ । ଏହିଭଳି ଚିଠି ପଢ଼ି ମୋତେ ସେହି ଲୋକମାନଙ୍କ ଉପରେ ଦୁଃଖ ଲାଗୁଛି ଓ ଦୟା ଆସୁଛି ଯେ ସେମାନେ ଆମର ଅସଲ ଉଦ୍ଦେଶ୍ୟ ଓ ଅଭିଳାଶକୁ ବୁଝିନାହାଁନ୍ତି । ସେମାନେ କେବଳ ଏତିକି ଦେଖୁଛନ୍ତି କି ପ୍ରଥାମୂଳକ ଭାବେ ଏ ଲୋକମାନେ ଆମପରି ଇସ୍‌ଲାମ୍‌ର କାର୍ଯ୍ୟକଳାପ ଗୁଡିକୁ ନିର୍ବାହ କରୁଛନ୍ତି ଏବଂ ଇଶ୍ୱରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କର୍ତବ୍ୟ ଗୁଡିକୁ ପ୍ରଦାନ କରୁଛନ୍ତି ଯେବେ କି ବାସ୍ତବିକତାର ଆତ୍ମା ସେମାନଙ୍କଠାରେ ନାହିଁ ।'' (କେବଳ ପ୍ରଥା ରୂପେ ଏହା କରିବାର ନାହିଁ ଅର୍ଥାତ୍ ପ୍ରକାଶ୍ୟରେ କରିବ ନାହିଁ ବରଂ ବାସ୍ତବିକ ଭାବେ ଉପାସନା ମଧ୍ୟ ହେବା ଉଚିତ୍ ଓ ଅନ୍ୟ ସମସ୍ତ କତର୍ବ୍ୟ ଗୁଡିକୁ ମଧ୍ୟ ବାସ୍ତବିକ୍ ରୂପେ ସଂପାଦନ ହେବା ଉଚିତ୍) ''ସେଇଥିପାଇଁ ସେହି କଥାଗୁଡିକ ଏବଂ ଶଙ୍କା ଯାଦୁପରି କାର୍ଯ୍ୟ କରୁଅଛି । ସେମାନେ ଏପରି ସମୟରେ ଏକଥା ଭାବୁନାହାଁନ୍ତି ଯେ ଆମ ମଧ୍ୟରେ ବାସ୍ତବିକ ଇମାନ୍ ସୃଷ୍ଟିହେବା ଉଚିତ୍ ଯାହା ମନୁଷ୍ୟକୁ ପାପର ମୃତ୍ୟୁରୁ ବଂଚାଇଥାଏ କିନ୍ତୁ ଉକ୍ତ ପ୍ରଥା ଓ ବଦଭ୍ୟାସକୁ ଅନୁସରଣ କରିଥିବା ଲୋକମାନଙ୍କ ମଧ୍ୟରେ ସେ କଥା ମିଳେନାହିଁ । ସେମାଙ୍କର ଦୃଷ୍ଟି ଉପୁରିଆ ପଡିଛି । ବାସ୍ତବିକତା ଉପରେ ତାଙ୍କର ଦୃଷ୍ଟିନାହିଁ । ସେମାନଙ୍କ ହାତରେ ଖୋଳ ରହିଛି ଯେଉଁଥିରେ ମଗଜ ଅର୍ଥାତ୍

ସାର ନାହିଁ'' (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା- ୨୩୭-୨୩୯, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଲିସ୍ ସ୍ଥାନ) । ନିଃସନ୍ଦେହ ମୁସଲମାନମାନେ ଅମଲ ତ କରୁଛନ୍ତି କିନ୍ତୁ ସେଥିରେ ଆତ୍ମା ଅର୍ଥାତ ଧର୍ମପରାୟଣତା ନାହିଁ ।

ଆପଣ ଆ:ସ କୁହନ୍ତି ଯଦି ମୁସଲମାନମାନଙ୍କ କାର୍ଯ୍ୟକଳାପ ଉତମ କାର୍ଯ୍ୟକଳାପ ତେବେ ତାହାର ଉତମ ପରିଣତି କାହିଁକି ପ୍ରକାଶିତ ହେଉ ନାହିଁ । ଏ କଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ''ଏ ଲୋକମାନେ'' (ଅର୍ଥାତ୍ କିଛି ମୁସଲ୍‌ମାନ୍‌ମାନେ) ''ଭାବୁଛନ୍ତି କି ଆମ ମଧ୍ୟରେ ଇସ୍‌ଲାମ୍ ଖିଲାଫର କଣ କଥା ରହିଛି । ଆମେ ତ ଲା ଇଲାହା ଇଲ୍ଲଲାହୋ କହୁଛୁ, ନମାଜ ମଧ୍ୟ ପଢୁଛୁ, ରୋଜା ଦିନ ଗୁଡିକରେ ରୋଜା ମଧ୍ୟ ରଖୁଛୁ ଏବଂ ଜକାତ୍ ମଧ୍ୟ ଦେଉଛୁ'' । (ଅର୍ଥାତ୍ ଯେଉଁ ଅଣଜମାତୀୟ ମୁସଲ୍‌ମାନମାନେ ଅଛନ୍ତି ସେମାନେ କହୁଛନ୍ତି କି ଆମର ପ୍ରତ୍ୟେକ କଥାତ ଇସ୍‌ଲାମ୍ ମୁତାବକ । ଏପରି କୌଣସି କଥା ନାହିଁ ଯାହା ତୁମ ସହିତ ଯୋଡି ହୋଇ ରହିବା ଦ୍ୱାରା ଆମେ ଆହୁରି ଭଲଭାବେ ଇସ୍‌ଲାମ୍‌ର ବାସ୍ତବିକତାକୁ ବୁଝିପାରିବୁ । କାରଣ ଆମେ ତ ଲା ଇଲାହା ଇଲଲ୍ଲାହୋ କହୁଛୁ । ଆମେ ନମାଜ ମଧ୍ୟ ପଢୁଛୁ । ଆମେ ରୋଜା ମଧ୍ୟ ରଖୁଛୁ । ଆମେ ଜକାତ୍ ମଧ୍ୟ ଦେଉଛୁ । ଆପଣ ଆ:ସ କହୁଛନ୍ତି କି ଏହା କିଛି ନୁହେଁ) କହୁଛନ୍ତି କି ''କିନ୍ତୁ ମୁଁ କହୁଛି ଯେ ସେମାନଙ୍କର ସମସ୍ତ କାର୍ଯ୍ୟକଳାପ ଆମାଲେ ସ୍ୱାଲେହା ଅର୍ଥାତ୍ ଉଚିତ୍ ଓ ସଠିକ୍ କାର୍ଯ୍ୟକଳାପ ରୂପେ ନିର୍ବାହ ହେଉନାହିଁ ବରଂ କେବଳ ଏକ ଖୋଳପା ସଦୃଶ ଯାହା ଭିତରେ ମଗଜ ନାହିଁ । ନଚେତ ଯଦି ତାହା ଆମାଲେ ସ୍ୱାଲେହା ତେବେ ପୁଣି ସେ ସବୁର ପୁଣ୍ୟଫଳ କାହିଁକି ମିଳୁନାହିଁ? ଆମାଲେ ସ୍ୱାଲେହା ସେତେବେଳେ ହୋଇପାରିବ ଯେତେବେଳେ ତାହା ପ୍ରତ୍ୟେକ ପ୍ରକାର ବିଭ୍ରାଟ ଓ ଅପମିଶ୍ରଣରୁ ପବିତ୍ର ରହିବ କିନ୍ତୁ ସେମାନଙ୍କଠାରେ ଏକଥା କେଉଁଠାରୁ ଆସିବ ? ମୁଁ କଦାପି ବିଶ୍ୱାସ କରିପାରିବି ନାହିଁ କି ଜଣେ ମୋମିନ୍ ଓ ମୁତ୍‌ତକି ହେବା ସଙ୍ଗେସଙ୍ଗେ ଆମାଲେ ସ୍ୱାଲେହା ଅର୍ଥାତ୍ ଉଚିତ୍ କର୍ମ କରୁଥିବା ବ୍ୟକ୍ତି ହୋଇଥିବ ଏହା ସତ୍ତ୍ୱେ ମଧ୍ୟ ସେ ସଦାଚାରୀମାନଙ୍କ ଶତ୍ରୁ ହୋଇଯିବ । ଯେବେ କି ଏ ଲୋକମାନେ ଆମକୁ ବେକାର ଓ ନାସ୍ତିକ ବୋଲି କହୁଛନ୍ତି କିନ୍ତୁ ଖୁଦାତାଲାକୁ ଭୟ କରୁନାହାଁନ୍ତି । ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ ବୟାନ୍ ଦେଉଛି ଯେ ମୋତେ ଅଲ୍ଲାଃତାଲା ମାମୁର୍ ଅର୍ଥାତ୍ ସୁଧାରକ ରୂପେ ପ୍ରେରଣ କରିଛନ୍ତି । ଯଦି ସେହି ଲୋମାନଙ୍କ ହୃଦୟ ଭିତରେ ଅଲ୍ଲାଃତାଲାଙ୍କର କିଛିଟା ଭୟ ଥାଆନ୍ତା ତେବେ ସେମାନେ ଅସ୍ୱୀକାର କରିନଥାନ୍ତେ । ଓ ତାକୁ ହିଁ ଭୟ କରିଥାଆନ୍ତେ କି ଏପରି ନ ହେଉ ଯେ ଆମେ ଖୁଦାତାଲାଙ୍କ ନାମକୁ ହ୍ରାସ କରିବାବାଲା ହୋଇଯାଉ କିନ୍ତୁ ଏପରି ସେତେବେଳେ ହୋଇଥାନ୍ତା ଯେତେବେଳେ ସେମାନେ ଖୁଦାଙ୍କ ଉପରେ ବାସ୍ତବିକ ଓ ଅସଲ ଇମାନ୍ ରଖନ୍ତେ ଏବଂ ହିସାବ ନିକାସର ଦିନକୁ ଡରନ୍ତେ ଓ *ଲା ତକ୍‌ଫୁ ମା ଲୈସା ଲକା ବିହି ଇଲ୍‌ମ୍ ଉପରେ ତାଙ୍କର ଅମଳ ହୁଅନ୍ତା''* (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା- ୩୪୩, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଲିସ୍ ସ୍ଥାନ) ଅର୍ଥାତ୍ ସେ କଖଥା ଏପରି କଥା କୁହନାହିଁ ଯାହାକୁ ତୁମେ ଜାଣିନାହିଁ ।

ମସିହ ମଉଦଙ୍କ ଆଗମନର ଉଦ୍ଦେଶ୍ୟ ବାହ୍ୟ ଓ ଅନ୍ତଃ ବିଭ୍ରାଟ ଓ ଆକ୍ରମଣରୁ ଇସଲାମକୁ ରକ୍ଷା କରିବା ଅଟେ ଏବଂ ହଜରତ ମହମ୍ମଦ ସ.ଆ ମଧ୍ୟ ଏହି ଖବର ଦେଇଥିଲେ ଏହାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି ''ହଜରତ ମହମ୍ମଦ ସ.ଆ ଅନ୍ତିମ ଯୁଗ ନିମନ୍ତେ ଖବର ଦେଇଥିଲେ କି ସେତେବେଳେ ଦୁଇ ପ୍ରକାରର ବିଭ୍ରାଟ ଦେଖାଯିବ । ଗୋଟିଏ ଆଭ୍ୟନ୍ତରିକ ଓ ଅନ୍ୟଟି ହେଉଛି ବାହ୍ୟିକ । ଅଭ୍ୟନ୍ତରୀକ ବିଭ୍ରାଟ ଏପରି ପ୍ରକାଶ ପାଇବ କି ମୁସଲ୍‌ମାନ୍‌ମାନେ ସଚ୍ଚା ହିଦାୟତ ଉପରେ କାଏମ୍ ରହିବେ ନାହିଁ ଓ ସଇତାନି କାର୍ଯ୍ୟକଳାପର ଦଖଲ ଭିତରକୁ ଆସିଯିବେ'' । (ଆମାଲେ ସ୍ୱାଲେହା ତାଙ୍କଠାରେ କିଛି ରହିବ ନାହିଁ) ''ଜୁଆଖେଳ, ବ୍ୟଭିଚାର, ମଦ୍ୟପାନ ଏବଂ ପ୍ରତ୍ୟେକ ପ୍ରକାର କୁକାର୍ଯ୍ୟରେ ଲିପ୍ତ ହୋଇ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସୀମାକୁ ଲଙ୍ଘିଯିବେ ଏବଂ ଖୁଦାତାଲା ଯାହାକିଛି ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା ସବୁକୁ ସେମାନେ ପରବାୟ କରିବେ ନାହିଁ । ନମାଜ ଏବଂ ରୋଜାକୁ ଛାଡିଦେବେ । ଅଲ୍ଲାଃଙ୍କ ନିର୍ଦ୍ଦେଶକୁ ଅସମ୍ମାନ କରାଯିବ ଓ ପବିତ୍ର କୋରାନ୍‌ରେ ଥିବା ହୁକୁମ୍ ଗୁଡିକ ସହିତ ଥଟ୍ଟା ପରିହାସ କରାଯିବ'' । (ଏହାତ ଥିଲା ଆଭ୍ୟନ୍ତରିକ ବିଭ୍ରାଟ ଅର୍ଥାତ୍ ମୁସଲ୍‌ମାନ ମାନଙ୍କର କାର୍ଯ୍ୟକଳାପର ସ୍ଥିତି ବିଗିଡି ଯାଇଛି । ଅଧିକାଂଶ ମୁସଲ୍‌ମାନମାନେ ଏପରି ହୋଇଯାଇଛନ୍ତି । ଆପଣ ଦେଖିନିଅନ୍ତୁ କି ମୁସ୍‌ଲିମ୍ ଦେଶଗୁଡିକରେ ମଧ୍ୟ କିଭଳି ଆପୋଷରେ ଜଣେ ଅନ୍ୟଜଣଙ୍କ ଉପରେ ଅତ୍ୟାଚାର କରୁଛନ୍ତି ଏବଂ ''ବାହ୍ୟ ବିଭ୍ରାଟ ଏହା କି ହଜରତ ମହମ୍ମଦ ସ.ଆଙ୍କ ପବିତ୍ର ଅସ୍ତିତ୍ୱ ଉପରେ ମିଥ୍ୟା ଆରୋପ ଲଗାଯାଉଛି । ଏବଂ ଏହା ଆଜିର ଯୁଗରେ ବେଶ୍ ଅଧିକ ଘଟୁଅଛି ଏବଂ ସମସ୍ତ ପ୍ରକାରର ହୃଦୟବିଦାରକ ଆକ୍ରମଣରେ ଇସଲାମର ଅସମ୍ମାନ ଓ ତିରସ୍କାର କରିବାକୁ ଚେଷ୍ଟା କରାଯାଉଅଛି । (ଇସା) ମସିହଙ୍କୁ ଈଶ୍ୱର ରୂପେ ପ୍ରମାଣିତ କରିବା ଓ ତାଙ୍କ ସଲିବି ଲାନତ୍ ଅର୍ଥାତ୍ ଅଭିଶପ୍ତ କୃଶବଦ୍ଧ ଉପରେ ବିଶ୍ୱାସ ଆଣିବାକୁ ବିଭିନ୍ନ ସୁତ୍ରରେ ବାହାନା ଓ ଯୋଜନା ପ୍ରସ୍ତୁତ କରାଯିବ । ସୁତରାଂ ଏହି ଦୁଇଗୋଟି ଅର୍ଥାତ୍ ଆନ୍ତିରିକ ଓ ବାହ୍ୟ ବିଭ୍ରାଟକୁ ସୁଧାରିବା ନିମନ୍ତେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ସୁସମାଚାର ମଧ୍ୟ ମିଳିଥିଲା ଯେ ଆପଣ ସ:ଆ:ସଙ୍କ ସମ୍ପ୍ରଦାୟରେ ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କରାଯିବ ଯିଏ ବାହ୍ୟ ବିଭ୍ରାଟ ଏବଂ କୃଶ ଧର୍ମର ବାସ୍ତବିକତାକୁ ଭାଙ୍ଗିବାବାଲା ହେବ ଓ ଏ ଦୃଷ୍ଟିକୋଣରୁ ସେ ମସିହ୍ ଇବ୍‌ନେ ମରିୟମ୍ ହେବ ଏବଂ ଅନ୍ତଃ ବିଭେଦକୁ ଦୂର କରି ହିଦାୟତ୍‌ର ସତ୍ ମାର୍ଗ ଉପରେ ପ୍ରତିଷ୍ଠା କରିଦେବ । ସେଇଥିପାଇଁ ସେ ମେହ୍‌ଦୀ ବୋଲାଇବ । ଏହି ସୁସମାଚାର ପ୍ରତି *ଓ୍ୱ ଆଖରିନା ମିନ୍‌ହୁମ୍* ରେ ମଧ୍ୟ ଇସାରା ରହିଛି ।'' (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା- ୪୪୪-୪୪୫ ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଲିସ୍ ସ୍ଥାନ)

ହଜୁର ଅନଓ୍ୱର ଅ.ବ କହିଲେ ସୁତରାଂ ଆମେ ଯେ କି ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଅଛେ ଆମର ଅଲ୍ଲାଃଙ୍କ ସହ ସମ୍ପର୍କ ଓ ଧର୍ମପରାୟଣତାର ସ୍ତର ଅନ୍ୟ ମୁସଲମାନମାନଙ୍କଠାରୁ ଉର୍ଦ୍ଧ୍ୱରେ ହେବା ଉଚିତ୍ । ଆମ ଅମଳ ଅନ୍ୟମାନଙ୍କ ତୁଳନାରେ ଉତମ ହେବା ଉଚିତ୍ । ଆମ ଅମଳ ସର୍ବଦା ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଓ ସୁନ୍ଦର ହେବା ଉଚିତ୍ ସୁତରାଂ ଏକଥାକୁ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି କି:-

''ବ୍ୟକ୍ତିକୁ ବୟତ କରି କେବଳ ଏକଥା ମାନନେବା ଉଚିତ୍ ନୁହେଁ କି ଏହି ସିଲ୍‌ସିଲା ହେଉଛି ସତ୍ୟ ଉପରେ ଆଧାରିତ ବୋଲି'' (ସତ୍ୟକୁ ମାନିନେଲା- ଯଥେଷ୍ଟ ହୋଇଗଲା) ''ଏବଂ ଏତିକି ମାନିନେବା ଦ୍ୱାରା ତାକୁ ବର୍‌କତ୍ ମିଳିଯିବ'' । କହୁଛନ୍ତି କି ''କେବଳ ମାନିନେବା ଦ୍ୱାରା ଅଲ୍ଲାଃତାଲା ଖୁସି ହୋଇଯାଆନ୍ତି ନାହିଁ ଯେପର୍ଯ୍ୟନ୍ତ ଉତମ କାର୍ଯ୍ୟକଳାପ ଓ ଆଚରଣ ନକରାଯାଇଛି । ତେଣୁ ତୁମେ ଚେଷ୍ଟା କର କି ଯଦି ଏହି ସିଲ୍‌ସିଲାରେ ଦାଖଲ ହୋଇଛ ତେବେ ପୁଣ୍ୟବନ୍ତ ହୁଅ । ମୁତ୍‌ତକି ହୁଅ, ପ୍ରତ୍ୟେକ କୁକର୍ମରୁ ବଂଚିତ ରୁହ । ଏ ସମୟକୁ ଦୁଆ କରି ବିତାଓ । ରାତି ଏବଂ ଦିନ ପ୍ରାର୍ଥନାରେ ଲାଗିରୁହ ଯେବେ ପରୀକ୍ଷାର ସମୟ ଆସେ ସେତେବେଳେ ଖୁଦାତାଲାଙ୍କର କ୍ରୋଧ ମଧ୍ୟ ବଢ଼ିଯାଏ । (ତେଣୁ) ଏପରି ସମୟରେ ଦୁଆ, ବିଳାପ ଏବଂ ସଦ୍‌କା ଖୈରାତ୍ କର । ଜିହ୍ୱାକୁ ନରମ ରଖ, ଇସ୍‌ତେଗ୍‌ଫାର୍କୁ ନିଜର ଅଭ୍ୟାସରେ ପରିଣତ କର । ନମାଜରେ ଦୁଆ କର । ଏ ଉକ୍ତି ବହୁତ ପ୍ରସିଦ୍ଧ ଯେ ମିନ୍‌ନତେଁ କର୍‌ତା ହୁଆ କୋଇ ନେହିଁ ମର୍‌ତା ଅର୍ଥାତ୍ ପ୍ରାଥନାଦ୍ୱାରା ଅନୁରୋଧ କରୁଥିବା ବ୍ୟକ୍ତି କେବେ ମରେନାହିଁ । କେବଳ ମାନିନେବା ହିଁ ମନୁଷ୍ୟର କାମରେ ଆସେନାହିଁ । ଯଦି ମନୁଷ୍ୟ ମାନିଯାଇ ପୁଣି ତାକୁ ପଛରେ ପକାଇଦେବ ତେବେ ତାକୁ କୌଣସି ଲାଭ ମିଳିବ ନାହିଁ । ପୁଣି ତା'ରେ ଏ ଅଭିଯୋଗ କରିବ ଯେ ବୟତ ଦ୍ୱାର କୌଣସି ଲାଭ ମିଳିଲା ନାହିଁ ଓ ଏହା ବେକାର । ଖୁଦାତାଲା କେବଳ କଥା ଦ୍ୱାରା ରାଜି ହୁଅନ୍ତି ନାହିଁ'' ।

ଆପଣ କୁହନ୍ତି ଉତମ ଅମଳ କ'ଣ ଅଟେ ? ପବିତ୍ର କୋରାନ ଉପରେ ବିଶ୍ୱାସ ଆଣିବା ସହିତ ଉତମ ଅମଳ (କରିବାର) ନିର୍ଦ୍ଦେଶ ରହିଛି । ତେବେ ଉତମ ଅମଳ ତାହାକୁ କହିବା ଯାହା ମଧ୍ୟରେ ତିଳେ ହେଲେ ମଧ୍ୟ ବିଶୃଙ୍ଖଳା (ଗୁଣ) ନଥିବ । **ମନେରଖ ମଣିଷର ଅମଳ ପଛରେ ସର୍ବଦା ଚୋର ପଡ଼ିରହିଥାଏ** । କେଉଁ ପ୍ରକାର ଚୋର ? ତାହା ଲୋକଦେଖାଣିଆ କାର୍ଯ୍ୟ, ଅହଂକାର ଏବଂ ଅହଂକାର ହେଉଛି ଏହା କି, ଜଣେ ଅମଳ କରି ମନେମନେ ଆନନ୍ଦିତ ହୋଇଥାଏ । କିସମ କିସମର ଅପକର୍ମ ଓ ପାପ ଯାହାକି ତାହା ଦ୍ୱାରା ଘଟିଥାଏ ସେଥିରେ ତାହାର ପୁଣ୍ୟକର୍ମ ନିରର୍ଥକ ହୋଇଯାଏ । ଆପଣ କୁହନ୍ତି ଉତମ ଅମଳ ଏହି କି ଯେ, ଯାହା ଭିତରେ ଅତ୍ୟାଚାର, ଅହଂକାର, ଲୋକଦେଖାଣିଆପଣ, ସର୍ବସାଧାରଣଙ୍କ ଅଧିକାର ଆତ୍ମସାତ କରିବା ଭାବନା ହିଁ ନଥିବ । ଯେପରିକି ପରକାଳରେ ମଣିଷ ଉତମ ଅମଳରୁ ନିବୃତ ରହିଥାଏ ସେହିପରି ସଂସାରରେ ମଧ୍ୟ (ବିପଦରୁ) ରକ୍ଷା ପାଇଥାଏ ଅର୍ଥାତ ପୁଣ୍ୟକର୍ମ ଦ୍ୱାରା ପରକାଳରେ ଜଣେ (ନର୍କ ଅଗ୍ନି)ରୁ ରକ୍ଷା ପାଇଥାଏ, ପୁଣି ପୁଣ୍ୟକର୍ମ ଦ୍ୱାରା ଅଲ୍ଲାଃ ପ୍ରଶନ୍ନିତ ହୋଇ ତାହାକୁ ପୁରସ୍କାର ମଧ୍ୟ ପ୍ରଦାନ କରିଥାନ୍ତି । ସେହିପରି ସଂସାରରେ ଯଦି ସତ୍‌କର୍ମ କରିବ ତେବେ ମଣିଷର ଅନେକ ସାଂସାରିକ

ସମସ୍ୟା ଓ ଦୁଃଖଦୁର୍ଦ୍ଦଶା ଦୂର ହୋଇଥାଏ । **ଯଦି ପରିବାରରେ ମାତ୍ର ଜଣେ ସତ୍‌କର୍ମକାରୀ ରହିଥାଏ ତେବେ ସମ୍ପୂର୍ଣ୍ଣ ଘର (ବିପଦରୁ) ରକ୍ଷା ପାଇଯାଇଥାଏ ।** ଭାବିନିଅ କି ଯେପର୍ଯ୍ୟନ୍ତ ତୁମ ମଧ୍ୟରେ ସତ୍‌କର୍ମ ସୃଷ୍ଟିହେବ ସେପର୍ଯ୍ୟନ୍ତ କେବଳ ମାନିନେବା ଦ୍ୱାରା କୌଣସି ଲାଭ ମିଳିବ ନାହିଁ । ଜଣେ ଡାକ୍ତର ଔଷଧ ଚିଠା ଲେଖିଦେଇଥାଏ ତ ତାର ଅର୍ଥ ଏହା ନୁହେଁ କି ଯାହାକିଛି ସେଥିରେ ଲେଖା ହୋଇଛି ତାକୁ ନେଇ ପିଇଦେଉ । ଯଦି ସେ ସେହି ଔଷଧକୁ ବ୍ୟବହାର ନକରିବ କେବଳ ଚିଠାଟିକୁ ନେଇ ଘରେ ଛାଡିଦେବ ତେବେ କଣ ତାକୁ କିଛି ଲାଭ ମିଳିବ ? ବର୍ତ୍ତମାନ ତୁମେ ତୌବା ଅର୍ଥାତ୍ କ୍ଷମାପ୍ରାର୍ଥନା କରୁଅଛ ତେବେ ଅଲ୍ଲାଃ ଆସନ୍ତାରେ ତୁମ ମଧ୍ୟରେ ଦେଖିବାକୁ ଚାହୁଁଛନ୍ତି କି ଏହି କ୍ଷମାପ୍ରାର୍ଥନା ଦ୍ୱାରା ତୁମେ ନିଜକୁ କିଭଳି ପବିତ୍ର କରିପାରିଛ । ଏବେ ସେ ସମୟ ଆସିଛି ଖୁଦାତାଲା ତକ୍‌ୱା ମାଧ୍ୟମରେ ଫରକ କରିବାକୁ ଚାହୁଁଛନ୍ତି । ଅନେକ ଲୋକେ ଏପରି ଅଛନ୍ତି ଯେଉଁମାନେ ଖୁଦାଙ୍କ ଉପରେ ଅଭିଯୋଗ ଲଗାଉଛନ୍ତି କିନ୍ତୁ ନିଜକୁ ଦେଖୁନାହାଁନ୍ତି । ମନୁଷ୍ୟ ନିଜେ ନିଜ ଉପରେ ଅତ୍ୟାଚାର କରିଥାଏ ନଚେତ୍ ଅଲ୍ଲାଃତାଲାଃ ତ ହେଉଛନ୍ତି ଦୟାଳୁ ଓ କୃପାଳୁ ।'' ପୁଣି କହୁଛନ୍ତି କି କିଛି ଲୋକେ ଏପରି ଅଛନ୍ତି କି ସେମାନେ ପାପ ବିଷୟରେ ଜାଣିଥାନ୍ତି ଓ ଆଉକିଛି ଲୋକ ଏପରି ଅଛନ୍ତି ସେମାନେ ପାପ ବିଷୟରେ କିଛି ଜାଣନ୍ତି ନାହିଁ ତେଣୁ ଅଲ୍ଲାଃତାଲା ସବୁବେଳ ପାଇଁ ଇସ୍‌ତେଗଫାର୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।'' ତେଣୁ ସର୍ବଦା ଇସ୍‌ତେଗ୍‌ଫାର୍ ଅର୍ଥାତ୍ କ୍ଷମାପ୍ରାର୍ଥନା କରୁଥାଅ କାରଣ ମଣିଷ ସମସ୍ତ ପ୍ରକାରର ଅପକର୍ମ ତାହା ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷ, ତାହା ଜ୍ଞାତରେ ହେଉ ଅବା ଅଜ୍ଞାତରେ ନିଜ ଶରୀରର ସମସ୍ତ ଅଙ୍ଗ ହାତ, ପାଦ, ଜିଭ, ନାକ, କାନ ଓ ଆଖି ଆଦି ଦ୍ୱାରା ହେବାକୁ ଥିବା ଅପକର୍ମରୁ ନିବୃତ ରହିବା ନିମନ୍ତେ ଇସ୍‌ତେଗ୍‌ଫାର୍ ଅର୍ଥାତ୍ କ୍ଷମାପ୍ରାର୍ଥନା କରିବା ଉଚିତ୍ । ଆପଣ କୁହନ୍ତି ଆଜିକାଲି ହଜରତ ଆଦମ ଆ.ସଙ୍କ ଦୁଆ ପାଠ କରିବା ଉଚିତ୍ ଏବଂ ତାହା କେଉଁ ଦୁଆ ଅଟେ- *ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ୱ ଇଲ୍‌ଲମ୍ ତଗ୍‌ଫିର୍ ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍* (ଆରାଫ:୨୪) ଏହି ଦୁଆ ପ୍ରଥମରୁ ସ୍ୱୀକାର ହୋଇସାରିଛି । ଗଫ୍‌ଲତ୍ ଅର୍ଥାତ୍ ଅବହେଳିତ ଜୀବନ ଅତିବାହିତ କରିବା ପରିହାର କର, ଯେଉଁ ବ୍ୟକ୍ତି ଅବହେଳିତ ଜୀବନ ଅତିବାହିତ କରିନଥାଏ କଦାପି ଆଶା କରାଯାଇ ପାରିବ ନାହିଁ କି ସେ କୌଣସି ବଡ଼ ଧରଣର ବିପଦର ସମ୍ମୁଖୀନ ହେବ'' । ଆପଣ କୁହନ୍ତି ''କୌଣସି ବିପଦ ଅଲ୍ଲାଃଙ୍କ ବିନା ଅନୁମତିରେ ଆସିନଥାଏ ଯେପରିକି ମୋତେ ଏହି ଦୁଆ ଭବିଷ୍ୟବାଣୀ ହେଲା କି *ରବ୍‌ବେ କୁଲ୍ଲୁ ଶଇନ୍ ଖାଦିମୁକା ରବ୍‌ବେ ଫାହ୍‌ଫଜ୍‌ନି ୱନ୍‌ସୁରନି ୱର୍‌ହମ୍‌ନି*'' ଆପଣ କୁହନ୍ତି ''ମୋର ବିଶ୍ୱାସ ସବୁକିଛି ଅଲ୍ଲାଃଙ୍କ ହାତରେ ଅଛି ସେ ତାହା କୌଣସି ମାଧ୍ୟମରେ କରନ୍ତୁ ଅବା ବିନାମାଧ୍ୟମରେ ତାହା ତାଙ୍କ ଉପରେ ନିର୍ଭର କରେ'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା- ୨୭୪-୨୭୬, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଲିସ୍ ସ୍ଥାନ) । ଅଲ୍ଲାଃତାଲା କୌଣସି ମାଧ୍ୟମ ବନାଇଥାଏ ବା ନବନାଇଥାଏ ସବୁକିଛି ଅଲ୍ଲାଃତାଲାଙ୍କ ହାତରେ ହିଁ ରହିଛି । ସେଥିନିମନ୍ତେ ଏହି ଦୁଆ ପାଠ କରିବା ଉଚିତ୍ ଓ ଏହି ଦୁଇଗୋଟି ଦୁଆ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ।

ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ନିଜ ନିଜର ନିରିକ୍ଷଣ କରିବା ଉଚିତ୍ । ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଛେ ତେବେ କ'ଣ ଆମେ ବୟତ କରିବାର କର୍ତ୍ତବ୍ୟ ସମ୍ପାଦନ କରୁଅଛେ ? ଅଧିକାଂଶ ସର୍ବେକ୍ଷଣରୁ ଏହି କଥା ହସ୍ତଗତ ହୋଇଛି କି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ନମାଜ ମଧ୍ୟ ସଠିକ୍ ରୂପେ ସମ୍ପାଦନ କରୁ ନାହାଁନ୍ତି, ନା ଏଥିପ୍ରତି ସେମାନଙ୍କର ଧ୍ୟାନ ଅଛି । ଇସ୍‌ତେଗ୍‌ଫାର୍ ଅର୍ଥାତ୍ କ୍ଷମାପ୍ରାର୍ଥନା କରିବା ପ୍ରତି ତ କେତେକଙ୍କର ତିଳେ ମାତ୍ର ଧ୍ୟାନ ନାହିଁ । ପରସ୍ପର ପ୍ରତି ଥିବା କର୍ତ୍ତବ୍ୟ ପ୍ରତି ଧ୍ୟାନ ନାହିଁ । ଯଦି ଏପରି ଅବସ୍ଥା ରୁହେ ତେବେ ଆମେ କିଭଳି କହିପାରିବା ଯେ, ଆମେ ପୁଣ୍ୟ କର୍ମ ସମ୍ପାଦନ କରୁଅଛେ ଓ ଆମେ ହଜରତ ମସିହ ମଉଦ ଆ.ସଙ୍କ ବୟତର କର୍ତ୍ତବ୍ୟ ସମ୍ପାଦନ କରୁଅଛେ । ଅନ୍ୟମାନେ ହଜୁରଙ୍କୁ ଅସ୍ୱୀକାର କରି ତ ପାପର ଭାଗୀଦାର ହେଉଛନ୍ତି କିନ୍ତୁ ଆମେ ସ୍ୱୀକାର କରି ନିଜ ଭିତରେ ପରିବର୍ତ୍ତନ ନଆଣି, ଗୋଟିଏ ପ୍ରତିଜ୍ଞା କରିବା ପରେ ତାହାର ଉଲଙ୍ଘନ କରି (ଅନୁରୂପ) ପାପ କରୁଅଛେ । ଅତଃ ଅତ୍ୟନ୍ତ ଚିନ୍ତାର ସହିତ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜର ଆତ୍ମମନ୍ଥନ କରିବା ଆବଶ୍ୟକ । ଅଲ୍ଲାଃତାଲା କରନ୍ତୁ କି ଆମେ କେବଳ ଚିରାଚରିତ ଭାବରେ ମସିହ ମଉଦଙ୍କ ଦିବସ ପାଳନ କରିବା ନାହିଁ ବରଂ ମସିହ୍ ମଉଦ୍‌ଙ୍କୁ ମାନିବାର ହକ୍ ଅର୍ଥାତ୍ କର୍ତ୍ତବ୍ୟ ସମ୍ପାଦନକାରୀ ହେବା ଏବଂ ସମସ୍ତ ପ୍ରକାର ଆଭ୍ୟନ୍ତରିକ ଓ ବାହ୍ୟ ବିଭ୍ରାଟରୁ ନିଜକୁ ନିବୃତ ରଖିବାକୁ ଚେଷ୍ଟା କରିବା । ଅଲ୍ଲାଃତାଲା ସର୍ବଦା ଆମକୁ ନିଜ ଶରଣରେ ସ୍ଥାନ ଦିଅନ୍ତୁ ଏବଂ ସମସ୍ତ ପ୍ରକାର ଅସୁବିଧା ଓ ବିପଦରୁ ରକ୍ଷା କରନ୍ତୁ ।

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡ଼ିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰی مُحَمَّدٍ وَّعَلٰی آلِ مُحَمَّدٍ كَمَا صَلَّيْتَ عَلٰی آلِ إِبْرَاهِيمَ وَعَلٰی آلِ إِبْرَاهِيمَ إِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰی مُحَمَّدٍ وَّعَلٰی آلِ مُحَمَّدٍ كَمَا بَارَكْتَ عَلٰی إِبْرَاهِيمَ وَعَلٰی آلِ إِبْرَاهِيمَ إِنَّكَ حَمِيْدٌ مَّجِيْدٌ-

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମମାନଙ୍କର ତ୍ରୁଟିଗୁଡିକୁ ଆମମାନଙ୍କର କର୍ତ୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا ۫ وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ إِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତ୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

ତକ୍‌ରିର ଜଲ୍‌ସା ସାଲାନା କାଦିୟାନ୍ ୨୦୧୮

# ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଜୀବନଚରିତ - ପାରିବାରିକ ଜୀବନକୁ ଉତମରୂପେ ଗଢି ତୋଳିବା ସମ୍ବନ୍ଧୀୟ ଘଟଣାବଳୀର ଆଲୋକରେ

(ମୁନିର୍ ଅହେମଦ୍ ଖାଦିମ୍, ଏଡ଼ିଶ୍‌ନାଲ ନାଜୀର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ଦକ୍ଷିଣ ଭାରତ କାଦିୟାନ୍ )

ସମ୍ମାନନୀୟ ସଭାପତି ମହୋଦୟ ଏବଂ ପ୍ରୀୟ ଶ୍ରୋତାଗଣ ! ମୋ ତକ୍‌ରିର୍‌ର ବିଷୟବସ୍ତୁ ହେଉଛି ସିରତ୍ ହଜ୍‌ରତ୍ ମସିହ ମଉଦ୍ ଆ:ସ- ପାରିବାରିକ ଜିବନକୁ ଉତମରୂପେ ଗଢ଼ିତୋଳିବା ସମ୍ବନ୍ଧିତ ଘଟଣାବଳୀର ଆଲୋକରେ” ।

ହଜ୍‌ରତ୍ ଆଇଶା ର:ଅ ଙ୍କୁ ଏକଦା କେହି ଜଣେ ପଚାରିଥିଲେ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମ୍ବନ୍ଧରେ କିଛି ବତାନ୍ତୁ । ଏଥିରେ ଆପଣ ର:ଅ କହିଥିଲେ କି ***କାନା ଖୁଲୁକୁ ହୁଲ କୁର୍‌ଆନ୍*** ଅର୍ଥାତ୍ ଯଦି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ଜୀବନୀକୁ ଦେଖିବାକୁ ଚାହୁଁଛ ତେବେ ପବିତ୍ର କୋରାନ୍ ପଢ଼ । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜୀବନ ଚରିତ ପବିତ୍ର କୋରାନ୍‌ର ଅନୁରୂପ ଥିଲା ।

*(ମୁସ୍‌ତଦ୍‌ରକ୍ ହାକିମ୍ ଖଣ୍ଡ-୨ ପୃଷ୍ଠା-୩୯୨)*

ଠିକ୍ ସେହିଭଳି ଯଦି କେହି ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ ଆ:ସ ଙ୍କ ପବିତ୍ର ଜୀବନୀ ଦେଖିବାକୁ ଚାହୁଁଛି ତେବେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜୀବନ ଚରିତର ଅଧ୍ୟୟନ କରୁ କାରଣ ତାଙ୍କ ଜୀବନ ଚରିତ ନିଜ ମୁନିବ ଓ ପଥପ୍ରଦର୍ଶକ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜୀବନ ଚରିତର ଅନୁରୁପ ଦୃଷ୍ଟିଗୋଚର ହେବ । ଆପଣ ଆ:ସ ଏକ ଅବସରରେ କହିଥିଲେ:

***“ମନ୍ ଫରକା ବଇନି ଓ୍ୱ ବଇନଲ ମୁସ୍ତଫା ମା ଅରଫନି ଓ୍ୱମା ରାଆ”***

ଅର୍ଥାତ୍:- ଯିଏ ମୋ ମୁନିବ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଓ ମୋ ମଧ୍ୟରେ ଫରକ କରୁଛି ସେ ନାତ ମତେ ଚିହ୍ନିଲା ଓ ନା ମୋ ସତ୍ୟତାକୁ ଜାଣିଲା । ଏ ଉମ୍ମତ୍‌ର ବୟୋଜ୍ୟେଷ୍ଠଗଣ ମଧ୍ୟ ଏହା କହିଥିଲେ କି ଇମାମ ମେହେଦି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସଂପୁର୍ଣ୍ଣ ଅନୁରୂପ ହେବ ।

ସୁତରାଂ ହଜ୍‌ରତ୍ ଶାହ୍‌ୱଲିଉଲ୍ଲା ସାହେବ୍ ମୋହଦିସ୍ ଦେହ୍‌ଲୁଓ୍ୱି ନିଜ ପୁସ୍ତକ ***“ଅଲ୍‌ଖୈରୁଲ୍ କସିର୍”*** ରେ କହୁଛନ୍ତି :- *“ହକ୍‌କଲହୁ ଅଇଁ ୟନ୍‌ଅକସ୍ ଫିହି ଅନ୍‌ଓ୍ୱାର୍ ସୟଦୁଲ୍ ମୁର୍‌ସଲିନ୍ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସଲ୍ଲମ୍”......... ବଇନହୁ ଓ୍ୱ ବଇନଲ୍ ଉମ୍ମାଃ*

**(ଅଲ୍‌ଖୈରୁଲ୍ କସିର ପୃଷ୍ଠା-୭୨ ମୁଦ୍ରଣ-ବିଜ୍‌ନୋର୍)**

ଅର୍ଥାତ୍: ମୁହମ୍ମଦ୍‌ଙ୍କ ଉମ୍ମତରେ ଆସିବାକୁ ଥିବା ମସିହ୍‌ଙ୍କର ଏ ହକ୍ ଅଛି କି ତାଙ୍କ ଠାରେ ନବୀଶିରୋମଣି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜ୍ୟୋତି ପରିପ୍ରକାଶ ହେଉ । ସାଧାରଣତଃ ଲୋକମାନଙ୍କର ଏ ଭାବନା ରହିଛି କି ମସିହ୍ ମଉଦ୍ ଯେବେ ପ୍ରକଟ ହେବେ ସେ କେବଳ ଉନ୍ନତି ହେବେ । ଏହା କଦାପି ନୁହେଁ ବରଂ ସେତ ମୁହମ୍ମଦଙ୍କ ସମସ୍ତ ଗୁଣ ବିଶେଷର ବାଖ୍ୟା ହେବେ । ଏବଂ ତାଙ୍କର ଅବିକଳ ନକଲ ହେବେ ସୁତରାଂ ତାଙ୍କ ମଧ୍ୟରେ ଓ ଜଣେ ସାଧାରଣ ଉମ୍ମତିଙ୍କ ମଧ୍ୟରେ ବଡ଼ ଫରକ ଅଛି ।

ଏ ଦୃଷ୍ଟିକୋଣରୁ ପାରିବାରିକ ଜୀବନ ପ୍ରସଙ୍ଗରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଙ୍କ ଜୀବନଚରିତ ହେଉଛି ଆଁ ହଜରତ୍ ସ:ଆ:ସ ଙ୍କ ଜୀବନ ଚରିତର ପୁର୍ଣ୍ଣ ଅନୁରୁପ । ଯଦି ପବିତ୍ର କୋରାନ୍‌ର ଏ ଶିକ୍ଷା ଅଛି କି **ଆଶିରୁ ହୁନ୍ନା ବିଲ୍‌ମାରୁଫ** ଅର୍ଥାତ୍ ନିଜ ସ୍ତ୍ରୀ ମାନଙ୍କ ସହିତ ପୂଣ୍ୟ ବ୍ୟବହାର କର ସେଠି (ତାର ଠିକ୍ ଅନୁରୁପ) ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି: ***ଖୈର୍‌କୁମ୍ ଖୈର୍‌କୁମ୍ ଲି ଅହ୍‌ଲିହି ଓ୍ୱ ଆନା ଖୈରୁକମ୍ ଲି ଅହ୍‌ଲି*** ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ହେଉଛି ଉତମ ଯିଏ ନିଜ ପରିବାର (ସଦସ୍ୟଙ୍କ) ସହିତ ସୁବ୍ୟବହାର କରିଥାଏ । ଏବଂ ମୁଁ ଏ ମାମଲାରେ ତୁମ ସମସ୍ତଙ୍କ ଅପେକ୍ଷା ଉତମ ।

ସୁତରାଁ ଏହି ସିଦ୍ଧାନ୍ତ ଆଲୋକରେ ଯେବେ ଆମେ ପାରିବାରିକ ଜୀବନ ପ୍ରସଙ୍ଗରେ ହଜ୍‌ରତ୍ ଅକ୍‌ଦସ୍ ମିର୍ଜା ଗୁଲାମ ଅହେମଦ୍ କାଦିୟାନି ମସିହ୍ ମଉଦ୍ ଏବଂ ମେହେଦି ମାହୁଦ୍ ଆ:ସ ଙ୍କ ପାରିବାରିକ ଜୀବନ ଜାପନକୁ ଦେଖୁଅଛେ ତେବେ ତାହା ଆଁ ହଦ୍‌ରତ୍ ସ:ଆ:ସ ଙ୍କ ଆଦର୍ଶ ମୁତାବକ ମିଳୁଛି । ଆପଣ ଆ:ସ କହୁଛନ୍ତି କି:

“ଇଶ୍ୱର ମୋର ପଥପଦର୍ଶକ ସୟଦନା ମୁହମ୍ମଦ ସ:ଆ:ସଙ୍କ ସ୍ଥାୟୀ ଆଧାତ୍ମିକତା ଏବଂ ପ୍ରତାପ ଓ ଚମତ୍କାରିତାର ଏ ପ୍ରମାଣ ଦେଇଛନ୍ତି କି ମୁଁ ତାଙ୍କ ଅନୁସରଣରେ ଏବଂ ତାଙ୍କ ପ୍ରେମରେ ଆକାଶୀୟ ନିଦର୍ଶନକୁ ନିଜ ଉପରେ ଅବତୀର୍ଣ୍ଣ ହେବାର ଏବଂ ହୃଦୟକୁ ବିଶ୍ୱାସର ଜ୍ୟୋତିଦ୍ୱାରା ପୁର୍ଣ୍ଣହେବାର ପାଇଛି । ଏବଂ ଏତେ ମାତ୍ରାରେ ଐଶି ନିଦର୍ଶନ ଦେଖିବାକୁ ପାଇଲି ଯେ ସେହି ଜ୍ୟୋତି ମାଧ୍ୟମରେ ମୁଁ ମୋ ଖୁଦାଙ୍କୁ ଦେଖିସାରିଛି ।”

କମ୍‌ରୁଲ୍ ଅମ୍ବିୟା ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏମ୍.ଏ ର:ଅ ବର୍ଣ୍ଣନା କରୁଛନ୍ତି କି ମସିହ ମଉଦ୍ ଆ:ସ ଙ୍କ ଏ ଅଭ୍ୟାସ ଥିଲା କି ଛୋଟରୁ ଛୋଟ କଥାରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପଦାଙ୍କ ଅନୁସରଣ କରୁଥିଲେ ।

**(ସିରତୁଲ୍ ମେହେଦୀ ଦ୍ୱିତୀୟ ଭାଗ:ପୃଷ୍ଠା-୪୯୨)**

କୌଣସି ବ୍ୟକ୍ତିର ପାରିବାରିକ ଜୀବନ ସମ୍ବନ୍ଧରେ ତା' ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବ ମାନେ ହିଁ ସଠିକ ସାକ୍ଷୀ ଦେଇପାରିବେ । ସୁତରାଂ ଆପଣ ଆ:ସଙ୍କ ଶାଳକ ହଜ୍‌ରତ୍ ଡାକ୍ତର ମୀର୍ ଇସ୍‌ମାଇଲ୍ ସାହେବ୍ ର:ଅ କହୁଛନ୍ତି କି:

“ମୁଁ ନିଜ ଜ୍ଞାତସାରରେ ନା କେବେ ହଜୁର ଆ:ସଙ୍କୁ ହଜ୍‌ରତ୍ ଉମ୍ମୁଲ ମୁମିନିନ୍‌ଙ୍କ ଠାରୁ ନାରାଜ୍ (ଅପ୍ରସନ୍ନତା) ହେବାର ଦେଖିଛି ନା ଶୁଣିଛି ବରଂ ସର୍ବଦା ଏପରି ଅବସ୍ଥା ଦେଖିଛି ଯାହା ଗୋଟିଏ ଆଦର୍ଶ ଜୋଡ଼ି ମଧ୍ୟରେ ହେବା ଉଚିତ୍ ।”

**(ସିରତ୍ ହଜ୍‌ରତ୍ ସୟଦା ହସ୍‌ରତ୍ ଯାହାଁ ବେଗମ୍ ସାହିବା, ପୃଷ୍ଠା-୨୩୧)**

ମାଇ ଇମାମ୍ ବିବି ସାହିବା ଯିଏ ନିଜ ସ୍ୱାମୀ ହଜ୍‌ରତ୍ ଠେକେଦାର ମୁହମ୍ମଦ୍ ଅକ୍‌ବର୍ ସାହେବଙ୍କ ଦେହାନ୍ତ ପରେ ହଜୁର ଆ:ସ ଙ୍କ ଘରେ ରହୁଥିଲେ, ସେ କହୁଛନ୍ତି:

“ଆମେ କେବେ ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍‌ଙ୍କୁ ଦେଖିନାହୁଁ କି କୌଣସି କଥାରେ ମଧ୍ୟ ସେ ହଜ୍‌ରତ୍ ସାହେବ (ଅର୍ଥାତ ହଜ୍‌ରତ୍ ମସିହ ମଉଦ୍ ଆ:ସ) ଙ୍କ ଠାରୁ ନାରାଜ୍ ହୋଇଥିବେ । (ସେ ସର୍ବଦା) ହଜ୍‌ରତ୍ ସାହେବଙ୍କ ସମ୍ମାନ କରନ୍ତି ଏବଂ ତାଙ୍କୁ ଖୁସିରେ ରଖନ୍ତି ।

ଆଁ ହଜ୍‌ରତ୍ ସ:ଆ:ସଙ୍କ କଥନ: “ଇନ୍ନମାଦ୍ ଦୁନ୍‌ୟା ମତାଅ ଓ୍ୱ ଲୈସା ମିନ୍ ମତାଇଦ୍ ଦୁନ୍‌ୟା ଶୈଇଅନ୍ ଅଫଜଲୁ ମିନଲ୍ ମର୍‌ଅତିସ୍ ସ୍ୱାଲେହ”

**(ଇବ୍‌ନେ ମାଜାଃ, ଅବ୍‌ଓ୍ୱାବୁନ୍ ନିକାହ୍)**

ଅର୍ଥାତ୍:- ଏ ସଂସାର ତ ସୁନ୍ଦର ଓ ଶୋଭା ବର୍ଦ୍ଧନକାରୀ ବସ୍ତୁରେ ପରିପୁର୍ଣ୍ଣ କିନ୍ତୁ ପୁଣ୍ୟବତୀ ସ୍ତ୍ରୀ ଠାରୁ ବଳି କୌଣସି ଶୋଭା ବର୍ଦ୍ଧନକାରୀ ବସ୍ତୁ (ଏ ସଂସାରରେ) ନାହିଁ ।

(ହଦିକତୁଲ୍ ସ୍ୱାଲେହୀନ୍ ପୃଷ୍ଠା-୩୮୯)

ହଜୁର ଆ:ସ ନିଜ ପତ୍ନୀଙ୍କ ସହିତ ଯେତେ ମାତ୍ରାରେ ଉତମ ବ୍ୟବହାର କରୁଥିଲେ, ସେତେ ମାତ୍ରାରେ ହଜ୍‌ରତ୍ ଉମ୍ମୁଲ ମୁମିନିନ୍ ର:ଅ ଙ୍କୁ ଆପଣ ଆ:ସଙ୍କ ଦାବି ଗୁଡ଼ିକ ଉପରେ ବିଶ୍ୱାସ ଥିଲା କି. ମହିଳାମାନେ ଯିଏ ନିଜର ସଉତୁଣିକୁ କଦାପି ପସନ୍ଦ କରିନଥାନ୍ତି, କିନ୍ତୁ ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍ ର:ଅ ମହମଦି ବେଗମ୍ ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ୍‌ଙ୍କ ପେଶ୍‌ଗୋଇକୁ ପୁରଣ ହେବାପାଇଁ ଇଛା ରଖିଥିଲେ କି ମହମଦି ବେଗମ୍‌ଙ୍କ ସହିତ ବିବାହ ହୋଇଯାଉ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କୁ ମଧ୍ୟ ହଜ୍‌ରତ୍ ଅମ୍ମାଜାନ ର:ଅ ଙ୍କ ସହିତ ଏକ ବିଶେଷ ସ୍ନେହ ଓ ପ୍ରେମ ଭାବର ସମ୍ପର୍କ ଥିଲା । ଏବଂ ଆପଣ (ଆ:ସ) ପବିତ୍ର ହଦିସ୍ ***ଓ୍ୱ ଆନା ଖୈରୁକୁମ୍ ଲିଅହ୍‌ଲୀ*** ର ପୁର୍ଣ୍ଣ ପ୍ରତିବିମ୍ବ ଥିଲେ । ହଜ୍‌ରତ୍ ଅମ୍ମାଜାନ୍ ର:ଅଙ୍କ ସହିତ ଏହି ପ୍ରେମଭାବ ଯୋଗୁଁ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଦ୍ୱାରା ବାରମ୍ବାର ସେହି ଉପଦେଶ ଯୋଗୁଁ ଅର୍ଥାତ୍ ସ୍ତ୍ରୀ ମାନଙ୍କ ସହିତ ଉତମ ବ୍ୟବହାର କରିବା ଉଚିତ, ଏବଂ ଆପଣ (ଆ:ସ) ଙ୍କ କଥନ କି ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀ ଓ ତାଙ୍କ ବନ୍ଧୁବାନ୍ଧବଙ୍କ ସହିତ ସୁନ୍ଦର ବ୍ୟବହାର କରୁନାହିଁ ସେ ମୋ ଜମାତ୍ ମଧ୍ୟରେ ନାହିଁ ।

**(କଶ୍‌ତି ନୁହ୍, ପୃଷ୍ଠା-୧୯)**

ସାହାବା କରାମ୍ ରିଜ୍‌ୱାନୁଲ୍ଲାହି ଆଲୈହିମ୍ ଅଜ୍‌ମଇନ୍ ମାନେ ମଧ୍ୟ ନିଜ ଘରେ ନିଜ ନିଜର ପତ୍ନୀ ମାନଙ୍କ ସହିତ ବିଶେଷ ରୂପେ ଉତମ ବ୍ୟବହାର କରିବାରେ ଧ୍ୟାନ ରଖୁଥିଲେ ସୁତରାଂ ଏକଦା ହଜ୍‌ରତ୍ ମୁଫତି ମୁହମ୍ମଦ୍ ସାଦିକ୍ ସାହେବ ର:ଅ ଙ୍କର ନିଜ ପତ୍ନୀଙ୍କ ସହିତ କୌଣସି ଏକ ଘରୋଇ ମାମଲାରେ କିଛି ମତଭେଦ ହୋଇଗଲା । ତେଣୁ ହଜ୍‌ରତ୍ ମୁଫତି ସାହେବ ନିଜ ପତ୍ନୀଙ୍କ ଠାରୁ କିଛି ମାତ୍ରାରେ ଅସନ୍ତୁଷ୍ଟ ହେଲେ । ମୁଫ୍‌ତି ସାହେବ୍‌ଙ୍କ ପତ୍ନୀ ସେହି ଅସନ୍ତୁଷ୍ଟତା ବିଷୟରେ ହଜ୍‌ରତ୍ ମୌଲବୀ ଅବଦୁଲ୍ କରିମ୍ ସାହେବ୍ ର:ଅ ଙ୍କ ପତ୍ନୀଙ୍କୁ କହିଲେ । ହଜ୍‌ରତ୍ ଅବଦୁଲ୍ କରିମ୍ ସାହେବ୍ ର:ଅ ବହୁତ ବିବେକଶୀଳ ଏବଂ ସ୍ୱଭାବତଃ ବହୁତ ବ୍ୟଙ୍ଗ ପ୍ରକୃତିରେ ଥିଲେ । (ତେଣୁ) ସେ ଉକ୍ତ କଥାକୁ ନିଜ

ସ୍ତ୍ରୀଙ୍କ ଠାରୁ ଶୁଣି ମୁଫ୍ତି ସାହେବ୍‌ଙ୍କୁ କହିଲେ ମୁଫ୍ତି ସାହେବ ଯେଉଁ ପ୍ରକାରେ ହେଉ ପଛେ ନିଜ ପତ୍ନୀଙ୍କୁ ମନେଇ ନିଅ କଣ ଆପଣ ଜାଣିନାହାନ୍ତି କି ଆଜିକାଲି ମଲିକା (ମହାରାଣୀ ଭିକ୍ଟୋରିଆ) ଙ୍କ ରାଜତ୍ୱ ଚାଲିଛି । ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ଙ୍କ ଇଙ୍ଗିତ ଏଥିପ୍ରତି ଥିଲା କି ଯେଉଁଠି ହିନ୍ଦୁସ୍ଥାନରେ ଜଣେ ମହିଳା ମହାରାଣୀ ଭିକ୍ଟୋରିଆ ଙ୍କ ରାଜତ୍ୱ ଚାଲିଛି ସେଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଘରୋଇ ମାମଲାରେ ହଜ୍‌ରତ୍ ଅମାଜାନ୍‌ଙ୍କ କଥା ମାନୁଛନ୍ତି । ହଜ୍‌ରତ୍ ମୁଫ୍ତି ସାହେବ ମଧ୍ୟ ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବଙ୍କ ଏହି ବୌଦ୍ଧିକ ଓ ହାସ୍ୟରସ ସମ୍ପନ୍ନ କଥାକୁ ବୁଝିଗଲେ ଏବଂ ଯାଇ ନିଜ ସ୍ତ୍ରୀଙ୍କୁ ମନେଇ ନେଲେ ଫଳତଃ ଏହିପରି ଘରର ପରିବେଶ ସୁରୁଚିପୂର୍ଣ୍ଣ ହୋଇଗଲା ।

**(ଜିକ୍‌ରେ ହବିବ୍ ଲେଖକ ହଜ୍‌ରତ୍ ମୁଫ୍ତି ମୁହମ୍ମଦ୍ ସାବିକ୍ ର:ଅ)**

ସମ୍ମାନୀୟ ଶ୍ରୋତାଗଣ । ଏ ଅବସରରେ ମନେରଖିବା ଉଚିତ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମୟରେ ମଧ୍ୟ ଆପଣ ସ:ଆ:ସ ମହିଳା ମାନଙ୍କୁ ଏତେ ମାତ୍ରାରେ ଉଚିତ ସ୍ୱାଧୀନତା ପ୍ରଦାନ କରିଥିଲେ । ଏବଂ ସେମାନେ ଏହା ପ୍ରକଟ କରି କହୁଥିଲେ କି ବର୍ତ୍ତମାନ ଏପରି ସମୟ ଆସଯାଇଛି କି ମହିଳା ମାନେ ଆମ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହେଉଛନ୍ତି ଯେବେକି ଏପରି ଏକ ସମୟ ଥିଲା ଯେତେବେଳେ ମହିଳାମାନଙ୍କୁ ପୁରୁଷମାନଙ୍କ ସମାଜରେ ଭାଗନେବା ଏବଂ କଥା କହିବାର ସାହାସ ନଥିଲା । ନିଜ ମୁନିବ ଓ ପଥ ପ୍ରଦର୍ଶକଙ୍କ ନମୁନା ଅନ୍ତର୍ଗତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ସେହି ପବିତ୍ର ନମୁନାକୁ ଉପସ୍ଥାପନ କଲେ କି ସାହାବାମାନେ ତାହାକୁ ମହାରାଣୀଙ୍କ ରାଜତ୍ୱ ସହିତ ତୁଳନା କରୁଥିଲେ ।

ହଜ୍‌ରତ୍ ମସିଦ୍ ମଉଦ୍ ଆ:ସ ଙ୍କ ବ୍ୟବହାର ହଜ୍‌ରତ୍ ଅମାଜାନ୍‌ଙ୍କ ସହିତ ସେ ସମୟର ପ୍ରଥା ଓ ପରିବେଶ ଅନୁଯାୟୀ ଏତେ ମାତ୍ରାରେ ଓଲଟା ଥିଲା ଯେ ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ର:ଅ କଥନ ଅନୁସାରେ:

ଏ କଥାକୁ ଘର ଭିତରର ମହିଳା ସେବିକା ମାନେ, ଯେଉଁମାନେ ସାଧାରଣ ଲୋକ ଓ ସାଧାସିଧା ପ୍ରକୃତିର ହୋଇଥାନ୍ତିଓ ମାନବିକତାର ଜାମା ବ୍ୟତିତ କୌଣସି ପ୍ରକାରର ଦେଖାଣିଆ ମନୋଭାବ ତାଙ୍କ ଠାରେ ନଥାଏ । ସେମାନେ ବହୁତ ଭଲଭାବେ ଅନୁଭବ କରିଥାନ୍ତି ଓ ଆଶ୍ଚର୍ଯ୍ୟର ସହିତ ଦେଖିଥାନ୍ତି । ଯୁଗ ମୁତାବକ ଓ ଚତୁଃପାର୍ଶ୍ୱରେ ସର୍ବସାଧାରଣ ବ୍ୟବହାରର ବିପରୀତ ବ୍ୟବହାରକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇ କହିଥାନ୍ତି । ଏବଂ ମୁଁ ଅନେକଥର ତାଙ୍କୁ ଆଶ୍ଚର୍ଯ୍ୟନ୍ୱିତ ହୋଇ ଏହା କହିବାର ଶୁଣିଛି କି ("ମିର୍‌ଜା ବିଓ୍ୱି ଦି ଗଲ୍ ବଡ଼ି ମାନ୍‌ଦା ହେି" ଅର୍ଥାତ୍ ମିର୍ଜା ସାହେବ୍ ନିଜ ପତ୍ନୀଙ୍କ କଥା ବହୁତ ମାନୁଛନ୍ତି)

ସ୍ତ୍ରୀଙ୍କ ସହିତ ବ୍ୟବହାର କରିବା ସମ୍ବନ୍ଧରେ ଉପଦେଶ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ଆମକୁ ତ ଏକଥା ଅତ୍ୟନ୍ତ ଲଜ୍ଜା ଲାଗୁଛି ଯେ ପୁରୁଷ ହୋଇ ସ୍ତ୍ରୀ ସହିତ ଯୁଦ୍ଧ କରିବା । ଆମକୁ ଖୁଦା ପୁରୁଷ ରୂପେ ଗଢ଼ିଛି । ଏହା ବାସ୍ତବରେ ଆମ ପାଇଁ ଏକ ପୂର୍ଣ୍ଣ ପୁରସ୍କାର (ତେଣୁ) ତା'କୁ (ଅର୍ଥାତ ଇଶ୍ୱରଙ୍କୁ) ଧନ୍ୟବାଦ ଦେବା ହେଉଛି ଏହା କି ସ୍ତ୍ରୀଙ୍କ ସହିତ ନମ୍ର ଓ କୋମଳ ବ୍ୟବହାର କର ।"

**(ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୃଷ୍ଠା-୪୫ ଲେଖକ ହଜ୍‌ରତ୍ ଶେଖ୍ ୟାକୁବ୍ ଅଲୀ ସାହେବ୍ ଇର୍‌ଫାନି ର:ଅ)**

ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଅମ୍ମାଜାନ୍ ର:ଅଙ୍କୁ କେତେ ଭଲ ପାଉଥିଲେ ଏ ସମ୍ପର୍କରେ ହଜ୍‌ରତ୍ ଅମ୍ମାଜାନ୍ ର:ଅ ଙ୍କ ଦ୍ୱାରା ବର୍ଣ୍ଣିତ ଗୋଟିଏ ଘଟଣା ଅବଲୋକନ କରନ୍ତୁ । ସେ କହୁଛନ୍ତି: ମୁଁ ନୁଆ ନୁଆ ଯେବେ ଦିଲ୍ଲୀରୁ ଆସିଥିଲି ସେତେବେଳେ ଜାଣିବାକୁ ପାଇଲି ଯେ ହଜ୍‌ରତ୍ ମସହ୍ ମଉଦ୍ ଆ:ସ ଗୁଡ଼ ନିର୍ମିତ ମିଠା ଭାତ ପସନ୍ଦ କରନ୍ତି ବୋଲି ତେଣୁ ମୁଁ ବହୁତ ସଉକରେ ସହିତ ଓ ଆଗ୍ରହରେ ମିଠାଭାତ ରାନ୍ଧିବାର ବ୍ୟବସ୍ଥା କଲି । ଅଳ୍ପ ଚାଉଳ ଆଣି ସେଥିରେ ଚାରି ଗିନା ଗୁଡ଼ ପକାଇଦେଲି ତେଣୁ ତାହା ସମ୍ପୁର୍ଣ୍ଣରୂପେ ଶିରା ହୋଇଗଲା । ପାତ୍ରଟିକୁ ଚୁଲିରୁ ଓହ୍ଲାଇ ମିଠା ଭାତ ବାଢ଼ିଲି ପରେ ବହୁତ ଦୁଃଖିତ ହେଲି ଯେ ଏହା ଖରାପ ହୋଇଗଲା ଏବଂ ସେପଟେ ଖାଇବା ବେଳ ହୋଇଯାଇଥିଲା । ତେଣୁ ମୁଁ ଏବେ କ'ଣ କରିବି ଏହା ଭାବି ବ୍ୟସ୍ତ ହେଉଥିଲି । ଏପରିସ୍ଥଳେ ହଜ୍‌ରତ୍ ମସିଦ୍ ମଉଦ୍ ଆ:ସ ଆସିଗଲେ ଓ ମୋ ଚେହେରାକୁ ଦେଖିଲେ ସେଥିରେ ଦୁଃଖ ଓ ବ୍ୟତିବ୍ୟସ୍ତତାର ଲକ୍ଷଣ ବାରି ହୋଇପଡୁଥିଲା । ଆପଣ (ଆ:ସ) ଏହା ଦେଖି ହସିଦେଇ କହିଲେ ମିଠା ଭାତ ଠିକ୍ ରୂପେ ହୋଇନାହିଁ ବୋଲି ଦୁଃଖ କରୁଛ । ପୁଣି କହିଲେ ଏହା ତ ବହୁତ ବଢ଼ିଆ ହୋଇଛି, ମୋ ମିଜାଜ ମୁତାବକ ତିଆରି ହୋଇଛି । ଏହି ପରି ଅଧିକା ଗୁଡ଼ରେ ତିଆରି (ମିଠାଭାତ) ମତେ ପସନ୍ଦ । ଏହା ତ ବହୁତ ଭଲ ହୋଇଛି । ଏବଂ ପୁଣି ବହୁତ ଖୁସିରେ ଖାଇଲେ ।

ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍ କହନ୍ତି ଯେ ହଜ୍‌ରତ୍ ସାହେବ୍ ମତେ ଖୁସି କରାଇବା ପାଇଁ ଏତିକି କଥା କହିବା ଦ୍ୱାରା ମୋ ମନ ମଧ୍ୟ ଖୁସି ହୋଇଗଲା ।

**(ସିରତ୍ ହଜ୍‌ରତ୍ ସୟଦାଃ ନୁସ୍‌ରତ୍ ଜାହାଁ ବେଗମ୍ ସାହିବା ପୃଷ୍ଠା-୨୨୫)**

ସମ୍ମାନସ୍ୱଦ ଶ୍ରୋତଗଣ ! ଆମାମାନଙ୍କ ମଧ୍ୟରୁ କେତେ ଅଛନ୍ତି ଯାହାଙ୍କ ପାଇଁ ଏହି ଘଟଣା ଅତ୍ୟନ୍ତ ଶିକ୍ଷଣିୟ କି, କିପରି ବେଳେ ବେଳେ ଆମେ ଖାଦ୍ୟରେ ଲୁଣ ଅଧିକା ହୋଇଯିବା ବା କମ୍ ହେବା ଦ୍ୱାରା ପତ୍ନୀ ସହିତ କଟୁ ବ୍ୟବହାର କରିବସୁଛେ । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମ୍ବନ୍ଧରେ ହଦିସ୍ ରେ ଆସୁଛି କି ଆପଣ ସ:ଆ:ସ ମଧ୍ୟ କଦାପି କୌଣସି ଖାଦ୍ୟର ତୃଟି ବାହାର କରନ୍ତି ନାହିଁ । ବରଂ ଖାଦ୍ୟର ଓ ଖାଦ୍ୟ ପ୍ରସ୍ତୁତି କରିଥିବା ବ୍ୟକ୍ତିର ପ୍ରଶଂସା କରି ସହାନୁଭୁତି ଦେଖାଉଥିଲେ ।

ହଜ୍‌ରତ୍ ଅମ୍ମାଜାନ୍ ର:ଅ ଯଦିଚ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କର ବହୁତ ଧ୍ୟାନ ରଖୁଥିଲେ କିନ୍ତୁ ବହୁତ ସଂଖ୍ୟାରେ ଅତିଥିମାନଙ୍କ ଆସିବା ଯୋଗୁଁ ବେଳେ ବେଳେ ନ ଚାହୁଁଥିଲେ ମଧ୍ୟ ଅବହେଳା ହୋଇଯାଉଥିଲା । ଏବଂ ଏକଥାକୁ ମଧ୍ୟ ହଜୁର ଆ:ସ ଙ୍କ ସହିତ ପ୍ରେମଭାବ ରଖୁଥିବା ସାହାବା ମାନେ ମଧ୍ୟ ଅନୁଭବ କରୁଥିଲେ କି ହଜୁର୍ ଆ:ସ ଙ୍କୁ ବେମାର ସମୟରେ ଏବଂ ଭିଷଣ ପରିଶ୍ରମ କରିବା ଦ୍ୱାରା ବିଶେଷ ଧ୍ୟାନ ଏବଂ ବିଶେଷ ଖାଦ୍ୟର ଆବଶ୍ୟକତା ରହିଛି । ଏହିପରି ଏକ ଘଟଣା ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମୌଲବି ଅବଦୁଲ୍ କରିମ୍ ସାହେବ୍ ର:ଅ ଗୋଟିଏ ଘଟଣା ଲେଖିଛନ୍ତି କି ମୁନ୍‌ଶି ଅବ୍‌ଦୁଲ୍ ହକ୍ ସାହେବ୍ ଆଫ୍ ଲାହୋର, ଯିଏ ପରେ ମୁର୍‌ତଦ୍ (ଅର୍ଥାତ୍ ଧର୍ମ ପରିତ୍ୟାଗ) ହୋଇଯାଇଥିଲେ । ଏକ ଅବସରରେ ହଜୁର ଆ:ସ ଙ୍କୁ କହିଲେ:

ଆପଣଙ୍କ କାମ ବହୁତ ସୂକ୍ଷ୍ମ ଓ ଆପଣଙ୍କ ମୁଣ୍ଡ ଉପରେ ବହୁତ ବଡ଼ ଦାୟିତ୍ୱର ବୋଝ ଅଛି (ତେଣୁ) ଆପଣଙ୍କୁ ଦରକାର କି ଶରୀରକୁ ଆରାମ ଦେବା ପାଇଁ ଧ୍ୟାନ ରଖନ୍ତୁ । ଏବଂ ଏକ ବିଶେଷ ଶକ୍ତି ବର୍ଦ୍ଧକ ଖାଦ୍ୟ ନିଶ୍ଚିତରୂପେ ଅପାଣଙ୍କ ପାଇଁ ପ୍ରତ୍ୟେକ ଦିନ ପ୍ରସ୍ତୁତ ହେବା ଉଚିତ୍ । ତାଙ୍କର ଏହି କଥାରେ ଉତରରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ:

"ଏହା ତ ଠିକ୍ କଥା ଏବଂ ବେଳେବେଳେ ଏହା କହିଛୁ ମଧ୍ୟ । କିନ୍ତୁ ମହିଳାମାନେ ନିଜ କାର୍ଯ୍ୟରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ଅନ୍ୟକଥା ଗୁଡ଼ିକ ଉପରେ ଧ୍ୟାନ ଦେଉନାହାନ୍ତି ।"

ମୁନ୍‌ଶି ଅବ୍‌ଦୁଲ୍ ହକ୍ ସାହେବ୍ ଏଥିରେ କହିଲେ କି ହଜ୍‌ରତ୍ ଆପଣ କଠୋରତାର ସହିତ କହୁନାହାନ୍ତି ଏବଂ ପ୍ରଭାବ ପକାଉନାହାନ୍ତି । ମୋର ତ ଅବସ୍ଥା ଏହା କି ମୁଁ ଖାଇବା ନିମନ୍ତେ ବିଶେଷ ଧ୍ୟାନ ରଖିଥାଏ ଏବଂ ସମ୍ଭବ ନୁହେଁ କି ମୋ ହୁକମ୍‌କୁ ଟାଳି ଦିଆଯିବ ଅନ୍ୟଥା ଆମ୍ଭେ ଅନ୍ୟ ପ୍ରକାରେ ଖବର ନେବୁ ।

ପ୍ରେମଭାବରେ ବିହୋଳ ହୋଇ ହଜ୍‌ରତ୍ ମୌଲବି ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ଏ କଥାକୁ ହଜୁର ଆ:ସ ଙ୍କ ସପକ୍ଷରେ ହୀତକାରୀ ହେବ ବୋଲି ବିନା ବିଚାରରେ ଉକ୍ତ କଥାକୁ ସମର୍ଥନ କରିଦେଲେ ଏବଂ କହିଲେ କି ମୁନ୍‌ଶି ସାହେବଙ୍କ କଥା ଠିକ୍ କଥା (ତେଣୁ) ହଜୁର ଆ:ସ ଙ୍କୁ ଦରକାର କି ସେ ଏହାକୁ ଦୃଢ଼ତାର ସହିତ ମାନନ୍ତୁ । ଏଥିରେ ହଜୁର୍ ଆ:ସ ହସିଦେଇ କହିଲେ "ଆମ ବନ୍ଧୁମାନଙ୍କୁ ଏପରି ଚରିତ୍ରରୁ ଦୂରେଇ ରହିବା ଉଚିତ୍ ।"

ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ର:ଅ କହୁଛନ୍ତି କି ଇଶ୍ୱର ଜାଣିଛନ୍ତି କି ମୁଁ ସେ ସମୟରେ କେତେ ମାତ୍ରାରେ ଲଜ୍ଜିତ ହେଲି ।

**(ସିରତ୍ ହଜ୍‌ରତ୍ ମସିହ ମଉଦ୍ ଆ:ସ ଲେଖକ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍ କୋଟି ର:ଅ ପୃଷ୍ଠା-୧୮-୧୯)**

ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ପୁସ୍ତକ କିଶ୍‌ତି ନୁହ ରେ ଉପଦେଶ ଦେଇ କହୁଛନ୍ତି କି: ଯେଉଁ ବ୍ୟକ୍ତି ନିଜ ପତ୍ନୀ ଏବଂ ତାଙ୍କ ନିକଟ ସମ୍ପର୍କୀୟଙ୍କ ସହିତ ସଦ୍ ବ୍ୟବହାର କରୁନାହିଁ ସେ ମୋ ଯମାତ୍ ମଧ୍ୟରେ ନାହିଁ ।"

ପ୍ରେମରେ ଏପରି କାର୍ଯ୍ୟନମୁନା ନିଜେ ହଜ୍‌ରତ୍ ମସିହ ମଉଦ ଆ:ସ କିଭଳି ପେଶ୍ କରିଛନ୍ତି ତାହା ନିମ୍ନରେ ଦିଆଯାଇଥିବା ଘଟଣାରୁ ଜଣାପଡୁଛି । ଆପଣ ଆ:ସ ଙ୍କ ସୁପୁତ୍ରି ନଓ୍ୱାବ୍ ମୋବାରକା ବେଗମ୍ ସାହିବା ର:ଅ କହୁଛନ୍ତି କି କିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଶାଶୁଙ୍କୁ ସାନ୍ତ୍ୱନା ଦେଲେ ଏବଂ ଏକଦା ମା' ଝିଅଙ୍କ ମଧ୍ୟରେ ସୁଲାହ୍ କରାଇଥିଲେ । ସେ କହୁଛନ୍ତି "ହଜ୍‌ରତ୍ ଆମ୍ମାଜାନ୍‌ଙ୍କ ସମ୍ମାନ ବହୁମାତ୍ରାରେ ଆପଣ ଆ:ସଙ୍କ ଦୃଷ୍ଟିରେ ଥିଲା । ଓ ଆପଣ ବହୁମାତ୍ରାରେ ହଜ୍‌ରତ୍ ଅମ୍ମାଜାନ୍‌ଙ୍କ ସହିତ ସହାନୁଭୁତିଶୀଳ ଥିଲେ ଓ ବହୁତ ଧ୍ୟାନ ରଖୁଥିଲେ । ତା'ର ନକ୍‌ସା ମୋ ମନ ଭିତରେ ଏ ପର୍ଯ୍ୟନ୍ତ

ଅଛି । କିନ୍ତୁ ଏକଦା ମୁଁ ଦେଖିଛି କି ଯେତେବେଳେ ଆପଣ ଆ:ସ ଆବଶ୍ୟକ ମଣିଛନ୍ତି ସେତେବେଳେ ହଜ୍‌ରତ୍ ଅମ୍ମାଜାନ୍ ର:ଅଙ୍କ ରତବିୟତ୍ କରିଛନ୍ତି । ଗୋଟିଏ ଘଟଣା ବର୍ଣ୍ଣନା କରୁଛି । କେବଳ ଏହି ଗୋଟିଏ ଘଟଣା କୁ ଦେଖିଛି ଆଉ କେବେ ଏପରି ଦେଖିବାକୁ ପାଇନାହିଁ । ନିଜେ ହଜ୍‌ରତ୍ ଅମ୍ମାଜାନ୍ ର:ଅ ମଧ୍ୟ ଏକ ଉତମ ନମୁନା ଥିଲେ । କେବେ ମଧ୍ୟ ଆବଶ୍ୟକ ପଡ଼ିନାହିଁ । ସ୍ପଷ୍ଟ ରୂପେ ଦୃଶ୍ୟ ମନେଅଛି ତଳ କୋଠରୀର ସମ୍ମୁଖରେ ଦରି ଉପରେ ନାନିଅମ୍ମା (ଆଇମା) ବସିଥିଲେ । କୌଣସି ଜଣେ ସେବିକା ତାଙ୍କ କଥା ମାନିଲା ନାହିଁ । ଏବଂ ଏପରି କଥା କହିଦେଲା ଯେ ଯଦ୍ୱାରା ଭୁଲ୍ ବୁଝାମଣା ସୃଷ୍ଟି ହୋଇଥିଲା ଫଳତଃ ନାନିମା (ଆଇ ମା') ହଜ୍‌ରତ୍ ଅମ୍ମାଜାନ୍‌ଙ୍କଠାରୁ ନାରାଜ୍ ହୋଇଗଲେ । ସେତେବେଳେ ମୋର ମନେଅଛି କି ହଜ୍‌ରତ୍ ନାନି ଅମା ର:ଅ ରାଗରେ କହୁଥିଲେ କି ଲଡ଼୍‌କି (ହଜ୍‌ରତ୍ ଅମ୍ମାଜାନ୍‌ଙ୍କୁ ନାନି ଅମ୍ମା ଲଡ଼୍‌କି କହି ସମ୍ବୋଧନ କରୁଥିଲେ) ଶେଷରେ ମୋ ଝିଅ ହିଁ ଅଟେ । ହ:! ମୋ ହଜ୍‌ରତ୍ ନିଶ୍ଚିତ ରୂପେ ମୋ ମଥାମଣି ଅଟନ୍ତି । ଇତ୍ୟାଦି ଇତ୍ୟାଦି ।

"ଏତିକିବେଳେ ଦେଖିଲି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ଅମ୍ମାଜାନଙ୍କୁ ନିଜ ଆଗରେ ଆଗରେ ଚଲାଇ ନେଇ ଆସୁଥିଲେ । ଏପରିକି ହଜ୍‌ରତ୍ ଅମ୍ମାଜାନ୍‌ଙ୍କ ଦୁଇ କାନ୍ଧ ଉପରେ ଆପଣ ଆ:ସ ଙ୍କ ପବିତ୍ର ହସ୍ତ ରହିଥିଲା । ଏବଂ ହଜ୍‌ରତ୍ ଅମ୍ମାଜାନଙ୍କ ଆଖିରୁ ଧାର ଧାର ଅଶ୍ରୁ ବହୁଥିଲା । ଅପାଣ ଆ:ସ ଚୁପ୍‌ଚାପ ଏପରି ହଜ୍‌ରତ୍ ଅମ୍ମାଜାନଙ୍କୁ ନେଇ ଆଗକୁ ବଢ଼ିଲେ । ଏବଂ ଏହିପରି ହଜ୍‌ରତ୍ ଅମ୍ମାଜାନ୍‌ଙ୍କ କାନ୍ଧ ଉପରେ ହାତ ରଖି ନାନିଜାନ୍‌ଙ୍କ ପାଦତଳେ ତାଙ୍କ ମୁଣ୍ଡକୁ ନୁଆଁଇ ଦେଲେ । ପୁଣି ନାନିଜାନ୍ ହଜ୍‌ରତ୍ ଅମ୍ମାଜାନ୍‌ଙ୍କୁ ନିଜ ହାତରେ ସମ୍ଭାଳି ନେଲେ ବୋଧ ହୁଏ ଛାତିରେ ମଧ୍ୟ ଲଗାଇଥିଲେ । ଏବଂ ଆପଣ ପୁଣି ସେଠାରୁ ଫେରିଗଲେ । କିଛି ଚିନ୍ତା କରି ଦେଖନ୍ତୁ । ସେ ସମୟର ଅଧିକାଂଶ ସନ୍ତାନ ଏପରିଥିବେ ଯେଉଁମାନଙ୍କୁ ମା'ଙ୍କର ସମ୍ମାନ ନଥିବ । ଅହେମଦୀ ଝିଅମାନେ ଓ ଭଉଣୀମାନେ ! ମୁଁ ଯେଉଁ ନକ୍‌ସା ଦେଖିଛି ଓ ମୋର ମନେ ଅଛି ତା'କୁ ଟିକିଏ ନିଜ ଭାବନାର ଆଖିରେ ଦେଖ କି ସେହି ଧର୍ମର ସମ୍ରାଟ ନିଜ ଇଶ୍ୱରଙ୍କଠାରୁ ଖଦିଜା ଉପାଧି ପାଇଥିବା ସ୍ତ୍ରୀ ଅମ୍ମାଜାନ୍‌ଙ୍କୁ, ଯାହାଙ୍କୁ ଆପଣ ବହୁତ ସମ୍ମାନ କରୁଥିଲେ, ତା'ଙ୍କ ମା'ଙ୍କର ମାମୁଲି ନାରାଜ୍ ହେବାରେ ଶୁଣି ବରଦାସ୍ତ କରିପାରିଲେ ନାହିଁ । ଏବଂ ନିଜେ ଆଣି ତା'ଙ୍କ ମା'ଙ୍କ ପାଦ ତଳେ ନତମସ୍ତକ କରାଇଦେଲେ । ଏ କଥା ଜାଣିଲେ ଯେ ଯଦିଚ ତୁମର ପଦମର୍ଯ୍ୟାଦା ବଡ଼ କିନ୍ତୁ ଇଏ ହେଉଛନ୍ତି ତୁମ ମା । ତୁମ ପାଇଁ ମଧ୍ୟ ତାଙ୍କ ପାଦତଳେ ବୈକୁଣ୍ଠ ରହିଛି । ***ଅଲ୍ଲାହୁମ୍ମା ସ୍ୱଲେ ଆଲା ମୁହମ୍ମଦିନ୍ ୱ୍ ଆଲା ଆଲେ ମୁହମ୍ମଦିନ୍ ୱ୍ ଆଲା ଅବଦିକଲ୍ ମସିହିଲ୍ ମଉଦ୍ ।***

**(ତହ୍‌ରିରାତ୍ ମୁବାରକା ପୃଷ୍ଠା ୨୧୪-୨୧୫)**

ପ୍ରୀୟ ଶ୍ରୋତାଗଣ ! ବେଳେବେଳେ ଘରେ ଯେବେ ଯାତ୍ରା କରିବାର ଅବସର ଆସେ ସେହି ଅବସର ମଧ୍ୟ ଉତମ ଚରିତ୍ର ସମ୍ପନ୍ନ ହୋଇଥାଏ । ଶିଘ୍ର ଶିଘ୍ର ବାହାରିବା ଯୋଗୁଁ ବେଳେବେଳେ ପୁରୁଷମାନଙ୍କର ଅଶୋଭନିୟ କଥାଗୁଡ଼ିକ ମହିଳାମାନଙ୍କୁ ଶୁଣିବାକୁ ପଡ଼ିଥାଏ କି ବିଳମ୍ୱ ହୋଇଯାଉଛି ଶିଘ୍ର କର । ତୁମମାନଙ୍କର ସର୍ବଦା ଏପରି ଅଭ୍ୟାସ ଥାଏ । କିନ୍ତୁ ଆମ ପ୍ରୀୟ ମୁନିବ ହଜ୍‌ରତ୍ ମହମ୍ମଦ ମୁସ୍ତଫା ସ:ଆ:ସଙ୍କ ସମ୍ପୁର୍ଣ୍ଣ ଅନୁସରଣ ଏପରି ଥିଲା କି ଆପଣ ଆ:ସ ଯାତ୍ରା ସମ୍ବନ୍ଧୀୟ ଜିନିଷପତ୍ର ସ୍ୱୟଂ ନିଜେ ପ୍ରସ୍ତୁତ କରୁଥିଲେ ଏବଂ ଘରଲୋକଙ୍କ ଅପେକ୍ଷା କରୁଥିଲେ ଏବଂ ପ୍ରଥମେ ତାଙ୍କୁ ଗାଡିରେ ଚଢ଼ାଉଥିଲେ ଏବଂ ପ୍ରତି କ୍ଷେତ୍ରରୁ ଧ୍ୟାନ ରଖୁଥିଲେ ।

ଏ ସମ୍ବନ୍ଧରେ ହଜ୍‌ରତ୍ ମୁଫ୍‌ତି ମହମ୍ମଦ ସାଦିକ୍ ସାହେବ ର:ଅ ନିଜ ରଚିତ ପୁସ୍ତକ "ଜିକ୍‌ରେ ହବିବ୍ ରେ ବର୍ଣ୍ଣନା କରିଛନ୍ତି କି: ଯେବେ ଯାତ୍ରା କରିବାର ଅବସର ମିଳେ ସେତବେଳେ ହଜରତ୍ ଆ:ସ ଙ୍କ ଏ ଶୈଳି ଥିଲା କି ନିଜେ ଯାଇ ହଜ୍‌ରତ୍ ଅମ୍ମାଜନ୍ ର:ଅ ଓ ଯେଉଁ ମହିଳାମାନେ ତାଙ୍କ ସହିତ ଥାନ୍ତି, ସେ ସମସ୍ତଙ୍କୁ ନେଇ ମହିଳାମାନଙ୍କ ନିମନ୍ତେ ଥିବା ରେଳ ଡବାରେ ବସାଇଦିଅନ୍ତି, ଏବଂ ଯେଉଁ ଷ୍ଟେସନରେ ଓହ୍ଲାଇବାକୁ ଥାଏ ସେଠି ମହିଳାଡ଼ବା ନିକଟରେ ପହଂଚି ନିଜ ତତ୍ୱବଧାନରେ ହଜ୍‌ରତ୍ ଅମ୍ମାଜାନ୍‌କୁ ଓହ୍ଲାଇଦିଅନ୍ତି ଏବଂ ଯାତ୍ରା ସମୟରେ ନିଜ ସଙ୍ଗେ ଥିବା ଖୁଦ୍ଦାମଙ୍କ ମାଧ୍ୟମରେ ହଜ୍‌ରତ୍ ଅମ୍ମାଜାନଙ୍କ ଅବସ୍ଥା ପଚାରି ବୁଝନ୍ତି । ଥରେ ଏକ ଯାତ୍ରା ସମୟରେ ଗୋଟିଏ ଅତ୍ୟନ୍ତ ଅଜବ ଘଟଣା ବିଷୟରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ ର:ଅ ଲେଖିଛନ୍ତି: ସେ ବର୍ଣ୍ଣନା କରୁଛନ୍ତି:

"ଏକଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯାତ୍ରା କରୁଥିଲେ ଯେତେବେଳେ ଷ୍ଟେସନରେ ପହଚିଂଲେ ସେତେବେଳେ ଗାଡ଼ି ଆସିବାକୁ କିଛି ବିଳମ୍ୱ ଥିଲା । ଆପଣ ଆ:ସ ଧର୍ମପତ୍ନୀ ସହିବା ର:ଅ (ଅର୍ଥାତ୍ ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍) ଙ୍କ ସହତ ଷ୍ଟେସନରେ ପଦଚାରଣ କରିବାକୁ ଲାଗିଲେ । ମୌଲବୀ ଅବଦୁଲ୍ କରିମ୍ ସାହବ ସିଆଲ୍‌କୋଟିଙ୍କ ସ୍ୱଭାବ ଲଜ୍ଜାଶୀଳ ଓ ଆବେଗପୂର୍ଣ୍ଣ ଥିଲା । ସେ ମୋ ନିକଟକୁ ଆସି କହିଲେ ଏଠାରେ ବହୁତ ଲୋକ ଅଛନ୍ତି ପୁଣି ବାହାରର ଲୋକେ ଏଣୁ ତେଣୁ ଘୁରୁଛନ୍ତି ତେଣୁ ଆପଣ ହଜ୍‌ରତ୍ ସାହେବ୍‌ଙ୍କୁ କହନ୍ତୁ ଯେ ସେ ତାଙ୍କ ପତ୍ନୀ ସାହିବାଙ୍କୁ ଅନ୍ୟ କେଉଁ ଅଲଗା ସ୍ଥାନରେ ବସାଇଦିଅନ୍ତୁ । ଏଥିରେ ମୌଲବୀ (ଅର୍ଥାତ୍ ହକିମ୍ ନୁରୁଦ୍ଦିନ) ସାହେବ୍ କହିଲେ କି ମୁଁ ତ କହିପାରିବି ନାହିଁ ଆପଣ କହି କରି ଦେଖନ୍ତୁ । ନିରୁପାୟ ହୋଇ ନିଜେ ଅବଦୁଲ୍ କରିମ୍ ସାହେବ ର:ଅ ସ୍ୱୟଂ ହଜ୍‌ରତ୍ ସାହେବଙ୍କ ନିକଟକ ଯାଇ କହିଲେ କି ହଜୁର୍ ଏଠାରେ ବହୁତ ଲୋକ ଅଛନ୍ତି ତେଣୁ ପତ୍ନୀ ସାହିବାଙ୍କୁ ଅଲଗା ଗୋଟିଏ ସ୍ଥାନରେ ବସାଇଦିଅନ୍ତୁ । ଏଥିରେ ହଜ୍‌ରତ୍ ସାହେବ୍ ଆ:ସ କହିଲେ ଯାଓ ମୁଁ ଏପରି ପର୍ଦ୍ଧାଉପରେ ବିଶ୍ୱାସ କରେ ନାହିଁ ।

ମୌଲବୀ ସାହବ୍ କହୁଥିଲେ କି ତା'ପରେ ମୌଲବୀ ଅବ୍‌ଦୁଲ୍‌କରିମ୍ ସାହେବ ର:ଅ ମୁଣ୍ଡକୁ ତଳକୁ କରି ମୋ ନିକଟକୁ ଆସିଲେ । ମୁଁ ତାଙ୍କୁ କହିଲି ମୌଲବୀ ସାହେବ ଉତର ମିଳିଗଲା"ତ

**(ସିରତୁଲ୍ ମେହେଦୀ ପ୍ରଥମ ଭାଗ ରିଓ୍ୱାୟତ୍ ୭୭, ପୃଷ୍ଠା-୫୫)**

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଦାଚିତ୍ ମିଜାଜ୍‌ର ଅପରିଚିତତା ମଧ୍ୟ ହୋଇଥାଏ । ସାଧାରଣତଃ ପୁରୁଷ ଏକଥା ଚାହିଁଥାଏ କି ତା ସ୍ତ୍ରୀ ତା ମିଜାଜ୍ ମୁତାବକ ଢ଼ଳିଯାଉ ଏବଂ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ମିଜାଜ୍‌କୁ ବଦଳାଇବା ପାଇଁ ଚାହିଁଥାଏ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ସ୍ୱଭାବକୁ ପରିବର୍ତନ କଲେ କି ଯଦିବ ଆପଣ ଆ:ସ ଙ୍କ ଅଭ୍ୟାସ ଅନ୍ଧାରରେ ଶୋଇବା ଥିଲା କିନ୍ତୁ ଆପଣ ଆ:ସ ନିଜ ସ୍ତ୍ରୀଙ୍କ ଖାତିର୍ ଆଲୋକରେ ଶୋଇବାକୁ ଅଭ୍ୟାସରେ ପକାଇଦେଲେ ।

ହଜ୍‌ରତ୍ ଅମ୍ମାଜାନ୍ ବର୍ଣ୍ଣନା କରିଛନ୍ତି: "ତାଙ୍କୁ ଆଲୋକରେ ଶୋଇବା ଅଭ୍ୟାସ ଥିଲା । ବିନା ଆଲୋକରେ ଶୋଇପାରନ୍ତି ନାହିଁ । ଅନ୍ୟପଟେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଅନ୍ଧାରେ ଶୋଇବାର ଅଭ୍ୟାସ ଥିଲା । ଅମ୍ମାଜାନ୍‌ଙ୍କ ଯୋଗୁଁ ହଜୁର୍ ଆ:ସ ଆଲୋକ ଜଳାଇ ରଖୁଥିଲେ । ଯେତେବେଳେ ହଜ୍‌ରତ୍ ଅମ୍ମାଜାନ୍ ଶୋଇପଡ଼ନ୍ତି ସେତେବେଳେ ଆଲୋକ ଲିଭାଇ ଦିଅନ୍ତି । ହଜ୍‌ରତ୍ ଅମ୍ମାଜନ୍ କହୁଛନ୍ତି ମୁଁ ଯେବେ କଡ଼ ଲେଉଟାଏ ଓ ଅନ୍ଧାର ହେବାର ଦେଖେ ସେତେବେଳେ ଆଲୋକ ଜଳାଇବା ପାଇଁ କୁହେ । ଏଥିରେ ହଜୁର୍ ଆ:ସ ଆଲୁଅ ଜାଳି ଦିଅନ୍ତି । ଶେଷରେ ହଜୁର୍ ଆ:ସଙ୍କୁ ଆଲୁଅରେ ଶୋଇବାର ଅଭ୍ୟାସ ପଡ଼ିଗଲା । ଏବଂ ଅମ୍ମାଜାନ୍‌ଙ୍କ ନିମନ୍ତେ ହଜ୍‌ରତ୍ ଆ:ସ ଘରସାରା ଆଲୁଅ କରିବାର ବ୍ୟବସ୍ଥା କରିଥିଲେ ।"

ଏ ସମ୍ବନ୍ଧରେ ଏକଦା ହଜ୍‌ରତ୍ ଅମ୍ମାଜାନ୍ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ସମ୍ବୋଧନ କରି କହିଲେ: "ହଜ୍‌ରତ୍ ସାହେବ୍ ସେ ସମୟ ମନେ ଅଛି ଯେବେ ଆପଣଙ୍କୁ ଆଲୁଅ ରେ ନିଦ ଆସୁନଥିଲା କିନ୍ତୁ ଏବେ ଯଦି ପ୍ରତ୍ୟେକ କୋଣରେ ଆଲୋକ ନ ହୁଏ ଆପଣଙ୍କୁ ନିଦ ଆସୁନାହିଁ ।"

**(ସିରତ୍ ସୟଦାଃ ନୁସ୍‌ରତ୍‌ଯାହାଁ ବେଗମ୍ ର:ଅ ପୃଷ୍ଠା-୪୧୦)**

ପ୍ରୀୟ ଶ୍ରୋତାଗଣ ! ଇସ୍‌ଲାମୀୟ ସମାଜକୁ ସୁନ୍ଦର ରୂପେ ଗଢ଼ିତୋଳିବା ପାଇଁ ଏବଂ ଘରକୁ ବୈକୁଣ୍ଠ ସମାନ କରିବା ନିମନ୍ତେ ପୁରୁଷ ଓ ମହିଳାଙ୍କ ଉପରେ ସମାନ ଗୁରୁ ଦାୟିତ୍ୱ ରହିଛି । ଛୋଟ ଛୋଟ କଥାରେ ମନ ଭିତରେ ମଳିନତା ସୃଷ୍ଟି କରିବ । ମାମୁଲି ମାମୁଲି କଥାକୁ ବଢ଼ାଇ ଚଢ଼ାଇ ଘରର ପରିବେଶକୁ ଅସ୍ୱଚ୍ଛ କରିଦେବା ହେଉଛି ନିପଟ ମୂର୍ଖତା । ବିବାହ ତ ଏକ ପବିତ୍ର ବନ୍ଧନ ଯାହାକୁ ପ୍ରେମ, ସ୍ନେହ ଏବଂ ଆପୋଷ ଶାନ୍ତି ଓ ସାନ୍ତ୍ୱନା ନିମନ୍ତେ ପ୍ରତିଷ୍ଠା କରାଯାଇଥାଏ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଉପଦେଶ ଧ୍ୟାନ ଯୋଗ୍ୟ ଅଟେ । ଆପଣ ଆ:ସ କହୁଛନ୍ତି: "ମୋ ନିକଟରେ ଏହି ବୈଭବ ହେଉଛି ଅଧିକାଂଶ ବୈଭବର ମୂଳ ସିଦ୍ଧାନ୍ତ ଏବଂ ଯେହେତୁ ମୋମିନ୍ ଉଚ୍ଚ ସ୍ତରର ଚରିତ୍ରବାନ ହେବାକୁ ଚାହୁଁଥାଏ ବଂର ତାହା ପାଇବାକୁ ବହୁତ ଆକାଂକ୍ଷା ରଖିଥାଏ । ତେଣୁ ମୋ ରାୟ ଏହାକି ସେହି ଘର ବୈକୁଣ୍ଠ ସଦୃଶ ଏବଂ ବର୍‌କତ୍‌ରେ ପରିପୂର୍ଣ୍ଣ ହୋଇଥାଏ, ଯେଉଁ ଘରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରେମ, ନିଷ୍ଠା ଓ ବୁଝାମଣା ଥାଏ ।"

**(ମକ୍‌ତୁବାତ୍ ଅହେମଦ୍, ଖଣ୍ଡ- ୨- ମକ୍‌ତୁବ୍ ୩୭ ପୃଷ୍ଠା-୫୦)**

ସମ୍ମାନୀୟ ଶ୍ରୋତାଗଣ" ହଜ୍‌ରତ୍ ଅକଦସ୍ ମସିହ ମଉଦ୍ ଆ:ସ ନିଜ ଏଲ୍‌ହାମ୍ (ସ୍ୱର୍ଗବାଣୀ) ଖୁଜୁର୍ ରିଫ୍‌କା ଖୁଜୁର୍ ରିଫ୍‌କା ଫଂଇନ୍ନର୍ ରିଫ୍‌କା ରାସୁଲ୍ ଖୈରାତ୍ ।

ଅଥାତ୍- ନମ୍ର ଆଚରଣ କର ନମ୍ର ଆଚରଣ କରେ ସମସ୍ତ ପୁଣ୍ୟର ଆଧାର ହେଉଛି ନମ୍ରତା । କହୁଛନ୍ତି: ଏହି ଏଲ୍‌ହାମ୍‌ରେ ପୁରା ଜମାତ୍ ପାଇଁ ଶିକ୍ଷା ରହିଛି କି ନିଜ ପତ୍ନୀମାନଙ୍କ ସହିତ ନରମ ବ୍ୟବହାର କର । ସେମାନେ ତାଙ୍କର ଦାସୀ ନୁହନ୍ତି । ବାସ୍ତବରେ ନିକାହ

ହେଉଛି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଏକ ଆପୋଷ ବନ୍ଧନ । ତେଣୁ ନିଜ ବନ୍ଧନ ସହିତ ବିଶ୍ୱାସଘାତକତା କରିବା ପାଇଁ ଚେଷ୍ଟା କରନାହିଁ । ଅଲ୍ଲାଃତାଲା ତାଙ୍କ କୋରାନ୍‌ରେ କହୁଛନ୍ତି ***ଆଶିରୁହୁନ୍ନା ବିଲ୍ ମାରୁଫ*** ଅର୍ଥାତ୍ ନିଜ ସ୍ତ୍ରୀମାନଙ୍କ ସହିତ ପୂଣ୍ୟ ବ୍ୟବହାର କରି ଜୀବନ ଅତିବାହିତ କର । ଏବଂ ହଦିସ୍‌ରେ ରହିଛି କି ଖୈରୁକୁମ୍ ଖୈରୁକୁମ୍ ଲି ଅହ୍‌ଲିହି ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ସେ ହେଉଛି ଉତମ ପୁରୁଷ ଯିଏ ନିଜ ସ୍ତ୍ରୀ ସହିତ ଉତମ ବ୍ୟବହାର କରିଥାଏ । ସୁତଂରା ଆଧ୍ୟାତ୍ମିକଓ ଶାରିରୀକ (ପ୍ରତ୍ୟେକ ଅବସ୍ଥାରେ) ନିଜ ସ୍ତ୍ରୀ ମାନଙ୍କ ସହିତ ପୂଣ୍ୟ କର । ସେମାନଙ୍କ ପାଇଁ ଦୁଆ କରୁଥାଅ ଏବଂ ତଲାକ୍ ଠାରୁ ଦୂରେଇ ରୁହ । କାରଣ ସେ ବ୍ୟକ୍ତି ଖୁଦାଙ୍କ ନିକଟରେ ହେଉଛି ଅତ୍ୟନ୍ତ ଖରାପ ଯିଏ ତଲାକ୍ ଦେବାରେ ଶିଘ୍ର କରିଥାଏ । ଯାହାକୁ ଖୁଦା ଯୋଡ଼ିଥାଏ ତା'କୁ ଖରାପ ପାତ୍ର ସଦୃଶ ଭାଙ୍ଗିଦିଅ ନାହିଁ ।

**(ଜମିମା ତୋହଫା ଗୋଲଡଓ୍ୱିୟା, ରୁହାନି ଖଜାଏନ୍ ଖଣ୍ଡ-୧୭ ପୃଷ୍ଠା-୭୫ ହାଶିୟାଃ-ତଜ୍‌କରାଃ- ପୃ-୩୯୬-୩୯୮)**

ପୁଣି କହୁଛନ୍ତି: "ସେହିପରି ମହିଳା ଓ ପିଲାମାନଙ୍କ ସହିତ ସୁସର୍ମ୍ପକ ଓ ସୁବ୍ୟବହାର କରିବାରେ ଲୋକମାନେ ଭୂଲ କରୂଛନ୍ତି ଓ ସଠିକ୍ ମାର୍ଗରୁ ଅପସରି ଯାଉଛନ୍ତି ।" ସିଧା ରାସ୍ତାରୁ ବିଚ୍ୟୁତ ହୋଇଯାଇଛନ୍ତି । "ପବିତ୍ର କୋରାନରେ ଉଲ୍ଲେଖ ହେଇଛି କି ***ଆଶିରୁହୁନ୍ନା ବିଲ୍‌ମାରୂଫି*** କିନ୍ତୁ ଏବେ ତା'ର ଓଲଟା କାର୍ଯ୍ୟ କରାଯାଉଛି ।" କହୁଛନ୍ତି କି "ଏ ବାବଦରେ ଦୁଇ ପ୍ରକାର ଲୋକ ମିଳିଥାନ୍ତି । ଗୋଟିଏ ଦଳ ଏପରି ଅଛନ୍ତି, ଯେଉଁମାନେ ମହିଳାମାନଙ୍କୁ ବିଲ୍‌କୁଲ୍ ***ଖଲିଉର୍ ରସନ*** ଅର୍ଥାତ ନିଲଜ୍ଜ କାର୍ଯ୍ୟ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଦେଇଛନ୍ତି" ଦୀନ୍ ଅର୍ଥାତ ଧର୍ମର ପ୍ରଭାବ ତାଙ୍କ ଉପରେ କିଛି ନାହିଁ । ଏବଂ ସେମାନେ ଖୋଲା ଖୋଲି ରୂପେ ଇସ୍‌ଲାମର ବିରୋଧ କାର୍ଯ୍ୟ କରୁଛନ୍ତି ଓ ତାଙ୍କୁ କେହି ପଚାରୁନାହାନ୍ତି । ଆଉ କିଛି ଲୋକ ଏପରି ଅଛନ୍ତି ସେମାନେ ***ଖଲିଉର୍ ରସନ୍*** ତ କରିନାହାନ୍ତି କିନ୍ତୁ ତା ମୁକାବିଲାରେ ମହିଳାମାନଙ୍କ ସହିତ ଏତେ ମାତ୍ରାରେ କଠୋରତା ଅବଲମ୍ୱନ କରିଛିନ୍ତି କି ସେମାନଙ୍କ ମଧ୍ୟରେ ଓ ପଶୁମାନଙ୍କ ମଧ୍ୟରେ କୌଣସି ଫରକ କରାଯାଇ ପାରିବ ନାହିଁ । କ୍ରୀତଦାସ ଓ ପଶୁଠାରୁ ମଧ୍ୟ ଅଧିକା ଖରାପ ବ୍ୟବହାର ସେମାନଙ୍କ ସହିତ କରାଯାଇଛି । ଏପରି କୃରତାର ସହ ମାରପିଟ୍ କରୁଛନ୍ତି କି ତାଙ୍କୁ ଜଣାପଡୁନାହିଁ ଯେ ସାମ୍‌ନାରେ ଗୋଟିଏ ଜୀବନ ଅଛି ବୋଲି । ସୁଂତରା ବହୁତ ଖରାପ ବ୍ୟବହାର କରାଯାଉଛି । ଏଠି ପଞ୍ଜାବରେ ଏ କଥା ପ୍ରଶିଦ୍ଧ ଅଛିକି ମହିଳା ମାନଙ୍କୁ ପାଦର ଜୋତା ସଦୃଶ ଉପମା ଦିଆଯାଇଥାଏ କି ଗୋଟିଏ ହଳ ବାହାର କରି ଆଉ ଗୋଟିଏ ହଳ ପିନ୍ଧାଯାଏ । ଏହା ବହୁତ ବିପଦପୂର୍ଣ୍ଣ କଥା ଏବଂ ଇସ୍‌ଲାମିୟ କର୍ମକାଣ୍ଡର ବିରୋଧ ଅଟେ । ରସୁଲୁଲ୍ଲାଃ ସ:ଆ:ସ ସମସ୍ତ କଥା (ଓ କାର୍ଯ୍ୟ) ର ପୁର୍ଣ୍ଣ ଆଦର୍ଶ ଅଟନ୍ତି । ଆପଣ ଆ:ସଙ୍କ ଜୀବନ ଚରିତ ଦେଖନ୍ତ କି ଆପଣ ସ:ଆ:ସ ପତ୍ନୀ ମାନଙ୍କ ସହିତ କିପରି ସୁବ୍ୟବହାର କରୁଥିଲେ । ମୋ ମତରେ ଏପରି ବ୍ୟକ୍ତି ହେଉଛି କାପୁରୁଷ ଓ ନଂପୁଷକ ଯିଏ ମହିଳାମାନଙ୍କ ବିରୋଧରେ ଛିଡ଼ା ହୁଏ ।"

**(ମଲ୍‌ଫୁଜାତ୍-ଖଣ୍ଡ-୨-ପୃ-୩୯୬, ଅଲ୍‌ହକମ୍ ୧୦ ଏପ୍ରିଲ୍ ୧୯୦୩)**

ପୁଣି ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି କି: ପତ୍ନୀମାନଙ୍କ ସହିତ ସ୍ୱାମୀମାନଙ୍କର ଏପରି ସର୍ମ୍ପକ ହେବା ଉଚିତ୍ ଯେମିତି ଦୁଇଜଣ ସଚା ଓ ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମଧୁର ସର୍ମ୍ପକ ରହିଥାଏ । ମଣିଷର ଉତମ ଚରିତ୍ର ଓ ଇଶ୍ୱରଙ୍କ ସହିତ ସର୍ମ୍ପକ ଯୋଡ଼ିବା ସମ୍ୱନ୍ଧରେ ଏହି ମହିଳାମାନେ ହିଁ ପ୍ରଥମ ସାକ୍ଷୀ ଦେଇଥାନ୍ତି । ଯଦି ସେମାନଙ୍କ ସହିତ ତା'ର ସୁସର୍ମ୍ପକ ନାହିଁ ତେବେ ପୁଣି କିପରି ଅଲ୍ଲାଃତାଲାଙ୍କ ସହିତ ସୁଲାହ୍ ସମ୍ଭବ ହେବ । ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି: ***ଖୈରୁକୁମ୍ ଖୈରୁକୁମ୍ ଲିଅହ୍‌ଲିହି*** ଅର୍ଥାତ- ତୁମମାନଙ୍କ ମଧ୍ୟରେ ସେ ହେଉଛି ଉତମ ବ୍ୟକ୍ତି ଯିଏ ନିଜ ସ୍ତ୍ରୀଙ୍କ ସହିତ ଉତମ ବ୍ୟବହାର କରିଥାଏ" ।

**(ମଲ୍‌ଫୁଜାତ୍ ତୃତୀୟ ଖଣ୍ଡ, ପୃ-୩୦୦-୩୦୧, ବଦର୍ ୨୨ ମଇ ୧୯୦୩, ଅଲ୍‌ହକମ୍ ୧୭ ମଇ ୧୯୦୩)**

ପ୍ରୀୟ ଶ୍ରୋତାଗଣ ! ପାରିବାରିକ ଜୀବନକୁ ଶାନ୍ତିପୂର୍ଣ୍ଣ ଜୀବନରୂପେ ଗଢ଼ି ତୋଳିବାକୁ ଆଉ ଗୋଟିଏ ମଧ୍ୟ ପାର୍ଶ୍ୱ ରହିଛି, ତାହା ହେଉଛି ***ତର୍‌ବିୟତେ ଅଓଲାଦ୍*** ଅର୍ଥାତ୍ ସନ୍ତାନମାନଙ୍କର ସଂସ୍କାର । ଯଦି ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଓ ବୁଝାମଣା ଥିବ ଏବଂ ଜଣେ ଅନ୍ୟଜଣଙ୍କୁ ସହୃଦୟତାର ସହ ସମ୍ମାନ କରୁଥିବ ତେବେ ନିଶ୍ଚିତ ରୂପେ ସନ୍ତାନ ମାନଙ୍କ ଉପରେ ଏହାର ସୁପ୍ରଭାବ ପଡ଼ିଥାଏ । ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି "***ଅକ୍‌ରିମୁ ଅଓଲାଦୁକୁମ୍ ଓ୍ୱ ଅହ୍‌ସିନୁ ଅଦବହୁମ୍*** ଅର୍ଥାତ- ନିଜ ସନ୍ତାନମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସଂସ୍କାର ଶିଖାଓ ।"

ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି: "ନିଜେ ପୁଣ୍ୟବାନ ହୁଅ ଓ ନିଜର ସନ୍ତାନମାନଙ୍କ ନିମନ୍ତେ ଉତମ ପୁଣ୍ୟବାନ୍ ଓ ତକ୍‌ଓ୍ୱା (ନିଷ୍ଠାବାନ) ର ଉଦାହରଣ ପାଲଟି ଯାଅ । ସେମାନଙ୍କୁ ନିଷ୍ଠାବାନ୍ ଓ ହୃଦୟବାନ ରୂପେ ଗଢ଼ି ତୋଳିବା ପାଇଁ ଚେଷ୍ଟା ଓ ପ୍ରାର୍ଥନା କର । ଧନ ସମ୍ପତି ଠୁଳ କରିବା ପାଇଁ ଯେଉଁ ପ୍ରକାର ଚେଷ୍ଟା କରୁଛ ସେହି ପ୍ରକାରର ଚେଷ୍ଟା ଏଥିପ୍ରତି କର । ଏପରି କାର୍ଯ୍ୟ କର ଯାହା ସନ୍ତାନମାନଙ୍କ ନିମନ୍ତେ ଉତମ ନମୁନା ଓ ଶିକ୍ଷା ହେବ । ଏ କାର୍ଯ୍ୟ କରିବାକୁ ହେଲେ ସର୍ବପ୍ରଥମେ ନିଜେ ନିଜର ସଂସ୍କାର କର । ଯଦି ତୁମେ ଉତମ ସ୍ତରର ମୁତ୍‌ତକି ଅର୍ଥାତ୍ ସତ୍ୟନିଷ୍ଠ ଏବଂ ସଦାଚାରୀ ହୋଇଯିବ ଏବଂ ଇଶ୍ୱରଙ୍କୁ ପ୍ରସନ୍ନ କରିଦେବ ତେବେ ଏ ବିଶ୍ୱାସ କରାଯିବ କି ତୁମ ସନ୍ତାନମାନଙ୍କ ସହିତ ମଧ୍ୟ ଅଲ୍ଲାଃତାଲା ଉତମ ବ୍ୟବହାର କରିବେ ।"

**(ମଲ୍‌ଫୁଜାତ୍ ଖଣ୍ଡ-୮ ଏଡ଼ିଶନ୍ ୧୯୮୫, ମୁଦ୍ରଣ ଇଂଗିଲ୍‌ସ୍ଥାନ. ପୃ-୧୦୯-୧୧୦)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନ ଚରିତର ଏହି ସୁନ୍ଦର ପାର୍ଶ୍ୱଟି ଏପରି ଥିଲା କି ଆପଣ ସନ୍ତାନମାନଙ୍କ ମଧ୍ୟରେ ସର୍ବଦା ସଚାଇ (ସତ୍ୟତା) ଏବଂ ଧର୍ମପରାୟଣତା ସୃଷ୍ଟି କରାଉଥିଲେ । ଏବଂ ସେମାନଙ୍କୁ ସଂସ୍କାର କରିବା ପାଇଁ କଠୋର ବ୍ୟବହାର କରିବା ପରିବେର୍ତ୍ତ ଦୁଆ ଅର୍ଥାତ ପ୍ରାର୍ଥନା ଓ କାର୍ଯ୍ୟନମୁନାକୁ ଜରୁରୀ ମଣୁଥିଲେ । ସୁତରାଂ ଗୋଟିଏ ଛୋଟିଆ ପାରିବାରିକ ଘଟଣା ଏ କଥା ଉପରେ ଖୁବ୍ ଆଲୋକପାତ କରୁଛି । ହଜ୍‌ରତ୍ ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ୍ କପୁରଥଲ୍‌ଓ୍ୱି ର:ଅ ବର୍ଣ୍ଣନା କରୁଛନ୍ତି କି ଏକଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବିଛଣାରେ ବିଶ୍ରାମ ନେଉଥିବା ଅବସ୍ଥାରେ ସୟଦ୍ ଅହ୍‌ମଦ୍ ଶାହ୍ ସାହେବ ହଜୁର୍‌ଙ୍କ ଗୋଡ଼ ଚିପି ଦେଉଥିଲେ । ଏବଂ ହଜ୍‌ରତ୍ ସାହେବ ଟିକିଏ ନିଦରେ ଶୋଇପଡ଼ିଲେ । ଫଜଲ୍ ଅହେମଦ୍ ଶାହ୍ ସାହେବ୍ ମତେ ଇସାରା କରି କହିଲେ କି (ହଜୁରଙ୍କ) ପକେଟରେ କିଛି କଠିନ ବସ୍ତୁ ରହିଛି । ମୁଁ ହାତ ପୁରାଇ ବାହାର କରିଦେଲି ଏଥିରେ ହଜୁର ଆ:ସଙ୍କ ଆଖି ଖୋଲିଗଲା କିଛି ଭଙ୍ଗା ଖପରା ଓ ଦୁଇଖଣ୍ଡ ଭଙ୍ଗା ହାଣ୍ଡିର ବଲକାଂଶ ଥିଲା । ମୁଁ ତାହା ଫିଙ୍ଗିବାକୁ ବାହାରିଲି, (ଏହା ଦେଖି) ହଜୁର ଆ:ସ କହିଲେ ।

"ଏହା ଖେଳିବା ସମୟରେ ମିଆଁ ମହ୍‌ମୁଦ୍ ମୋ ପକେଟରେ ରଖିଦେଇଛି । ଆପଣ ଏହା ଫିଙ୍ଗନ୍ତୁ ନାହିଁ । ମୋ ପକେଟରେ ରଖିଦିଅନ୍ତୁ । କାରଣ ସେ ଆମକୁ ନିଜର ଅମିନ (ବିଶ୍ୱସନୀୟ) ରୂପେ ଭାବି ନିଜ ଖେଳିବାର ବସ୍ତୁ ରଖିଦେଇଛି । ସେ ଯେତେବେଳେ ମାଗିବେ ସେତେବେଳେ ଆମେ କେଉଁଠାରୁ ଆଣି ଦେବୁ ।"

ପୁଣି ତାହା ସବୁ ପକେଟ୍‌ରେ ରଖିଦିଆଗଲା । ଏହି ଛୋଟିଆ ଓ ମାମୁଲି ଘଟଣା ଏକଥା ଦର୍ଶାଉଛି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ କାର୍ଯ୍ୟନମୁନା ଦ୍ୱାରା ନିଜ ପିଲାମାନଙ୍କ ମଧ୍ୟରେ ପିଲାଦିନୁ ହିଁ ସତ୍ୟତା, ସଦାଚାରୀ ଏବଂ ଦିୟାନତ୍‌ଦାରୀ (ବିଶ୍ୱସନୀୟ) ସୃଷ୍ଟିକରିବା ନିମନ୍ତେ କେତେ ଇଚ୍ଛୁକ ଥିଲେ ।

ସେହିପରି ଆପଣ ଆ:ସ ଙ୍କ ଜୀବନର ଏକ ଅଭିନବ ସୁନ୍ଦର ପାର୍ଶ୍ୱ ଏହା ମଧ୍ୟଥିଲା କି ଆପଣ ଆ:ସ ଙ୍କ ଭିଷଣ କାର୍ଯ୍ୟ ବ୍ୟସ୍ତତା ସମୟରେ ଆପଣଙ୍କ ପିଲାମାନଙ୍କ ଦ୍ୱାରା ବାରମ୍ୱାର ନିରବତା ଭଙ୍ଗ ହେଉଥିବା ସତ୍ୱେ ମଧ୍ୟ ଆପଣ ଆ:ସ କେବେ ବ୍ୟତିବସ୍ତ ହୁଅନ୍ତି ନାହିଁ ।

ହଜ୍‌ରତ୍ ଡ଼ାକ୍ତର ମିର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର:ଅ ବର୍ଣ୍ଣନା କରୁଛନ୍ତି କି ମିଆଁ ବଶିର୍ ଅହ୍‌ମଦ୍ ସାହେବ୍ ଯେତେବେଳେ ଛୋଟପିଲା ଥିଲେ ତାଙ୍କୁ ଏକଦା ଗୁଡ଼ ଖାଇବାର ଅଭ୍ୟାସ ପଡ଼ିଯାଇଥିଲା । ସେ ସର୍ବଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ପହଚିଂ ହାତ ବଢ଼ାଇ କହୁଥିଲେ ***"ଅବ୍‌ବା ଚିଟି'*** (ଅବା ମିଠା ଦିଅ) । ହଜ୍‌ରତ୍ ସାହେବ ସେ ସମୟରେ ଲେଖାଲେଖି କାର୍ଯ୍ୟରେ ବ୍ୟସ୍ତଥିବା ସତ୍ୱେ ମଧ୍ୟ କାମଛାଡ଼ି ତତ୍‌କ୍ଷଣାତ୍ ଉଠନ୍ତି, କୋଠରୀ ଭିତରକୁ ଯାଆନ୍ତି, ପୁଣି ଗୁଡ଼ ବାହାର କରିଦିଅନ୍ତି । ପୁଣି ଲେଖାଲେଖି କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ଅଳ୍ପ ସମୟ ପାଇଁ ମିଆଁ (ବଶିର) ସାହେବ୍ ହାତ ବଢ଼ାଇ ପହଂଚି ଯାଇ କୁହନ୍ତି "ଅବା ଚିଟି" ଏହାର ଅର୍ଥ ଧଳା ରଙ୍ଗର ଗୁଡ଼ ଦରକାର । ପୁଣି ହଜ୍‌ରତ୍ ସାହେବ୍ ଉଠନ୍ତି ତାଙ୍କୁ ଗୁଡ଼ ଦିଅନ୍ତି । ସୁତରଂା ଏହିପରି ସେ ସମୟରେ ପ୍ରତ୍ୟେକ ଦିନ କେତେଥର ଏହି ହେରାଫେରି ଚାଲେ । କିନ୍ତୁ ହଜ୍‌ରତ୍ ସାହେବ ଧ୍ୟାନର ସହିତ ଲେଖିବା କାର୍ଯ୍ୟରେ ବ୍ୟସ୍ତ ଥିଲେ ମଧ୍ୟ କିଛି କହନ୍ତି ନାହିଁ । ବରଂ ପ୍ରତ୍ୟେକଥର ତାଙ୍କ ପାଇଁ (ଅର୍ଥାତ୍ ମିଆଁ ବଶିର୍‌ଙ୍କ ପାଇଁ) ଉଠନ୍ତି ।

**(ସିରତୁଲ୍ ମେହଦୀ ପୃ-୮୨୩-୮୨୪)**

ହଜ୍‌ରତ୍ ମସିହ ମଉଦ୍ ଆ:ସ ପିଲାମାନଙ୍କୁ ଶାରିରିକ ଦଣ୍ଡ ଦେବାରେ ଭୀଷଣ ବିରୋଧି ଥିଲେ । ଆପଣ ଆ:ସ ଙ୍କ କହିବାର ଥିଲା କି ପୁଣ୍ୟ ନମୁନା ଓ ସ୍ନେହର ସହିତ ତର୍‌ବିୟତ୍ କରିବା ଉଚିତ୍ ।

ଏ ସମ୍ୱନ୍ଧରେ କମ୍‌ରୁଲ୍ ଅମ୍ବିୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍

ର:ଅ ବର୍ଣ୍ଣନା କରୁଛନ୍ତି କି ମୌଲବୀ ଶେର୍ ଅଲୀ ସାହେବ ର:ଅ ମତେ ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପିଲାମାନଙ୍କୁ ଶାରିରୀକ ଦଣ୍ଡ ଦେବାକୁ ଭିଷଣ ବିରୋଧ କରୁଥିଲେ । ଯେଉଁ ଶିକ୍ଷକଙ୍କ ସମ୍ବନ୍ଧରେ ଆପଣଙ୍କୁ ଏ ଖବର ପହଂଚୁ ଥିଲା କି ସେ ପିଲାମାନଙ୍କୁ ମାରୁଛନ୍ତି ବୋଲି, ଏଥିରେ ଆପଣ ଆ:ସ ବହୁତ ନାରାଜ୍ ହୋଇ କହୁଥିଲେ "ଜ୍ଞାନୀ ଓ ବୁଦ୍ଧିମାନ ଶିକ୍ଷକ ଯେଉଁ କାମକୁ ବୁଦ୍ଧିମତାର ସହିତ ସମ୍ପାଦନ କରିଥାନ୍ତି, ସେହି କାର୍ଯ୍ୟକୁ ଅଯୋଗ୍ୟ ଓ ଜାହିଲ୍ ଶିକ୍ଷକ ମାଡ଼ମାରି ନେବାକୁ ଚାହିଁଥାଏ ।" ଏକଦା ମଦର୍ସାରେ ଜଣେ ଶିକ୍ଷକ ଗୋଟିଏ ପିଲାକୁ କିଛି ଦଣ୍ଡ ଦେଲେ । ଏଥିରେ ଆପଣ ଆ:ସ କଠୋର ଶବ୍ଦରେ କହିଲେ କି "ପୁଣି ଏପରି (ଯଦି) ହେବ ତେବେ ଆମେ ସେହି ଶିକ୍ଷକଙ୍କୁ ମଦର୍ସାରୁ ବାହାର କରିଦେବୁ ।

**(ସିରତୁଲ୍ ମେହେଦି, ଭାଗ-୨ ପୃ-୩୯୮)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଅବସରରେ ଏହା ମଧ୍ୟ କହିଛନ୍ତି କି: "ମୋ ନିକଟରେ ପିଲାମାନଙ୍କୁ ଏପରି ମାରିବା ଶିର୍କ ରେ ସାମିଲ୍ ଅଟେ ।" (ବେଳେବେଳେ କିଛି ବାପାମାନେ ଦଣ୍ଡ ଦେବାକୁ ବହୁତ ଆଗ୍ରହ ଦେଖାଇଥାନ୍ତି) । ଅର୍ଥାତ୍ ଖରାପ ସ୍ୱଭାବ ରଖିଥିବା ମାରିବାବାଲା ବ୍ୟକ୍ତି ହିଦାୟତ ଏବଂ ରବୁବିୟତ ରେ (ଅର୍ଥାତ ଉଚିତ ଶିକ୍ଷା ଓ ସଂସ୍କାରୀ କରିବାରେ) ନିଜକୁ ଇଶ୍ୱରଙ୍କ ଭାଗିଦାରୀ ବଂଚାଇବାକୁ ଚାହିଁଥାଏ । "ଜଣେ ଉନ୍ମାଦପୂର୍ଣ୍ଣ ବ୍ୟକ୍ତି ଯେବେ କୌଣସି କାରଣରୁ ଦଣ୍ଡଦିଏ, ସେ କ୍ରୋଧରେ ବଢ଼ି ବଢ଼ି ଶତ୍ରୁ ସଦୃଶ ହୋଇଯାଏ ଫଳତଃ ଅପରାଧର ସୀମା ଲଙ୍ଘନ କରି ଦଣ୍ଡଦେବାରେ ବହୁତ ଆଗକୁ ଚାଲିଯାଏ । ଯଦି କୌଣସି ବ୍ୟକ୍ତି ସ୍ୱାଭିମାନୀ ଓ ନିଜ ମନକୁ ଆୟତରେ ରଖୁଥିବ ଏବଂ ସମ୍ପୁର୍ଣ୍ଣରୂପେ ଧୈର୍ଯ୍ୟ, ସହନଶୀଳତା, ଶାନ୍ତ ଓ ପ୍ରତିଷ୍ଠାବାନ ଥିବ ତେବେ ତା'ର ହକ୍ ଅଛି" । (ଅର୍ଥାତ୍ ଯଦି ସେ ସୀମା ଟପୁନଥିବ ଓ କ୍ରୋଧିତ ହେଉନଥିବ ବରଂ ଇସ୍‌ଲାହ ଅର୍ଥାତ ସୁଧାରିବା ନିମନ୍ତେ ଦଣ୍ଡ ଦେଉଥିବ ତେବେ ସେ ଏ କଥା କରିବାକୁ ହକ୍‌ଦାର) "ଅର୍ଥାତ ବେଳେବେଳେ ଉଚିତ ଶୈଳିରେ ଗୋଟିଏ ସିମା ମଧ୍ୟରେ ଦଣ୍ଡ ଦେଉ ବା ଆଖି ଦେଖାଉ" । (ବା ତାକୁ କ୍ଷମା କରିଦେଉ) କିନ୍ତୁ କ୍ରୋଧରେ ଜର୍ଜରିତ ହୋଇ ଗାଳିଗୁଲଜ ଦେଇ ଓ ବୁଦ୍ଧି ହଜାଇ ଦେଇ କଦାପି ଦଣ୍ଡ ଦେବା ଶୋଭନିୟ ନୁହେଁ କି ସେ ଏଭଳି ପିଲାମାନଙ୍କୁ ତର୍‌ବିୟତ୍ କରିବାର ଦାୟିତ୍ୱ ନେବ ।

ପୁଣି କହୁଛନ୍ତି କି "ଯେଉଁପରି ଓ ଯେତେମାତ୍ରାରେ ଦଣ୍ଡଦେବା ପାଇଁ ଚେଷ୍ଟା କରାଯାଇଛି କାଳେ ସେମାନେ ଦୁଆ (ଅର୍ଥାତ୍ ପ୍ରାର୍ଥନା) କରନ୍ତେ ଏବଂ ପିଲାମାନଙ୍କ ନିମନ୍ତେ ଦରଦ ରଖି ହୃଦୟ ଦୁଆ କରିବାକୁ ଏକ ଅଭ୍ୟାସରେ ପକାଇ ଦିଅନ୍ତେ । ଏହା ଏଥିପାଇଁ କି ମା ବାପାଙ୍କର ପିଲାମାନଙ୍କ ନିମନ୍ତେ କରାଯାଇଥିବା ଦୁଆକୁ ଏକ ବିଶେଷ ଗ୍ରହଣୀୟତା ପ୍ରଦାନ କରାଯାଇଛି" । (ଅର୍ଥାତ୍ ଦୁଆ ଗୃହୀତ ଗ୍ରହଣୀୟ ହୋଇଥାଏ) ।

**(ମଲ୍‌ଫୁଜାତ୍ ଖଣ୍ଡ-୧ ପୃ-୩୦୮,୩୦୯, ଅଲ୍‌ହକମ୍ ୧୭ ଜାନୁୟାରୀ ୧୯୦୦)**

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନ ଚରିତରେ ଏହା ଏକ ସୁନ୍ଦର ପାର୍ଶ୍ୱ ଥିଲା କି ଆପଣ ଆ:ସ ସାଧାରଣ କ୍ଷତି ହୋଇଯିବାରେ ପିଲାମାନଙ୍କୁ ଦଣ୍ଡ ଦେଉନଥିଲେ ବରଂ କ୍ଷମା ଆଚରଣ କରୁଥିଲେ ।

ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ଅଲ୍‌ହକମ୍‌ରେ ଲେଖିଛନ୍ତି କି: "ମେହ୍‌ମୁଦ୍ (ଅର୍ଥାତ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ) ଚାରି ବର୍ଷର ବାଳକ ଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସବୁଦିନ ପରି ଘର ଭିତରେ ବସି ଲେଖାଲେଖି କରୁଥିଲେ । ମିଆଁ ମେହ୍‌ମୁଦ୍ ଦିଆସିଲି ନେଇ ସେଠାରେ ପହଁଚିଲେ ଓ ତାଙ୍କ ସହିତ ପିଲାମାନଙ୍କର ଏକ ଦଳଥିଲା । ପ୍ରଥମେ ତ କିଛି ସମୟ ପର୍ଯ୍ୟନ୍ତ ଅପୋଷରେ ଖେଳୁଥିଲେ ଝଗଡ଼ା କରୁଥିଲେ ପୁଣି ମନରେ କ'ଣ ଆସିଲା ଯେ ସେହି ସମସ୍ତ ପାଣ୍ଡୁଲିପିରେ ସେ ନିଆଁ ଲଗାଇଦେଲେ ଏବଂ ଖୁସିରେ ତାଳି ମାରିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଲେଖିବାରେ ବ୍ୟସ୍ତ, ମୁଣ୍ଡ ଉଠାଇ ଦେଖୁନାହାନ୍ତି କି କ'ଣ ହେଉଛି । ଏତିକି ବେଳେ ନିଆଁ ଲିଭିଗଲା ଏବଂ ମୂଲ୍ୟବାନ ପାଣ୍ଡୁଲିପି ଜଳି ପାଉଁଶ ହୋଇଗଲା ପୁଣି ପିଲାମାନେ ଆଉ କୌଣସି ଖେଳକୁଦରେ ଲାଗିପଡ଼ିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କୌଣସି ପୂର୍ବବର୍ତୀ ଶବ୍ଦକୁ ମେଳ କରିବା ପାଇଁ ପୂର୍ବରୁ ଲେଖାସରିଥିବା କାଗଜର ଆବଶ୍ୟକ ପଡ଼ିଲା । ଜଣକୁ ପଚାରୁଛନ୍ତି, ସେ ଚୁପ୍ । ଆଉ ଜଣେ (ପିଲା)କୁ ପଚାରୁଛନ୍ତି ସେ ନୀରବ । ପରିଶେଷରେ ଗୋଟିଏ ପିଲା କହିଦେଲା ଯେ ମିଆଁ ସାହେବ୍ (ଅର୍ଥାତ ମିଆଁ ମେହ୍‌ମୁଦ୍) କାଗଜଗୁଡ଼ିକ ଜାଳି ଦେଇଛନ୍ତି । ଘରର ମହିଳା, ପିଲା ଏବଂ ସମସ୍ତ ସଦସ୍ୟ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଥିଲେ କି ବର୍ତମାନ କ'ଣ ହେବ? ଏବଂ ବାସ୍ତବରେ ଯେପରି ସାଧାରଣତଃ ଏପରି ଅବସ୍ଥାରେ (ଲୋକମାନଙ୍କର) ବ୍ୟବହାର ହୋଇଥାଏ. ସେହି ବ୍ୟବହାରର ଅପେକ୍ଷା ଥିଲା । ଏବଂ ଏହା ହେବା ମଧ୍ୟ ସ୍ୱଭାବିକ ଥିଲା । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହସି ଦେଇ କହିଲେ: "ଭଲ ହେଲା ଏଥିରେ ଅଲ୍ଲାଃତାଲାଙ୍କର କୌଣସି ଇଚ୍ଛା ଓ ଉଦ୍ଦେଶ୍ୟ ଥିବ ଏବଂ ଏବେ ଖୁଦାତାଲା ଚାହୁଁଛନ୍ତି କି ଆଠାରୁ ଭଲ ବିଷୟବସ୍ତୁ ଆମକୁ ବୁଝାଇଦେବେ ।"

**(ସିରତ୍ ମସିହ୍ ମଉଦ୍ ଆ:ସ ଲେଖକ ହଜ୍‌ରତ୍ ଶେଖ୍ ୟାକୁବ୍ ଅଲ୍ଲୀ ସାହେବ)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁଠି ସଂସାରିକ ଶିକ୍ଷା ଏବଂ ନିତିଦିନିଆ ପାଠପଢ଼ା ସମ୍ବନ୍ଧରେ ଶାରିରୀକ ଦଣ୍ଡଦେବାକୁ ଅନୁଚିତ ମଣୁଥିଲେ ସେଠାରେ ଧର୍ମର ଅସମ୍ମାନ କରିବାରେ ଆପଣ ସ:ଆ:ସ ଶାରିରୀକ ଦଣ୍ଡ ମଧ୍ୟ ଦେଉଇଛନ୍ତି । ଯଦ୍ୱାରା ପିଲାଦିନୁ ହିଁ ପିଲାମାନଙ୍କ ମଧ୍ୟରେ ଧର୍ମର ସମ୍ମାନ ଏବଂ ଧର୍ମୀୟ ସ୍ୱାଭିମାନ ସ୍ଥାପନ ହେବ ।

ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍ ର:ଅ ଏହିପରି ଗୋଟିଏ ଘଟଣା ସମ୍ବନ୍ଧରେ ହଜ୍‌ରତ୍ ମିଁଆ ବଶିର୍ ସାହେବ ର:ଅ ଙ୍କୁ ବର୍ଣ୍ଣନା କରୁଛନ୍ତି କି:

"ଏକଦା ତୁମ ଭାଇ ମୁବାରକ ଅହମ୍ମଦ୍ ମରହୁମ୍ ଙ୍କ ଦ୍ୱାରା ପିଲାଦିନେ ଅସବାଧାନତା ଯୋଗୁଁ ପବିତ୍ର କୋରନ୍‌ର କିଛି ଅସମ୍ମାନ ହୋଇଗଲା । ଏଥିରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କୁ ଏତେ ରାଗ ଲାଗିଲା ଯେ ଆପଣ ଆ:ସଙ୍କ ଚେହେରା ଲାଲ୍ ହୋଇଗଲା । ଏବଂ ଆପଣ ଆ:ସ ବହୁତ କ୍ରୋଧିତ ହୋଇ ମୁବାରକ୍ ଅହେମ୍ମଦ୍‌ଙ୍କ କାନ୍ଧ ଉପରେ ଗୋଟିଏ ଚାପୁଡ଼ା ଲଗାଇଲେ ଫଳତଃ ତା ଦୁର୍ବଳ ଶରୀର ଉପରେ ଆପଣ ଆ:ସ ଙ୍କ ଆଙ୍ଗୁଳି ଚିହ୍ନ ପଡ଼ିଗଲା ଏବଂ ଆପଣ ଆ:ସ କ୍ରୋଧରେ କହିଲେ କି ତାକୁ ମୋ ସମ୍ମୁଖରୁ ବର୍ତମାନ ନେଇଯାଅ ।" ହଜ୍‌ରତ୍ ମିଆଁ ବଶିର୍ ଅହେମ୍ମଦ୍ ସାହେବ ର:ଅ କହୁଛନ୍ତି କି ମୁବାରକ୍ ଅହେମ୍ମଦ୍ ମରହୁମ୍ ଆମ ସବୁ ଭାଇମାନଙ୍କ ମଧ୍ୟରେ ବୟସରେ ଛୋଟ ଥିଲେ ଏବଂ ହଜ୍‌ରତ୍ ସାହେବ ଙ୍କ ଜୀବନରେ ହିଁ ତାଙ୍କର ଦେହାନ୍ତ ହୋଇଗଲା ତେଣୁ ହଜ୍‌ରତ୍ ସାହେବଙ୍କୁ ଯେହେତୁ ତାଙ୍କ ସହିତ ବହୁତ ପ୍ରେମ ଭାବ ଥିଲା ତେଣୁ ତା' ଦେହାନ୍ତ ରେ (ତା' କବର) ଫଳକରେ ଏ କଥା କୁ ଲେଖିଦେବାକୁ କହିଲେ । ସେହି ଲେଖାର ଗୋଟିଏ ପଦ ଏପରି:

***ଯିଗର୍ କା ଟୁକୁଡ଼ା ମୁବାରକ ଅହେମ୍ମଦ୍ ଯୋ ପାକ୍ ଶକଲ୍ ଓ୍ୱରପାକ୍ ଖୁଦା ଓ୍ୱହ ଆଜ୍ ହମ୍‌ସେ ଯୁଦା ହୁଆ ହୈ ହମାରେ ଦିଲ୍ କୋ ହର୍ଜି ବନାକର୍***

କିନ୍ତୁ (ଏହା ମଧ୍ୟ ସତ୍ୟ କି) ଉପରୋକ୍ତ ଘଟଣା ରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ପବିତ୍ର କୋରାନ୍‌ର ଅସମ୍ମାନ ହେବାରେ ବରଦାସ୍ତ କରିପାରିଲେ ନାହିଁ ଏବଂ ଦଣ୍ଡଦେବାକୁ ଜରୁରୀ ମଣିଲେ ।

**(ସିରତୁଲ୍ଲ ମେହେଦୀ, ୨ୟ ଭାଗ, ପୃ-୩୨୫)**

ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଜୀବନ ଚରିତର ଏହା ମଧ୍ୟ ଗୋଟିଏ ସୁନ୍ଦର ପାର୍ଶ୍ୱ ଥିଲା ଯେ, ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସୁନ୍ନତ୍ ର ଆଲୋକରେ କେତେକ ଅବସର ସମୟରେ ଶିକ୍ଷଣିୟ କାହାଣି ଗୁଡ଼ିକୁ ଶୁଣାଇ ନିଜ ସ୍ତ୍ରୀ ପିଲାଙ୍କର ତର୍‌ବିୟତ୍ କରୁଥିଲେ ସୁଂତରା ଗୋଟିଏ ଅବସରରେ ବହୁ ସଂଖ୍ୟାରେ ଅତିଥିମାନଙ୍କୁ ଦେଖି ଯେତେବେଳେ ଘର ଲୋକଙ୍କ ନିକଟରେ ବ୍ୟତିବସ୍ତ ହୋଇଯିବାର ଲକ୍ଷଣ ଆପଣ ଦେଖିଲେ ସେତେବେଳେ ଆପଣ ଆ:ସ ନିଜ ସ୍ତ୍ରୀ ପିଲାଙ୍କୁ ଏହି ଶିକ୍ଷଣୀୟ କାହାଣି ଟି ଶୁଣାଇଲେ । ହଜ୍‌ରତ୍ ମୁଫତି୍ ମହମ୍ମଦ୍ ସାଦିକ୍ ସାହେବ୍ ର:ଅ ବର୍ଣ୍ଣନା କରୁଛନ୍ତି: "ଯେବେ ମୁଁ ୧୯୦୧ ମସିହାରେ ହିଜ୍‌ରତ୍ କରି କାଦିୟାନ୍ ଚାଲି ଆସିଲି ଏବଂ ନିଜ ସ୍ତ୍ରୀ ପିଲାଙ୍କୁ ସାଥିରେ ନେଇ ଆସିଲି ସେ ସମୟର ଗୋଟିଏ ରାତିର ଘଟଣା ହେଉଛି ଏପରି କି କିଛି ଅତିଥି ଆସିଗଲେ ସେମାନଙ୍କ ବ୍ୟବସ୍ଥା କରିବା ପାଇଁ ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍ ବ୍ୟତିବ୍ୟସ୍ତ ହୋଇପଡ଼ିଲେ କି ପୂରା ଘର ତମାମ୍ ଡଙ୍ଗା ପରି ଭରି ରହିଛି । ଏବେ ଏମାନଙ୍କୁ କେଉଁଠାରେ ରଖା ଯିବ । ସେ ସମୟରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଅତିଥି ପରାୟଣତା ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ବିଓ୍ୱି ସାହିବାଙ୍କୁ ପକ୍ଷୀର ଗୋଟିଏ କାହାଣି ଶୁଣାଇଲେ । ଯେହେତୁ ମୁଁ ତାଙ୍କ ଘର ସହିତ ସଲଗ୍ନ କୋଠରୀରେ ରହୁଥିଲି ଓ କବାଟ ପୁରୁଣା ଢାଂଚାର ଥିଲା ତେଣୁ ସେପଟୁ ବହୁତ ସହଜରେ ଏପଟକୁ ଶବ୍ଦ ଶୁଣା ଯାଉଥିଲା ତେଣୁ ମୁଁ ସମ୍ପୁର୍ଣ୍ଣ କାହାଣିଟି ଶୁଣି ପାରିଲି । ପୁଣି କହୁଛନ୍ତି: ଦେଖ ଏକଦା ଜଙ୍ଗଲରେ ଜଣେ ବାଟୋଇକୁ ସଂନ୍ଧ୍ୟା ହୋଇଗଲା ଅନ୍ଧାର ରାତି ଥିଲା ନିକଟରେ କୌଣସି ଜନବସତି ଦେଖା ଯାଉନଥିଲା ତେଣୁ ସେ ବିଚରା ଗୋଟିଏ ଗଛ ମୂଳେ ରାତ୍ରୀ ଯାପନ ନିମନ୍ତେ ବସି ରହିଲା ସେହି ଗଛ ଉପରେ ଗୋଟିଏ ପକ୍ଷୀର ବସା ଥିଲା । ପକ୍ଷୀଟି ନିଜ ସ୍ତ୍ରୀ ସହିତ ଏକଥା ହେଉଥିଲା ଯେ ଦେଖ ଏହି ଯାତ୍ରୀ ଜଣକ ଆମ ବସା ତଳେ ଭୂଇଁ ଉପରେ ବସିଛି ଓ ସେ ଆଜି ରାତିକ ପାଇଁ ଆମ ଅତିଥି ତେଣୁ ତା'ର ଅତିଥି ସତ୍କାର କରିବା ହେଉଛି ଆମର କର୍ତବ୍ୟ । ମାଈ ପକ୍ଷୀଟି ତା' ସହିତ ସହମତ ହେଲା

ଏବଂ ଦୁଇ ଜଣଯାକ ପରାମର୍ଶ କରି ଏକଥା ନିଷ୍ପତି କଲେ ଯେ, ବହୁତ ଥଣ୍ଡା ରାତି ତେଣୁ ଆମର ଏହି ଅତିଥିକୁ ନିଆଁ ଜାଳିବାର ଆବଶ୍ୟକତା ଅଛି ଆମ ପାଖରେ ତ ଆଉ କିଛି ନାହିଁ ତେଣୁ ଆମେ ନିଜର ବସାଟିକୁ ଭାଙ୍ଗି ତଳକୁ ପକାଇଦେବା ଯଦ୍ୱାରା ସେ ଏହି କାଠିକୁଟାକୁ ଜଳାଇ ନିଆଁ ପୋଇଁବ । ସୁଂତରା ସେମାନେ ଏପରି ହିଁ କଲେ ଏବଂ ସମ୍ପୁର୍ଣ୍ଣ ବସାଟିକୁ ଭାଙ୍ଗିଭୁଙ୍ଗି ତଳକୁ ପକାଇଦେଲେ ସେ ସବୁକୁ ପାଇ ଯାତ୍ରୀ ଜଣକ ସେହି ସମସ୍ତ କାଠିକୁଟାକୁ ଏକାଠି କରି ନିଁଆ ଜାଳିବାକୁ ଲାଗିଲା । ଏହା ଦେଖି ଗଛ ଉପରେ ଥିବା ପକ୍ଷୀ ହଳକ ପୁଣି ପରାମର୍ଶ କଲେ କି ଆମେ ତ ଆମ ଅତିଥିଙ୍କ ନିମନ୍ତେ ନିଁଆ ଯୋଗାଇ ଦେଲେ ଏବଂ ସେଥିରେ ସେକି ହେବାର ବ୍ୟବସ୍ଥା ହୋଇଗଲା ବର୍ତମାନ ଆମେ ତା’ ପାଇଁ କିଛି ଖାଇବାକୁ ମଧ୍ୟ ଦେବା ।ଏବେ ତ’ ଆମ ନିକଟରେ କିଛି ନାହିଁ ତେଣୁ ଆମେ ନିଜେ ଯାଇ ସେହି ନିଁଆ ଭିତରେ ପଡ଼ିଯିବା ଫଳତଃ ଯାତ୍ରୀ ଜଣକ ଆମକୁ ନିଆଁରେ ପୋଡ଼ି ଆମ ମାଂସକୁ ଖାଇନେବ ସୁଂତରା ସେହି ପକ୍ଷୀଦୁଇଟି ସେହିପରି ହିଁ କଲେ ଏବଂ ଅତିଥି ସତ୍କାର ର ହକ୍ ପ୍ରଦାନ କଲେ ।”

**(ଜିକ୍‌ରେ ହବିବ୍, ପୃ-୮୫-୮୭ ଲେଖକ ହଜ୍‌ରତ୍ ମୁଫ୍‌ତି ମହମ୍ମଦ୍ ସାଦିକ୍ ର:ଅ)**

ତେବେ ଦେଖନ୍ତୁ ଏହା ହେଉଛି ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ନିଜ ସ୍ତ୍ରୀ ପିଲାଙ୍କ ତର୍‌ବିୟତ୍ କରିବାର ଉପଦେଶ ଓ ଶୈଳୀ ।

ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଜୀବନ ଚରିତର ଆଉ ଗୋଟିଏ ସୁନ୍ଦର ପାର୍ଶ୍ୱ ଏହା ଥିଲା କି, ଆପଣ ଆ:ସଙ୍କ ପ୍ରେମ ଓ ଭଲ ପାଇବା କେବଳ ଅଲ୍ଲାଃତାଲ୍ଲାଙ୍କ ପ୍ରସନ୍ନତା ଖାତିର୍ ହିଁ ଥିଲା । ହଜ୍‌ରତ୍ ମୌଲନା ଅବଦୁଲ୍ଲ କରିମ୍ ସାହେବ ର:ଅ ବର୍ଣ୍ଣନା କରୁଛନ୍ତି କି: “ଆପଣ ଆ:ସ ପିଲାମାନଙ୍କ ଦେଖ୍‌ଭାଲ୍ ଏବଂ ଲାଳନପାଳନ ଏପରି କରୁଥିଲେ କି ଜଣେ ଉପରଠାଉରିଆ ଦେଖୁଥିବା ବ୍ୟକ୍ତି ଏକଥା ଭାବିବ ଯେ ଆପଣଙ୍କ ଠାରୁ ଅଧିକା ସନ୍ତାନ ପ୍ରେମ ଆଉ କାହାର ନଥିବ । ବେମାର ଅବସ୍ଥାରେ ଏତେ ମାତ୍ରାରେ ଧ୍ୟାନ ରଖୁଥିଲେ ଏବଂ ଚିକିତ୍ସା କରିବାରେ ଓ ଉପଚାର କରିବାରେ ଏତେ ମାତ୍ରାରେ ମଗ୍ନ ରହୁଥିଲେ ଯେ, ଯେପରି ଆପଣଙ୍କୁ ଆଉ କୌଣସି ଚିନ୍ତା ନଥିଲା କିନ୍ତୁ ବହୁତ ସୁକ୍ଷ୍ମତାର ସହିତ ଦେଖୁଥିବା ବ୍ୟକ୍ତି ଏ କଥା ଦେଖିପାରିବ ଯେ ଏହା ସବୁ କିଛି ଅଲ୍ଲାଃତାଲ୍ଲାଙ୍କ ପାଇଁ ଥିଲା । ଏବଂ ଖୁଦାତାଲାଙ୍କ ନିମନ୍ତେ ତା’ ଦୁର୍ବଳ ଲୋକମାନଙ୍କ ଦେଖାଶୁଣା ଏବଂ ଲାଳନପାଳନ କରିବା ଉଦ୍ଦେଶ୍ୟ ଥିଲା । ଆପଣ ଆ:ସ ଙ୍କ ପୋଗୁଁହା ଝିଅ ଇସ୍‌ମତ୍ ସାହିବା ଲୁଧିୟାନାଠାରେ ହଇଜାରେ ପଡ଼ି ବେମାରେ ହେଲେ । ଆପଣ ଆ:ସ ତା’ ଚିକିତ୍ସା ନିମନ୍ତେ ଏପରି ଔଷଧ ପତ୍ର ଯୋଗାଇଥିଲେ ଯେପରି ତା’ବିନା ଜୀବନ କଷ୍ଟକର ଏବଂ ସଂସାରିକ ବ୍ୟକ୍ତି ଆ ଠାରୁ ଅଧିକ କିଛି କରିପାରିବ ନାହିଁ । କିନ୍ତୁ ସେ ମରିଗଲେ ଏଥିରେ ଆପଣ ଆ:ସ ଅଲଗା ହୋଇଗଲେ କି ଯେପରି କିଛି ହୋଇନଥିଲା ଏବଂ ସେବେଠାରୁ କଦାପି ଏ କଥା କହିନାହନ୍ତି କି ମୋର ଗୋଟିଏ ଝିଅ ଥିଲା ।”

ଏହିପରି ସାହାବ୍‌ଜାଦା ମିର୍ଜା ମୁବାରକ୍ ଅହେମ୍ମଦ୍ ସାହେବଙ୍କ ରୋଗରେ ପଡ଼ିଥିବା ଦିନଗୁଡ଼ିକରେ “ଆପଣ ଆ:ସ ଦିନରାତି ନିଜ କାର୍ଯ୍ୟ ନମୁନା ଦ୍ୱାରା ଏକଥା ଦେଖାଇଦେଲେ ଯେ ସନ୍ତାନମାନଙ୍କ ଲାଳନପାଳନ ଓ ସେମାନଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଆମର କ’ଣ କର୍ତବ୍ୟ ରହିଛି ।”

**(ସିରତ୍ ମସିଃମଉ୍‌ଦ ଆ:ସ ଲେଖକ ହଜ୍‌ରତ୍ ଶେଖ୍ ୟାକୁବ୍ ଅଲ୍ଲୀ ସାହେବ୍ ଇର୍‌ଫାନୀ)**

ପିଲାମାନଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସେମାନଙ୍କୁ ପିଲାଦିନୁ ହିଁ ପବିତ୍ର କୋରାନ୍ ଶିଖାଇବା ଏବଂ ଛୋଟବେଳ ଠାରୁ ପବିତ୍ର କୋରାନ୍ ପଢ଼ି ଶେଷ କରିବାରେ ସେମାନଙ୍କ ପାଇଁ ଆମିନ୍ ଉତ୍ସବ ଅନୁଷ୍ଠିତ କରିବାର ସୁନ୍ନତ୍‌କୁ ମଧ୍ୟ ଜାରି କରିଛନ୍ତି । ସୁଂତରା ୧୮୯୭ ମସିହାରୁ ଆମ ଜମାତ୍‌ରେ ଏ ପ୍ରଥା ଚାଲି ଆସିଛି ଯେବେ ଠାରୁ ଆପଣ ଆ:ସ ଙ୍କ ସୁପୁତ୍ର ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହେମ୍ମଦ୍ ସାହେବ ଖଲିଫତୁଲ୍ ମସିହ୍ ସାନି ର:ଅ ପବିତ୍ର କୋରନ୍ ପଢ଼ି ଶେଷ କଲେ ସେତେବେଳେ ହଜୁର୍ ଆ:ସ ତାଙ୍କର ଆମିନ୍ ଉତ୍ସବ ଅନୁଷ୍ଠିତ କଲେ । ଏହି ଅବସରରେ ବାହାରର ଲୋକମାନଙ୍କୁ ମଧ୍ୟ ହଜୁର୍ ନିମନ୍ତ୍ରଣ କରିଥିଲେ । ଏବଂ ଏହି ମୌକାରେ ଗୋଟିଏ ନଜମ୍ (ଅର୍ଥାତ୍ କବିତା) ମଧ୍ୟ ଲେଖିଛନ୍ତି ଯାହା “ମେହମ୍ମୁଦ୍ କି ଆମିନ୍” ନାମରେ ପ୍ରସିଦ୍ଧ ଅଛି ଏହାର ଦୁଇଗୋଟି ପ୍ରାରମ୍ଭିକ ପଦ ହେଉଛି ଏପରି

*ତୁନେ ୟେ ଦିନ୍ ଦିଖାୟା*
*ମେହମ୍ମୁଦ୍ ପଢ଼କେ ଆୟା*
*ଦିଲ୍ ଦେଖ୍‌କର୍ ୟେ ଏହସାଁ*
*ତେରି ସନାମେ ଗାୟା*
*ସଦ୍ ଶୁକ୍‌ର ହେଁ ଖୁଦାୟା ,*
*ସଦ୍ ଶୁକ୍‌ର ହେଁ ଖୁଦାୟା*
*ୟେ ରୋଜ୍ କର୍ ମୁବାରକ୍*
*ସୁବ୍‌ହାନା ମଇଁ ୟରାନି*

ଏହି ପବିତ୍ର ସୁନ୍ନତ୍ ଫଳରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜମାତ୍‌ରେ ପବିତ୍ର କୋରାନ୍‌ର ତାଲିମ୍ ଓ ତର୍ବିୟତ୍ (ଶିକ୍ଷା ଓ ସଂସ୍କାର)ର ଗୋଟିଏ ମାର୍ଗ ଖୋଲିଦେଲେ । ଅଲ୍‌ହମ୍‌ଦୁଲିଲ୍ଲାଃ ଯେ ଏହିପରି ପ୍ରତ୍ୟେକ ଘରେ ତର୍ବିୟତ୍ କରିବାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ ହୋଇ ଚାଲିଛି ।

ପ୍ରୀୟ ଶ୍ରୋତାଗଣ ! ଏବେ ଏ ଅଧମ ନିଜ ବକ୍ତବ୍ୟର ଶେଷରେ ଆମ ଜୀବନରେ ତର୍ବିୟତ ପ୍ରସଙ୍ଗରେ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ମହାନ୍ କଥନକୁ ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଖୁତ୍‌ବାଃ ଜୁମା ପ୍ରଦତଃ ୨ ଜୁଲାଇ ୨୦୦୪ ଯାହା ଖୁତ୍‌ବାତେ ମସୁରୁର୍ ର ପୃଷ୍ଠା ୪୬୨-୪୬୩ ରେ ଦରଜ ଅଛି ତାହା ପଢ଼ି ଭାଷଣକୁ ଶେଷ କରୁଅଛି । ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:

“ଜଣେ ତତ୍ୱାବଧାରକ ପୁରୁଷର ରୂପେ ଏ ଦାୟିତ୍ୱ ରହିଛି କି ସେ ମୁତ୍‌କି ହେବା ପାଇଁ ଏବଂ ମୁତ୍‌କି ବଂଶର ମୁଖିଆ ହେବା ପାଇଁ ନିଜେ ମଧ୍ୟ ନମାଜ୍ ନିୟମତ ପାଠ କରୁ । ରାତିରୁ ଉଠୁ ବା ଅତିକମ୍‌ରେ ଫର୍ଜନମାଜ୍ ପଢ଼ିବା ନିମନ୍ତେ ନିଶ୍ଚିତରୂପେ ଉଠୁ ଏବଂ ନିଜ ସ୍ତ୍ରୀ ପିଲାଙ୍କୁ ମଧ୍ୟ ଉଠାଉ । ଯେଉଁ ଘର ଏହିପରି ଉପାସନାକାରୀ ବ୍ୟକ୍ତିମାନଙ୍କ ଦ୍ୱାରା ପରିପୁର୍ଣ୍ଣ ହେବ ତାହା ଆଲ୍ଲାଃତାଲ୍ଲାଙ୍କ କୃପା ଓ କରୁଣାକୁ ଗ୍ରହଣକାରୀ ହେବ । କିନ୍ତୁ ମନେ ରଖନ୍ତୁ ଯେ ଏ ଚେଷ୍ଟା ସେତେବେଳେ ଫଳପ୍ରଦ ହେବ, ଓ ସେତେବେଳେ ସଫଳତା ପ୍ରାପ୍ତ ହେବ ଯେତେବେଳେ ଦୁଆ (ପ୍ରାର୍ଥନା) କରିବା ସହିତ ଚେଷ୍ଟା କରାଯିବ । କେବଳ (ରାତିରେ) ଉଠି ମୁଣ୍ଡିଆ ମାରିଲେ ହେବ ନାହିଁ ବରଂ ଅନବରତ ପ୍ରାର୍ଥନା କରିଚାଲନ୍ତୁ । ନିଜ ପାଇଁ ଏବଂ ନିଜ ସ୍ତ୍ରୀ ପିଲାଙ୍କ ପାଇଁ ମଧ୍ୟ ପ୍ରାର୍ଥନା କର ସେଥିଯୋଗୁଁ ନିଜ ନମାଜରେ ନିଜ ସ୍ତ୍ରୀ ପିଲାଙ୍କ ନିମନ୍ତେ ବହୁତ ପ୍ରାର୍ଥନା କର ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି “ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏହି ପ୍ରାର୍ଥନା ଶିଖାଇଛନ୍ତି କି ***ଇସ୍‌ଲିହ୍ ଲି ଫି ଜୁର୍‌ରିୟତି*** ଅର୍ଥାତ୍ ମୋ ସ୍ତ୍ରୀ ପିଲାଙ୍କୁ ସୁଧାରିଦିଅ । ନିଜ ଅବସ୍ଥାରେ ପବିତ୍ର ପରିବର୍ତନ ଆଣ ଏବଂ ନିଜ ସ୍ତ୍ରୀ ପିଲାଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା ନିତିଦିନ କରିବା ଉଚିତ୍ କାରଣ ଅଧିକାଂଶ ଫିତ୍‌ନା (ବିଭ୍ରାଟ) ସନ୍ତାନମାନଙ୍କ ଯୋଗୁଁ ହିଁ ଆସିଥାଏ ଏବଂ ଅଧିକାଂଶ ସମୟ ସ୍ତ୍ରୀ ଯୋଗୁଁ ହିଁ ହୋଇଥାଏ । ସୁଂତରା ସେମାନଙ୍କ ସକାଶେ ମଧ୍ୟ ଅଧିକାଂଶ ଲୋକଙ୍କ ଉପରେ ଦୁଃଖ ବିପତି ପଡ଼ିଥାଏ ତେଣୁ ସେମାନଙ୍କ ସୁଧାର ପ୍ରତି ମଧ୍ୟ ପୁର୍ଣ୍ଣଚେଷ୍ଟା କରାଯିବା ଉଚିତ୍ । ଏବଂ ସେମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା ଜାରି ରଖିବା ଉଚିତ ।

**(ମଲ୍‌ଫୁଜାତ୍, ୫ମ ଖଣ୍ଡ, ପୃ-୪୫୬-୪୫୭, ୨ ମାର୍ଚ୍ଚ ୧୯୦୮)**

ପୁଣି ଆପଣ ଆ:ସ କହୁଛନ୍ତି କି “ମୋର କ’ଣ ଶୈଳି ରହିଛି ଅର୍ଥାତ୍ ମୁଁ କିପରି ପ୍ରାର୍ଥନା କରୁଛି । କହୁଛନ୍ତି କି ମୁଁ ନିୟମିତ ପ୍ରତ୍ୟେକ ଦିନ କିଛି ପ୍ରାର୍ଥନା ମାଗୁଛି । ସର୍ବପ୍ରଥମେ ନିଜ ପାଇଁ ପ୍ରାର୍ଥନା କରୁଛି ଯେ, ଦୟାମୟ ଇଶ୍ୱର ମୋ ଠାରୁ ସେହି କାମ ନିଅନ୍ତୁ ଯଦ୍ୱାରା ତା’ର ସମ୍ମାନ ଓ ପ୍ରତିଷ୍ଠା ପ୍ରକାଶ ହେଉଥିବ ଓ ନିଜର ସମ୍ପୁର୍ଣ୍ଣ ପ୍ରସନ୍ନତା ପ୍ରଦାନ କରନ୍ତୁ । ଦ୍ୱୀତିୟତଃ ପୁଣି ନିଜ ଘରଲୋକଙ୍କ ନିମନ୍ତେ ଏ ପ୍ରାର୍ଥନା ମାଗୁଛି ଯେ, ତାଙ୍କ ଠାରୁ ମତେ ଶାନ୍ତି ମିଳୁ ଏବଂ ସେମାନେ ଅଲ୍ଲାଃତାଲାଙ୍କ ଇଚ୍ଛା ମୁତାବକ ତା’ ମାର୍ଗରେ ପରିଚାଳିତ ହୁଅନ୍ତୁ ପୁଣି ତୃତୀୟରେ ମୁଁ ମୋ ନିଜ ପିଲାମାନଙ୍କ ପାଇଁ ପ୍ରାର୍ଥନା କରୁଛି ଯେ ଏମାନେ ସମସ୍ତେ ଦୀନ୍ ର ସେବକ ହୁଅନ୍ତୁ । ଚତୁର୍ଥରେ ମୁଁ ନିଜ ନିଷ୍ଠାବାନ ବନ୍ଧୁମାନଙ୍କ ନିମନ୍ତେ ଜଣ ଜଣ କରି ନାମ ନେଇ ପ୍ରାର୍ଥନା କରୁଛି । ପଚଂମରେ ସେ ସମସ୍ତଙ୍କ ପାଇଁ ପ୍ରାର୍ଥନା କରୁଛି ଯେଉଁ ମାନେ ଏହି ସମ୍ପ୍ରଦାୟ ସହିତ ସଲଗ୍ନ ରହିଛନ୍ତି ମୁଁ ସେମାନଙ୍କୁ ଜାଣିଥାଏ ବା ନ ଜାଣିଥାଏ ।

**(ମଲ୍‌ଫୁଜାତ୍, ୧ମ ଖଣ୍ଡ, ପୃ-୩୦୯, ଅଲ୍‌ହକମ୍ ୧୭ ଜାନୁୟାରୀ ୧୯୦୦)**

ଆଲ୍ଲାଃତାଲା ଆମକୁ ସଠିକ୍ ରୂପେ ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଆମ ସ୍ତ୍ରୀ ପିଲାଙ୍କ ତରଫରୁ ଆମକୁ ଶାନ୍ତି ମିଳୁ ଆଲ୍ଲାଃଙ୍କ ଉପାସନାକାରୀ ହୁଅନ୍ତୁ ପୂଣ୍ୟ କାର୍ଯ୍ୟଗୁଡ଼ିକୁ ସମ୍ପାଦନକାରୀ ହୁଅନ୍ତୁ ।

**(ଖୁତ୍‌ବାତେ ମସୁରୁର୍, ଖୁତ୍‌ବା ଜୁମା ପ୍ରଦତ, ପୃ-୪୬୭)**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:
୧୮୦୦ ୩୦୧୦ ୨୧୩୧
(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in

ତକ୍‌ରିର ଜଲ୍‌ସା ସାଲାନା କାଦିୟାନ୍ ୨୦୧୮

# ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରାର୍ଥନା ଗୃହୀତ ହେବାର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ ଆଲୋକରେ

(ମୁହମ୍ମଦ୍ ହମିଦ୍ କୌସର୍, ନାଜିର୍ ଦାଓ୍ୱତେ ଇଲଲ୍ଲାଃ ମର୍କଜିୟା କାଦିୟାନ୍)

خُذْ مِنْ اَمْوَالِهِمْ صَدَقَةً تُطَهِّرُهُمْ وَتُزَكِّيْهِمْ بِهَا وَصَلِّ عَلَيْهِمْ ؕ اِنَّ صَلٰوتَكَ سَكَنٌ لَّهُمْ ؕ وَاللّٰهُ سَمِيْعٌ عَلِيْمٌ ○

(سورة التوبہ:103)

*ଗୈର ମୁମ୍‌କିନ୍ କୋ ୟେ ମୁମ୍‌କିନ୍ ମେଁ*
*ବଦଲ୍ ଦେତି ହୈ*
*ଐ ମେରେ ଫଲ୍‌ସଫିୟୋ*
*ଜୋରେ ଦୁଆ ଦେଖୋ ତୋ*
*(କଲାମେ ମେହମୁଦ୍)*

ସମ୍ମାନସ୍ପଦ ସଭାପତି ମହୋଦୟ ଏବଂ ସମ୍ମାନୀୟ ଶ୍ରୋତା-ଗଣ ! ମୋ ବକ୍ତବ୍ୟ ର ବିଷୟବସ୍ତୁ ହେଉଛି: "ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଦୁଆ ଗ୍ରହଣୀୟ ହବାର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ"

ପ୍ରୀୟ ଶ୍ରୋତାଗଣ ! ଯେଉଁ ଆୟତଟିକୁ ଆପଣମାନେ ଶୁଣିସାରିଛନ୍ତି ତାହାର ଅର୍ଥ ହେଉଛି ଏପରି: (ହେ ରସୁଲ୍ !) ସେମାନଙ୍କ ସମ୍ପତିରୁ ଦାନ ଗ୍ରହଣ କର, ଯଦ୍ୱାରା ତୁମେ ସେମାନଙ୍କୁ ପବିତ୍ର କରାଇ ପାରିବ; ଓ ସେମାନଙ୍କ ପାଇଁ ଉନ୍ନତି ବିଧାନ କରିପାରିବ; ଏବଂ ସେମାନଙ୍କ ପାଇଁ ପ୍ରାର୍ଥନା ମଧ୍ୟ କରୁଥାଅ; କାରଣ ତୁମ୍ଭର ପ୍ରାର୍ଥନା ସେମାନଙ୍କ ପାଇଁ ଶାନ୍ତିର ଆଧାର ଅଟେ; ଏବଂ ଅଲ୍ଲାଃ ହିଁ ମହାନ ଶ୍ରୋତା (ଓ) ସର୍ବଜ୍ଞ ।

ଉପରକ୍ତ ଆୟତରେ ଅଲ୍ଲାଃତାଲା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କୁ ଏ ନିର୍ଦ୍ଦେଶ ଦେଇଛନ୍ତି କି : ***"ଓ୍ୱ ସଲ୍ଲି ଆଲୈହିମ୍ ଇନ୍ନା ସଲାତକା ସକନୁଲ୍ ଲହୁମ୍"***

ଅର୍ଥାତ୍ ତୁମ୍ଭେ ସେମାନଙ୍କ ପାଇଁ ପ୍ରାର୍ଥନା କରିଚାଲ କାରଣ ତୁମ୍ଭ ପ୍ରାର୍ଥନା ସେମାନଙ୍କ ସାନ୍ତ୍ୱନାର କାରଣ ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖୁଛନ୍ତି କି: "ବାସ୍ତବରେ ଖଲିଫା ରସୁଲ୍‌ଙ୍କ ଛାୟା ହୋଇଥାନ୍ତି । କୌଣସି ମନୁଷ୍ୟ ପାଇଁ ସଦାସର୍ବଦା ଉନ୍ନତି ନାହିଁ ସୁଂତରା ଖୁଦାତାଲା ମନସ୍ଥ କଲେ କି ଅବତାରମାନଙ୍କ ଅସ୍ତିତ୍ୱକୁ, ଯାହା ସମସ୍ତ ସଂସାରର ଅସ୍ଥିତ୍ୱ ମାନଙ୍କ ଅପେକ୍ଷା ଉତମ ଓ ସମ୍ମାନଯୋଗ୍ୟ, ତାହାକୁ ଛାୟା ସଦୃଶ ସବୁବେଳ ପାଇଁ ଅର୍ଥାତ୍ କୟାମତ ପର୍ଯ୍ୟନ୍ତ କାୟମ ରଖିବ ସୁଂତରା ଏହି ଉଦ୍ଦେଶ୍ୟ ନିମନ୍ତେ ଖୁଦାତାଲା ଖିଲାଫତ୍‌କୁ ଚୟନ କଲେ ଯଦ୍ୱାରା ଏ ସଂସାର କୌଣସି ଯୁଗରେ ଓ କେବେ ମଧ୍ୟ ଅବତାରତ୍ୱର ଆର୍ଶିବାଦରୁ ବଚିଂତ ନ ରହୁ"

**(ଶାହଦତୁଲ୍ କୁର୍‌ଆନ୍, ରୁହାନି ଖଜାଇନ୍ ଖଣ୍ଡ ୬ ପୃ-୩୫୩)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି: ଦୁଆ ଗ୍ରହଣୀୟ ହୋଇଥିବା ଲୋକମାନଙ୍କ ସହିତ ଖୁଦାତାଲା୍‌ଙ୍କର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ରହିଥାଏ କେବେ ସେ ତାଙ୍କ ପ୍ରାର୍ଥନାକୁ ଗ୍ରହଣ କରିନିଏ ଓ କେବେ ନିଜର ଇଚ୍ଛାକୁ ତାଙ୍କ ଦ୍ୱାରା ମନାଇଥାଏ ଯେପରି କି ତୁମେ ଦେଖୁଛ ଯେ ସାଙ୍ଗ ସାଥିରେ ଏହି ପରି ହୋଇଥାଏ ବେଳେ ବେଳେ ଗୋଟିଏ ସାଙ୍ଗ ନିଜର ସାଙ୍ଗର କଥାକୁ ମାନିନିଏ ଓ ତା ମର୍ଜି ମୁତାବକ କାମ କରିଥାଏ ଏବଂ ପୁଣି ଆଉଗୋଟିଏ ସମୟ ଏପରି ବି ଆସିଥାଏ ଯେ ସେ ନିଜର କଥାକୁ ତା' ଦ୍ୱାରା ମନାଇବାକୁ ଚାହିଁଥାଏ ।

ପବିତ୍ର କୋରାନ୍ ଆଉ ଗୋଟିଏ ସ୍ଥାନରେ ବିଶ୍ୱାସକାରୀ ମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରିବାର ପ୍ରତିଶୃତି ଦେଇଛି କି ***ଅଦ୍‌ଉନି ଅସ୍‌ତଜିବ୍ ଲକୁମ୍*** ଅର୍ଥାତ୍ ତୁମେ ମୋ ନିକଟରେ ପ୍ରାର୍ଥନା କର ମୁଁ ତୁମ ପ୍ରାର୍ଥନାକୁ ଗ୍ରହଣ କରିବି ଏବଂ ଆଉଗୋଟିଏ ସ୍ଥାନରେ ସେ ନିଜର ବିଧାନ ଉପରେ ଆନନ୍ଦିତ ଓ ରାଜି ରହିବାର ଶିକ୍ଷା ଦେଇଛି ଯେପରି କି ନିର୍ଦ୍ଦେଶ ଦେଇ କହୁଛନ୍ତି:

وَلَنَبْلُوَنَّكُمْ بِشَيْءٍ مِّنَ الْخَوْفِ وَالْجُوْعِ وَنَقْصٍ مِّنَ الْاَمْوَالِ وَالْاَنْفُسِ وَالثَّمَرٰتِ (البقرہ: 156)

ସୁଂତରା ଏହି ଦୁଇ ଗୋଟି ଆୟତକୁ ଗୋଟିଏ ସ୍ଥାନରେ ପଢ଼ିବା ଦ୍ୱାରା ସ୍ୱଷ୍ଟରୂପେ ଜଣାପଡ଼ିଯିବ ଯେ ପ୍ରାର୍ଥନା ସମ୍ବନ୍ଧରେ ଅଲ୍ଲାଃଙ୍କର କ'ଣ ସୁନ୍ନତ୍ ଅଛି । ଇଶ୍ୱର ଏବଂ ଭକ୍ତଙ୍କ ମଧ୍ୟରେ କି ପ୍ରକାରର ଆପୋଷ ସମ୍ପର୍କ ରହିଛି । **(ହକିକତୁଲ୍ ଓ୍ୱହି, ପୃ-୧୮,୧୯ ରୁହାନି ଖଜାଇନ୍ ଖଣ୍ଡ ୨୨ ପୃ-୨୧)**

ପୁଣି ଅଲ୍ଲାଃତାଲା କହୁଛନ୍ତି: "ଲାଅଲ୍ଲାକା ବାଖେଉନ୍ ନଫ୍‌ସକା ଅଲ୍ଲା ୟକୁନୁ ମୁମିନିନ୍ (ଶୋଓରା:୪) ଅର୍ଥାତ୍ କ'ଣ ତୁମେ ଏ ଦୁଃଖ ରେ ନିଜର ଅସ୍ତିତ୍ୱକୁ ଧ୍ୱଂସ କରିଦେବ କି ଏ ଲୋକମାନେ କାହିଁକି ବିଶ୍ୱାସ ଆଣୁନାହାନ୍ତି ଏହି ଆୟତରୁ ଜଣାପଡୁଛି ଯେ ଆଁ ହଜ୍‌ରତ୍ ସ:ଆ:ସ କୁଫାର୍ (ଅର୍ଥାତ୍ ଅବିଶ୍ୱାସକାରି) ମାନଙ୍କ ଇମାନ୍ ଆଣିବା ପାଇଁ ଏତେମାତ୍ରାରେ ଭାବବ୍ୱିହଳ ହୋଇ ଜୀବନକୁ କଷ୍ଟ ଦେଇ ବ୍ୟାକୁଳତାର ସହିତ ପ୍ରାର୍ଥନା କରୁଥିଲେ ଯେ ଏପରି ଲାଗୁଥିଲା କି ଆଁ ହଜ୍‌ରତ୍ ସ:ଆ:ସ ଏହି ଦୁଃଖରେ ନିଃଶେଷ ନ ହୋଇଯାଆନ୍ତୁ ତେଣୁ ଅଲ୍ଲାଃତାଲା କହିଲେ କି ସେହି ଲୋକମାନଙ୍କ ପାଇଁ ଏତେ ମାତ୍ରା ରେ ଦୁଃଖ କରନାହିଁ କାରଣ ସେମାନେ ଇମାନ୍ ର ପରବାୟ କରୁନାହାନ୍ତି ଏବଂ ସେମାନଙ୍କର ଉଦ୍ଦେଶ୍ୟ ଓ ଲକ୍ଷ ଆଉ କିଛି ରହିଛି" (ଜମିମା ବରାହିନେ ଅହମଦିୟା ୫ମ ଭାଗ, ପୃ-୬୨ ରୁହାନି ଖଜାଇନ୍ ଖଣ୍ଡ-୨୧ ପୃ-୨୨୬)

ଏଠାରେ ଏ କଥା ସ୍ପଷ୍ଟ କରିଦେବା ମଧ୍ୟ ଜରୁରୀ ଅଟେ କି ବେଳେବଳେ ଆମ ଭାଇ ଓ ଭଉଣୀମାନେ ହଜୁର୍ ଅ:ବ:ଅଙ୍କ ଗୋଚରେ ନିଜର କୌଣସି ଉଦ୍ଦେଶ୍ୟ ସାଧନ ନିମନ୍ତେ ଦୁଆ କରିବା ପାଇଁ ନିବେଦନ କରୁଛନ୍ତି ଏବଂ ସେହି ଦୁଆ ସେମାନଙ୍କ ଆଶା ଅନୁରୁପ ପୁରଣ ହେଉନାହିଁ । ଏପରି ବ୍ୟକ୍ତି ମାନଙ୍କ ନିମନ୍ତେ ନିବେଦନ କରାଯାଉଛି ଯେ ସେମାନେ ହଜୁର୍ ଅନୁଓ୍ୱର ପବିତ୍ର ଗୋଚରାର୍ଥେ ଦୁଆ କରିବାର ନିବେଦନ କରିଚାଲନ୍ତୁ ଏବଂ ନିଜେ ମଧ୍ୟ ଦରଦ ମନରେ ପ୍ରାର୍ଥନା କରିଚାଲନ୍ତୁ ଏବଂ ପୁଣି ମାମଲାକୁ ଅଲ୍ଲାଃତାଲାଙ୍କ ନିକଟରେ ନ୍ୟସ୍ତ କରିଦିଅନ୍ତୁ ଏବଂ ଆମ ସମସ୍ତଙ୍କର ପ୍ରୀୟ ଅଲ୍ଲାଃତାଲାଙ୍କ ନିକଟରେ ହେ ପ୍ରାର୍ଥନା କରିଚାଲନ୍ତୁ ଯେ ଏ ଆମର ପ୍ରାର୍ଥନା ଶୁଣିବା ବାଲା ଇଶ୍ୱର

*ହୋ ଫଜଲ୍ ତେରା ୟାରବ୍*
*ୟା କୋଇ ଇବ୍‌ତିଲା ହୋ*
*ରାଜି ହେଁ ହମ୍ ଉସିମେଁ*
*ଜିସମେଁ ତେରି ରଜା ହୋ*
*(କଲାମେ ମେହମୁଦ୍, ପୃ-୨୭୩)*

ପ୍ରୀୟ ଶ୍ରୋତାଗଣ ! ଏହି ଜଗତର ସମ୍ପୂର୍ଣ୍ଣ କଳଟି ଇଶ୍ୱରଙ୍କ ଦ୍ୱାରା ପରିଚାଳିତ ହେଉଅଛି । ପବନ, ଝଡ଼ତୋଫାନ ଏବଂ ବର୍ଷା ସବୁକିଛି ଇଶ୍ୱରଙ୍କ ନିଦ୍ଦେଶ ମୁତାବକ ପରିଚାଳିତ କୌଣସି ଜାତି ଏବଂ କୌଣସି ଇଲାକା ପାଇଁ ବର୍ଷା କରୁଣା ହୋଇ ବରଷି ଥାଏ ଏବଂ ଆଉ କାହା ପାଇଁ ନୁହ୍ ଙ୍କ କୌମ୍ ସଦୃଶ ଦଣ୍ଡ ସ୍ୱରୁପ ବରଷି ଥାଏ । ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନୁସାରେ ହିଁ ପବନ ଚାଲିଥାଏ ଓ ବନ୍ଦ ମଧ୍ୟ ହୋଇଥାଏ । ସଂସାରର କୌଣସି ଶକ୍ତି ପାଣି, ପବନ, ଝଡ଼ତୋଫାନ ଏବଂ ବର୍ଷାକୁ ନା ତ' କରାଇବାପାଇଁ ଶକ୍ତି ରଖିଛି ଏବଂ ନା ରୋକିବା ପାଇଁ । ବଡ଼ ବଡ଼ ଶକ୍ତିଶାଳି ଦେଶ ଗୁଡ଼ିକରେ ମଧ୍ୟ ବିଧ୍ୱଂସକାରି ବନ୍ୟା ଓ ଝଡ଼ ତୋଫାନ ଆସିଥାଏ ତା' ସମ୍ମୁଖରେ ସରକାରଙ୍କ କର୍ମୀମାନେ ସମ୍ପୂର୍ଣ୍ଣ ରୂପେ ଅସହାୟ ହୋଇଯାଆନ୍ତି ଓ ତାଙ୍କର ସବୁ ପୋଗ୍ରାମ ଓ ଯୋଜନା ପଣ୍ଡ ହୋଇଯାଏ ।

ବେଳେବେଳେ ଜମାତ୍ ଅହେମଦିୟାକୁ ମଧ୍ୟ ଏହି ପ୍ରାକୃତିକ ଏବଂ ଋତୁଚକ୍ର ଜନିତ ଅବସ୍ଥାର ସମ୍ମୁଖିନ ହେବାକୁ ପଡ଼ିଥାଏ । ବ୍ୟବସ୍ଥାପିକା ଏ କଥା ଭାବିଥାଏ ଯେ ଝଡ଼ ତୋଫାନ ଓ ବର୍ଷାଯୋଗୁଁ ଏମାନଙ୍କ ଜମାତି ପୋଗ୍ରାମ ସମ୍ପାଦନ ହୋଇପାରିବ ନାହିଁ । ଏପରି ପରିସ୍ଥିତିରେ ସେମାନେ ନିଜ ପ୍ରୀୟ ଇମାମ ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଗୋଚରେ ନିଜର ଅସୁବିଧାକୁ ପ୍ରକାଶ କରି ପ୍ରାର୍ଥନା କରିବା ନିମନ୍ତେ ନିବେଦନ କରିଥାନ୍ତି ଏବଂ ହଜୁର୍ ଅ:ବ:ଅଙ୍କ ପ୍ରାର୍ଥନାକୁ ଅଲ୍ଲାଃତାଲା ଗ୍ରହଣ କରିଥାଏ ଓ ସେ ଏହି ଝଡ଼ତୋଫାନ ଓ ବର୍ଷାକୁ ଜମାତ୍ ଅହେମଦିୟାର ଉତ୍ସବରେ ପ୍ରତିବନ୍ଧକ ପକାଇବାରେ ରୋକି ଦେଇଥାଏ । ଏବଂ ଅଲ୍ଲାଃତାଲା ସେହି ଝଡ଼ତୋଫାନକୁ ଏପରି ନିଦ୍ଦେଶ ଦେଇ ଥାଏ ଯେପରି କି ସେ ଅଗ୍ନିକୁ ନିର୍ଦ୍ଦେଶ ଦେଇଥିଲା ଯେଉଁଥିରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କୁ ପକାଇଦେବାର (ଯୋଜନା) କରାଯାଇଥିଲା । ହେ ଅଗ୍ନି ତୁ ଶିତଳ ହୋଇଯାଅ ଓ ତା ପାଇଁ ଶାନ୍ତିର କାରଣ ହୋଇଯାଅ ଝଡ଼ତୋଫାନ ଓ ବର୍ଷା ରୋକିଯିବା ସମ୍ବନ୍ଧରେ ହଜୁର୍ ଅ:ବ:ଅଙ୍କ ଦୁଆ ଗୃହୀତ ହେବାର କିଛି ଘଟଣାବଳୀ ବର୍ଣ୍ଣନା କରାଯାଉଅଛି ।

(୧) ୨୦୦୪ ମସିହାରେ ଆଫ୍ରିକା ଗସ୍ତ ସମୟରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନାଇଜେରିଆରୁ ବେନିନ୍ ପହଚିଂଲେ ଓ ମିଶନ୍ ହାଉସ୍‌ରେ ପର୍ଦାପଣ କଲେ ସେତେବେଳେ ଅସର ସମୟ ଥିଲା । ଭୀଷଣ ମୁସଳାଧାର ବର୍ଷା ହେଉଥିଲା ନମାଜ୍ ପାଠ ନିମନ୍ତେ ନମାଜ ସାମିୟାନା ଲଗାଯାଇଥିଲା ଯାହା ଚାରିପଟୁ ଖୋଲାଥିଲା କିନ୍ତୁ ବର୍ଷାଯୋଗୁଁ ସେଠାରେ ନମାଜ୍ ପଢ଼ିବା ଅସମ୍ଭବ ଥିଲା ବରଂ

ଛିଡ଼ା ହେବା ମଧ୍ୟ କଠିନ ଥିଲା ।

ହଜୁର୍ ଯେତେବେଳେ ବାହାରକୁ ବାହାରି ନମାଜ୍ ସମ୍ବନ୍ଧରେ ପଚାରିବୁଝିଲେ, ଅମିର୍ ସାହେବ୍ କହିଲେ କି ବର୍ତମାନ ଭୀଷଣ ବର୍ଷା ହେଉଅଛି ଓ ନମାଜ୍ ପାଇଁ ବାହାରେ ସାମିୟାନା ଲଗାଯାଇଛି କିନ୍ତୁ ବର୍ଷା ଯୋଗୁଁ ଅସୁବିଧା ହେଉଅଛି ।

ହଜୁର୍ ଅନ୍ଓ୍ୱର ଅ:ବ:ଅ ଆକାଶ ଆଡ଼କୁ ଦୃଷ୍ଟି ନିକ୍ଷେପ କରି କହିଲେ ୧୦ ମିନିଟ୍ ପରେ ନମାଜ୍ ପଢ଼ିବା । ଏହାପରେ ହଜୁର୍ ଭିତରକୁ ଚାଲିଗଲେ । ଦୁଇ ତିନି ମିନିଟ୍ ବିତି ନଥିଲା ଯେ ଅଚାନକ୍ ବର୍ଷା ବନ୍ଦ ହୋଇଗଲା ଆକାଶ ନିର୍ମଳ ହୋଇଗଲା ଦେଖୁ ଦେଖୁ ଖରା ବାହାରିପଡ଼ିଲା ଏବଂ ସେହି ସାମିୟାନା ତଳେ ନମାଜ୍ ପଢ଼ିବାର ବ୍ୟବସ୍ଥା ହୋଇଗଲା ସ୍ଥାନୀୟ ଲୋକମାନେ ଏହି ନିଶାନ୍ (ଅର୍ଥାତ୍ ନିଦ୍ଦର୍ଶନ) ଦ୍ୱାରା ବହୁତ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନଙ୍କର କହିବାର ଥିଲା କି ଏଠାରେ ଯଦି ବର୍ଷା ଆରମ୍ଭ ହୋଇଯାଏ ତେବେ ଅନେକ ସମୟ ପର୍ଯ୍ୟନ୍ତ ଜାରି ରହିଥାଏ, ହଜୁର୍ ୧୦ ମିନିଟ୍ କହିଥିଲେ କିନ୍ତୁ ଏହା ତିନି ମିନିଟ୍‌ରେ ଶେଷ ହୋଇଗଲା ଏବଂ ନା କେବଳ ଶେଷ ହୋଇଗଲା ବରଂ ବାଦଲ ଗୁଡ଼ିକ ମଧ୍ୟ ଉଭେଇଗଲେ ।

(୨) ସେହିପରି କାନାଡ଼ା ଗସ୍ତ ସମୟରେ ଯେବେ କାଲ୍‌ଗିରି ମସଜିଦ୍‌ର ଭିତିପ୍ରସ୍ତର ରଖାଯିବାର ଥିଲା । ତା'ର ଗୋଟିଏ ଦିନ ପୂର୍ବରୁ କାନାଡ଼ାର ଅମିର୍ ସାହେବ୍ ହଜୁର୍‌ଙ୍କ ଗୋଚରେ ନିବେଦନ କଲେ କି ପାଣିପାଗ ବିଭାଗ ଦଫ୍‌ତର ଏ ଖବର ଦେଇଛନ୍ତି କି ପାଣିପାଗ ଭୀଷଣ ଖରାପ ରହିବ ଭୀଷଣ ବର୍ଷା ହେବ ଏବଂ ଝଡ଼ତୋଫାନ ଚାଲିବ । କାଲି ସକାଳେ ମସ୍‌ଜିଦ ର ମୂଳଦୁଆ ପଢ଼ିବ ଅତିଥିମାନେ ମଧ୍ୟ ଆସୁଛନ୍ତି । ତେଣୁ ଅମିର୍ ସାହେବ ଦୁଆ କରିବା ପାଇଁ ନିବେଦନ କଲେ ।

ଏଥିରେ ହଜୁର୍ ଅନଓ୍ୱର ଅ:ବ:ଅ କିଛି ସମୟ ରହିଗଲେ, ଏବଂ ପୁଣି କହିଲେ "ଯେଉଁ ମସ୍‌ଜିଦ ର ମୂଳଦୁଆ ଆମେ ରଖିବାକୁ ଯାଉଅଛୁ ତାହା ମଧ୍ୟ ହେଉଛି ଇଶ୍ୱରଙ୍କର ଘର ଏବଂ ମୌସମ ମଧ୍ୟ ଖୁଦାଙ୍କ ହାତରେ ରହିଛି ତେଣୁ ଏହାକୁ ଖୁଦାଙ୍କ ଭରଷାରେ ଛାଡ଼ି ଦିଅ । ଅଲ୍ଲାଃ ଦୟା କରିବେ"

ସୁଂତରା ତା'ପର ଦିନ ସକାଳେ ବର୍ଷାର ଚିହ୍ନ ବର୍ଣ୍ଣ ନଥିଲା ବହୁତ ସୁନ୍ଦର ପାଗ ଥିଲା ଭିତିପ୍ରସ୍ତର ରଖିବାର ଉତ୍ସବ ପାଳନ ହେଲା ପାଖା ପାଖି ଦୁଇ ଘଂଟାର ପ୍ରୋଗ୍ରାମ ଥିଲା । ଏହି ସମସ୍ତ କାର୍ଯ୍ୟ ସାରି ହଜୁର୍ ଅନୁଓ୍ୱର ଯେଉଁ କ୍ଷଣି କାର୍ ଭିତରେ ବସିଲେ ଓ ଦରଜା ବନ୍ଦ କରାଗଲା ସେହି କ୍ଷଣି ଅଚାନକ ଭୀଷଣ ମୁଷଳଧାରାରେ ବର୍ଷା ଆରମ୍ଭ ହୋଇଗଲା ତା' ସହିତ ଖୁବ୍ ଜୋରରେ ପବନ ବହିବା ଆରମ୍ଭ ହୋଇଗଲା ଓ ଏହିପରି ଅନବରତ ତିନି ଘଂଟା ବର୍ଷା ଓ ପବନ ଜାରି ରହିଲା । ଏହା ଗୋଟିଏ ନିଶାନ୍ (ନିର୍ଦ୍ଦଶନ) ଥିଲା ଯାହା ହଜୁର୍‌ଙ୍କ ପ୍ରାଥନା ଦ୍ୱାରା ସେଠାରେ ପ୍ରକାଶ ହେଲା ଏବଂ ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତି ଉକ୍ତ ନିଶାନ୍‌କୁ ଦେଖି ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହେଉଥିଲା ।

**(ଅଲ୍‌ଫଜଲ୍ ଦୁଆ ସଂଖ୍ୟା ୨୮/ ଡିସେମ୍ବର ୨୦୧୫, ପୃ-୪୩,୪୫)**

(୩) ୨୦୦୮ ମସିହାରେ କେତେକ କାରଣ ବସତଃ ଜଲ୍‌ସା ସାଲାନା କାଦିୟାନ ଡିସେମ୍ବର ମାସର ଧାର୍ଯ୍ୟ ତାରିଖ ଗୁଡ଼ିକରେ ଅନୁଷ୍ଠିତ ହୋଇପାରିନଥିଲା ବରଂ ୨୫,୨୬ ଏବଂ ୨୭ ମଇ ୨୦୦୯ରେ ଅନୁଷ୍ଠିତ ହେଲା ଶେଷ ଦିନ ହଜୁର୍‌ଙ୍କ ଉଦ୍‌ଯାପନୀ ଭାଷଣ ହେବାର ଥିଲା ମଇ ମାସଟି ପଞ୍ଜାବ ପ୍ରଦେଶରେ ଧୂଳିପୁର୍ଣ୍ଣ ଝଡ଼ି ତୋଫାନ ବହିଥାଏ ଶେଷ ସଭା ଆରମ୍ଭ ହେବା କ୍ଷଣି ଖୁବ୍ ଜୋରରେ କାଳବୈଶାଖି ବହିବାକୁ ଲାଗିଲା ପାଣିପାଗ ବିଭାଗ ମଧ୍ୟ ଖୁବ୍ ଜୋରରେ ପବନ ବହିବା ଏବଂ ବର୍ଷା ହେବାର ସୂଚନା ମଧ୍ୟ ଦେଇଥିଲା । ଜଲ୍‌ସାଗାଃରେ ଅହେମଦିମାନଙ୍କ ବ୍ୟତିତ ହିନ୍ଦୁ, ଶିଖ୍ ଏବଂ ଇସାଇ ବନ୍ଧୁମାନେ ମଧ୍ୟ ହଜୁର୍‌ଙ୍କ ଅଭିଭାଷଣ ଶୁଣିବା ନିମନ୍ତେ ଏକାଠି ହୋଇଥିଲେ ପବନ ଅଧିକରୁ ଅଧିକ ବହିବାକୁ ଲାଗିଲା ଏପରି ଅନୁଭବ ହେଉଥିଲା କି ଯେପରି ଜଲ୍‌ସାଗାଃର ସମସ୍ତ ବସ୍ତୁ ବୋଧ୍ ହୁଏ ଉଡ଼ି ଚାଲିଯିବ । ସବୁଠାରୁ ବଡ଼ ଆଶଙ୍କା ଏହା ଥିଲା କି ବିଜୁଳିବତୀ ଏବଂ ଏମ୍.ଟି.ଏ ରେ କୌଣସି ପ୍ରତିବନ୍ଧକ ନ ପଡ଼ିଯାଉ । ତେଣୁ ହଜୁର୍ ଅନୁଓ୍ୱରଙ୍କ ଗୋଚରେ ସମସ୍ତ ଘଟଣାବଳୀକୁ ଲିଖିତ ଆକାରରେ ଉପସ୍ଥାପନ କରି ପାଗ ଠିକ୍ ହୋଇଯିବା ନିମନ୍ତେ ପ୍ରାଥନା କରିବାପାଇଁ ନିବେଦନ କରାଗଲା । ତିଲାଓ୍ୱତ୍ ଏବଂ ନଜମ୍ ପାଠ ପରେ ହଜୁର୍ ନିଜ ଭାଷଣର ପ୍ରାରମ୍ଭରେ କହିଲେ କି "କାଦିୟାନରୁ ଏତ୍‌ଲା ମିଳିଛି ଯେ ବର୍ତମାନ ସେଠାରେ ଖୁବ୍ ଜୋରରେ ପବନ ବହୁଅଛି ତେଣୁ ଦୁଆ କରନ୍ତୁ ଯେ ଜଲ୍‌ସାର ପରିସମାପ୍ତି ସୁଚାରୁ ରୂପେ ହୋଇଯାଉ"

ହଜୁର୍ ଅନ୍‌ଓ୍ୱର୍‌ଙ୍କ ଉକ୍ତ ଦୁଆଟି କୁବୁଲ୍ ଅର୍ଥାତ୍ ଗୃହୀତ ହେଲା ଏବଂ ଦୁଇ ତିନି ମିନିଟ ମଧ୍ୟରେ କାଳବୈଶାଖି ବନ୍ଦ ହୋଇଗଲା ଗରମ ପାଗଟି ଥଣ୍ଡା ପାଗରେ ପରିବର୍ତନ ହୋଇ ସୁନ୍ଦର ପାଗ ହୋଇଗଲା । ତେଣୁ ଶ୍ରେତାଗଣ ବହୁତ ଶାନ୍ତିର ସହିତ ହଜୁର୍ ଅନ୍‌ଓ୍ୱରଙ୍କ ଭାଷଣ ଶୁଣିଲେ । ଅଲ୍‌ହମ୍‌ଦୋ ଲିଲ୍ଲାହି ଆଲ୍ଲା ଜାଲିକ୍ । ନିଜ ଲୋକମାନଙ୍କ ବ୍ୟତିତ ହିନ୍ଦୁ ଓ ଶିଖ୍ ଭାଇମାନେ ମଧ୍ୟ ଏକଥା କୁ ସ୍ୱୀକାର କଲେ କି ଏହା ହଜୁର୍‌ଙ୍କ ପ୍ରାର୍ଥନାର ଏକ ନିଦ୍ଦର୍ଶନ ଥିଲା ।

(୪) ହଜ୍‌ରତ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଦୁଆ ଗ୍ରହଣୀୟ ହବାର ଗୋଟିଏ ବିଶ୍ୱାସବର୍ଦ୍ଧକ ଘଟଣା ଘାନା ଦେଶ ସହିତ ସମ୍ବନ୍ଧିତ । ହଜୁର୍ ଅନ୍‌ଓ୍ୱର ଅ:ବ:ଅ ଯେବେ ୨୦୦୪ ମସିହାରେ ଘାନା ଯାଇଥିଲେ ସେଠାରେ ଏକ ଅବସରରେ ଯାତ୍ରା ସମୟରେ ହଜୁର୍ ଅନ୍‌ଓ୍ୱର ଅ:ବ:ଅ ଘାନାବାସୀଙ୍କୁ ଏ ସୁସମାଚାର ଦେଇଥିଲେ କି ଘାନାର ଭୁଇଁ ତଳୁ ତେଲ ବାହାରିବ । ସୁଂତରା ୨୦୦୮ ମସିହାରେ ଖିଲାଫତ୍ ଜୁବୁଲୀ ଅବସରରେ ହଜୁର୍ ଯେବେ ଘାନା ପୁର୍ନବାର ଗଲେ ସେତେବେଳେ ଘାନା ଦେଶର ପ୍ରେସିଡେଂଟ ସାକ୍ଷାତକାର ସମୟରେ ହଜୁର୍‌ଙ୍କୁ ନିବଦେନ ଜଣାଇଲେ ଯେ ହଜୁର୍‌ଙ୍କ ଆମ ଦେଶ ପାଇଁ ଥିବା ପ୍ରାର୍ଥନା କୁବୁଲ୍ ହେଉଅଛି । ହଜୁର୍ ନିଜର ବିଗତ ଗସ୍ତ ସମୟରେ ଏ କଥା କହିଥିଲେ କି ଘାନାର ଭୁଇଁ ତଳେ ତେଲ ଅଛି ଏବଂ ଏଠାରୁ ତେଲ ବାହାରିବ । ହଜୁର୍ ଅନ୍‌ଓ୍ୱର ଅ:ବ:ଅ ଙ୍କ ଏହି ଦୁଆ ବହୁତ ମହାନତାର ସହିତ ଗୃହୀତ ହୋଇଛି ଓ ପଛ ବର୍ଷ ଘାନାରୁ ତେଲ ବାହାରିଛି ।

ସୁଂତରା ଏ ଦୃଷ୍ଟିକୋଣରୁ ଘାନାର ପ୍ରସିଦ୍ଧ ଜାତୀୟ ଖବର କାଗଜ Daily Graphic ନିଜର ୧୭ ଏପ୍ରିଲ୍ ୨୦୦୮ର ଖବର କାଗଜର ପ୍ରଥମ ପୃଷ୍ଠାରେ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ଘାନାର ରାଷ୍ଟ୍ରପତିଙ୍କ ହେଇଥିବା ସାକ୍ଷାତକାରର ରିପୋର୍ଟକୁ ପ୍ରକାଶ କରି ଲେଖିଛି "ଖଲିଫ୍‌ତୁଲ୍ ମସିହ୍ ନିଜର ୨୦୦୪ ମସିହାର ଘାନା ଗସ୍ତ ସମୟରେ ଘାନାରେ ତେଲ ବାହାରିବା ସମ୍ପର୍କରେ ପଚାରା ଯିବାରୁ ବହୁତ ଦୃଢ଼ ବିଶ୍ୱାସାର ସହିତ ତେଲ ବାହାରିବା କଥାକୁ ପ୍ରକାଶ କରିଥିଲେ ଏବଂ ଏହି ବିଶ୍ୱାସ ବିଗତ ବର୍ଷ ବାସ୍ତବତାରେ ପରିବର୍ତନ ହୋଇଗଲା ସୁଂତରା ବିଗତ ବର୍ଷ ଘାନାର ଭୁଇଁ ତଳୁ ତେଲ ବାହାରିଲା ।

**(ଅଲ୍‌ଫଜଲ୍ ଦୁଆ ସଂଖ୍ୟା ୨୮/ ଡିସେମ୍ବର ୨୦୧୫, ପୃ-୪୩,୪୫)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି "ଯଦି ମୃତ ବ୍ୟକ୍ତି ଜୀବନ ପାଇପାରେ ତେବେ ଦୁଆ ଦ୍ୱାରା ଏବଂ ଯଦି କଏଦୀ ମୁକ୍ତି ପାଇପାରେ ତେବେ ତାହା ଦୁଆ ଦ୍ୱାରା (ସମ୍ଭବ) ।"

**(ଲେକ୍‌ଚର ସିଆଲ୍‌କୋଟ୍, ରୁହାନି ଖଜାୟନ ଖଣ୍ଡ ୨୦ ପୃ-୨୬୪)**

ସମ୍ମାନୀୟ ଶ୍ରୋତାଗଣ !!

ଅଲ୍ଲାଃତଲା ହଜୁର୍ ଅନଓ୍ୱର ଅ:ବ:ଅଙ୍କ ଦୁଆ ଦ୍ୱାରା ବନ୍ଦୀ ଓ କଏଦୀ ମାନଙ୍କ ମୁକ୍ତି ପାଇବାର ବାଟ ଫିଟାଇ ଦେଇଛି ଏ ସମ୍ବନ୍ଧରେ ଗୋଟିଏ କଥା କହୁଛି । ଟ୍ୟୁନସ୍ ଦେଶର ନିବାସୀ ଜଣେ ବନ୍ଧୁ ମୁଜଫର୍ ସଇଦ୍ ସାହେବ ଜଣେ ଧାର୍ମିକ ହୋଇଥିବାରୁ ତାଙ୍କ ଉପରେ ଆତଙ୍କବାଦୀର ଦଫା ଲଗାଇ ତାଙ୍କୁ ଜେଲ୍ ଭିତରେ ପୁରାଇଦିଆଗଲା ଏବଂ ପୁଣି ଅନେକ ଥର ଜେଲ୍‌ରୁ ମୁକୁଳିବା ଏବଂ ପୁଣି କଏଦ ହେବାର ଧାରା ଜାରି ରହିଲା । ଏହି ଅବଧିରେ ସେ ଜମାତ୍ ସମ୍ବନ୍ଧରେ ଶୁଣିବାକୁ ପାଇଲେ ଏବଂ ତହ୍‌କିକ୍ (ଅନୁଧାନ) କରିବା ପରେ ମସିହ୍ ମଉଦ୍ ଆ:ସଙ୍କ ଉପରେ ଇମାନ୍ ନେଇ ଆସିଲେ । ଶେଷଥର ଯେବେ ତାଙ୍କୁ ଜେଲ୍ ଦଣ୍ଡ ହେଲା ସେତେବେଳେ ସେ ଅହେମଦି ହୋଇସାରିଥିଲେ ସୁଂତରା ଜେଲ୍ ଯିବା ସମୟରେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଗୋଚରେ ଗୋଟିଏ ଚିଠି ଲେଖି ପ୍ରେରଣ କରିଦେଲେ ଯେ ଯଦିଚ ଅଭିଯୋଗ ବହୁତ ସଙ୍ଗିନ କିନ୍ତୁ ପ୍ରାର୍ଥନା କରନ୍ତୁ ଯେ ଅଲ୍ଲାଃତାଲା ନିଜ କରୁଣାବଳରୁ ମୁକ୍ତିର ରାସ୍ତା ଖୋଲିଦିଅନ୍ତୁ ।

ଇଶ୍ୱରଙ୍କ ଶକ୍ତି ଦେଖନ୍ତୁ ଯେ କେବଳ ସାତ ସପ୍ତାହ ପରେ ଟ୍ୟୁନସ୍ ଦେଶରେ ବିପ୍ଳବ ଆସିଲା ତା'ପରେ ଟ୍ୟୁନସ୍‌ର ରାଷ୍ଟ୍ରପତି ଦେଶ ଛାଡ଼ି ପଳାୟନ କଲେ ଏହି ଅବସରରେ ସମସ୍ତ କଏଦୀ ମାନେ ବିପ୍ଳବ କରିଦେଲେ ସେମାନଙ୍କ ଉପରେ ଜେଲ୍‌ର ସୁରକ୍ଷାକର୍ମୀଗଣ ଆଖିବୁଜା ଗୁଳି ଚାଳନା କଲେ ଏହି ଧାରା ଆଠ ଘଂଟା ପର୍ଯ୍ୟନ୍ତ ଜାରି ରହିଲା ଫଳତଃ ସହସ୍ରାଧିକ ସଂଖ୍ୟାରେ କଏଦୀମାନେ ମୃତ୍ୟୁବରଣ କଲେ । ମୁଜାଫ୍‌ର ସଇଦ୍ ସାହେବ ବର୍ଣ୍ଣନା କରୁଛନ୍ତି କି ଜେଲ୍ ଭିତରେ ସେହି ରାତିଟି ମୋ ପାଇଁ କୟାମତ ଠାରୁ କିଛି କମ୍ ନଥିଲା ସକାଳ ହବାରେ ସିପାହୀମାନେ ଜେଲ୍ ର ଫାଟକ ଖୋଲିଦେଲେ ଓ ଜୀବନରୁ ବଂଚି ଯାଇଥିବା କଏଦୀମାନଙ୍କୁ କହିଲେ କି ତୁମେ ବର୍ତମାନ ସ୍ୱାଧୀନ ।

ତିନିମାସ ପରେ ଦେଶର ଅବସ୍ଥା ସମ୍ପୁର୍ଣ୍ଣରୂପେ ପରିବର୍ତନ ହେଇଗଲା ଏବଂ ଏକ ସରକାରୀ ନିର୍ଦ୍ଦେଶନାମା ଅନ୍ତର୍ଗତ ସମସ୍ତ ରାଜନୀତିକ କଏଦୀମାନଙ୍କୁ କ୍ଷମା କରିଦିଆଯିବାର ଘୋଷଣା କରାଗଲା । ଏହିପରି କେବଳ ଈଶ୍ୱରଙ୍କ କୃପାରୁ ମୁଁ ମଧ୍ୟ ବିନା କୌଣସି ଭୟରେ ସ୍ୱାଧୀନତାର ମୁକ୍ତ ବାୟୁକୁ ନିଶ୍ୱାସ ନେବାକୁ ଲାଗିଲି । କାଳେ କାହା ମନରେ ଏ ଭାବନା ସୃଷ୍ଟି ହେଉଥିବ କି ମୋର ମୁକ୍ତି ଓ ନିର୍ଦ୍ଦୋଶ ହେବା ଦେଶ

ର ବିପ୍ଳବ ଯୋଗୁଁ ହୋଇଛି କିନ୍ତୁ ମୋ ମତ ତା'ଠାରୁ ଭିନ୍ନ ମୁଁ ପୁର୍ଣ୍ଣ ବିଶ୍ୱାସରେ କହିପାରେ କି ମୋର ମୁକ୍ତି ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଦୁଆ ଅର୍ଥାତ ପ୍ରାର୍ଥନା ଯୋଗୁଁ ସମ୍ଭବ ହୋଇଛି । ମୁଁ ଗିରଫ୍ ହେବା ପରେ ଜେଲ୍ ଯିବା ସମୟରେ ହଜୁର୍ ଅନ୍‌ଓ୍ୱରଙ୍କ ନିକଟକୁ ଦୁଆ କରବାପାଇଁ ଚିଠି ଲେଖିଥିଲି ସୁତରାଂ ପ୍ରଥମତଃ ଅଲ୍ଲାଃତାଲା ଚମତ୍କାର ରୂପେ ଜେଲ୍‌ରେ ହୋଇଥିବା ଆଖିବୁଜା ଗୁଳିରୁ ମୋତେ ସୁରକ୍ଷିତ ରଖିଲେ ତତ୍‌ସହିତ ଜେଲର ଫାଟକ ମଧ୍ୟ ଖୋଲିଗଲା । ମୁକ୍ତି ପାଇବା ପରେ ଯେବେ ମୁଁ ଘରେ ପହଚିଂଲି ସେଠାରେ ହଜୁର୍ ଅନ୍‌ଓ୍ୱରଙ୍କ ତରଫରୁ ମୋ ଚିଠିର ଉତର ଆସି ପହଚିଂ ଯାଇଥିଲା ମୁଁ ତାହା ଖୋଲି ପଢ଼ିବାରେ ହଜୁର୍ ଅନ୍‌ଓ୍ୱର ସେଥିରେ ଲେଖିଥିଲେ କି ଅଲ୍ଲାଃତାଲା ଚମତ୍କାର ରୂପେ ମୁକ୍ତି ପ୍ରଦାନ କରନ୍ତୁ ଏହି ଚିଠି ପଢ଼ିବା କ୍ଷଣି ମୋର ବିଶ୍ୱାସ ହୋଇଗଲା ଯେ ମୋ ମୁକ୍ତି (କେବଳ) ଖଲିଫାଙ୍କ ପ୍ରାର୍ଥନା ଗ୍ରହଣୀୟ ହେବା ଯୋଗୁଁ ହୋଇପାରିଛି ନା କି ଆଉ କେଉଁଥିପାଇଁ ।

ସମ୍ମାନୀୟ ଶ୍ରୋତାବୃନ୍ଦ !! ଚନ୍ଦ୍ରମାସ ଓ ଚନ୍ଦ୍ରବର୍ଷକୁ ଇସାଲାମରେ ଏକ ବିଶେଷ ମାନ୍ୟତା ହାସଲ ଅଛି ଚନ୍ଦ୍ରବର୍ଷ ଦୃଷ୍ଟିକୋଣରୁ ଚଉଦ ସଦି ହିଜିରିର ଛବିଶତମ ବର୍ଷରେ ପବିତ୍ର କୋରାନ୍ ଏବଂ ସୟଦନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ କାଦିୟାନ ଭୂମିରେ ପଚିଶ ରବିଉଲ୍ ସାନି ୧୩୨୬ ହିଜିରି କମ୍ରି ଦିନ ଖିଲାଫତେ ଇସ୍‌ଲାମିୟା ଅହମ୍ମଦିୟାର ଶୁଭାରମ୍ଭ ହୋଇଥିଲା ୧୪୨୬ ହିଜିରି କମ୍ରି ବର୍ଷ ଏହି ମହାନ୍ ଐତିହାସିକ ଘଟଣାକୁ ଏକ ସଦି ଅର୍ଥାତ୍ ୧୦୦ବର୍ଷ ପୂର୍ଣ୍ଣ ହେବାକୁ ଯାଉଥିଲା ସୁଂତରା ୧୪୨୬ ହିଜିରି କମ୍ରି ବର୍ଷ ମୁତାବକ ୨୦୦୫ ମସିହାର ପ୍ରାରମ୍ଭରେ ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କାଦିୟାନ୍ ଜଲ୍‌ସା ସାଲାନା ରେ ଯୋଗ ଦେବା ପାଇଁ ନିସ୍ବତି କଲେ ଏବଂ ପ୍ରୋଗ୍ରାମ ମୁତାବକ ହଜୁର୍ କାଦିୟାନରେ ଏକ ମାସ ପର୍ଯ୍ୟନ୍ତ ରହିବାର ଥିଲା ତେଣୁ ହଜୁର୍ ଅନ୍‌ଓ୍ୱର ଏ ନିର୍ଦ୍ଦେଶ ଦେଇଥିଲେ କି ସମସ୍ତ ଭାଷଣ ଗୁଡ଼ିକ ଏବଂ ଖୁତ୍‌ବା ଗୁଡ଼ିକ ଏମ୍.ଟି.ଏ କାଦିୟାନ ଜରିଆରେ ସିଧାପ୍ରସାରଣ କରାଯିବ । ସେ ସମୟ ପର୍ଯ୍ୟନ୍ତ କାଦିୟାନ୍‌ରୁ ସିଧାପ୍ରସାରଣ ହେବାର କୌଣସି ବ୍ୟବସ୍ଥା ନଥିଲା ଏବଂ ନା ହିଁ ସେଥିପ୍ରତି ଭାବନା ଥିଲା ।

ହଜୁର୍ ଅନ୍‌ଓ୍ୱରଙ୍କ ତରଫରୁ ନିର୍ଦ୍ଦେଶ ମିଳିବାପରେ ଜମାତ୍‌ର କର୍ମୀମାନେ ନୁଆଦିଲ୍ଲୀର ନିକଟରେ ଥିବା "ନୋଏଡ଼ା ସହରରେ ସ୍ଥାପିତ ଗୋଟିଏ ଟିଭି ବ୍ରଡ଼କାଷ୍ଟିଙ୍ଗ କମ୍ପାନି ସହିତ ପ୍ରୋଗ୍ରାମ ପ୍ରସାରଣ କରିବା ପାଇଁ ଚୁକ୍ତି ତ କରିନେଲେ କିନ୍ତୁ ଏହି ପ୍ରସାରଣ ଭାରତ ସରକାରଙ୍କ ବ୍ରଡ଼କାଷ୍ଟିଙ୍ଗ ମିନିଷ୍ଟ୍ରି ବିନା ଅନୁମତିରେ ପ୍ରସାରଣ ହେବା ସମ୍ଭବ ନଥିଲା ଓ ସେଥିପାଇଁ ଜୁଲାଇ ୨୦୦୫ରେ ହିଁ ଅନୁମତି ନେବା ପାଇଁ ଦରଖାସ୍ତ ଦିଆ ସରିଥିଲା । ଏ କାର୍ଯ୍ୟକୁ କରାଇବା ନିମନ୍ତେ ୬ ମାସରୁ ଅଧିକା ସମୟ ଲାଗିଗଲା କିନ୍ତୁ କୌଣସି ଆଶା ଦେଖାଯାଉନଥିଲା । ପରିଶେଷରେ ହଜୁର୍ ଅନ୍‌ଓ୍ୱର ଅ:ବ:ଅ କାଦିୟାନ୍ ନିମନ୍ତେ ଲଣ୍ଡନରୁ ଆସି ଦିଲ୍ଲୀରେ ପହଂଚିଗଲେ ଏବଂ ୧୫ ଡିସେମ୍ବର ୨୦୦୫ ଦିନ ଦିଲ୍ଲୀରୁ କାଦିୟାନ ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ ଥିଲା ସେ ପର୍ଯ୍ୟନ୍ତ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅନୁମତି ଦେଇନଥିଲା ଏହି ସମସ୍ତ ଅବସ୍ଥା ବିଷୟରେ ହଜୁର୍ ଅନ୍‌ଓ୍ୱରଙ୍କ ଜ୍ଞାତସାରରେ ଅବଗତ ହେଲା । ହଜୁର୍ କାଦିୟାନ୍ ଯାତ୍ରା କରିବାର ଗୋଟିଏ ଦିନ ପୂର୍ବରୁ କହିଲେ: "ମୁଁ ସେ ପର୍ଯ୍ୟନ୍ତ କାଦିୟାନ ଯିବିନାହିଁ ଯେ ପର୍ଯ୍ୟନ୍ତ ପ୍ରୋଗ୍ରାମ ଗୁଡ଼ିକର ସିଧା ପ୍ରସାରଣ କରିବାର ଅନୁମତି ନ ମିଳିଛି"

ସାରା ପୃଥିବିର ମାଲିକ ଓ ଦାୟିତ୍ୱ ତୁଲାଉଥିବା ଅଲ୍ଲାଃତାଲା ହଜୁର୍ ଅ:ବ:ଅଙ୍କ ଦୁଆ କବୁଲ୍ କଲେ ସେ ଏପରି ଅବସ୍ଥା ସୃଷ୍ଟିକଲେ ଯେ ସେହିଦିନ ସଂଧ୍ୟା ୫ଟା ବେଳେ ଅନୁମତି ପତ୍ର ମିଳିଗଲା ଏବଂ ସମସ୍ତ ଅଭିଭାଷଣ ଓ ଖୁତ୍‌ବା ଗୁଡ଼ିକ କାଦିୟାନରୁ ଏମ୍.ଟି.ଏ ଜରିଆରେ ସିଧା ପ୍ରସାରଣ ହେଲା । ଅନୁମତି ଦେବା ଲୋକମାନଙ୍କ ମନରେ ଅନୁମତି ପତ୍ର ଦେବାପାଇଁ ଉତ୍ସାହ ସୃଷ୍ଟି କରିବା କାହା କଥାରେ ନଥିଲା ଏହା କେବଳ ହଜୁର୍‌ଙ୍କ ଦୁଆ ଓ ଅଲ୍ଲାଃତାଲାଙ୍କ କୃପା ଯୋଗୁଁ ହିଁ ସମ୍ଭବ ହୋଇପାରଲା । ଅଲ୍‌ହମ୍‌ଦୋ ଲିଲ୍ଲାଃ ।

ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରାର୍ଥନା ଦ୍ୱାରା ରୋଗିମାନଙ୍କୁ ଆରୋଗ୍ୟ ମିଳିଛି । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ଏହି କଥନ ଟିକୁ ଦରଜ କରିଛନ୍ତି କି, ***ଓ୍ୱ ଇଜା ମରିଜ୍‌ତୁ ଫହୁଓ୍ୱ ୟଶ୍‌ଫିନି । (ଶୋଅରା : ୮୧)*** ଅର୍ଥାତ୍ ଯେବେ ମୁଁ ବିମାର ହୋଇଥାଏ ସେ (ଅଲ୍ଲାଃ) ମୋତେ ଆରୋଗ୍ୟ ପ୍ରଦାନ କରେ । ସଂସାରର ଡାକ୍ତର, ବୈଦ୍ୟ ଏବଂ ଚିକିତ୍ସକମାନେ ଉପଚାର ଓ ଔଷଧ ତ ଦେଇଥାନ୍ତି କିନ୍ତୁ ଆରୋଗ୍ୟ ପ୍ରଦାନ କରିବା ତାଙ୍କ ହାତର କଥା ନୁହେଁ । ଆରୋଗ୍ୟ କେବଳ ଏବଂ କେବଳ ଅଲ୍ଲାଃତାଲା ହିଁ ପ୍ରଦାନ କରିପାରିବେ । ଅନେକ ଘଟଣା ଏପରି ସାକ୍ଷୀ ଅଛି କି ଡାକ୍ତରମାନେ ତ କିଛି ରୋଗୀଙ୍କୁ ଚିକିତ୍ସା କରିବା ଅସମ୍ଭବ ବୋଲି ଅବିହିତ କଲେ କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରାର୍ଥନା ଫଳରେ ସେମାନେ ଆରୋଗ୍ୟ ଲାଭ କଲେ ।

ପ୍ରୀୟ ଶ୍ରୋତଗଣ !! ପାଲେସ୍‌ଟାଇନ୍‌ର ଉମର୍ ଅବୁ ଅର୍କୁବ୍ ସାହେବ ବତାଇଲେ କି ୫ ଜଣ ଡାକ୍ତର ତାଙ୍କ ରୋଗ ସମ୍ବନ୍ଧରେ ଗବେଷଣା କରି ଏ କଥାରେ ଉପନିତ ହେଲେ କି ତାଙ୍କୁ କ୍ୟାନସ୍‌ର ହୋଇଯାଇଛି ଓ ତାହା ପାକସ୍ଥଳୀଠାରୁ ନେଇ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପି ଗଲାଣି ଓ ଡାକ୍ତରମାନେ ଏ କଥା ମଧ୍ୟ କହିଦେଲେ ଯେ ସେ ଆଉ କେବଳ ତିନିମାସ ପର୍ଯ୍ୟନ୍ତ ଜିବିତ ରହିବେ ।

ଉମ୍ମର ଅବୁ ଅର୍କୁବ୍ ସାହେବ ବର୍ଣ୍ଣନା କରୁଛନ୍ତି କି ଯେତେବେଳେ ତାଙ୍କ ଝିଅଙ୍କୁ ଏହି ଭୟଙ୍କର ରୋଗ ବିଷୟରେ ଜଣାପଡ଼ିଲା ସେତେବେଳେ ସେ ଶ୍ରୀମାନ୍ ମୁହମ୍ମଦ ଶରିଫ୍ ସାହେବ ଔଦାଃ ସାହେବଙ୍କୁ, ଯିଏ କବାବିର୍‌ରୁ ଲଣ୍ଡନ ଯାଇଥିଲେ, ତାଙ୍କୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କଲେ ଏଥିରେ ସେ ହଜୁର୍ ଅନ୍‌ଓ୍ୱରଙ୍କ ଗୋଚରରେ ଆରୋଗ୍ୟ ଲାଭ ନିମନ୍ତେ ବିନମ୍ରତାର ସହିତ ଦୁଆ କରିବା ପାଇଁ ନିବେଦନ କଲେ । ସୁଂତରା ପ୍ରୀୟ ଆକା ମୋ ଆରୋଗ୍ୟ ଲାଭ ନିମନ୍ତେ ଦୁଆ କଲେ ।

ଏପଟେ ଡାକ୍ତରମାନେ ମୋତେ ପାଲେସ୍‌ଟାଇନ୍‌ରୁ ଅଲ୍‌କଦୁସ୍‌ର ଗୋଟିଏ ଫ୍ରାନ୍‌ସିସ ଡାକ୍ତରଖାନାରେ କ୍ୟାନ୍‌ସର ସ୍ପେଶାଲିଷ୍ଟ ଡାକ୍ତରଙ୍କ ନିକଟକୁ ପଠାଇଦେଲେ । ସେ ଆବଶ୍ୟକ ପରୀକ୍ଷା ନିରିକ୍ଷା କରାଇବା ପରେ ରିପୋର୍ଟ ଦେଖି ମୋତେ କହିଲେ କି ଆପଣ ସମ୍ପୁର୍ଣ୍ଣ ରୂପେ ଆରୋଗ୍ୟ ପାଇସାରିଛନ୍ତି ଏବଂ କ୍ୟାନ୍‌ସରର କୌଣସି ଚିହ୍ନବର୍ଣ୍ଣ ନାହିଁ ।

ଉମ୍ର ଅବୁ ଅର୍କୁବ୍ ସାହେବ ବତାଇଲେ ଯେ ଅଲ୍ଲାଃତାଲା ଆମ ଆକା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରାର୍ଥନାକୁ ମୋ ସପକ୍ଷରେ କବୁଲ୍ କରିଛନ୍ତି ଏବଂ ମୋତେ ସମ୍ପୁର୍ଣ୍ଣ ଆରୋଗ୍ୟ ପ୍ରଦାନ କରିଛନ୍ତି ଅଲ୍‌ହମ୍‌ଦୋ ଲିଲ୍ଲା ଆଲାଜାଲିକ୍ ।

ଆଫ୍ରିକୀୟ ଦେଶ ନାଇଜର୍ ଠାରେ ଆମ ମୁରବୀ ସଗିର୍ ଅହେମ୍ମଦ୍ ସାହେବ କମର୍ ଭୀଷଣ ବୀମାର ହେଇଗଲେ ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ହେଇଯିବାରୁ ରୋଗ ଏତେ ବଢ଼ିଗଲେ ଯେ ସେ କୋମା ଅବସ୍ଥାକୁ ଚାଲିଗଲେ ଏହିପରି ତିନି ଚାରିଦିନ ବିତିଗଲା । ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ହଜୁର୍ ଅନ୍‌ଓ୍ୱରଙ୍କ ନିକଟକୁ ପ୍ରତ୍ୟେକ ଦିନ ରିପୋର୍ଟ ପେଶ୍ କରାଯାଉଥିଲା ତାଙ୍କ ପୂର୍ଣ୍ଣ ଆରୋଗ୍ୟତା ଲାଭ ନିମନ୍ତେ ହଜୁର୍ ଦୁଆ କରୁଥିଲେ । ଦିନେ ହଜୁର୍ ନିର୍ଦ୍ଦେଶ ଦେଲେ କି ତାଙ୍କୁ ଗୋଟିଏ ହୋମିଓପାଥିକ ଔଷଧ ତତ୍‌କ୍ଷଣାତ୍ ଦିଆଯାଉ ସୁଂତରା ପଡ଼ୋଶୀ ଦେଶ ବୁର୍କୀନାଫାସୋରୁ ଆମର ଜଣେ ଡାକ୍ତର ଉକ୍ତ ଔଷଧକୁ ନେଇ ସେଠାରେ ପହଚିଂଲେ ଏବଂ ନିଜେ ଜରୁରୀକାଳିନ ଓ୍ୱାର୍ଡ଼ରେ ଯାଇ ସେହି ଔଷଧକୁ ତାଙ୍କ ମୁହଁରେ ଲଗାଇଲେ ।

ଡାକ୍ତର ସାହେବ ବର୍ଣ୍ଣନା କରୁଛନ୍ତି କି ତାଙ୍କ ମୁହଁରେ ଔଷଧ ଲଗାଇବା କ୍ଷଣି ହିଁ ତାଙ୍କ ଶରିର ଚଳବିଚଳ ହେଲା । ପୁଣି କିଛି ସମୟପରେ ସେ ଆଖି ଖୋଲିଦେଲେ ଓ ତା ପରଦିନ ସମ୍ପୁର୍ଣ୍ଣରୂପେ ହୋସ୍ ଆସିଗଲା ଫଳତଃ ଉଠି ବସିପଡ଼ିଲେ । ଅଲ୍‌ହମ୍‌ଦୁଲିଲ୍ଲାଃ । ଖଲିଫାଙ୍କ ପ୍ରାର୍ଥନା ଦ୍ୱାରା ଜଣେ ମୃତ ଜୀବନ ଫେରିପାଇଲେ ।

ମୁସଲ୍‌ମାନ ମାନଙ୍କ ଗୋଟିଏ ବହୁତ ବଡ଼ ସଂଖ୍ୟା ଏ ବିଶ୍ୱାସ ରଖିଛି କି ବର୍ତମାନ ଯୁଗରେ ଅଲ୍ଲାଃତାଲା ଦୁଆ କୁବୁଲ୍ କରୁନାହାନ୍ତି । ଏପରି ବିଶ୍ୱାସ ରଖିଥିବା ଲୋକମାନଙ୍କୁ ଉଚିତ୍ ହେବ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଆପଣଙ୍କ ଖଲିଫାଙ୍କ ଦୁଆ ଦ୍ୱାରା ଆରୋଗ୍ୟ ଲାଭ କରିଥିବା ଲୋକମାନଙ୍କ ଘଟଣାବଳୀକୁ ଅଧ୍ୟୟନ କରନ୍ତୁ ଫଳତଃ ସେମାନେ ଜାଣିପାରିବେ ଯେ ଡାକ୍ତରମାନେ ଯେଉଁ ରୋଗୀଙ୍କୁ ଭଲ ନ ହେବାର ପ୍ରତିଶୃତି ଦେଇଥିଲେ ଓ ଏ କଥା କହିଦେଇଥିଲେ କି ଯେ ଅଳ୍ପଦିନର ଅତିଥିବୋଲି (କିନ୍ତୁ ଅଲ୍ଲାଃତାଲା ନିଜ ଖଲିଫାଙ୍କ ଦୁଆକୁ ସେମାନଙ୍କ ସପକ୍ଷରେ କବୁଲ୍ କଲେ ଓ ଏକ ପ୍ରକାରର ମୃତପ୍ରାୟକୁ ପୁର୍ନବାର ଜୀବନ ପ୍ରଦାନ କଲେ ।

**ଦୁଆ ଗ୍ରହଣୀୟ ହେବାର ନିଦ୍ଦର୍ଶନ**

ଜଲ୍‌ସା ସାଲନା ଜର୍ମାନୀରେ ବୁଲ୍‌ଗାରିଆ ଦେଶର ଜଣେ ନିଷ୍ଠାବାନ ନୁତନ ଅହେମଦୀ ବନ୍ଧୁ ଏଟେମ୍ ସାହେବ ନିଜ ପରିବାର ସହିତ ସାମିଲ୍ ହୋଇଥିଲେ ସେ ମହାଶୟ କିଛି ବର୍ଷ ପୂର୍ବେ ଇସାଇ ମତ ଛାଡ଼ି ଇସ୍‌ଲାମ୍ ଗ୍ରହଣ କରିଥିଲେ କିନ୍ତୁ ତାଙ୍କ ପତ୍ନୀ ବୟତ୍ କରିନଥିଲେ ତାଙ୍କ ପତ୍ନୀଙ୍କର କହିବାର ଥିଲା କି, ମୋର ତିନୋଟି ଝିଅ ଅଛନ୍ତି ଯଦି ମୋର ଗୋଟିଏ ପୁଅ ହେବ ତା'ହେଲେ ମୁଁ ଅହେମଦୀ ହୋଇଯିବି ସେ ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଗୋଚରରେ ପ୍ରାର୍ଥନା କରିବା ପାଇଁ ଚିଠି ଲେଖିଲେ । ତା'ପର ବର୍ଷ ଯେବେ ସେ

ପୁର୍ନବାର ଜଲ୍‌ସା ସାଲନାରେ ଯୋଗ ଦେଲେ, ସେ ସାତ ମାସର ଗର୍ଭବତୀ ଥିଲେ । ସାକ୍ଷାତକାର ସମୟରେ ସେ ପିଲାଟିର ନାମକରଣ କରିବାପାଇଁ ନିବେଦନ କଲେ ଏଥିରେ ହଜୁର୍ ଅନଓ୍ୱର କେବଳ ପୁଅର ନାମ "ଜାହିଦ୍" ରଖିଲେ ।

ଜଲ୍‌ସା ସାଲନାରୁ ଲେଉଟି ଯାଇ ସେ ମୁରବୀ ସାହେବ୍‌ଙ୍କୁ କହିଲେ କି, ଡାକ୍ତର କହିଛନ୍ତି ଯେ ଝିଅ ହେବ ତେଣୁ ହଜୁର୍ ଅନ୍‌ଓ୍ୱରଙ୍କ ନିକଟକୁ ପୁର୍ନବାର ଝିଅପିଲାର ନାମ ଦେବାପାଇଁ ନିବେଦନ କରାଯାଉ ।

ଏଥିରେ ମୁରବୀ ସାହେବ ଜଣଙ୍କ କହିଲେ କି ଆପଣ ତ କହିଥିଲେ ଯେ ଯଦି ପୁଅ ହେବ ତେବେ ଆପଣ ଅହେମଦୀ ହେଇଯିବେ । ଏବଂ ହଜୁର୍ ଅନ୍‌ଓ୍ୱର ମଧ୍ୟ କେବଳ ପୁଅ ନାମଟିକୁ ପ୍ରଦାନ କରିଛନ୍ତି ତେଣୁ ଇନ୍‌ଶାଅଲ୍ଲାଃ ପୁଅ ହିଁ ହେବ । ଡାକ୍ତର ଯାହା ଇଛା ତାହା କୁହନ୍ତୁ ତାଙ୍କ ମେଶିନ୍ ଯାହା ପ୍ରକାଶ କରିବା କଥା କରୁ କିନ୍ତୁ ଏବେ ଆପଣଙ୍କର ପୁତ୍ର ହେବ କାରଣ ଖଲିଫତୁଲ୍ ମସିହ୍ ପୁଅର ନାମ ଦେଇଛନ୍ତି ।

ସୁଂତରା ଯେତେବେଳେ ପିଲାଟି ଜନ୍ମ ହେଲା ଅଲ୍ଲାଃତାଲା ତାଙ୍କୁ ପୁତ୍ର ସନ୍ତାନ ପ୍ରଦାନ କଲେ ସେ ଜଲ୍‌ସା ସାଲନା ଅବସରରେ ସେହି ପୁତ୍ରଟିକୁ ସାଥିରେ ନେଇ ଆସିଥିଲେ ଓ ଲୋକମାନଙ୍କୁ ଏ କଥା ବତାଉଥିଲେ କି ଦେଖ ଇଏ ହେଉଛି ଖଲିଫାଙ୍କ ଦୁଆ ଗ୍ରହଣୀୟ ହେବାର ନିଦ୍ଦର୍ଶନ ।

**(ଅଲ୍‌ଫଜଲ୍ ଦୁଆ ସଂଖ୍ୟା ୨୮ ଡିସେମ୍ବର ୨୦୧୫, ପୃ- ୪୩,୪୫)**

ସମ୍ମାନୀୟ ଶ୍ରୋତାବୃନ୍ଦ ଦେଶ ବିଭାଜନ ସମୟରେ ପୂର୍ବ ପଞ୍ଜାବରୁ ଜମାତ୍ ଅହେମଦୀୟାର ବହୁ ସଂଖ୍ୟକ ଲୋକେ ହିଜ୍‌ରତ କରି ପଶ୍ଚିମ ପଞ୍ଜାବ ଯିବା ପାଇଁ ବିବଶ ହେଲେ ସେଥିଯୋଗୁଁ ପୂର୍ବ ପଞ୍ଜାବରେ ଥିବା ଜମାତ୍‌ର କିଛି ପବିତ୍ର ଓ ଐତିହାସିକ ପୀଠସ୍ଥଳୀ ଗୁଡ଼ିକ ଅହେମଦୀ ଲୋକମାନଙ୍କଠାରୁ ଅସ୍ଥାୟୀ ରୂପେ ଖାଲି ହେଇଗଲା ସେଥିମଧ୍ୟରୁ ଗୋଟିଏ ଜମାତ୍ ଦାରୁଲ୍‌ବୟତ୍ ଲୁଧିୟାନା ଥିଲା ଏହା ହେଉଛି ସେହି ଐତିହାସିକ ପବିତ୍ର ପୀଠ ଯେଉଁଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୨୩ ମାର୍ଚ୍ଚ ୧୮୮୯ ଦିନ ଜମାତ୍ ଅହେମଦୀୟାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏହି ଐତିହାସିକ ପୀଠଟି ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନର ସମ୍ପତି ଥିଲା ଏବଂ ଅଛି । କିନ୍ତୁ ଯେତେବେଳେ ସେଠାରେ କୌଣସି ଅହେମଦୀ ନ ରହିଲେ ସେତେବେଳେ ତାହା ଖାଲି ରହିଲା କିଛି ଦିନ ପରେ ଜଣେ ଅଣମୁସ୍‌ଲିମ୍ ବନ୍ଧୁଙ୍କୁ ତାଙ୍କ ନିବେଦନ କରିବାରେ ଦାରୁଲ୍‌ବୟତକୁ ମାମୁଲି ଭଡ଼ାରେ ରହିବା ନିମନ୍ତେ ଏ ସର୍ତରେ ଦେଇଦିଆଗଲା ଯେ ସେ ନିଜର ରହିବାର ବନ୍ଦବସ୍ତ ଯଥା ଶୀଘ୍ର ଅନ୍ୟ କୌଣସି ସ୍ଥାନରେ କରିନେବେ ଏବଂ ଦାରୁଲ୍ ବୟତକୁ ଖାଲିକରି ଜମାତ୍‌କୁ ହସ୍ତାନ୍ତର କରିଦେବେ କିନ୍ତୁ ସେ ପ୍ରତିଶୃତି ଭଙ୍ଗକଲେ ଓ ସେପରି କିଛି କଲେ ନାହିଁ ସମୟ ବିତିଚାଲିଲା ତେଣୁ ବାଧ ହୋଇ ସଦର୍ ଅଞ୍ଜୁମନ୍ ଅହେମଦୀୟାକୁ ସେ ଘରଟିକୁ ଖାଲିକରାଇବା ପାଇଁ ଅଦାଲତକୁ ଯିବାକୁ ପଡ଼ିଲା ଓ ଉଣା ଅଧିକେ ୩୦ ବର୍ଷ ହେବ ଏହି ମକଦ୍ଦମାଟି ଚାଲିଥିଲା ଏବଂ ଅଦାଲତ ତରଫରୁ ନିସ୍ପତି ନ ମିଳିବା ଯୋଗୁଁ ଜମାତ୍ ଦାରୁଲ୍‌ବୟତ୍‌ରୁ ବଂଚିତ ଥିଲା । ଡିସେମ୍ବର ୨୦୦୫ ର ଶେସ ଭାଗରେ ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କାଦିୟାନରେ ପର୍ଦାପଣ କଲେ ହଜୁର୍ ଅନ୍‌ଓ୍ୱରଙ୍କ ସହିତ ଗୋଟିଏ ନିଜି ସାକ୍ଷାତକାର ସମୟରେ ଏ ଅଧମ (ମୁହମ୍ମଦ୍ ହମିଦ୍ କୌସର୍) ଦାରୁଲ୍‌ବୟତକୁ ଖାଲି କରିବା ନିମନ୍ତେ ଦୁଆ କରିବାପାଇଁ ନିବେଦନ କରି ଜଣାଇଲ । ହଜୁର୍ ! ବର୍ତମାନ ତ ଅବସ୍ଥା ଏପରି ହୋଇଯାଇଛି କି ସେଥିରେ ରହୁଥିବା ଜମାତ୍‌ର ସଦସ୍ୟମାନଙ୍କୁ ମଧ୍ୟ ଦୁଆ କରିବା ପାଇଁ ତା' ଭିତରକୁ ଯିବାର ଅନୁମତି ନାହିଁ । ହଜୁର୍ ଅନ୍‌ଓ୍ୱର କହିଲେ ମୋ ପୂର୍ବରୁ ମଧ୍ୟ କିଛି ଲୋକେ ଏହି ସିଲ୍‌ସିଲାରେ କଥା ହୋଇଛନ୍ତି । ଏହାପରେ ହଜୁର୍ କିଛି ସମୟ ପାଇଁ ନିରବ ରହିଲେ ଓ ତା' ପରେ କହିଲେ:

"ଇନ୍‌ଶଅଲ୍ଲାଃ ତାଆଲା, ଅଲ୍ଲାଃତାଲା ଫଜଲ୍ ଫରମାଏଗା" (ଅର୍ଥାତ୍ ଯଦି ଅଲ୍ଲାଃତାଲା ଚାହିଁବେ, ଅଲ୍ଲାଃତାଲା କୃପା କରିବେ)

ହଜୁର୍ ଅନ୍‌ଓ୍ୱରଙ୍କ ପବିତ୍ର ମୁଖରୁ ବାହାରିଥିବା ଏହି ପ୍ରାର୍ଥନା ମୁଳକ ବାଣୀ ଅଲ୍ଲାଙ୍କ ନିକଟରେ ଗୃହୀତ ହେଲା ଏବଂ ଅଲ୍ଲାଃଙ୍କ କରୁଣା ଅବତୀର୍ଣ୍ଣ ହେବାର ଧାରା ଆରମ୍ଭ ହେଇଗଲା ଓ ସେହି ଘରଟିକୁ ଖାଲି କରିବା ପାଇଁ ଯେଉଁ ସବୁ ପ୍ରତିବନ୍ଧକ ଥିଲା ତାହା ଗୋଟିକ ପରେ ଗୋଟିଏ ହଟିବା ଆରମ୍ଭ ହେଇଗଲା ବିପକ୍ଷ ଦଳ କେସ୍ ହାରିଗଲେ । ଏହା ସ୍ୱତେ ମଧ୍ୟ ସେମାନଙ୍କ ସହିତ ଆମ ଜମାତ୍ ଦୟା ଆଚରଣ କଲା ଏବଂ ବହୁତ ବଡ଼ ଧନରାଶି ତାଙ୍କୁ ଦେଲା ଯଦ୍ୱାରା ସେମାନେ ଅନ୍ୟକେଉଁଠି ନିଜ ରହିବାର ବ୍ୟବସ୍ଥା କରିପାରିବେ । ଏବଂ ସେମାନେ ଅସନ୍ତୁଷ୍ଟ ହୋଇ ଦାରୁଲ୍ ବୟତରୁ ନ ବାହାରନ୍ତୁ, ସେଥିଯୋଗୁଁ ଏପରି ଚେଷ୍ଟା କରାଗଲା । ହଜୁର୍ ଅନ୍‌ଓ୍ୱରଙ୍କ ଦୁଆ ଓ ଧ୍ୟାନ ଆର୍କଷଣ ଯୋଗୁଁ ଅଲ୍ଲାଃତାଲା ସେହି (ବିରୋଧୀମାନଙ୍କ) ମନକୁ ସୁଲ୍‌ହା କରିବା ପ୍ରତି ଫେରାଇଦେଲା ଏବଂ ନିଜ ଇଚ୍ଛାରେ ସେମାନେ ଧନ୍ୟବାଦ ଅର୍ପଣ କରି ଦାରୁଲ୍‌ବୟତରୁ ଚାଲିଗଲେ ଏବଂ ଅଲ୍ଲାଃତାଲା ସେମାନଙ୍କ ରହିବାପାଇଁ ମଧ୍ୟ ସୁଃବ୍ୟବସ୍ଥା କରିଦେଲେ ।

ଏ କଥା ମଧ୍ୟ ବର୍ଣ୍ଣନା ହେବା ଯୋଗ୍ୟ ଯେ ହଜୁର୍ ଅନ୍‌ଓ୍ୱର ଅ:ବ:ଅ ତା ୧୫ ଜାନୁୟାରୀ ୨୦୦୬ ରିଖ ରେ କାଦିୟାନ୍‌ରୁ ବିଦାୟ ନେଲେ ଏବଂ ବିଦାୟ ନେବାର କେବଳ ଏକ ମାସ ପରେ ୧୫ ଫେବୃୟାରୀ ୨୦୦୬ ତାରିଖ ଦିନ ଦାରୁଲ୍‌ବୟତ୍ ଉପରେ କବ୍‌ଜା ନେବାପାଇଁ ବାର୍ତାଳପ ଆରମ୍ଭ ହେଲା ଏବଂ ପୁଣି ଯଥାଶୀଘ୍ର ସଦର୍ ଅଞ୍ଜୁମନ ଅହେମଦୀୟାକୁ ଦାରୁଲ୍‌ବୟତ ମିଳିଗଲା । ଏହା ହଜୁର୍ ଅନ୍‌ଓ୍ୱର ଅ:ବ:ଅଙ୍କ ପ୍ରାର୍ଥନା ର ଫଳ ଥିଲା ଯେ ୫୯ ବର୍ଷ ପରେ ଦାରୁଲ୍‌ବୟତ ଜମାତ୍ କୁ ମିଳିଗଲା ଓ ତାହା ପରିଦର୍ଶକଙ୍କ ନିମନ୍ତେ ଦୁଆ କରିବାପାଇଁ ଓ ନାମଜ୍ ପାଠ କରିବା ନିମନ୍ତେ ଖୋଲିଦିଆଗଲା ଏବଂ ଅଲ୍ଲାଃତାଲାଙ୍କର ସମସ୍ତ ପ୍ରଶଂସା କି, ଏବେ ଯାଁଏ ଏହି ସିଲ୍‌ସିଲା ଜାରି ରହିଛି ।

ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଖିଲାଫତ୍‌ର ଆସନରେ ବିରାଜମାନ ହେବା ପୂର୍ବରୁ ଦୁଆ ଗ୍ରହଣୀୟ ହେବା ପରେ ଘଟଣା ଗୁଡ଼ିକ ଚର୍ଚ୍ଚା କରିଛନ୍ତି ସେଥିମଧ୍ୟରୁ ଗୋଟିଏ ହେଉଛି ଏପରି କି: ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହୁଛନ୍ତି ଯେ, ମୋ ବୟସ ଯେବେ ସତର ବର୍ଷ ହେଇଥିଲା ମୋତେ ମୋ ବାପା ହଜ୍‌ରତ୍ ସାହେବଜାଦା ମିର୍ଜା ମନ୍‌ସୁର୍ ଅହେମଦ ସାହେବ ମର୍‌ହୁମ୍ ଏବଂ ମଗ୍‌ଫୁର୍‌ଙ୍କ ଠାରୁ କିଛି ଦରକାର ଥିଲା କିନ୍ତୁ ମୁଁ ପ୍ରତ୍ୟକ୍ଷ ରୂପେ ତାଙ୍କଠାରୁ ମାଗିବାକୁ ଚାହୁଁନଥିଲି ସୁଂତରା ମୁଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି ଯେ ସେ ମୋର ବାପାଙ୍କ ହୃଦୟରେ ମୋର ଭାବନାକୁ ଜଣାଇ ଦିଅନ୍ତୁ ଯଦ୍ୱାରା ସେ ମୋ ଆବଶ୍ୟକ ଜିନିଷଗୁଡ଼ିକୁ ପୁରଣ କରିଦେବେ । ଇଶ୍ୱର ମୋ ପ୍ରାର୍ଥନା କୁ ଗ୍ରହଣ କଲେ ଏବଂ ୨୦, ୨୫ ମିନିଟ୍ ପରେ ମୋ ବାପା ମୋତେ ଡକାଇ ପଠାଇଲେ ଏବଂ ମୋ ଇଚ୍ଛାକୁ ଅର୍ଥାତ୍ ମୋ ଆବଶ୍ୟକତାକୁ ପୁରଣ କରିଦେଲେ । ଅଲ୍‌ହମ୍‌ଦୁଲିଲାଃ ଅଲା ଜାଲିକା ।

ଆଉଗୋଟିଏ ଘଟଣା ବିଷୟରେ ବର୍ଣ୍ଣନା କରି ହଜୁର୍ ଅନ୍‌ଓ୍ୱର କହିଲେ କି ଯଦି ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କ ଉପାସନା କରାଯାଏ ତେବେ ସେ ନିଶ୍ଚିତ ରୂପେ ଦୁଆ କବୁଲ୍ କରିଥାଏ । ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ ଥରେ ଛାତ୍ର ଥିବା ବେଳେ ମୋର ଗଣିତ ପରୀକ୍ଷା ଥିଲା ଓ ମୁଁ ସେ ପରୀକ୍ଷାରେ ସେତେ କିଛିଟା ଭଲ କରିନଥିଲି ତେଣୁ ପରୀକ୍ଷା ହଲ୍‌ରୁ ବାହାରକୁ ବାହାରିବା ସମୟରେ ମୁଁ ଭାବିଲି କି' ବୋଧ ହୁଏ ମୁଁ ଫେଲ୍ ହେଇଯିବି ସୁଂତରା ମୁଁ ଭିଷଣ ଦୁଆ କରିବାରେ ଲାଗିଗଲି ଯେ କିପରି ଉତୀର୍ଣ୍ଣ ହେଇଯାଏ । ରବୁଓ୍ୱାର ମସ୍‌ଜିଦ୍ ମୁବାରକ୍‌ର ଗୋଟିଏ କୋଣ ରେ ଗୋଟିଏ ଦିନ ମୁଁ ବହୁତ ଦୁଆ କଲି ଓ ସେହି ଦୁଆ ମୋ ହୃଦୟ ଭିତରୁ ବାହାରିଥିଲା ଏବଂ ସେହି ଦୁଆ ଯୋଗୁଁ ମୋର ବିଶ୍ୱାସ ହୋଇଯାଇଥିଲା ଯେ ଅଲ୍ଲାଃତାଲା ତାହା କବୁଲ୍ କରିସାରିଛନ୍ତି ଏବଂ ମୁଁ ପରୀକ୍ଷାରେ ପାସ୍ ହୋଇଯିବି । ଏବଂ ଯେତେବେଳେ ଫଳ ବାହାରିଲା ସେତେବେଳେ ମୁଁ ଆଶାନୁରୁପ ପରୀକ୍ଷାରେ ପାଶ୍ ହୋଇଗଲି କିଛି ଦିନ ପରେ ମୁଁ ଜାଣିବାକୁ ପାଇଲି ଯେ, ଏଜୁକେଶନ ବୋର୍ଡ଼ ଏ ନିଷ୍ପତି କରିଥିଲା ଯେ ଛାତ୍ରମାନଙ୍କୁ କିଛି ଗ୍ରେସ୍ ମାର୍କ ଦିଆଯାଉ ଓ ସେହି କିଛି ଅଧିକା ସଂଖ୍ୟା ଯୋଗୁଁ ମୁଁ ପାସ୍ ହୋଇଗଲି ।

ପ୍ରୀୟ ଶ୍ରୋତାଗଣ !! ହଜୁର୍ ଅନ୍‌ଓ୍ୱର ଅ:ବ:ଅଙ୍କ ଦୁଆ ଗ୍ରହଣୀୟ ହେବାର ଅନେକ ଘଟଣାମାନ ରହିଅଛି କିନ୍ତୁ ସମୟର ସ୍ୱଳ୍ପତା ଯୋଗୁଁ କିଛି ଘଟଣାବଳୀ ବର୍ଣ୍ଣନା କରାଯାଇପାରିଲା କିନ୍ତୁ ଏହା ହେଉଛି ସତ୍ୟ ଯେ, ବର୍ତମାନ ଯୁଗରେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଅସ୍ତିତ୍ୱ ହେଉଛି ଏପରି ଯାହାଙ୍କର ଅଲ୍ଲାଃତାଲା ସବୁଠାରୁ ଅଧିକା ଦୁଆ ଶୁଣୁଛନ୍ତି ଏବଂ ଗ୍ରହଣ କରୁଛନ୍ତି ।

ହଜ୍‌ରତ୍ ଖଲିଫ୍‌ତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜମାତ୍‌ର ସଦସ୍ୟମାନଙ୍କୁ ସମ୍ବୋଧନ କରି କହୁଛନ୍ତି: "ସୁତରାଂ ମନେ ରଖ କି, ଦୁଆ ହେଉଛି ଏକ ଜବରଦସ୍ତ ଅସ୍ତ୍ର ଏବଂ ତା'ର ମହାନ୍ ବର୍‌କାତ୍ (ଅର୍ଥାତ୍ ଆର୍ଶୀବାଦ୍) ଅଛି । ତେଣୁ ନିଜର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବାପାଇଁ ଦୁଆ ଉପରେ ଜୋର୍ ଦିଅନ୍ତୁ । ଏବଂ ନିଜର ଦୁଆ ଗୁଡ଼ିକର ପରଧିକୁ ବ୍ୟାପକ କରନ୍ତୁ । ଆପଣମାନେ ନିଜ ଦୁଆ ଅର୍ଥାତ୍ ପ୍ରାର୍ଥନା ରେ ନିଜ ପାଇଁ ଓ ନିଜ ନିକଟ ସମ୍ପର୍କୀୟଙ୍କ ପାଇଁ ଦୁଆ କରନ୍ତୁ ଖିଲାଫ୍‌ତର ଦୃଢ଼ତା ଓ ଜମାତ୍‌ର ଉନ୍ନତି ସାଧନ ନିମନ୍ତେ ଦୁଆ କରନ୍ତୁ । ଏ ଉମ୍ମତ୍ ଅର୍ଥାତ୍ ଇସ୍‌ଲାମ୍ ନିମନ୍ତେ ଦୁଆ କରନ୍ତୁ । ନିଜ ଦେଶର ଶାନ୍ତି ସ୍ଥାପନ ନିମନ୍ତେ ଏବଂ ପ୍ରତ୍ୟେକ ପ୍ରକାରର ଆନନ୍ଦ ପାଇବାପାଇଁ ଦୁଆ କରନ୍ତୁ । ନିଜ ସ୍ତ୍ରୀ ପିଲାଙ୍କୁ ମଧ୍ୟ ଦୁଆର ବର୍‌କତ୍ ସମ୍ବନ୍ଧରେ ପରିଚିତ କରନ୍ତୁ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଗ୍ରହଣୀୟ ଦୁଆ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍

(ରୋଜ୍‌ନାମା ଅଲ୍‌ଫଜଲ୍ ରବ୍‌ଓ୍ୱା ତା ୨୮ ଡିସେମ୍ବର ୨୦୧୫ ପୃ-୩)

**ଓ୍ୱ ଆଖିର୍ ଦାଓ୍ୱାନା ଅନିଲ୍ ହମ୍‌ଦୁଲିଲ୍ଲାହି ରବବିଲ୍ ଆଲ୍‌ମିନ୍**

ତକ୍‌ରିର ଜଲ୍‌ସା ସାଲାନା କାଦିୟାନ୍ ୨୦୧୮

# ସଦାକତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅର୍ଥାତ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତା ଯୁଗର ଆବଶ୍ୟକତା ତଥା ଆକାଶୀୟ ଐଶି ସମର୍ଥନର ଆଲୋକରେ

(ମନ୍‌ସୁର୍ ଅହେମଦ୍ ମସ୍‌ରୁର୍, ଏଡିଟର୍ ସାପ୍ତାହିକ ଅଖ୍‌ବାର ବଦର୍)

ସମ୍ମାନୀୟ ସଭାପତି ମହୋଦୟ ଏବଂ ସମ୍ମାନସ୍ପଦ ଶ୍ରୋତାବୃନ୍ଦ ! ଅସ୍‌ସଲାମୁ ଆଲିକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବରକାତୁହୁ। ଯେପରି କି ଆପଣମାନେ ଏହା ଶୁଣି ସାରିଛନ୍ତି କି ଏ ଅଧମର ଭାଷଣର ବିଷୟବସ୍ତୁ ହେଉଛି "ସଦାକତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅର୍ଥାତ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତା ଯୁଗର ଆବଶ୍ୟକତା ଏବଂ ଆକାଶୀୟ ସାହାଯ୍ୟ ଓ ସମର୍ଥନ ଆଲୋକରେ"

ଏ ଅଧମ ଭାଷଣର ପ୍ରଥମ ଭାଗରେ ଯୁଗର ଆବଶ୍ୟକତା ସମ୍ବନ୍ଧରେ ସଂକ୍ଷିପ୍ତରେ କିଛି ବର୍ଣ୍ଣନା କରୁଛି ପ୍ରୀୟ ଶ୍ରୋତାଗଣ ! ୧୪ ସଦିର ଯୁଗଟି ଇସ୍‌ଲାମ ପାଇଁ ଏତେ ମାତ୍ରାରେ ବିପଦ ଆପଦର ଯୁଗ ଥିଲା କି ଯାହାର ଦୃଷ୍ଟାନ୍ତ ପୂର୍ବରୁ କେବେ ଦେଖିବାକୁ ମିଳି ନାହିଁ ଇସ୍‌ଲାମ୍‌କୁ ଦୁଇ ପଟରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଗୋଟିଏ ହେଉଛି ଆଭ୍ୟନ୍ତରୀଣ ଅର୍ଥାତ୍ ମୁସଲ୍‌ମାନ ମାନେ ଇସ୍‌ଲାମରୁ ସମ୍ପୁର୍ଣ୍ଣ ରୂପେ ଦୂରେଇଯାଇଥିଲେ ଏବଂ ଦ୍ୱୀତିୟଟି ବାହ୍ୟ ଅର୍ଥାତ୍ ଅନ୍ୟ ଧର୍ମ ଗୁଡ଼ିକ ବହୁତ କଠୋରତାର ସହିତ ଇସ୍‌ଲାମ ଉପରେ ଆକ୍ରମଣ କରି ଚାଲିଥିଲେ ଯେଉଁଠି ନିଜ ଭିତରର ବିପଦ ଆପଦର ପ୍ରଶ୍ନ ଉଠୁଛି ଅର୍ଥାତ୍ ମୁସଲ୍‌ମାନ ମାନଙ୍କର କାର୍ଯ୍ୟ ନମୁନା ଏବଂ ବିଶ୍ୱାସ ଓ ଆସ୍ଥାର ଅବସ୍ଥା ସମ୍ପୁର୍ଣ୍ଣରୂପେ ନିଃଶେଷ ହୋଇଯାଇଛି। ନମାଜ୍, ରୋଜା, ହଜ୍ ଏବଂ ଜକାତ୍ ସହିତ ଦୂରରୁ ମଧ ସମ୍ପର୍କ ନାହିଁ ପବିତ୍ର କୋରାନ୍‌କୁ ପରିତ୍ୟକ୍ତ ରୂପେ ଛାଡ଼ି ଦିଆଯାଇଛି ଲକ୍ଷ୍ୟ ଲକ୍ଷ୍ୟ ଲୋକେ ଏପରି ଅଛନ୍ତି ଯେଉଁମାନେ କଲ୍‌ମା ଜାଣିନାହାନ୍ତି। ବିଶ୍ୱାସର ଅବସ୍ଥା ଏପରି କି' ଅଲ୍ଲାଃ, ତା'ର ରସୁଲ୍‌ଗଣ, ତା'ର ଫରିସ୍ତା (ଅର୍ଥାତ୍ ଦେବଗଣ) ଏବଂ ପବିତ୍ର କୋରାନ୍ ସମ୍ବନ୍ଧରେ ଏପରି ବିଶ୍ୱାସ ବନାଇ ଦେଇଛନ୍ତି ଯେ, ଇସ୍‌ଲାମର ସ୍ୱରୂପ ହିଁ ଛିନ୍ନଭିନ୍ନ ହୋଇ ରହିଯାଇଛି। ଓ୍ୱଲେମାମାନେ ଇସ୍‌ଲାମର ଚେରକୁ ଫମ୍ପା କରିବାରେ ଲାଗିଯାଇଛନ୍ତି ସାଧାରଣ ଜନତା ପଶୁ ସଦୃଶ ହୋଇଗଲେଣି ଅମୀର୍‌ମାନେ ଭୋଗ ବିଳାସରେ ଏବଂ ସରକାର ଖୟାନତ୍‌ରେ ବ୍ୟସ୍ତ ରହିଛନ୍ତି। ଉତମ ଚରିତ୍ର ଯାହା ମୁସଲ୍‌ମାନ ମାନଙ୍କ ଏକ ବିଶେଷ ସ୍ୱତନ୍ତ୍ର ଗୁଣଥିଲା, ଆଜି ତାହା ସେମାନଙ୍କଠାରୁ ବହୁତ ଦୂରକୁ ଚାଲିଯାଇଛି। "ଆଜି ଏ ପ୍ରଶ୍ନ ନାହିଁ କି, ଲୋକମାନେ ଇସ୍‌ଲାମର କେଉଁ କଥାକୁ ଛାଡ଼ି ଦେଇଛନ୍ତି ବରଂ ଏ ପ୍ରଶ୍ନ ଉଠୁଛି କି ଇସ୍‌ଲାମର କେଉଁ କଥାଟି ମୁସ୍‌ଲମାନଙ୍କ ମଧରେ ବାକି ଅଛି।"

**(ଦାଓ୍ୱତୁଲ୍ ଅମୀର୍, ପୃ........)**

ଯେଉଁଠି ବାହ୍ୟ ବିପଦ ଆପଦର ପ୍ରଶ୍ନ ଉଠୁଛି, ସେଥିରେ ଚାରିଆଡୁ ଇସ୍‌ଲାମ ଉପରେ ଆରୋପ ଲଗାଯାଉଛି। ଲକ୍ଷ୍ୟ ଲକ୍ଷ୍ୟ ଆରୋପ ଇସ୍‌ଲାମ ଉପରେ ଲଗାଯାଉଛି। ଏବଂ କୋଟି କୋଟି ସଂଖ୍ୟାରେ ପୁସ୍ତକମାନ ଇସ୍‌ଲାମ ବିରୁଦ୍ଧରେ ପ୍ରକାଶ ହୋଇଛି। ମୁସଲ୍‌ମାନ ଦେଶ ଗୁଡ଼ିକ ଗୋଟିଏ ପଟେ ଆପୋଷରେ ଲଢ଼ିବାକୁ ଅଂଟା ଭିଡ଼ିଛନ୍ତି ତ ଅନ୍ୟପଟେ ପ୍ରତ୍ୟେକ ଦେଶ ଅନ୍ତଃବିଭ୍ରାଟର ଲକ୍ଷ୍ୟସ୍ଥଳ ହୋଇସାରିଛି। ସାଧାରଣ ଜନତା ସରକାର ବିରୋଦ୍ଧରେ ଛିଡ଼ା ହୋଇଛନ୍ତି ଏବଂ ସରକାର ଜନତାଙ୍କର ରକ୍ତ ପିପାସୁ ହୋଇଯାଇଛି।

ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି: ହେ ସତ୍ୟର ସନ୍ଧାନ କରୁଥିବା ଲୋକେ ଚିନ୍ତା କରି ଦେଖ କି କ'ଣ ବର୍ତ୍ତମାନର ସମୟ ଏପରି ସମୟ ନୁହେଁ, ଯେଉଁ ସମୟରେ ଇସ୍‌ଲାମ ପାଇଁ ସ୍ୱର୍ଗୀୟ ସାହାଯ୍ୟର ଆବଶ୍ୟକତାଥିଲା...... କ'ଣ ଏ ପର୍ଯ୍ୟନ୍ତ ତୁମେ ଜାଣି ନାହଁ କି କେଉଁ ପ୍ରକାରର ବିପଦ ଇସ୍‌ଲାମକୁ ଘେରି ରଖିଛି....... କେତେ ସଂଖ୍ୟାରେ ଲୋକମାନେ ଇସ୍‌ଲାମରୁ ବାହାରି ଚାଲିଗଲେଣି, କେତେ ସଂଖ୍ୟକ ଲୋକେ ଇସାଇ ମାନଙ୍କ ସହିତ ମିଶିଗଲେଣି, କେତେ ସଂଖ୍ୟକ ନାସ୍ତିକ ହୋଇଗଲେଣି ଏବଂ କେତେ ଲୋକ ଭୌତିକ ବାଦି ହୋଇଗଲେଣି ଏବଂ କେତେ ମାତ୍ରାରେ ବହୁ ଇଶ୍ୱରବାଦ ଏବଂ ବିଦ୍‌ଅତ (ଅର୍ଥାତ୍ କୁପ୍ରଥା) ଗୁଡ଼ିକ ଏକେଶ୍ୱରବାଦ ଏବଂ ସୁନ୍ନତର ସ୍ଥାନକୁ ଗ୍ରାସ କରିସାରିଲାଣି। ଏବଂ କେତେ ସଂଖ୍ୟକ ପୁସ୍ତକ ଇସ୍‌ଲାମକୁ ରଦ୍ଦ କରିବାପାଇଁ ରଚନା ହୋଇସାରିଲାଣି ଓ ସେଗୁଡ଼ିକ ସମଗ୍ର ପୃଥିବୀରେ ପ୍ରକାଶ ପାଇସାରିଛି। ତେଣୁ ତୁମେ ମାନେ ଏବେ ଚିନ୍ତାକରି କୁହ କି କ'ଣ ବର୍ତମାନ ଆବଶ୍ୟକ ନଥିଲା ଯେ ଖୁଦାତାଲାଙ୍କ ତରଫରୁ ଏହି ସଦି ରେ ଏପରି କାହାକୁ ପ୍ରେରଣ କରାଯାନ୍ତା ଯିଏ ବାହ୍ୟ ଆକ୍ରମଣର ମୁକାବିଲା କରନ୍ତା।...... ଟିକେ ଆଖି ଫେରାଇ ଦେଖ କି ଇସ୍‌ଲାମକୁ କେତେ ମାତ୍ରାରେ ବିପଦ ଆପଦ ବିବଶ କରି ରଖିଛି ଓ କିପରି ଚାରିଆଡୁ ଇସ୍‌ଲାମ୍ ଉପରେ ବିରୋଧି ମାନଙ୍କ ତରଫରୁ ତୀର ର୍ବଷଣ କରାଯାଉଅଛି ଓ କିପରି କୋଟି କୋଟି ଲୋକଙ୍କ ଉପରେ ଏହି ଜହର ପ୍ରଭାବ ପକାଇଛି। ଏହି ଜ୍ଞାନର ଝଡ଼, ଏହି ବୁଦ୍ଧିର ଝଡ଼, ଏହି ଦାର୍ଶନିକ ଝଡ଼ ଏହି ଛଳ କପଟ ଏବଂ କୁଯୋଜନାର ଝଡ଼, ଏହି ପଥଭ୍ରଷ୍ଟର ଝଡ଼, ଏହି ଲୋଭ ଓ ମୋହ ଦେଖାଇବାର ଝଡ଼, ଏହି ଔଚିତ୍ୟ ଓ ନାସ୍ତିକବାଦ ର ଝଡ଼ ଏବଂ ଏହି ଶର୍କ୍ (ଅର୍ଥାତ ଇଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକ୍ଷକ କରାଇବା) ଓ କୁପ୍ରଥାର ଝଡ଼ସମୂହକୁ ଟିକିଏ ଆଖି ଖୋଲି ଦେଖ ଏବଂ ଯଦି ପାରୁଛ ଏହି ସମସ୍ତ ଝଡ଼ର ଦୃଷ୍ଟାନ୍ତ ପୂର୍ବରୁ କୌଣସି ଯୁଗରେ ହୋଇଥିବାର ଉପସ୍ଥାପନ କର।

***(ଆଇନା କମାଲାତେ ଇସ୍‌ଲାମ, ପୃ-୨୫୨)***

ସମ୍ମାନୀୟ ଶ୍ରୋତାଗଣ ! ଆବଶ୍ୟକ ଥିଲା କି, ଏପରି ସମୟରେ, (ଅର୍ଥାତ) ଭୀଷଣ ଆବଶ୍ୟକ ସମୟରେ, ମୁସ୍‌ଲମାନଙ୍କ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ମାର୍ଗଦର୍ଶନ ନିମନ୍ତେ ଇମାମ୍ ମେହେଦୀ ଓ ମସିହ୍ ମଉଦ୍ ଅବତୀର୍ଣ୍ଣ ହୋଇଥାନ୍ତେ ଯାହାଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଏପରି ଶବ୍ଦରେ ସୁସମାଚାର ଦେଇଥିଲେ କି: ହେ ମୁସଲ୍‌ମାନ ମାନେ: ତୁମ ଆନନ୍ଦର ଅବସ୍ଥା କିପ୍ରକାରର ହେବ, ଯେବେ ମସିହ୍ ଇବ୍‌ନେ ମରିୟମ୍ ତୁମମାନଙ୍କ ମଧରେ ଅବତୀର୍ଣ୍ଣ ହେବେ ଏବଂ ଯାହାଙ୍କ ମାଧମରେ ଇସ୍‌ଲାମର ବିଶ୍ୱବ୍ୟାପୀ ବୀଜୟର ଖବର ଅଲ୍ଲାଃ ଓ ତାର ରସୁଲ୍ ନିଜ ଉମତ୍‌କୁ ପ୍ରଦାନ କରିଛନ୍ତି। ଦୀନ୍‌ର ସମସ୍ତ ବୁଜ୍‌ରୁଗ୍ (ଅର୍ଥାତ୍ ମହାନ ବ୍ୟକ୍ତି ବିଶେଷଗଣ) ଏକମତ ଥିଲେ କି ମସିହ୍ ମଉଦ୍ ଚଉଦ ସଦିରେ ଆସିବେ। ସୁତରାଂ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ଭବିଷ୍ୟ ବାଣୀ ଏବଂ ଏ ଉମ୍ମତର ମହାନ ବ୍ୟକ୍ତିବିଶେଷଗଣଙ୍କ ରୋୟା ଓ୍ୱ କୋଶୁଫ୍ (ଅର୍ଥାତ୍ ସ୍ୱପ୍ନ ଓ ଜାଗ୍ରତ ଅବସ୍ଥାରେ ଦେଖିଥିବା ଆଧ୍ୟାତ୍ମିକ ଦୃଶ୍ୟ) ମୁତାବକ ଠିକ୍ ଚଉଦ ସଦିର ପ୍ରାରମ୍ଭରେ ଏବଂ ଠିକ୍ ଆବଶ୍ୟକ ସମୟରେ ଅଲ୍ଲାଃତାଲା ଉମ୍ମତେ ମୁହମ୍ମଦୀୟା (ଅର୍ଥାତ୍ ମୁହମ୍ମଦ ସମ୍ପ୍ରଦାୟ) ସହିତ ଅତ୍ୟନ୍ତ ସଦୟ ହୋଇ ହଜ୍‌ରତ ମିର୍ଜା ଗୁଲାମ ଅହମଦ କାଦିୟାନି ଆ:ସଙ୍କୁ ଇମାମ୍ ମେହେଦୀ ଓ ମସିହ୍ ମଉଦ୍ ରୂପେ ପ୍ରକଟ କଲେ। ଆପଣ ଆ:ସ କହୁଛନ୍ତି:

ଏପରି ସମୟରେ ମୋର ପ୍ରକାଶ ହୋଇଛି ଯେତେବେଳେ ଇସ୍‌ଲାମୀୟ ଅକିଦା (ଅର୍ଥାତ୍ ଆସ୍ଥା ଓ ବିଶ୍ୱାସ) ବିଭେଦ ଓ ମତଭେଦରୁ ଖାଲି ନଥିଲା...... ମୋ ପାଇଁ ନିଜ ସତ୍ୟତା ନିମନ୍ତେ ଅନ୍ୟ କୌଣସି ପ୍ରମାଣ ଦେବାର ଆବଶ୍ୟକ ନାହିଁ କାରଣ ନିଜେ ଆବଶ୍ୟକତା ହିଁ ନିଜର ପ୍ରମାଣ ଅଟେ।

**(ଜରୁରତୁଲ୍ ଇମାମ୍, ରୁହାନି ଖଜାଇନ୍ ଖଣ୍ଡ- ୧୩ ପୃ-୪୯୫)**

ମୁଁ ପୃଥବୀର ସମସ୍ତ ଲୋକଙ୍କ ନିମନ୍ତେ ପ୍ରେରିତ ହୋଇଅଛି। ସେମାନେ ଏସିଆର ଅଧିବାସୀ ହୁଅନ୍ତୁ, ୟୁରୋପର ବା ଆମେରିକାର (ଅଧିବାସୀ)।

***(ତରିୟାକୁଲ୍ କୁଲୁବ୍, ରୁହାନି ଖଜାୟନ ଖଣ୍ଡ-୧୫, ପୃ-୫୧୫)***

ନା କେବଳ ଏତିକି କି, ମୁଁ ଏ ଯୁଗର ଲୋକମାନଙ୍କୁ ନିଜ ଆଡ଼କୁ ଡାକଅଛି ବରଂ ଯୁଗ ହିଁ ମୋତେ ଡାକି ଆଣିଛି।

***(ପୈଗାମେ ସୁଲାହ୍, ରୁହାନି ଖଜାୟନ ଖଣ୍ଡ -୨୩ , ପୃ-୪୮୬)*** ଯଦି ତମେ ଇମାନ୍‌ଦାର ତେବେ କୃତଜ୍ଞ ହୁଅ ଏବଂ କୃତଜ୍ଞତାର ସହିତ ସଜ୍‌ଦା କର କି ଯେଉଁ ଯୁଗକୁ ଅପେକ୍ଷା କରି କରି ତୁମର ମହାନ୍ ପୂର୍ବ ପୁରୁଷମାନେ ଚାଲିଗଲେ। ଏବଂ ଅଗଣତି ଆତ୍ମା ସେହି ଅଭିଳାଷକୁ (ମନରେ) ରଖି ଯାତ୍ରା କରିଗଲେ। (କିନ୍ତୁ) ସେହି ସମୟ ତୁମେମାନେ ପାଇଲ ଏବେ ତା'ର ସମ୍ମାନ କରିବା ବା ନ କରିବା ଓ ସେଥିରୁ ଲାଭ ଉଠାଇବା ବା ନ ଉଠାଇବା ତୁମ ହାତରେ ରହିଛି। ମୁଁ ଏହା ବାରମ୍ବାର ବର୍ଣ୍ଣନା କରିବି ଓ ଏହା ପ୍ରକାଶ କରିବାରୁ ରହିତ ହେବିନାହିଁ କି ମୁଁ ହେଉଛି ସେହି (ବ୍ୟକ୍ତି) ଯାହାଙ୍କୁ ଉଚିତ ସମୟରେ ମାନବଜାତିର ସୁଧାର ପାଇଁ ପ୍ରେରଣ କରାଯାଇଛି। ଫଳତଃ ଦୀନ୍‌କୁ ସତେଜ କରି ହୃଦୟରେ ସ୍ଥାପନ କରିଦିଆଯିବ।

***(ଫତହ୍ ଇସ୍‌ଲାମ ରୁହାନି ଖଜାଏନ୍ ଖଣ୍ଡ-୩, ପୃ-୮)***

ପ୍ରୀୟ ଶ୍ରୋତଗଣ ! ଏ ଅଧମ ନିଜର ବକ୍ତବ୍ୟର ଦ୍ୱୀତିୟ ଭାଗ ଆଡ଼କୁ ଆସୁଛି ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ସ୍ୱର୍ଗୀୟ ସାହାଯ୍ୟ ସ ସମର୍ଥନର ଆଲୋକରେ। ଯେବେ ହଜ୍‌ରତ ମସିହ ମଉଦ୍ ଆ:ସଙ୍କୁ ଚାଳିଶ ବର୍ଷ ହେଲା ସେତେବେଳେ ଆଲ୍ଲାଃତାଲା ତାଙ୍କୁ ଐଶିବାଣୀ ଦ୍ୱାରା କହିଲେ ***ଆ ଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ*** ସ୍ୱର୍ଗୀୟ ସାହାଯ୍ୟ ଓ ସମର୍ଥନର ଏ ଥିଲା ପ୍ରଥମ ଇଲ୍‌ହାମ୍ (ଅର୍ଥାତ୍ ସ୍ୱର୍ଗୀୟବାଣୀ) ଏହାପରେ ଗୋଟିକ ପରେ ଗୋଟିଏ ସାହାଯ୍ୟ ଓ ସମର୍ଥନର ଇଲ୍‌ହାମ ହୋଇ ଚାଲିଲା। ବିଜୟ ଓ ସମ୍ମାନର ପ୍ରତିଶୃତି ଦିଆଗଲା। ଏବଂ ପୁଣି ସାରା ଜୀବନ ଆଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଆପଣ ଆ:ସଙ୍କୁ ମହାନତାର ସହିତ ସାହାଯ୍ୟ ଓ ସହଯୋଗ କରିଲେ।

ଏ ନିମିତ ସ୍ୱର୍ଗୀୟ ସାହାଯ୍ୟ ଓ

ସମର୍ଥନ ମଧ୍ୟରୁ ଏକ ମହାନ ସାହାଯ୍ୟ ଓ ସମର୍ଥନର ଚର୍ଚ୍ଚା କରୁଅଛି । ତାହା ହେଉଛି ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟପରାଗର ନିଦର୍ଶନ । ସୟଦନା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏ ଭବିଷ୍ୟବାଣି କରିଥିଲେ କି ଯେବେ ଆମ ମେହେଦି ସଚ୍ଚା ମେହେଦି ଦାବି କରିବେ ସେତେବେଳେ ତା' ସତ୍ୟତାର ପ୍ରମାଣରେ ଆଲ୍ଲାଃତାଲା ତା ପାଇଁ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ନିଦର୍ଶନ ପ୍ରକାଶ କରିବେ । ଆଲ୍ଲାଃତାଲା ଯେବେଠାରୁ ଏ ପୃଥିବୀ ଓ ଆକାଶକୁ ନିର୍ମାଣ କଲେଣି ସେ କେବେ କୌଣସି ମୁଦେଇ ନବୁଓ୍ୱତ୍ (ଅର୍ଥାତ୍ ନବି ହବାର ଦାବି କରୁଥିବା ବ୍ୟକ୍ତି) ନିମନ୍ତେ ଏହି ନିଦର୍ଶନ ପ୍ରକାଶ କରିନାହାନ୍ତି । ଚନ୍ଦ୍ରକୁ ତା'ର ନିର୍ଦ୍ଧାରିତ ତାରିଖ ଗୁଡ଼ିକର ପ୍ରଥମ ତାରିଖରେ ଗ୍ରହଣ ଲାଗିବ ଏବଂ ସୂର୍ଯ୍ୟକୁ ତା ଧାର୍ଯ୍ୟ ତାରିଖ ମାନଙ୍କ ମଧ୍ୟରୁ ମଧ୍ୟବର୍ତୀ ତାରିଖରେ ପରାଗ ଲାଗିବ । ସମ୍ମାନୀୟ ଶ୍ରୋତାଗଣ ! ସୟଦନା ହଜ୍‌ରତ ମସିହ ମଉଦ୍ ଆ:ସ ୧୮୮୯ ମସିହାରେ ବୟତ ନେବାର ଶୁଭାରମ୍ଭ କରି ଜମାତ୍ ର ଭିତି ସ୍ଥାପନ କଲେ । ଠିକ୍ ୫ ବର୍ଷ ପରେ ଅର୍ଥାତ୍ ୧୮୯୪ ମସିହାରେ ଆଲ୍ଲାଃତାଲା ତାଙ୍କ ସତ୍ୟତାର ସମର୍ଥନରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ନିଦର୍ଶନ ପ୍ରକାଶ କଲେ । ୧୮୯୪ ମସିହାରେ ଏହି ଗ୍ରହଣ ଏସିୟା, ୟୁରୋପ ଏବଂ ଆଫ୍ରିକାରେ ଦେଖା ଯାଇଥିଲା ଏବଂ ତା'ପର ବର୍ଷ ୧୮୯୫ ମସିହାରେ ଆମେରିକାରେ ପ୍ରକାଶ ହେଲା ।

ସମ୍ମାନୀୟ ଶ୍ରୋତାବୃନ୍ଦ ! ସେ ସମୟରେ ଲୋକମାନେ ଏ କଥା କହୁଥିଲେ କି, ମୁସଲ୍‌ମାନ ମାନେ ଖରାପ ହୋଇସାରିଲେଣି । ୧୪ ସଦି ଆରମ୍ଭ ହୋଇସାରିଲାଣି ତେଣୁ ଇମାମ୍ ମେହେଦୀ ପ୍ରକଟ ହେବାକୁ ଅଛନ୍ତି । ଇମାମ୍ ମେହେଦୀଙ୍କ ପ୍ରକଟ ବିଷୟରେ ପ୍ରତ୍ୟେକ ଘରେ ଚର୍ଚ୍ଚା ଚାଲିଥିଲା । ଯେତେବେଳେ ଉକ୍ତ ନିଦର୍ଶନ/ ଲକ୍ଷଣ ପ୍ରକାଶ ପାଇଲା ସେତେବେଳେ ଶହ ଶହ ଲୋକେ ହଜ୍‌ରତ ମସିହ ମଉଦ୍ ଆ:ସଙ୍କ ବୟତ କଲେ । ଗୋଟିଏ ପଟେ ଅହେମଦି ମାନଙ୍କ ମଧ୍ୟରେ ଓ କାଦିୟାନରେ ଉତ୍ସବର ମାହୋଲ ଥିଲା ଓ ଅନ୍ୟପଟେ ବିରୋଧିମାନେ ବିବଶତାର ସହିତ ଦୁଃଖ ଓ ଗ୍ଲାନିରେ ପିଡ଼ିତ ଥିଲେ । ଓ୍ୱଲେମାମାନେ ଭୀଷଣ ଆତ୍ମହିନତା ଓ ଅପମାନିତ ଅନୁଭବ କରୁଥିଲେ କି, ମିର୍ଜା ଗୁଲାମ୍ ଅହେମଦ୍ ମସିହ୍ ଏବଂ ମେହେଦୀର ଦାବି କରି (ଯୁଦ୍ଧ) କ୍ଷେତ୍ରରେ ଛିଡ଼ାହବା ସହିତ ତାଙ୍କ ପାଇଁ କସୁଫ୍ ଓ୍ୱ ଖସୁଫ୍ (ଅର୍ଥାତ୍ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ)ର ନିଦର୍ଶନ ପ୍ରକାଶ ହୋଇଗଲା । କେହି ଜଣେ ବ୍ୟକ୍ତି ଜଣେ ମୌଲବୀକୁ କସୁଫ୍ ଓ ଖସୁଫ୍‌ର ହଦିସ୍ ସମ୍ବନ୍ଧରେ ପଚାରିଲେ । ଏଥିରେ ମୌଲବୀ ଜଣଙ୍କ କହିଲେ କି ହଦିସ୍‌ତ ସହିହ୍ (ଅର୍ଥାତ୍ ଠିକ୍) କିନ୍ତୁ ମିର୍ଜା ସାହେବଙ୍କ ଫାସରେ ନ ପଡ଼ିଯାଅ । ତେଣୁ ବିରୋଧୀ ଓ୍ୱଲେମାଗଣ ବହୁତ ବ୍ୟତିବ୍ୟସ୍ତତା ଅନୁଭବ କରୁଥିଲେ କି, ବର୍ତମାନ ତ ଏ ଲୋକମାନେ ମିର୍ଜା ସାହେବଙ୍କୁ ମାନିନେବେ ।

ସମ୍ମାନୀୟ ଶ୍ରେତାଗଣ ! ତେଣୁ ବିରୋଧୀ ଓ୍ୱଲେମାମାନେ ଉକ୍ତ ହଦିସ୍‌କୁ ସନ୍ଦେହର ଘେର ଭିତରକୁ ଆଣିବା ଏବଂ ଆପତି କରିବା ବ୍ୟତୀତ, ତାଙ୍କ ନିକଟରେ ଆଉ କୌଣସି ରାସ୍ତା ବାକି ନଥିଲା । ତେଣୁ ସେମାନେ ଗୋଟିଏ ଅପତି ଓ ଅଭିଯୋଗ ଏହା କଲେ କି, କହିଲେ ଏହି ହଦିସ୍ ହେଉଛି ମୌଜୁଅ (ଅର୍ଥାତ୍ ଦୁର୍ବଳ) । ଏହାର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ:

ଯଦି କୌଣସି ମହାନ୍ ମୋହଦିସ୍‌ଙ୍କ ପୁସ୍ତକରୁ ଏହି ହଦିସ୍‌ଟି ମୌଜୁଅ ହେବାର ପ୍ରମାଣିତ କରିପାରିବ ତେବେ ଆମେ ତତ୍‌କ୍ଷଣାତ୍ ତୁମକୁ ଏକ ଶହ ଟଙ୍କା ପୁରସ୍କାରରେ ପ୍ରଦାନ କରିବୁ । ଯେଉଁଠି ଚାହଁ ସେଠି ଏହି ଅର୍ଥକୁ ଅମାନତ ସ୍ୱରୁପ ରଖିପାର । ଅନ୍ୟଥା ଖୁଦାଙ୍କୁ ଭୟକର କି ଈଶ୍ୱରୀୟ ଓଲେମାମାନଙ୍କ ଦ୍ୱାରା ଲିଖିତ ସହିହ୍ ହଦିସ୍‌କୁ ମୋ ସହିତ ବିଦ୍ୱେଷ ମନୋଭାବ ପୋଷଣ କରି ମୌଜୁଅ ବିବେଚିତ କରୁଅଛ । ***(ତୋହ୍‌ଫା/ ଗୋଲଡୁଓ୍ୱିୟା ରୁହାନି ଖଜାଏନ୍ ଖଣ୍ଡ-୧୭, ପୃ-୧୩୩ ରୁ ୧୪୪)***

ଦ୍ୱୀତିୟ ଅଭିଯୋଗ ଏହା କରାଯାଉଛି କି, ଚନ୍ଦ୍ରଗ୍ରହଣ ରମଜାନ୍ ମାସର ପ୍ରଥମ ତାରିଖରେ ହେଲା ନାହିଁ ବରଂ ତେରତମ ରାତିରେ ଅନୁଷ୍ଠିତ ହେଲା ଏବଂ ସୂର୍ଯ୍ୟପରାଗ ରମଜାନ୍‌ର ୧୫ ତାରିଖରେ ଅନୁଷ୍ଠିତ ହେଲାନାହିଁ ବରଂ ୨୮ ତାରିଖରେ ହେଲା । ଏହା ର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ଯେବେଠାରୁ ଏ ସଂସାର ଆରମ୍ଭ ହେଲାଣି ସେବେଠାରୁ ଚନ୍ଦ୍ରଗ୍ରହଣ ନିମନ୍ତେ ଖୁଦାତାଲ୍ଲା ଏହି ତିନୋଟି ରାତିରେ ହେବାର କାନୁନ୍ ନିର୍ଦ୍ଧାରଣ କରିଛନ୍ତି । ଅର୍ଥାତ୍ ୧୩, ୧୪ ଏବଂ ୧୫ ତାରିଖର ରାତି .... ଏବଂ ସୂର୍ଯ୍ୟପରାଗ ନିମନ୍ତେ ତିନିଦିନ ନିର୍ଦ୍ଧାରଣ କରିଛନ୍ତି ଅର୍ଥାତ୍ ଚନ୍ଦ୍ରମାସର ୨୭, ୨୮ ଏବଂ ୨୯ ତାରିଖ ଦିନ ।"

***(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍ ଖଣ୍ଡ-୨୨, ପୃ-୨୦୩)*** ସୁତରାଂ ଚନ୍ଦ୍ରଗ୍ରହଣ ର ପ୍ରଥମ ଦିନଟି ସର୍ବଦା ୧୩ ତାରିଖକୁ ବୁଝାଏ ଏବଂ ସୂର୍ଯ୍ୟପରାଗର ମଧ୍ୟବର୍ତୀ ଦିନଟି ସର୍ବଦା ମାସର ୨୮ ତାରିଖକୁ ହିଁ ବୁଝାଏ । ***(ତୋହ୍‌ଫା/ ଗୋଲଡୁଓ୍ୱିୟା ରୁହାନି ଖଜାଏନ୍ ଖଣ୍ଡ-୧୭, ପୃ-୧୩୯)***

ସମ୍ମାନୀୟ ଶ୍ରୋତାବୃନ୍ଦ ! ଯେଉଁଭଳି ଅବୁଲ୍‌ହକମ୍ ଅବୁଜହଲ୍ ହୋଇଗଲା ସେହିଭଳି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୁଦ୍ଧାଚରଣ କରିବା ଦ୍ୱାରା ଆଲ୍ଲାଃତାଲା ଓଲେମାମାନଙ୍କୁ ଜୋହଲାଅ (ଅର୍ଥାତ୍ ମୂର୍ଖ ଓ ପାଷାଣ୍ଡ) ବନାଇଦେଲା । ପ୍ରଥମତଃ ସେମାନେ ବିଧିର ବିଧାନକୁ ଅର୍ଥାତ୍ ପ୍ରାକୃତିକ ଇଶ୍ୱରୀୟ କାନୁନ୍‌ର ବିରୋଧ କଲେ କି, ପ୍ରଥମ ରାତିରେ ଚନ୍ଦ୍ରକୁ ଗ୍ରହଣ ଲାଗିଥାଆନ୍ତା । ଦ୍ୱୀତିୟତଃ ସେମାନେ ହଦିସ୍‌ରେ ଥିବା କମର୍ ସବ୍ଦ ଉପରେ ଧ୍ୟାନ ଦେଇନାହାନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ କି, ହଦିସ୍‌ରେ ହିଲାଲ୍ (ଅର୍ଥାତ୍ ପ୍ରଥମ ଦିନର ଚନ୍ଦ୍ର) ବୋଲି ଉଲ୍ଲେଖ ନାହିଁ ବରଂ କମର୍ ଶବ୍ଦ (ଅର୍ଥାତ୍ ପୂର୍ଣ୍ଣ ଚନ୍ଦ୍ର)ର ଉଲ୍ଲେଖ ଅଛି । ପ୍ରଥମ ତିନିଦିନର ଚନ୍ଦ୍ରକୁ ହିଲାଲ୍ କୁହାଯାଏ ଓ ତା'ପରେ ତାକୁ କମର୍ କୁହାଯାଏ । ଆପଣ ଆ:ସ କହୁଛନ୍ତି:

"ଏହା ହେଉଛି ଏପରି କଥା ଯାହା ଉପରେ ସମଗ୍ର ଆରବବାସୀଙ୍କର ଏ ପର୍ଯ୍ୟନ୍ତ ଏକମତ ରହିଛି ଏବଂ କୌଣସି (ଆରବୀ) ଭାଷା ଜାଣିଥିବା ବ୍ୟକ୍ତି ଏହାର ବିରୋଧି ନାହାନ୍ତି ନା ଅସ୍ୱୀକାରୀ...... ଯଦି ତୁମକୁ ସେନ୍ଦହ ଅଛି ତେବେ କାମୁସ୍ ଓ ତାଜୁଲ୍ ଉରୁସ୍ ଏବଂ ସିହ୍‌ହା ଏବଂ ଆଉଗୋଟିଏ ବଡ଼ ପୁସ୍ତକ ଲିସାନୁଲ୍ ଆରବ ଏବଂ ସେହିପରି ସମସ୍ତ ଆରବୀୟ ଅଭିଧାନ ସାହିତ୍ୟର ସମସ୍ତ କାବ୍ୟ ଓ କବିତା ଓ ପୁରାତନ କସିଦାଃ ଗୁଡ଼ିକୁ ଧ୍ୟାନର ସହିତ ଦେଖି ନିଅ..... ଯଦି ତୁମେ ତା'ର ବିପରିତ ଅର୍ଥ ପ୍ରମାଣିତ କରିଦେବ ତେବେ ତୁମକୁ ଏକ ହଜାର ଟଙ୍କା ପୁରସ୍କାର ଦେବି । ସୁତରାଂ ତୁମେ ସୟଦୁଲ୍ ଅମ୍ବିୟାଙ୍କ ବାଣୀ ଏବଂ ଇମାମୁଲ୍ ବଲ୍‌ଗାଆଙ୍କ କଥନ ଗୁଡ଼ିକୁ, ତାହାଙ୍କ ଅସଲ ଅର୍ଥରୁ ବିଚ୍ୟୁତ କରନାହିଁ । ଏବଂ ହେ ମିସ୍‌କିନ୍‌ମାନେ ଖୁଦାତାଲ୍ଲାଙ୍କୁ ଭୟ କର ଏବଂ ସେହି କାମିଲ୍‌ର ମହିମା ସଙ୍ଗେ (ଧୃଷ୍ଟତା ଦେଖାଇବାର) ସାହାସ କରନାହିଁ । ଯାହା ଅଜମ୍ (ଅର୍ଥାତ୍ ଅଣଆରବୀୟ) ଓ ଆରବୀୟଙ୍କଠାରୁ ଅଧିକ ଶୁଦ୍ଧ, ପୂର୍ବ ଓ ପଶ୍ଚିମରେ ଗ୍ରହଣୀୟ.... ତୁମର କ'ଣ ହୋଇଛି କି, ତୁମେ ଅଲ୍ଲାଃ ଏବଂ ରସୁଲ୍‌ଙ୍କ ସମ୍ମାନକୁ ଦେଖୁନାହଁ ।

***(ନୁରୁଲ୍‌ହକ୍, ରୁହାନି ଖଜାଏନ୍ ଖଣ୍ଡ-୮, ପୃ-୧୯୭)***

ସୟଦନା ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି: ଯେବେଠାରୁ ଏ ସଂସାର ସୃଷ୍ଟି ହେଲାଣି ସେବେଠାରୁ କୌଣସି ମୁଦେଇ ନବୁଅତ୍‌ଙ୍କ ନିମନ୍ତେ ଏହି ଚିହ୍ନ ପ୍ରକାଶ ହୋଇନାହିଁ । ଯଦି କିଏ ଏପରି ହୋଇଥିବାର ପ୍ରମାଣ ଦିଏ ତେବେ ତା ପାଇଁ ଆପଣ ଆ:ସ ଏକ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ଆପଣ ଆ:ସ କହୁଛନ୍ତି:

କ'ଣ ତୁମେ ଏହାର ଦୃଷ୍ଟାନ୍ତ ବିଗତ ଯୁଗମାନଙ୍କ ମଧ୍ୟରୁ କୌଣସି ଯୁଗରେ ଦେଖାଇପାରିବ ? କ'ଣ ତୁମେ ଏପରି କୌଣସି ପୁସ୍ତକରେ ପଢ଼ିଛ କି, କୌଣସି ବ୍ୟକ୍ତି ଏ ଦାବି କରିଛି ଯେ, ମୁଁ ଖୁଦାଙ୍କ ତରଫରୁ ଆସିଛି ଏବଂ ପୁଣି ତାଙ୍କ ଯୁଗର ରମାଜାନ୍ ମାସରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ହୋଇଛି, ଯେପରି ତୁମେ ମାନେ (ଏହା ହେବାର) ଦେଖି ସାରିଛ । ତେଣୁ ଯଦି ଜାଣିଛ ତେବେ କୁହ ଏବଂ ଯଦି ଏପରି କରି ଦେଖାଇବ ତେବେ ତୁମକୁ ଏକ ହଜାର ଟଙ୍କା ପୁରସ୍କାର ମିଳିବ । ସୁତରାଂ ପ୍ରମାଣ କର ଏବଂ ପୁରସ୍କାରକୁ ନେଇଯାଅ ।... ଏବଂ ଯଦି ତୁମେ ପ୍ରମାଣ କରିପାରିବ ନାହିଁ ତେବେ ସେହି ଅଗ୍ନିକୁ ଭୟକର ଯାହା ମୁଫ୍‌ସିଦ୍ (ଅର୍ଥାତ୍ ଖଳ ଲୋକ)ଙ୍କ ପାଇଁ ପ୍ରସ୍ତୁତ ହୋଇରହିଛି । ***(ନୁରୁଲ୍‌ହକ୍ ରୁହାନି ଖଜାଏନ୍ ଖଣ୍ଡ-୮, ପୃ-୨୧୧)***

ସମ୍ମାନୀୟ ଶ୍ରୋତାଗଣ ! ମୁଁ ଆଉ ଗୋଟିଏ ମହାନ୍ ସମର୍ଥନ ବିଷୟରେ ଚର୍ଚ୍ଚା କରୁଛି ତାହା ହେଉଛି ପେଶ୍‌ଗୋଇ (ଅର୍ଥାତ୍ ଭବିଷ୍ୟବାଣୀ) ଆଲ୍ଲାଃତାଲା ସୟଦନା ହଜ୍‌ରତ୍ ମସିହ୍ ମଉଦ୍‌ଙ୍କୁ ନିଦର୍ଶନ ଓ ଚମତ୍କାରିତାରେ ପୂର୍ଣ୍ଣ ଭବିଷ୍ୟବାଣୀମାନ ପ୍ରଦାନ କରିଛନ୍ତି ଯାହା ଆପଣଙ୍କ ସତ୍ୟତାର ହେଉଛି ମହାନ୍ ନିଦର୍ଶନ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: ନବୁଓ୍ୱତ୍‌ର ଲକ୍ଷଣ ଗୁଡ଼ିକ ମଧ୍ୟରେ ମହାନ୍ ନିଦର୍ଶନ, ଚମତ୍କାରିତା ଓ ଭବିଷ୍ୟବାଣିକୁ ନିର୍ଦ୍ଧାରଣ କରାଯାଇଛି.... ଭବିଷ୍ୟବାଣି ସମ କୌଣସି ଚମତ୍କାରିତା ନାହିଁ ତେଣୁ ଖୁଦାତାଲାଙ୍କ ଦ୍ୱାରା (ପ୍ରେରିତ) ଦୂତମାନଙ୍କୁ ତାଙ୍କ ଭବିଷ୍ୟବାଣି ଦ୍ୱାରା ଚିହ୍ନିବା ଉଚିତ୍ । ***(ଲେକ୍‌ଚର ଲୁଧିଆନା, ରୁହାନି ଖଜାଏନ ଖଣ୍ଡ-୨୦, ପୃ-୨୫୬)***

ଅଲ୍ଲାଃତାଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ହଜାର ହଜାର ଭବିଷ୍ୟବାଣି ପ୍ରଦାନ କରିଛନ୍ତି । ସେ ତାଙ୍କ ରଚିତ ପୁସ୍ତକ ତରିୟାକୁଲ୍ କୁଲୁବ୍‌ରେ ୭୫ଟି, ନୁଜୁଲୁଲ୍ ମସିହ୍‌ରେ ୧୫୦ଟି ଏବଂ ହକିକତୁଲ୍ ଓ୍ୱହିରେ ୨୦୮ଟି ଭବିଷ୍ୟବାଣି ନିଦର୍ଶନ, ଐଶି ଚମତ୍କାରିତା ଏବଂ ସ୍ୱର୍ଗୀୟ ସମର୍ଥନ ହେବାର ନମୁନା ଦରଯ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

ଯଦି ଆପଣ ମୋର ପୁସ୍ତକ "ନୁଜୁଲ୍‌ଲ୍ ମସିହ୍"କୁ ଦେଖିବେ ତେବେ ଆପଣମାନେ ଜାଣିପାରିବେ ଯେ, ଈଶ୍ୱର ନିଦର୍ଶନ ଦେଖାଇବାରେ କିଛି ଫରକ କରିନାହାନ୍ତି ।.... ଯେପରି ପୃଥିବୀର ବହୁତ ବଡ଼ ଭାଗ ସମୁଦ୍ରରେ ଭରି ରହିଛି ସେହି ଭଳି ଏହି ସିଲ୍‌ସିଲା ଖୁଦାଙ୍କ ନିଦର୍ଶନରେ ଭରି ଯାଇଛି । ଏପରି କୌଣସି ଦିନ ନାହିଁ ଯେଉଁଦିନ କିଛି ନା କିଛି ନିଶାନ୍ (ଅର୍ଥାତ୍ ଐଶି ନିଦର୍ଶନ) ପ୍ରକଟ ହୋଇନଥିବ ।

***(ତଜ୍‌ଲ୍ଲିୟାତେ ଇଲାହିୟା ରୁହାନି ଖଜାଏନ ଖଣ୍ଡ-୨୦, ପୃ-୪୧୧)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: ମୁଁ କହୁଛି ଯେ ମୋମିନ୍ ନିମନ୍ତେ ଗୋଟିଏ ସାକ୍ଷୀ/ ନିଦର୍ଶନ ମଧ୍ୟ ଯଥେଷ୍ଟ ।

ସେଥିରୁ ତା' ହୃଦୟ କମ୍ପି ଉଠେ । କିନ୍ତୁ ଏଠାରେ ତ ଗୋଟିଏ ନୁହେଁ ଶହ ଶହ ନିଦର୍ଶନ ମହଜୁଦ ରହିଛି ବରଂ ମୁଁ ଦାବିର ସହିତ କହିପାରିବି ଯେ ଏତେମାତ୍ରାରେ ରହିଛି କି, ମୁଁ ତାହା ଗଣିପାରିବି ନାହିଁ ।

*(ଲେକ୍ଚର ଲୁଧିଆନା ରୁହାନି ଖଜାଏନ୍ ଖଣ୍ଡ-୨୦ ପୃ-୨୫୭)*

ସମ୍ମାନୀୟ ଶ୍ରୋତାଗଣ ! ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଦର୍ଶନ ପରେ ନିଦର୍ଶନ ଦେଖାଇଲେ କିନ୍ତୁ ବିରୋଧିମାନେ ଅସ୍ୱୀକାର ଉପରେ ଅସ୍ୱୀକାର କଲେ । ମୁବାହିସାରେ ମୌଲବୀ ସନାଉଲ୍ଲାଃ ଅମ୍ରତ୍‌ସରୀ ବହୁତ ନିର୍ଲଜ୍ଜ ହୋଇ ଏ କଥା କହିଲା କି, ମିର୍ଜା ସାହେବଙ୍କ ସବୁ ପେଶ୍‌ଗୋଇ ମିଛ ପ୍ରମାଣିତ ହେଲା । ଏତଦ୍‌ବ୍ୟତିତ ସେ ଆହୁରି ମଧ୍ୟ ଅନେକ ମିଛ କହିଛି । ସେ ସମସ୍ତ ଉତର ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁସ୍ତକ ଏଜାଜୁଲ୍ ମସିହ୍ ରଚନା କରିଛନ୍ତି । ମୌଲବୀ ସନାଉଲ୍ଲାଃଙ୍କ ମିଥ୍ୟା ରଟନାର ଉତରରେ ଆପଣ ଆ:ସ ଲେଖିଛନ୍ତି: ଯଦି ସେ ସତ୍ୟବାଦୀ ତେବେ କାଦିୟାନ ଆସି କୌଣସି ଏକ ପେଶ୍‌ଗୋଇକୁ ମିଥ୍ୟା ପ୍ରମାଣିତ କରନ୍ତୁ । ଏବଂ ପ୍ରତ୍ୟେକ ପେଶଗୋଇ ପାଇଁ ଶହେଟଙ୍କା ଲେଖା ପୁରସ୍କାର ଦିଆଯିବ ତତ୍ ସହିତ ଯିବାଆସିବାର ଖର୍ଚ୍ଚ ଅଲଗା ମିଳିବ ।

*(ଏଜାଜେ ଅହେମଦୀ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃ-୧୧୮)*

ପୁଣି କହୁଛନ୍ତି: ମନେରଖ ଯେ, ନୁଜୁଲୁଲ୍ ମସିହ୍ ପ୍ରତ୍ରିକାରେ ମୁଁ ୧୫୦ ପେଶଗୋଇ ଲେଖିଛି ତେଣୁ ସେ ସବୁ ମିଥ୍ୟା ପ୍ରମାଣିତ ହେଲେ ମୌଲବୀ ସନାଉଲ୍ଲା ସାହେବଙ୍କୁ ୧୫୦୦୦ ଟଙ୍କା ମିଳିଯିବ ଫଳତଃ ଘର ଘର ବୁଲି ଭିକ ମାଗିବାରୁ ବଂଚିଯିବେ ବରଂ ଆମେ ଆହୁରି ଅନେକ ପେଶଗୋଇ ଗୁଡ଼ିକୁ ମଧ୍ୟ ପ୍ରମାଣ ସହିତ ତାଙ୍କ ସମ୍ମୁଖରେ ଉପସ୍ଥାପନ କରିଦେବୁ । ଓ ସେହି ପ୍ରତିଶୃତି ମୁତାବକ ପ୍ରତ୍ୟେକ ପେଶଗୋଇ ପାଇଁ ଶହେ ଶହେ ଟଙ୍କା ଦେଇ ଚାଲିବୁ । ବର୍ତମାନ ମୋ ଜମାତ୍‌ର ସଂଖ୍ୟା ଏକ ଲକ୍ଷରୁ ଅଧିକା ତେଣୁ ମୁଁ ଯଦି ଶ୍ରୀମାନ୍ ମୌଲବୀଙ୍କ ନିମନ୍ତେ ମୋ ଶିଷ୍ୟମାନଙ୍କଠାରୁ ଏକ ଟଙ୍କା ଲେଖାଏଁ ନେବି ତେବେ ମଧ୍ୟ ଏକ ଲକ୍ଷ ଟଙ୍କା ହେଇଯିବ । ସେ ସବୁ ତାଙ୍କୁ ପ୍ରଦାନ କରାଯିବ । ଯେଉଁ ଭଳି ପରିସ୍ଥିତିରେ ସେ ଦୁଇ ଦୁଇ ଅଣା ପାଇଁ ଚାରିଆଡ଼େ ଘୁରୁ ବୁଲୁଛନ୍ତି ଏବଂ ଈଶ୍ୱରଙ୍କ ଅଭିଶାପ ଗ୍ରସ୍ତ ହୋଇଛନ୍ତି ଓ ମୁର୍‌ଦାରର କଫନ ବା ୱଅଜ୍ (ଅର୍ଥାତ୍ ଉପଦେଶ ଦେବା) ର ପଇସାରେ ଦିନ କାଟୁଛନ୍ତି, (ଏପରି ପରିସ୍ଥିତିରେ ଏକଲକ୍ଷ ଟଙ୍କା ପ୍ରାପ୍ତ ହେବା ତାଙ୍କ ପାଇଁ ବୈକୁଣ୍ଠ ସମାନ । କିନ୍ତୁ ଯଦି ମୋର ଏ କଥା ପ୍ରତି ଧ୍ୟାନ ନ ଦେବ ଓ ଏହି ଗବେଷଣା ପାଇଁ ରଖାଯାଇଥିବା ସର୍ତାବଳୀ ଭିତରେ ରହି..... କାଦିୟାନ ନ ଆସିବ ତେବେ ପୁଣି ମୁଦ୍ ନାମକ ସ୍ଥାନରେ ସେ ଯେଉଁଭଳି ଫୁଟାଣି ମାରି ପ୍ରଗଲ୍ଭତାର କଥା କହିଥିଲେ ଓ ନିର୍ଲଜ୍ଜ ହୋଇ ମିଛ କହିଥିଲେ ସେଥିପାଇଁ ଧିକ୍‌କାର ।

*(ଏଜାଜେ ଅହେମଦୀ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃ-୧୩୨)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ମୋର ଏପରି କୌଣସି ପେଶଗୋଇ ନାହିଁ ଯାହା ପୁରଣ ହୋଇନଥିବ.... ଯଦି କେହି ଖୋଜିଖୋଜି ମରିଯାଏ ତେବେ ଏପରି କୌଣସି ପେଶଗୋଇ ତାକୁ ମିଳିବ ନାହିଁ ଯାହା ମୋ ମୁହଁରୁ ବାହାରିଥିବ ଓ ସେ କହିପାରିଥିବ କି ତାହା ବିଫଳ ହେଲା ବୋଲି ।..... ମୁଁ ଦାବି ମାରିକି କହୁଛି କି, ମୋର ଏପରି ହଜାର ହଜାର ପେଶଗୋଇ ଅଛନ୍ତି ଯାହା ସବୁ ଅତ୍ୟନ୍ତ ସ୍ପଷ୍ଟତାର ସହ ପୂରଣ ହୋଇଛନ୍ତି । (ଓ) ଯାହାର ଲକ୍ଷାଧିକ ଲୋକ ସାକ୍ଷୀ ଅଛନ୍ତି । ସେ ଗୁଡ଼କର ଦୃଷ୍ଟାନ୍ତ ଯଦି ବିଗତ ନବିମାନଙ୍କଠାରେ ଖୋଜାଯାଏ ତେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏପରି ଉଦାହରଣ ମିଳିବ ନାହିଁ ।

*(କଶ୍‌ତି ନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃ-୬)*

ଆପଣ ଆ:ସ କହୁଛନ୍ତି: ଯେଉଁ ଭଳି ଖୁଦା ମୋ ସହିତ ବାର୍ତାଳପ ଓ ସମ୍ବୋଧନ କରିଛି ଏବଂ ଯେଉଁଭଳି ମୋ ଉପରେ (ଦୈବିବାଣୀ କରି) ଭବିଷ୍ୟବାଣି ପ୍ରକାଶ କରିଛି ମୋ ବ୍ୟତିତ ୧୩୦୦ବର୍ଷ ହିଜିରି ମଧ୍ୟରେ ଆଜି ପର୍ଯ୍ୟନ୍ତ କାହାକୁ ଏପରି ପୁରସ୍କାର ମିଳିନାହିଁ । ଯଦି କିଏ ଏକଥା ମାନୁନାହିଁ ତେବେ ପ୍ରମାଣ କରିବାର ଦାୟିତ୍ୱ ହେଉଛି ତା'ର ।

*(ହକିକତୁଲ୍ ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃ-୪୦୬)*

ଆପଣ ଆ:ସ କହୁଛନ୍ତି: ଯଦି ସାରା ପୃଥିବୀର ଜାତି ସମୂହ ମୋ ମୁକାବିଲାରେ ଏକତ୍ରିତ ହୁଅନ୍ତି ଏବଂ ଏ କଥାର ମୁକାବିଲା କରାଯାଇ ପରିକ୍ଷା ହୁଏ କି, କାହାକୁ ଖୁଦା ଭବିଷ୍ୟର ଖବର ଦେଉଛି..... ଏବଂ କାହା ପାଇଁ ବଡ଼ ବଡ଼ ନିଦର୍ଶନ ଦେଖାଉଛି । ତେବେ ମୁଁ ଖୁଦାଙ୍କ ରାଣ ଖାଇ କହୁଛି ଯେ, ମୁଁ ଜିତିବି

*(ହକିକତୁଲ୍ ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃ-୧୮୧)*

ଆପଣ ଆ:ସ କହୁଛନ୍ତି: ମୁଁ ଖୁଦାଙ୍କଠାରୁ ନିଶ୍ଚିତ (ଓ ଦୃଢ଼) ବିଶ୍ୱାସରେ ଜ୍ଞାନ ପାଇ କହୁଛି କି ଯଦି ଏହି ସମସ୍ତ ମୌଲବୀ ଏବଂ ତାଙ୍କ ସଜାଦା ନଶିନ୍ (ଅର୍ଥାତ୍ ତାଙ୍କ ପୀର ଫକୀରଙ୍କ ଉତରାଧିକାରୀ) ଏବଂ ତାଙ୍କ ମୁଲ୍‌ହମ୍ (ଅର୍ଥାତ୍ ଯାହାଙ୍କ ଉପରେ ସ୍ୱର୍ଗବାଣୀ ଅବତୀର୍ଣ୍ଣ ହୋଇଥାଏ) ସମସ୍ତେ ଏକାଠି ହୋଇ ସ୍ୱର୍ଗବାଣୀ ସମ୍ବନ୍ଧରେ ମୋ ସହିତ ମୁକାବିଲା କରିବାକୁ ଚାହିଁବେ ତେବେ ଖୁଦା ସେ ସମସ୍ତଙ୍କ ମୁକାବିଲାରେ ମୋତେ ବିଜୟ କରାଇବେ କାରଣ ମୁଁ ଖୁଦାଙ୍କ ତରଫରୁ ଆସିଛି ।

*(ଅଞ୍ଜାମେ ଆଥମ୍ ରୁହାନି ଖଜାଏନ୍ ଖଣ୍ଡ-୧୧, ପୃ-୩୪୧)*

ପ୍ରୀୟ ଶ୍ରୋତାଗଣ ! ମୁଁ ଆଉ ଏକ ମହାନ ସ୍ୱର୍ଗୀୟ ସମର୍ଥନ ହେବାର ଚର୍ଚ୍ଚା ଏଠାରେ କରିଦେଉଅଛି । ତାହା ହେଉଛି ଆଲ୍ଲାଃଙ୍କ ତରଫରୁ ଆପଣ ଆ:ସଙ୍କୁ ପବିତ୍ର କୋରାନର ଜ୍ଞାନ ପ୍ରଦାନ କରାଯିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

ଆଜିଠାରୁ ପାଖାପାଖି ୨୦ ବର୍ଷ ପୂର୍ବେ ବରାହିନେ ଅହମଦୀୟାରେ ଏହି ଏଲ୍‌ହାମ୍‌ଟି ଦରଜ ହୋଇଛି । ଅର୍‌ରୁହ୍‌ମାନୁ ଅଲ୍ଲମଲ୍ କୁରୁଆନ୍..... ଏହି ସ୍ୱର୍ଗବାଣୀ ମୁତାବକ ଖୁଦା ମତେ ପବିତ୍ର କୋରାନ୍‌ୀୟ ଜ୍ଞାନ ପ୍ରଦାନ କଲେ ।.... ଓ ମତେ ସମୁଦ୍ର ସମଜ୍ଞାନରେ ପରିପୂର୍ଣ୍ଣ କରିଦେଲେ । ଏବଂ ମତେ ବାରମ୍ବାର ଐଶୀବାଣୀ ପ୍ରଦାନ କରିଛନ୍ତି କି ଏ ଯୁଗରେ କୌଣସି ଇଶ୍ୱରୀୟ ଜ୍ଞାନ ଏବଂ କୌଣସି ଈଶ୍ୱର ପ୍ରେମ ତୁମ ଜ୍ଞାନ ଓ ତୁମ ପ୍ରେମ ସହିତ ସମାନ ନୁହେଁ ।

*(ଜରୁରତୁଲ୍ ଇମାମ୍ ରୁହାନି ଖଜାଏନ୍ ଖଣ୍ଡ-୧୩, ପୃ-୫୦୨)*

ଆପଣ ଆ:ସ କହୁଛନ୍ତି: ଆଉ ଗୋଟିଏ ପେଶଗୋଇ ହେଉଛି ଐଶି ନିଦର୍ଶନ.... ତାହା ହେଉଛି ଅହ୍‌ରହ୍‌ମାନ୍ ଅଲ୍ଲମଲ୍ କୁର୍‌ଆନ୍ । ଏହି ଆୟତରେ ଆଲ୍ଲାଃତାଲା କୋରନୀୟ ଜ୍ଞାନର ପ୍ରତିଶୃତି ଦେଇଥିଲେ । ଓ ଏହି ପ୍ରତିଶୃତକୁ ଏପରି ପୂରଣ କଲେ କି ଏବେ କାହାକୁ କୋରାନ ସମ୍ବନ୍ଧୀୟ ଜ୍ଞାନର (ମୋ ସହିତ) ମୁକାବିଲା କରିବାର ଶକ୍ତି ନାହିଁ । ମୁଁ ସତ୍ୟ କହୁଅଛି କି ଯଦି ଏ ଦେଶର ସମସ୍ତ ମୌଲବୀମାନଙ୍କ ମଧ୍ୟରୁ କୌଣସି ମୌଲବୀ କୋରାନ୍ ତତ୍ୱଜ୍ଞାନ ସମ୍ବନ୍ଧରେ ମୋ ସହିତ ମୁକାବିଲା କରିବାକୁ ଚାହେଁ ଏବଂ କୌଣସି ଏକ ସୁରଃର ତଫ୍‌ସିର ମୁଁ ଲେଖେ ଓ ଅନ୍ୟଜଣେ ଆଉ ଗୋଟିଏ ଲେଖେ ତେବେ ସେ ଅତ୍ୟନ୍ତ ଲଜ୍ଜିତ ହେବ ଓ ମୁକାବିଲା କରିପାରିବ ନାହିଁ । ସୁତରାଂ ଏହି କାରଣ ଯୋଗୁଁ ବହୁତ ବାଧ କରିବା ସତ୍ୱେ ମଧ୍ୟ ମୌଲବୀମାନେ ଏଥିପ୍ରତି ଆଗମନ ହେଲେ ନାହିଁ । ସୁତରାଂ ଏହା ଏକ ମହାନ ନିଦର୍ଶନ ଅର୍ଥାତ୍ ସେମାନଙ୍କ ନିମନ୍ତେ ( ଏହା ନିଦର୍ଶନ) ଯେଉଁମାନେ ନ୍ୟାୟବନ୍ତ ଓ ଇମାନ୍‌ଦାର ।*(ଅଞ୍ଜାମେ ଆଥମ୍ ରୁହାନି ଖଜାଏନ୍ ଖଣ୍ଡ-୧୧, ପୃ-୨୯୧)*

ସମ୍ମାନସ୍ପଦ ଶ୍ରୋତାବୃନ୍ଦ ! ମୌଲବି ମୁହମ୍ମଦ ହୁସେନ୍ ବଟାଲୁୱି ଅତ୍ୟନ୍ତ ଜୁଲମ ଏବଂ ଅନ୍ୟାୟର ମାର୍ଗରେ ସାଧାରଣ ଜନତାଙ୍କ ମଧ୍ୟରେ ଏ କଥା ପ୍ରଶିଦ୍ଧ କରାଇଲା କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆରବୀ ଜ୍ଞାନ ଓ ପବିତ୍ର କୋରାନ୍ ଜ୍ଞାନରୁ ସମ୍ପୂର୍ଣ୍ଣରୂପେ ଅଜ୍ଞାନ ଅଟନ୍ତି । ସାଧାରଣ ଜନତାଙ୍କୁ ପଥଭ୍ରଷ୍ଟତାରୁ ବଂଚାଇବା ପାଇଁ ଏବଂ ମୁହମ୍ମଦ ହୁସୈନ୍ ବଟାଲୁୱିଙ୍କ ମିଥ୍ୟାକୁ ପ୍ରକାଶ କରିବା ପାଇଁ ହଜ୍‌ରତ୍ ଆ:ସ ତାକୁ ତଫସିର୍ କୋରାନ୍ (ଅର୍ଥାତ୍ କୋରାନ୍ ବାଖ୍ୟା) କରିବାର ମୁକାବିଲା ପାଇଁ ଡାକିଲେ । କିନ୍ତୁ ମୁହମ୍ମଦ ହୁସୈନ୍ ବଟାଲୁୱି ବିଭିନ୍ନ ବାହାନା କରି ଅଯଥା ଓ ଅଶିଷ୍ଟ ସର୍ତ ରଖି ଏଠାକୁ ଆସିଲା ନାହିଁ ।

ହଜ୍‌ରତ୍ ସ:ଆ:ସ ଦ୍ୱିତୀୟଥର ପୁଣି ତାଙ୍କୁ ମୁକାବିଲା କରିବା ପାଇଁ ଡାକିଲେ । ଯଦ୍ୱାରା ତର୍କ ପୂରଣ ହୋଇଯିବ । ତା'ପାଇଁ ଆପଣ ଆ:ସ ପୁସ୍ତକ କରାମାତୁସ୍ ସାଦେକିନ୍ କିଛିଦିନ ମଧ୍ୟରେ ଲେଖି ପ୍ରକାଶ କଲେ । ସେଥିରେ ସୁରଃ ଫାତିହାର ତଫସିର (ଅର୍ଥାତ୍ ବାଖ୍ୟା) ଲେଖିଲେ ଏବଂ ୬୬୧ ପଦରେ ଆଧାରିତ ଚାରିଗୋଟି କସିଦାଃ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରଶଂସାରେ ଲେଖିଲେ । ଏବଂ ସେପରି ଉଦାହରଣ ଲେଖି ଦେଖାଇବା ପାଇଁ ବିଶେଷରୂପେ ମୁହମ୍ମଦ୍ ହୁସୈନ ବୁଟାଲୁୱି ଏବଂ ଅନ୍ୟ ସମସ୍ତ ମୌଲବୀମାନଙ୍କୁ ପୁରା ଏକମାସର ସମୟ ମହଲତ ଦେଲେ । ଆପଣ ଆ:ସ କହିଲେ:

ଯଦି ମଧ୍ୟସ୍ଥଙ୍କ ସାକ୍ଷୀ ଦ୍ୱାରା ଏହା ପ୍ରମାଣ ହୋଇଯାଏ କି, ସେମାନଙ୍କ କସିଦା ଗୁଡ଼ିକ ଏବଂ ସେମାନଙ୍କ ତଫ୍‌ସିର.... ମୋ କସିଦଃ ଏବଂ ମୋ ତଫ୍‌ସିର୍‌ଠାରୁ...... ଉତମ ତେବେ ମୁଁ ନଗଦ ଏକ ହଜାର ଟଙ୍କା ଏପରି ଲୋକଙ୍କୁ ଦେବି ଯିଏ ଏହା ପ୍ରକାଶ ହେବା ଦିନଠାରୁ ଏକ ମାସ ମଧ୍ୟରେ ଏପରି କସିଦାଃ ଏବଂ ଏପରି ତଫ୍‌ସିର୍ ଏକ ପତ୍ରିକା ଆକାରରେ ପ୍ରକାଶ କରିବ ।

*(କରାମାତୁସ୍ ସାଦେକିନ୍ ରୁହାନି ଖଜାଏନ୍ ଖଣ୍ଡ-୭, ପୃ-୪୯)*

ଆପଣ ଆ:ସ କହିଲେ: ସେହି ସମସ୍ତ ମୌଲବୀମାନେ ଯାହାଙ୍କ ମୁଣ୍ଡ ଭିତରେ ଗର୍ବ ଓ ଅହଙ୍କାରର ପୋକ ରହିଛି । ଏବଂ ଯିଏ ଏହି ଅଧମକୁ ବାରମ୍ବାର ଇମାନ ପ୍ରକାଶ କରିବା ସର୍ତ୍ୱେ ମଧ୍ୟ, କାଫିର୍ ଏବଂ ମୁରତଦ୍ (ଅର୍ଥାତ୍ ଅମାନ୍ୟକାରୀ ଓ ବିଧର୍ମୀ) ବୋଲି ଭାବୁଛନ୍ତି । ଏବଂ ନିଜକୁ କିଛି ଗୋଟେ ଭାବୁଛନ୍ତି (ସେମାନଙ୍କୁ) ଏହାର ମୁକାବିଲା କରିବା ପାଇଁ ନିମନ୍ତ୍ରଣ କରାଯାଉଛି । ସେ ଦିଲ୍ଲୀରେ ରୁହନ୍ତୁ... ବା ଲକ୍ଷ୍ନୋରେ....ବା ଲାହୋରରେ ବା ଅନ୍ୟ କୌଣସି ସହରରେ.... ଏବେ ତାଙ୍କ ଲଜ୍ୟା ଓ ସମ୍ମାନ ଏ କଥା ଚାହୁଁଛି କି (ସେମାନେ ଏହାର) ମୁକାବିଲା କରନ୍ତୁ । ଏବଂ ହଜାର ଟଙ୍କା ନେଇଯାଆନ୍ତୁ ।

*(କରାମାତୁସ୍ ସାଦେକିନ୍ ରୁହାନି ଖଜାଏନ୍ ଖଣ୍ଡ-୭, ପୃ-୬୩)*

ପ୍ରୀୟ ଶ୍ରୋତାଗଣ ! ଏହା ପରେ ଆପଣ (ଆ:ସ) ପୀର୍ ମେହର ଅଲ୍ମୀ ଶାହ୍ ଗୋଲଡୁୱିଙ୍କୁ ବିଶେଷ ରୂପେ ଏବଂ ସମସ୍ତ ୱଲେମାମାନଙ୍କୁ ଲାହୋରଠାରେ ଏକ

ଜଲ୍‌ସା କରି ପବିତ୍ର କୋରାନ୍‌ର ଚାଳିଶିଟି ଆୟତର ଆରବୀ ଭାଷାରେ ବାଖ୍ୟା କରିବା ପାଇଁ ମୁକାବିଲା ନିମନ୍ତେ ଡାକିଲେ । ପୀର୍ ମେହର ଅଲ୍ଲୀ ଶାହ୍ ଗୋଲଡ୍ଡ୍ୱି ଭଳିକି ଭଳି ବାହାନା କରି ଆସିଲେ ନାହିଁ । ଏବଂ ସାଧାରଣ ଜନତାଙ୍କୁ ଧୋକା ଦେବାକୁ ଚାହିଁଲେ କି ସେ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି ଓ ମୁକାବିଲା କରିପାରିବ ।

ସମ୍ମାନୀୟ ଶ୍ରୋତାଗଣ ! ନବୀଙ୍କ କାର୍ଯ୍ୟ ହେଉଛି ବାରମ୍ବାର ତର୍କକୁ ପୂର୍ଣ୍ଣକରିବ ଯଦ୍ୱାରା ଯାହାଙ୍କ ନିକଟରେ ଜ୍ଞାନ ଓ ସତପଥ ପ୍ରାପ୍ୟ କରିବାର ସତା ଥିବ ସେ ମାର୍ଗଦର୍ଶନ ଲାଭ କରିବ । ସୁତରାଂ ଦ୍ୱିତୀୟଥର ନିମନ୍ତେ ତର୍କ ସମ୍ପୂର୍ଣ୍ଣ କରିବା ଖାତିର୍ ମୁକାବିଲା କରିବାକୁ ନିମନ୍ତ୍ରଣ ଦେଲେ । ଆପଣ ଆ:ସ ଏଥିପାଇଁ ୭୦ ଦିନର ଅବଧି ଧାର୍ଯ୍ୟ କଲେ କି ଏହି ଅବଧିମଧରେ ତୁମେ ମଧ୍ୟ ନିଜ ଘରେ ବସି ସୁରଃ ଫାତିହାର ତଫ୍‌ସିର ଲେଖି ପ୍ରକାଶ କର ଏବଂ ମୁଁ ମଧ୍ୟ ପ୍ରକାଶ କରିବି । ଆପଣ ଆ:ସ କହୁଛନ୍ତି ।

"ସେମାନଙ୍କୁ ଅନୁମତି ଅଛି କି ସେମାନେ ଏହି ତଫ୍‌ସିର୍ କରିବାରେ ସାରା ପୃଥିବୀର ଓ୍ୱଲେମାମାନଙ୍କ ସାହାଯ୍ୟ ନେଇପାରିବେ । ଆରବର ସାହିତ୍ୟିକଙ୍କୁ ଡାକି ଆଣନ୍ତୁ । ଲାହୋର ଏବଂ ଅନ୍ୟ ଇଲାକାରେ ଥିବା (ସମସ୍ତ) ଆରବୀ ଭାଷାର ପ୍ରବିଣ ଓ ପ୍ରଫେସରଙ୍କ ଠାରୁ ମଧ୍ୟ ସାହାଯ୍ୟ ନେବାପାଇଁ ଡାକିଆଣନ୍ତୁ ।

୧୫ ଡିସେମ୍ବର ୧୯୦୦ ମସିହାଠାରୁ ୭୦ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ନିମନ୍ତେ ଆମ ଦୁଇଜଣକୁ ସମୟ ଦିଆଯାଉଛି ।..... ତଫ୍‌ସିର୍ ଲେଖିବା ପରେ ଯଦି ଆରବର ତିନିଜଣ ପ୍ରଖ୍ୟାତ ସାହିତ୍ୟିକ ତାଙ୍କ ତଫସି୍‌ରକୁ ଭାଷା, ସାହିତ୍ୟ ଓ ତତ୍ୱଜ୍ଞାନର ପରିପୂର୍ଣ୍ଣ ରହିଛି ବୋଲି ଅଭିହିତ କରିଦେବେ ତେବେ ମୁଁ ନଗଦ ପାଂଚ ଶହ ଟଙ୍କା ତାଙ୍କୁ ଦେବି । ଓ ନିଜର ସମସ୍ତ ପୁସ୍ତକଗୁଡ଼ିକୁ ଜଳାଇଦେବି ଏବଂ ତାଙ୍କୁ ହାତର ବୟତ କରିନେବି ।

***(ଅର୍‌ବଇନ୍ ସଂଖ୍ୟା-୪, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃ-୪୪୯ବାଶିୟାଃ)***

ସମ୍ମାନୀୟ ଶ୍ରୋତାଗଣ ! ଧାର୍ଯ୍ୟ ସମୟ ଭିତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏଜାଦୁଲ୍ ମସିହ୍ ନାମରେ ଗୋଟିଏ ଉଚ୍ଚକୋଟିର ସାହିତ୍ୟିକ ଭାଷା ସମ୍ପନ୍ନ ସୁରଃ ଫାତିହାର ତଫ୍‌ସିର୍ ପ୍ରକାଶ କରିଦେଲେ କିନ୍ତୁ ପୀର୍ ମେହେର୍ ଅଲୀଙ୍କୁ କିଛି ମଧ୍ୟ ପ୍ରକାଶ କରିବାକୁ ସୌଭାଗ୍ୟ ମିଳିଲା ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ଯେପରି ତାଙ୍କ ନାମ ମେହେର ଅଲୀ ନୁହେଁ ବରଂ ମୁହର୍ ଅଲୀ ଅଟେ । କାରଣ ସେ ନିଜକୁ ଅସମର୍ଥ ପାଇବା ଓ ନିଜେ ନୀରବ ରହିଯିବା ଦ୍ୱାରା ଏଜାଦୁଲ୍ ମସିହ୍ ପୁସ୍ତକର ଶ୍ରେଷ୍ଠତା ଉପରେ ମୋହର ଲଗାଉଛନ୍ତି"

***(ନୁଜୁଲୁଲ୍ ମସିହ୍ ରୁହାନି ଖଜାଏନ୍ ଖଣ୍ଡ-୧୮ ପୃ-୪୩୨ ହାଶିୟାଃ)***

ଆପଣ ଆ:ସ କହୁଛନ୍ତି: ମତେ ସେହି ଖୁଦାଙ୍କ ରାଣ ଯାହାଙ୍କ ହାତରେ ମୋର ଜୀବନ ନାଟିକା ଅଛି କି ମତେ କୋରାନ୍‌ର ସତ୍ୟତା ଓ ତତ୍ୱଜ୍ଞାନକୁ ବୁଝିବାରେ ପ୍ରତ୍ୟେକ ଆତ୍ମା ଉପରେ ବିଜୟ ପ୍ରଦାନ କରାଯାଇଛି । ଯଦି କୌଣସି ବିରୋଧ ମୌଲବୀ ମୋ ମୁକାବିଲାରେ ଆସିଥାନ୍ତା, ଯେପରି ମୁଁ କୋରାନ୍‌ର ତଫ୍‌ସିର ପାଇଁ ବାରମ୍ବାର ସେମାନଙ୍କୁ ଡାକିଛି, ତେବେ ଖୁଦା ତାଙ୍କୁ ଲଜ୍ଜିତ କରିଥାନ୍ତା । ସୁତରାଂ ମୋତେ ପବିତ୍ର କୋରାନକୁ ବୁଝିବା ପାଇଁ ଯେଉଁ ଜ୍ଞାନ ଦିଆଯାଇଛି ତାହା ସର୍ବଶକ୍ତିମାନ ମହିମାମୟ ଖୁଦାଙ୍କ ଏକ ନିଦର୍ଶନ ।

***(ସିରାଜେ ମୁନୀର୍ ରୁହାନି ଖଜାଏନ୍ ଖଣ୍ଡ-୧୨, ପୃ-୪୧)***

(ସମ୍ମାନୀୟ ଶ୍ରୋତାବୃନ୍ଦ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିଷ୍ୟଙ୍କ ମଧ୍ୟରେ ଲାହୋରର ଜଣେ ଆକାଉଟାଂଟ୍ ମୁନ୍‌ଶୀ ଇଲାହି ବଖ୍‌ଶ୍ ନାମଙ୍କ ଶିଷ୍ୟ ଥିଲେ । ଭକ୍ତି ଓ ନିଷ୍ଠାଭାବରେ ବହୁତ ଅଧିକା ଥିଲେ । ୧୮୮୯ ମସିହାରେ ଯେବେ ସଇଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବୟତ ମାଧ୍ୟମରେ ଯମାତର ମୁଳଦୁଆ ରଖିଲେ ଓ ନିଜ ଶିଷ୍ୟମାନଙ୍କୁ ବୟତରେ ଦାଖିଲ ହେବା ପାଇଁ କହିଲେ । ଏତଦ୍ୱାରା ଅଚାନକ ଏଲାହି ବଖ୍‌ସ ବିଗିଡ଼ି ଗଲା । କାଦିଆନରେ ପହଂଚି ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଖୋଲା ଖୋଲି ଭାବେ ନିଜର ସ୍ୱପ୍ନ ଓ ଐଶ୍ୟବାଣୀଗୁଡ଼ିକ ଶୁଣାଇଲେ ଓ କହିଲେ କି ଗୋଟିଏ ସ୍ୱପ୍ନରେ ମୁଁ ଆପଣଙ୍କୁ ଏକଥା କହୁଛି କି ମୁଁ ଆପଣଙ୍କ ବୟତ କାହିଁକି କରିବି ଆପଣ ମୋର ବୟତ୍ କରନ୍ତୁ । ସୟଦନା ହଜ୍‌ରତ୍ ଆ:ସ ନିଜର ସେହି ପୁରୁଣା ବନ୍ଧୁଙ୍କୁ ବିନାଶ ହେବାରୁ ବଂଚାଇବା ପାଇଁ ଗୋଟିଏ ଅତ୍ୟନ୍ତ ମହାନ ପୁସ୍ତକ ଜୁର୍‌ରତୁଲ୍ ଇମାମ୍ ରଚନା କଲେ । ଆପଣ ଆ:ସ କହୁଛନ୍ତି:

ହେ ମୋର ପ୍ରୀୟ ! ଆମେ ତ ତତ୍ୱଜ୍ଞାନ, ସତ୍ୟଜ୍ଞାନ ଏବଂ ସ୍ୱର୍ଗୀୟ ବୈଭବ ର ଭୁକିଲା ଓ ଶୋଷିଲା ଅଟୁ । ଏବଂ ଗୋଟିଏ ସମୁଦ୍ର ପିଇସାରି ମଧ୍ୟ ଶୋଷ ମେଟଂାଇ ପାରୁନାହୁଁ । ତେଣୁ ଆମକୁ ଯଦି କିଏ ନିଜ ଦାସତ୍ୱରେ ନେବାକୁ ଚାହେଁ ତେବେ ଏହା ବହୁତ ସହଜ ମାର୍ଗ କି ବୟତର ଅର୍ଥ ଏବଂ ତା'ର ଅସଲ ଫିଲୋସଫିକୁ ମନରେ ରଖି ଏହି କିଣାବିକା ଆମ ସହିତ କରିନେଉ ଏବଂ ଯଦି ତା'ନିକଟରେ ଏପରି ସତ୍ୟଜ୍ଞାନ ଓ ତତ୍ୱଜ୍ଞାନ ଓ ସ୍ୱର୍ଗୀୟ / ଆକାଶୀୟ ବୈଭବ ଥିବ, ଯାହା ଆମକୁ ଦିଆଯାଉନଥିବ, ବା ତା'ଉପରେ ପବିତ୍ର କୋରାନ୍‌ର ଏଭଳି ଜ୍ଞାନ ଖୋଲିଦିଆଯାଇଥିବ ଯାହା ଆମ ଉପେର ଖୋଲାଯାଉନଥିବ ତେବେ ଅଲ୍ଲାଃଙ୍କ ନାମ ନେଇ ସେହି ବୁଜ୍‌ରୁଗ୍ ଆମ ଦାସତ୍ୱ ଓ ଆଜ୍ଞାବହତାର ହାତକୁ ନିଅନ୍ତୁ ଓ ସେହି ଆଧାତ୍ମିକ ଜ୍ଞାନ, ପବିତ୍ର କୋରାନ୍‌ର ତତ୍ୱଜ୍ଞାନ ଏବଂ ଆକାଶୀୟ ବୈଭବକୁ ପ୍ରଦାନ କରନ୍ତୁ । ମୁଁ ତ ଅଧିକ କଷ୍ଟ ଦେବାକୁ ହିଁ ଚାହୁଁନାହିଁ । ଆମ ମୁଲହିମ୍ ବନ୍ଧୁ କୌଣସି ଏକ ଜଲ୍‌ସାରେ ସୁରଃ ଇଖ୍‌ଲାସ୍‌ର ତତ୍ୱଜ୍ଞାନକୁ ବର୍ଣ୍ଣନା କରିଦିଅନ୍ତୁ ଯଦି ତା'ଠାରୁ ହଜାରଗୁଣା ଅଧିକା ଆମେ ବର୍ଣ୍ଣନା ନ କରିଦେବୁ ତେବେ ଆମେ ତାଙ୍କ ଶରଣାଗତ ହେବୁ ।

***(ଜରୁରତୁଲ୍ ଇମାମ୍ ରୁହାନି ଖଜାଏନ୍ ଖଣ୍ଡ-୧୩, ପୃ-୪୯୮)***

ଆପଣ ଆ:ସ କହିଲେ: ମୁଁ ହଲପ କରି କହୁଛି କି ଯେତେ ମାତ୍ରାରେ ଆମ ବନ୍ଧୁ ଫାଜିଲ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ଅଓଜ୍ (ଉପଦେଶ) ଦେବା ସମୟରେ ପବିତ୍ର କୋରାନ୍‌ର ତତ୍ୱଜ୍ଞାନ ବର୍ଣ୍ଣନା କରୁଛନ୍ତି, ମତେ କଦାପି ବିଶ୍ୱାସ ନାହିଁ କି ତାହାଙ୍କର ଏକ ହଜରଂଶ (ଅର୍ଥାତ ହଜାରେ ଭାଗରୁ ଭାଗେ) ମଧ୍ୟ ମୋ ପ୍ରୀୟ ବନ୍ଧୁଙ୍କ ମୁହଁରୁ ବାହାରି ପାରିବ- ------ ।

***(ଜରୁରତୁଲ୍ ଇମାମ୍ ରୁହାନି ଖଜାଏନ୍ ଖଣ୍ଡ-୧୩, ପୃ-୫୦୦)***

ଆପଣ ଆ:ସ କହିଲେ: ଆମ ଜମାତ୍‌ରେ ଏବଂ ମୋ ବୟତ କରିଥିବା ଈଶ୍ୱର ପୁରୁଷମାନଙ୍କ ମଧ୍ୟରେ ଜଣେ ପୁରୁଷ ଅଛନ୍ତି ଯିଏ ଜଣେ ମହାନ୍ ଫାଜିଲ୍ । ଏବଂ ସେ ହେଉଛନ୍ତି ମୌଲବୀ ହକିମ୍ ହାଫିଜ୍ ହାଜି ହର୍‌ମୈନେ ନୁରୁଦ୍ଦିନ୍ ସାହେବ । ଯିଏ ସାରା ସଂସାରର ତଫ୍‌ସିର୍ ନିଜ ନିକଟରେ ରଖିଛନ୍ତି ସେହିପରି ତାଙ୍କ ହୃଦୟ ଭିତରେ ହଜାର ହଜାର କୋରାନୀୟ ତତ୍ୱଜ୍ଞାନର ଭଣ୍ଡାର ରହିଛି ।ଯଦି ଆପଣଙ୍କୁ ବାସ୍ତବରେ ବୟତ ନେବାର ଶ୍ରେଷ୍ଠତା ପ୍ରଦାନ କରାଯାଇଛି ତେବେ କୋରାନ୍‌ର ଗୋଟିଏ ସିପାରା ତାଙ୍କୁ ତତ୍ୱଜ୍ଞାନ ସହିତ ପଢ଼ାଇ ଦିଅନ୍ତୁ । ଏମାନେ ପାଗଳ ତ ନୁହେଁ କି ସେମାନେ ମୋର ବୟତ କରିନେଲେ ଅନ୍ୟ ମୁଲ୍‌ଲିମ୍‌ମାନଙ୍କୁ ଛାଡ଼ି ଦେଲେ ।

***(ଜରୁରତୁଲ୍ ଇମାମ୍ ରୁହାନି ଖଜାଏନ୍ ଖଣ୍ଡ-୧୩, ପୃ-୫୦୦)***

ଆପଣ ଆ:ସ କହିଲେ: ଯଦି ସେ ନିଜ ଐଶୀବାଣୀ ଶକ୍ତି ଦ୍ୱାରା ପ୍ରଥମେ ମହାଶୟ ମୌଲବୀ ସାହେବ୍‌ଙ୍କୁ କୁର୍‌ଆନ୍ ଦାନୀ (ଅର୍ଥାତ୍ କୋରାନ୍ ଜ୍ଞାନ ଥିବା ବ୍ୟକ୍ତି ବିଶେଷ)ର ନମୁନା ଦେଖାଇ ଦେବେ ଏବଂ ସେହି ଇଶ୍ୱରୀୟ ଶକ୍ତିର ଚମତ୍କାରୀତା ଦ୍ୱାରା ନୁରୁଦ୍ଦିନ୍ ପରି କୋରାନ୍ ପ୍ରେମୀଙ୍କଠାରୁ ବୟତ୍ ନେଇନେବେ ତେବେ ମୁଁ ଏବଂ ମୋର ଜମାତ୍ ଆପଣଙ୍କ ଉପରେ ଉତ୍ସର୍ଗ ।

***(ଜରୁରତୁଲ୍ ଇମାମ୍ ରୁହାନି ଖଜାଏନ୍ ଖଣ୍ଡ-୧୩, ପୃ-୫୦୧)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: ଯେଉଁ ଧାର୍ମିକ କୋରାନ୍ ଜ୍ଞାନ ଓ ତତ୍ୱ ଏବଂ ରହସ୍ୟକୁ ମୁଁ ଉଚ୍ଚ କୋଟିର ଭାଷା ଓ ସାହିତ୍ୟରେ ଲେଖିପାରିବି ଆଉ କେହି କଦାପି ଲେଖି ପାରିବେ ନାହିଁ । ଯଦି ଗୋଟିଏ ସଂସାର ଏକାଠି ହୋଇ ମୋତେ ପରୀକ୍ଷା ନେବା ପାଇଁ ଆସେ ତେବେ ମତେ ସେ ବିଜେତା ପାଇବ । ଏବଂ ଯଦି ସବୁ ଲୋକମାନେ ମୋ ମୁକାବିଲା କରନ୍ତି ତେବେ ଖୁଦାତାଲାଙ୍କ କୃପାରୁ ମୋର ପଲା ଭାରି ରହିବ ।

***(ଅୟାମୁସ୍ ସୁଲାହ୍ ରୁହାନି ଖଜାଏନ୍ ଖଣ୍ଡ-୧୪, ପୃ-୪୦୭)***

ସମ୍ମାନୀୟ ଶ୍ରୋତାଗଣ ! ପରିଶେଷରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ ମଧ୍ୟରୁ କିଛି ଧାଡ଼ି ଉପସ୍ଥାପନ କରି ମୋର ଏହି ବକ୍ତବ୍ୟକୁ ଶେଷ କରୁଛି । ଆପଣ ଅ:ସ କହୁଛନ୍ତି:

କୁର୍‌ଆନ୍ କରିମ୍‌ର ଜ୍ଞାନ ପ୍ରକାଶ ହେଉଅଛି । ପାଳନକର୍ତାଙ୍କ ବାଣୀରୁ ସୂକ୍ଷ୍ମାତିସୂକ୍ଷ୍ମ ଓ ତତ୍ୱ ସୃଷ୍ଟି ହେଉଅଛି । ଆକାଶୀୟ ନିଦର୍ଶନ ଏବଂ ଦୈବିଶକ୍ତି ପରିପ୍ରକାଶ ହେଉଅଛି । ଇସ୍‌ଲାମ୍‌ର ଜ୍ୟୋତି, ସୌନ୍ଦର୍ଯ୍ୟ ଏବଂ ବର୍‌କତ୍‌କୁ ଖୁଦାତାଲା ନୂତନ ରୂପେ ଉପସ୍ଥାପନ କରୁଅଛନ୍ତି । ଯାହାର ଦେଖିବା ପାଇଁ ଆଖି ଅଛି ସେ ଦେଖୁ ଏବଂ ଯାହାର ସଚା ଉତ୍ସାହ ଅଛି ସେ ମାଗୁ ଏବଂ ଯାହାଙ୍କ ନିକଟରେ ଅଣୁମାତ୍ରାରେ ଇଶ୍ୱର ପ୍ରେମ ଓ ରସୁଲ୍ ପ୍ରେମ ଅଛି ସେ ଉଠୁ ଓ ପରୀକ୍ଷା କରୁ ଏବଂ ଖୁଦାତାଲାଙ୍କ ଏହି ପସନ୍ଦଯୋଗ୍ୟ ଯମାତ୍‌ରେ ସାମିଲ୍ ହୋଇଯାଉ ଯାହାର ମୂଳପଥରକୁ ସେ ନିଜ ପବିତ୍ର ହାତରେ ରଖିଛି । ଏ କଥା କହିବା କି ଏବେ ଓ୍ୱହି ଓ୍ୱଲାୟତ୍‌ର ମାର୍ଗ ବନ୍ଦ ଅଛି ତେଣୁ ନିଦର୍ଶନ ପ୍ରକାଶ ହୋଇପାରିବ ନାହିଁ ଓ ଦୁଆ କବୁଲ୍ ହେବ ନାହିଁ ବୋଲି ତେବେ ଏହା ବିନାଶର ମାର୍ଗ ନା ଶାନ୍ତିର ମାର୍ଗ । ଖୁଦାତାଲାଙ୍କ କୃପାକୁ ରଦ୍ଦ କର ନାହିଁ । ଉଠ ପରୀକ୍ଷା କର । ପୁଣି ଯଦି ଏହା ଦେଖକି ମାମୁଲି ଜ୍ଞାନ ଓ ମାମୁଲି ବୁଦ୍ଧି ରଖିଥିବା ବ୍ୟକ୍ତି ତେବେ ଗ୍ରହଣ କରନାହିଁ । କିନ୍ତୁ ଯଦି ଐଶି ଚମତ୍କାର ଦେଖ ଓ ସେ ହାତର ଚମକ ପାଅ ଯାହା ସତ୍ୟର ସମର୍ଥନ ଏବଂ ଇଶ୍ୱରଙ୍କ ବାଣୀରେ ପ୍ରକାଶ ହୋଇ ଆସୁଅଛି ତେବେ ଗ୍ରହଣ କର ।

***(ବରକାତୁଦ୍ ଦୁଆ , ରୁହାନି ଖଜାଏନ୍ ଖଣ୍ଡ-୬, ପୃ-୨୪)***

***ଓ୍ୱ ଆଖିର୍ ଦାଓ୍ୱାନା ଅନିଲ୍ ହମ୍‌ଦୋ ଲିଲ୍ଲାହେ ରବ୍‌ବିଲ୍ ଆଲମିନ୍***

ତକ୍‌ରିର ଜଲ୍‌ସା ସାଲାନା କାଦିୟାନ୍ ୨୦୧୮

# ବାଶରହ୍ (ଅର୍ଥାତ୍ ଆନୁପାତିକ) ଚାନ୍ଦା ଏବଂ ୱ୍ସିୟତ ବ୍ୟବସ୍ଥାର ଗୁରୁତ୍ୱ ଓ ଉପକାରିତା

(କେ ତାରିକ୍ ଅହମଦ୍ ସଦର ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦୀୟା ଭାରତ)

يٰۤاَيُّهَا الَّذِيۡنَ اٰمَنُوۡا لَا تُلۡهِكُمۡ اَمۡوَالُكُمۡ وَلَاۤ اَوۡلَادُكُمۡ عَنۡ ذِكۡرِ اللّٰهِ ۚ وَمَنۡ يَّفۡعَلۡ ذٰلِكَ فَاُولٰٓئِكَ هُمُ الۡخٰسِرُوۡنَ ۝ وَاَنۡفِقُوۡا مِنۡ مَّا رَزَقۡنٰكُمۡ مِّنۡ قَبۡلِ اَنۡ يَّاۡتِىَ اَحَدَكُمُ الۡمَوۡتُ فَيَقُوۡلَ رَبِّ لَوۡلَاۤ اَخَّرۡتَنِىۡۤ اِلٰٓى اَجَلٍ قَرِيۡبٍ ۙ فَاَصَّدَّقَ وَاَكُنۡ مِّنَ الصّٰلِحِيۡنَ ۝

(منافقون:11،10)

ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ଏ ଯୁଗ କେତେ ବରକତ୍ (ଅର୍ଥାତ୍ ବୈଭବ)ର ଯୁଗ କି କାହାଠାରୁ ଜୀବନ ମଗାଯାଉନାହିଁ । ଏବଂ ଏ ଯୁଗ ଜୀବନ ଦେବାର ଯୁଗ ନୁହେଁ ବରଂ ମାଲ (ଅର୍ଥାତ୍ ଧନ) ଦେବାର । ସର୍ତ୍ତ ଏହା କି ଖର୍ଚ୍ଚ କରିବାର ସାମର୍ଥ୍ୟ ଥିବ ।" ***(ଅଲ୍‌ହକମ୍ କାଦିୟାନ୍ ୧୦ ଜୁଲାଇ ୧୯୦୩)***

ପୁଣି କିଶ୍‌ତିନୁହ ପୁସ୍ତକରେ ଆପଣ ଆ:ସ ଲେଖୁଛନ୍ତି: "ପ୍ରତ୍ୟେକ ବ୍ୟକ୍ତିର (ନିଷ୍ଠା) ଓ ସତ୍ୟତା ତା ସେବା କାର୍ଯ୍ୟରୁ ହିଁ ଚିହ୍ନା ଯାଇଥାଏ । ହେ ପ୍ରୀୟ ଲୋକମାନେ ! ଏହା ଦୀନ ପାଇଁ ଓ ଦୀନ୍‌ର ଆବଶ୍ୟକତା ପାଇଁ ସେବାକରିବାର ସମୟ । (ତେଣୁ) ଏହି ସମୟକୁ ସୌଭାଗ୍ୟ ରୂପେ ଜାଣ କି ପୁଣି କେବେ ଏହା ହାତକୁ ଆସିବ ନାହିଁ ।" ***(କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃ-୮୩)***

ପ୍ରୀୟ ଶ୍ରୋତାବୃନ୍ଦ ଏ କଥା ଶୁଣି ସାରିଛନ୍ତି କି ଆଜିର ଏହି ବାବରକତ୍ ଜଲ୍‌ସାରେ ଏ ଅଧମକୁ ନିର୍ଦ୍ଦେଶ ଦିଆଯାଇଛଇ କି "ବାଶର୍‌ହ ଚାନ୍ଦା (ଅର୍ଥାତ୍ ମାପ ମୁତାବକ ଚାନ୍ଦା) ଏବଂ ୱ୍ସିୟତ ବ୍ୟବସ୍ଥାର ଗୁରୁତ୍ୱ ଓ ବର୍‌କାତ୍" ବିଷୟବସ୍ତୁ ଉପେର ଆପଣମାନଙ୍କ ସମ୍ମୁଖରେ କିଛି କଥା ଉପସ୍ଥାପନ କରିବି ।

ଶ୍ରୋତାଗଣ ! ଏବେ ମୁଁ ସୁରଃ ମୁନାଫିକୁନ୍‌ର ଆୟତ ସଂଖ୍ୟା ୧୦,୧୧ ଆବୃତି କଲି । ସେ ସବୁର ଅନୁବାଦ ହେଉଛି ଏପରି:

"ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ଧନସମ୍ପତି ଓ ତୁମମାନଙ୍କ ସନ୍ତାନସନ୍ତତି ଅଲ୍ଲାଃଙ୍କ ସ୍ମରଣରୁ ଅମନୋଯୋଗୀ ନ କରୁ: ଏବଂ ଯେଉଁ (ଲୋକ) ମାନେ ଏପରି କରିବେ ସେମାନେ ହିଁ କ୍ଷତିଗ୍ରସ୍ତ ହେବେ । ଏବଂ (ହେ ବିଶ୍ୱାସକରୀମାନେ !) ଆମ୍ଭେ ତୁମମାନଙ୍କୁ ଯାହାକିଛି ଦେଇଅଛୁ ମୃତ୍ୟୁର ଆଗମନ ପୂର୍ବରୁ ତହିଁରୁ ବ୍ୟୟ କର: ନୋହିଲେ ଯେତେବେଳେ ମୃତ୍ୟୁ ଉପସ୍ଥିତ ହେବ, ସେତେବେଳେ ବ୍ୟୟ କରୁନଥିବା ଲୋକକୁ କହିବାକୁ ପଡ଼ିବ, "ହେ ମୋର ପାଳନକର୍ତା ! ତୁମ୍ଭେ କାହିଁକି ମୋତେ କିଛି ଅବସର ଦେଲନାହିଁ । ଯଦ୍ୱାରା ମୁଁ ଏହି (ଅବସର) କାଳରେ କିଛି ଦାନ କରି ପୁଣ୍ୟବାନ ହୋଇଥାଆନ୍ତି ।"

ସମ୍ମାନୀୟ ଶୁଦ୍ଧିବୃନ୍ଦ ! ଅଲ୍ଲାଃତାଲା ଏହି ଆୟତ ଗୁଡ଼ିକରେ ଏକ ମହାନ ଜ୍ଞାନ ଟିପ୍ପଣି ବର୍ଣ୍ଣନା କରିଛନ୍ତି କି ମଣିଷ ଉପରେ ଯେତେବେଳେ ଏ ସଂସାର ଛାଡ଼ି ଚାଲିଯିବାର ବେଳ ଆସିଥାଏ ସେତେବେଳେ ତାକୁ ନିଶ୍ଚିତ ରୂପେ ଏ ଭାବନା ବ୍ୟତିବ୍ୟସ୍ତ କରିପକାଏ କି କାଳେ ! ତାକୁ ଆଉ ଅଳ୍ପ କିଛି ଜୀବନ ମିଳନ୍ତା । ଏବଂ ସେ ଅଲ୍ଲାଃଙ୍କ ମାର୍ଗରେ ତା ନିଜର ପ୍ରୀୟତମ ବସ୍ତୁଗୁଡ଼ିକୁ ନିଃସଙ୍କୋଚରେ ଖର୍ଚ୍ଚ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତା । ଏବଂ ଏ କଥା ଇଚ୍ଛା କରନ୍ତା କି ଯାହା କିଛି ମୋ ପାଖରେ ଅଛି ସେ ସବୁକୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦିଏ ଓ କୌଣସି ପ୍ରକାରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିନିଏ ।

ଏଠାରେ ପ୍ରଶ୍ନ ବହୁତ ଗୁରୁତ୍ୱପୂର୍ଣ୍ଣ କି କାହିଁକି ଜଣେ ମଣିଷ ଶେଷ ସମୟରେ ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ) କରିବାକୁ ମନ ବଳାଏ । ଏବଂ ତାହା କି ପ୍ରକାର ରହସ୍ୟ ଯେ ଅଚାନକ ତା' ଉପରେ ଏ କଥା ଖୋଲି ଦିଆଯାଇଥାଏ କି ଅଲ୍ଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ସବୁଠାରୁ ଉତମ ମାର୍ଗ ହେଉଛି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା । ଯେଉଁ ଭଳି ଆଁ ହଜ୍‌ରତ୍ ସ:ଆ:ସ ମଧ ମନୁଷ୍ୟର ଏପରି ଅବସ୍ଥାର ନକ୍ସା ନିମ୍ନଲିଖିତ ବାକ୍ୟରେ ଟାଣିଛନ୍ତି । କହୁଛନ୍ତି:

ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ଜଣେ ବ୍ୟକ୍ତି ନବୀ କରିମ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହୋଇ କହିବାକୁ ଲାଗିଲା କି ହେ ଅଲ୍ଲାଃଙ୍କ ରସୁଲ୍ ! କେଉଁ ପ୍ରକାରର ସଦ୍‌କା (ସତ୍‌କାର୍ଯ୍ୟ) କରିବାରେ ସବୁଠାରୁ ଅଧିକା ପୂଣ୍ୟ ମିଳିବ ? ଏଥିରେ ଆପଣ ଆ:ସ କହିଲେ କି "ଏପରି ସତ୍‌କାର୍ଯ୍ୟ ଦ୍ୱାରା ଯାହାକୁ ତୁମେ କୃପଣତା ଥିବା ସତ୍ୱେ ମଧ ଭଲ ମନରେ କହିଥାଅ । ତୁମକୁ ଗୋଟିଏ ପଟେ ଗରୀବ ହୋଇଯିବାର ଭୟ ଘାରୁଥିବ ଏବଂ ଅନ୍ୟପଟେ ଧନୀ ହେବାର ଇଚ୍ଛା ରଖିଥିବ ଓ (ଏହି ସତ୍ କାର୍ଯ୍ୟ ଓ ପୂଣ୍ୟ କାର୍ଯ୍ୟରେ) ଅବହେଳା କରିବା ଉଚିତ ନୁହେଁ କି ଯେବେ ଜୀବନର ଶେଷ ସମୟ ଆସିଯିବ, ସେତେବେଳେ ତୁମେ ଏ କଥା କହିବ କି ଅମୁକଙ୍କ ପାଇଁ ଏତେ ସମୁକଙ୍କ ପାଇଁ ଏତେ (ଧନ ଦିଆଯାଉ) । ଯେବେକି ତାହା ଅମୁକ ବ୍ୟକ୍ତିର ହୋଇସାରିଥିବ ।

***(ସହ୍‌ହି ବୁଖାରୀ, କିତାବୁଲ୍ ଜକାତ୍)***

ମହିୟାନ ଅଲ୍ଲାଃ ଯିଏ ନିଜ ଭକ୍ତଙ୍କ ପ୍ରତ୍ୟେକ ଅବସ୍ଥା ବିଷୟରେ ଅବଗତ ଅଛନ୍ତି, ସେ ଭକ୍ତମାନଙ୍କୁ ଶେଷ ସମୟର ସନ୍ତାପରୁ ମୁକ୍ତି ଦେବା ଲାଗି ଏପରି ସହାନୁଭୁତିଶୀଳ ହୋଇ କହୁଛନ୍ତି:

وَمَاذَا عَلَيۡهِمۡ لَوۡ اٰمَنُوۡا بِاللّٰهِ وَالۡيَوۡمِ الۡاٰخِرِ وَاَنۡفَقُوۡا مِمَّا رَزَقَهُمُ اللّٰهُ ؕ وَكَانَ اللّٰهُ بِهِمۡ عَلِيۡمًا ۝ اِنَّ اللّٰهَ لَا يَظۡلِمُ مِثۡقَالَ ذَرَّةٍ ۚ وَاِنۡ تَكُ حَسَنَةً يُّضٰعِفۡهَا وَيُؤۡتِ مِنۡ لَّدُنۡهُ اَجۡرًا عَظِيۡمًا ۝ (النساء:41،40)

ଅର୍ଥାତ୍: ଯଦି ସେମାନେ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥାନ୍ତେ ଅଲ୍ଲାଃ ସେମାନଙ୍କୁ ଯାହା କିଛି ଦେଉଛନ୍ତି ସେଥିରୁ (ତାହାଙ୍କ ଉଦ୍ଦେଶ୍ୟରେ) ବ୍ୟୟ କରିଥାନ୍ତେ ତେବେ ସେମାନଙ୍କର କଣ (କ୍ଷତି) ହୋଇଥାନ୍ତା ? ଏବଂ ଅଲ୍ଲାଃ ସେମାନଙ୍କୁ ଭଲ ଭାବରେ ଜାଣନ୍ତି । ଅଲ୍ଲାଃ କେବେ ହେଁ ଅଣୁମାତ୍ର ଅନ୍ୟାୟ କରିବେ ନାହିଁ ଏବଂ ଯଦି କାହାରି କୌଣସି ଏକ ପୂଣ୍ୟ ଥାଏ ତେବେ ସେ ତାହାକୁ ବହୁଗୁଣିତ କରିବେ ଏବଂ ନିଜ ତରଫରୁ (ମଧ) ମହାନ୍ ପୁରସ୍କାର ଦେବେ ।

ସୁତରାଂ ସେହି ବ୍ୟକ୍ତି ହେଉଛି ସୌଭାଗ୍ୟବାନ୍ ଯିଏ ପୂଣ୍ୟ କରିବା ପାଇଁ ସମର୍ଥ ଅର୍ଥାତ୍ ଅଲ୍ଲାଃତାଲା ଯାହାଙ୍କୁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ଶକ୍ତି ମଧ ପ୍ରଦାନ କରିଛନ୍ତି ଓ ସେ ବର୍ତମାନ ମାଲି ମାମଲାରେ ଅଲ୍ଲାଃତାଲା ସହିତ ନିଜର ହିସାବ ନିକାସ ଠିକ୍ ରଖିଛି ଯଦ୍ୱାରା ତାର ଶେଷ ପରିଣାମ ଉତମ ହୋଇପାରିବ । ନଚେତ୍ ପବିତ୍ର କୋରାନ୍ ଯେଉଁଭଳି ନକ୍ସା ଟାଣିଛି ଅର୍ଥାତ୍ ମୃତ୍ୟୁ ମୁହଁରେ ପଡ଼ିଥିବା ସମୟରେ ମାଲି କୁର୍ବାନୀ (ଅର୍ଥାତ୍ ଧନର ବଳିଦାନ) ନିମନ୍ତେ ଚିନ୍ତା କରିବା ହେଉଛି କ୍ଷତି ଉଠାଉଥିବା ଲୋକମାନଙ୍କର କାର୍ଯ୍ୟ । ଏବଂ ନିଜକୁ ବିନାଶ କରିବାର କାରଣ ।

ପ୍ରୀୟ ଶ୍ରୋତାଗଣ ! ମାଲି କୁର୍ବାନୀ (ଅର୍ଥାତ୍ ଧନର ବଳୀଦାନ)ର ଗୁରୁତ୍ୱକୁ ତ ଏ କଥାରେ ଆକଳନ କରାଯାଇପାରେ କି ଅଲ୍ଲାଃତାଲା ନିଜ ପବିତ୍ର ପୁସ୍ତକରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାସନା ନମାଜ ପାଠ କରିବାକୁ କହିଛନ୍ତି । ତତ୍ ସହିତ ମାଲି କୁର୍ବାନୀର ନିର୍ଦ୍ଦେଶ ଅର୍ଥାତ୍ ଜକାତ୍ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ୍ ଯେତେ ମାତ୍ରାରରେ ନମାଜ ପାଠ ନିମନ୍ତେ ତାଗିଦ୍ କରିଛି ସେତିକି ମାତ୍ରାରେ ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ) କରିବାପାଇଁ ନିର୍ଦ୍ଦେଶ ଦେଇଛି । ପବିତ୍ର କୋରାନ୍‌ରେ ମାଲି ଉପାସନାର କଥା ଦୁଇ ପ୍ରକାରର ଚାନ୍ଦା ରୂପରେ ବର୍ଣ୍ଣନା କରାଯାଇଛଇ । ପ୍ରଥମଟି ହେଉଛି ଫର୍ଜ (ଅର୍ଥାତ୍ ବାଧ୍ୟତାମୁଳକ) ଏବଂ ଦ୍ୱିତିୟଟି ହେଉଛି ଇଛାଧିନ ଚାନ୍ଦା । ଆଁ ହଜ୍‌ରତ୍ ସ:ଆ:ସ ଫର୍ଜ ଚାନ୍ଦା ଅର୍ଥାତ୍ ଜକାତକୁ ଇସ୍‌ଲାମ୍ ଧର୍ମର ଏକ ମୂଳ ସ୍ତମ୍ଭ ରୂପେ ଅଭିହିତ କରିଛନ୍ତି । ଜକାତ ବ୍ୟତିତ ଧର୍ମର ଆବଶ୍ୟକତାକୁ ଦୃଷ୍ଟିଆଗରେ ରଖି ଖୁଦାତାଲାଙ୍କ କଥାରେ ଲବ୍‌ବେକ୍ କହି ମାଲି କୁର୍ବାନୀରେ ବଢ଼ି ଚଢ଼ି ଭାଗ ନେଉଥିବା ଲୋକମାନେ ହିଁ ବାସ୍ତବରେ ଉପାସନାର ହକ୍ ପ୍ରଦାନକାରୀ ଏବଂ ଅଲ୍ଲାଃଙ୍କ ସାନ୍ନିଧ ହାସଲକାରୀ ଅଟନ୍ତି । ଖୁଦାତାଲାଙ୍କ ମାର୍ଗରେ ମାଲ୍ ପେଶ୍ କରିବାର କଥାକୁ ସବୁ ନବୀଙ୍କ ସମୟରେ ତାଙ୍କୁ ମାନିଥିବା ବ୍ୟକ୍ତିମାନେ ଲବେକ୍ କହିଛନ୍ତି । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବାମାନେ ଯେଉଁ ଦର୍ପରେ ଉକ୍ତ କଥା ଉପରେ ଲବେକ୍ କହିଛନ୍ତି ତା'ର ସ୍ମୃତି ଆଜି ପର୍ଯ୍ୟନ୍ତ ଅଛି ବରଂ କୟାମତ ପର୍ଯ୍ୟନ୍ତ ମନକୁ ଉତ୍ସାହିତ କରି ଚାଲିବ ।

ହଜ୍‌ରତ୍ ନବି ଅକ୍‌ରମ୍ ସ:ଆ:ସଙ୍କ ପେଶ୍‌ଗୋଇ ଗୁଡ଼ଇକରୁ ଜଣା ପଡୁଛି କି ଇସ୍‌ଲାମ୍‌ର ବିଶ୍ୱବ୍ୟାପି ବିଜୟ ଇମାମ୍ ମେହେଦୀ ଓ ମସିହ୍ ମଉଦଙ୍କ ଜରିଆରେ ହେବ । ସେହି ମହାନ ଅଭିଜାନ ନିମନ୍ତେ ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ମାଲି କୁର୍ବାନୀ ଚାହୁଁଛନ୍ତି । ସୁତରାଂ ଜକାତ୍‌ର ବାଧ୍ୟତାମୂଳକ ଚାନ୍ଦା ପ୍ରଦାନ କରିବା ସହିତ ଆପଣ ଆ:ସ ୱ୍ସିୟତ୍ ନିଜାମ୍ ଅନ୍ତର୍ଗତ ଆମଦାନୀ ଏବଂ ସମ୍ପତିକୁ ଉତ୍ସର୍ଗ କରିବା ପାଇଁ ତହ୍‌ରିକ୍ କରିଛନ୍ତି ଏବଂ ଏଥିରେ ସାମିଲ୍ ହୋଇଥିବା ନିଷ୍ଠାବାନ ମାନଙ୍କୁ ସ୍ୱର୍ଗ ଲଭିବାର ସୁସମାଚାର ଦେଇଛନ୍ତି ।

ଯେଉଁ ଅହେମଦୀମାନେ ୱ୍ସିୟତ୍ ନିଜାମରେ ସାମିଲ ନାହାନ୍ତି, ସେ ପୁରୁଷ ହୁଅନ୍ତୁ ବା ମହିଳା, ତାଙ୍କ ପାଇଁ ଏହା ଜରୁରୀ ଅଟେ କି ନିଜ ଆମଦାନୀର ଶୋହଳ ଭାଗରୁ ଭାଗେ (୧/୧୬) ଅର୍ଥାତ୍ ଚାନ୍ଦା ଆମ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରଦାନ କରନ୍ତୁ । ତତ୍ ସହିତ ୱ୍ସିୟତ୍ ନିଜାମ୍‌ରେ ସାମିଲ୍ ହେବାପାଇଁ ଇଚ୍ଛା ଓ ଅଭିଳାଷା ମଧ ରଖୁ । ଦୁଆ କରୁ କି ସେ ଉକ୍ତ ଚାନ୍ଦାର ଆର୍ଶୀବାଦରୁ ନିୟମିତ ୱ୍ସିୟତ୍‌ର ନିଜାମ୍‌ରେ ସାମିଲ ହେବାର ସୌଭାଗ୍ୟ ପ୍ରାପ୍ତ କରୁ ।

ବାଶର୍‌ହ୍ (ଅର୍ଥାତ୍ ଆମଦାନୀ ମୁତାବକ, ଆନୁପାତିକ) ଚାନ୍ଦା ପ୍ରଦାନ କରିବାର ବର୍‌କତ୍‌ରୁ ଅଲ୍ଲାଃତାଲା ୱ୍ସିୟତର୍

ନିଜାମ୍‌ରେ ସାମିଲ୍ ହେବାପାଇଁ ସୌଭାଗ୍ୟ ପ୍ରଦାନ କରିଥାଏ । ସୁତରାଂ ମୁଁ ମୋ ବକ୍ତବ୍ୟରେ କ୍ରମାନୁସାରେ ବାଶ୍‌ରହ୍ ଚାନ୍ଦା ଏବଂ ପୁଣି ନିଜାମେ ଓ୍ୱସିୟତ୍ ସମ୍ବନ୍ଧରେ କିଛି କଥା ଉପସ୍ଥାପନ କରିବି ।

ବାଶ୍‌ରହ୍ (ଅର୍ଥାତ୍ ଆମଦାନୀ ମୁତାବକ, ଆନୁପାତିକ) ଚାନ୍ଦା ପ୍ରଦାନ କରିବାର ବର୍‌କତ୍‌ରୁ ଅଲ୍ଲାଃତାଲା ଓ୍ୱସିୟତ୍‌ର ନିଜାମ୍‌ରେ ସାମିଲ୍ ହେବାପାଇଁ ସୌଭାଗ୍ୟ ପ୍ରଦାନ କରିଥାଏ । ସୁତରଂା ମୁଁ ମୋ ବକ୍ତବ୍ୟରେ କ୍ରମାନୁସାରେ ବାଶ୍‌ରହ୍ ଚାନ୍ଦା ଏବଂ ପୁଣି ନିଜାମେ ଓ୍ୱସିୟତ୍ ସମ୍ବନ୍ଧରେ କିଛି କଥା ଉପସ୍ଥାପନ କରିବି ।

ଜକାତ୍ ପଇଠ କରିବା ପରେ ଜମାତ୍ ଅହମଦୀୟାରେ ଦାଖଲ୍ ହୋଇଥିବା ସମସ୍ତ ପୁରୁଷ ଓ ମହିଳାଙ୍କୁ ଶରହ୍ (ମାପ) ମୁତାବକ ନିଜ ଆମଦାନୀର ଶୋହଳ ଭାଗରୁ ଭାଗେ (୧/୧୬) ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ ନିମନ୍ତେ ଏବଂ ଏ ସମ୍ପ୍ରଦାୟର ହୀତ ପାଇଁ ପ୍ରଦାନ କରିବା ଜରୁରୀ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲାଜ୍‌ମି ଚାନ୍ଦା (ଅର୍ଥାତ୍ ବାଧ୍ୟତାମୂଳକ ଚାନ୍ଦା) ସମ୍ବନ୍ଧରେ ଏହି ତାଗିତ୍ ଉପଦେଶ ଦେଇଛନ୍ତି କି:

“ଏହି ସମ୍ପ୍ରଦାୟରେ ପ୍ରବେଶ କରିବା ପାଇଁ ସେହି ବ୍ୟକ୍ତି ଯୋଗ୍ୟ ଯିଏ ତା ସାହାସକୁ ମଧ୍ୟ ଉଚ୍ଚା ରଖିଥିବ । ତତ୍ ସହିତ ଆସନ୍ତା (ସମୟ) ପାଇଁ ସେ ଏକ ସତେଜ ଓ ସତ୍ୟ ପ୍ରତିଶୃତି ଖୁଦାତାଲାଙ୍କ ସହିତ କରିଦେଉ କି ସେ ତା’ ସାମର୍ଥ୍ୟ ମୁତାବକ ନିୟମିତ ପ୍ରତ୍ୟେକ ମାସରେ ନିଜର ମାଲି ଇମ୍‌ଦାଦ୍ ଅର୍ଥାତ୍ ଆର୍ଥିକ ସାହାଯ୍ୟ ଦ୍ୱାରା ଏହି ସମସ୍ତ ଧର୍ମୀୟ ଅସୁବିଧାର ନିଦାନ ନିମନ୍ତେ ଚେଷ୍ଟା କରି ଚାଲିବ ।”

ବାଶ୍‌ରହ୍ ଚାନ୍ଦା ଦେବାପାଇଁ ଏବଂ ଏଥିପ୍ରତି ମନରେ ଉତ୍ସାହା ସୃଷ୍ଟି କରିବା ପାଇଁ ଉକ୍ତ ବିନ୍ଦୁକୁ ବୁଝିବାର ଆବଶ୍ୟକତା ଅଛି ଓ ଏହା ନ ବୁଝିବା ଫଳରେ ସମସ୍ତ ପ୍ରକାରର କୃପଣତା ଦେଖାଦେଇଛି ଓ ମାଲି କୁର୍ବାନୀରୁ ଦୂରେଇ ରହିବା ପାଇଁ ବାହାନା ବାହାରୁଛି । ଏବଂ ସେହି ବିନ୍ଦୁ ସମ୍ବନ୍ଧରେ ଅଲ୍ଲାଃତାଲା ଅନେକଥର କହିଛନ୍ତି କି *ଅନ୍‌ଫିକୁ ମିମ୍ମା ରଜକ୍‌ନାକୁମ୍* (ବକ୍‌ରାଃ:୨୫୫) ଅର୍ଥାତ୍ ଯାହା କିଛି ଆମ୍ଭେ ତୁମକୁ ପ୍ରଦାନ କରିଅଛୁ । ସେଥିମଧ୍ୟରୁ ଖର୍ଚ୍ଚ କର । ଏହାକୁ ବାଖ୍ୟା କରିବା ଏତେ ସ୍ୱଳ୍ପ ସମୟ ମଧ୍ୟରେ ଅସମ୍ଭବ । ତେଣୁ ଏ ଯୁଗର ଇମାମ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାକ୍ୟ ହିଁ ପର୍ଯ୍ୟାପ୍ତ ।

ହଜୁର୍ ଆ:ସ କହୁଛନ୍ତି: “ଏହା ସ୍ୱଷ୍ଟ କି ତୁମେ ଦୁଇଟି ବସ୍ତୁ ସହିତ ପ୍ରେମ କରିପାରିବ ନାହିଁ । ତୁମ ପାଇଁ ଏହା ସମ୍ଭବ ନୁହେଁ କି ଧନକୁ ଭଲପାଇବା ସହିତ ଖୁଦାଙ୍କୁ ମଧ୍ୟ ଭଲପାଅ । କେବଳ ଗୋଟିଏକୁ ହିଁ ଭଲପାଇପାରିବ । ସୁତରାଂ ସୌଭାଗ୍ୟବାନ ହେଉଛି ସେହି ବ୍ୟକ୍ତି ଯିଏ ଖୁଦାଙ୍କୁ ଭଲପାଉଛି । ଯଦି କେହି ତୁମମାନଙ୍କ ମଧ୍ୟରୁ ଖୁଦାଙ୍କୁ ଭଲପାଇବା ସହିତ ତା’ ମାର୍ଗରେ ଧନ ଖର୍ଚ୍ଚ କରିବ, ତେବେ ମୁଁ (ଦୃଢ଼) ବିଶ୍ୱାସ ରଖିଛି କି ତା’ ଧନସମ୍ପତିରେ ଅନ୍ୟ ମାନଙ୍କ ଅପେକ୍ଷା ଅଧିକ ବରକତ୍ (ଅର୍ଥାତ୍ ବୈଭବ) ପ୍ରଦାନ କରାଯିବ କାରଣ ଧନ ସ୍ୱତଃପୃତଃ ଆସେନାହିଁ ବରଂ ଖୁଦାଙ୍କ ଇଚ୍ଛାରେ ହିଁ ଆସିଥାଏ ।”

***(ମଯ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୩, ପୃ-୪୯୭)***

ଅତଃ ଏହି ବିନ୍ଦୁକୁ ବୁଝିବା ହେଉଛି ବର୍ତମାନ ଅତ୍ୟନ୍ତ ଆବଶ୍ୟକ ।

ପ୍ରୀୟ ବନ୍ଧୁଗଣ ! ମହିମାମୟ ଅଲ୍ଲାଃଙ୍କର ମଧ୍ୟ ନିଜ ଭକ୍ତଙ୍କ ସହିତ ସୁନ୍ଦର ବ୍ୟବହାର ହୋଇଥାଏ କି ସେ ନିଜେ ହିଁ ଧନ ସମ୍ପତି ଭକ୍ତକୁ ପ୍ରଦାନ କରିଥାନ୍ତି ଏବଂ ନିଜେ ଏ ନିର୍ଦ୍ଦେଶ ଦେଇଥାନ୍ତି କି ସେହି ଧନରୁ କିଛି ଦିଅ ଫଳତଃ ତୁମକୁ ଏହାର ପୁରସ୍କାର ମିଳିବ । ଅଲ୍ଲାଃ ଏପରି ପ୍ରତିଶୃତି ମଧ୍ୟ ଦେଇଥାନ୍ତି ।

ଯେଉଁଠି ଭକ୍ତକୁ ଇଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବା ପାଇଁ କୁହାଯାଇଛି ସେଠି ଏକଥା ମଧ୍ୟ କୁହାଯାଇଛି କି ୟସ୍‌ଅଲୁନକା ମାଜା ୟନ୍‌ଫିକୁନା କୁଲିଲ୍ ଅଫଓ୍ୱା (ବକ୍‌ରାଃ:୨୨୦) ଅର୍ଥାତ୍ ସେମାନେ ତୁମଠାରୁ (ଏହା ମଧ୍ୟ) ପଚାରୁଛନ୍ତି କି ସେମାନେ କ’ଣ ଖର୍ଚ୍ଚ କରିବେ । ସେମାନଙ୍କୁ କହିଦିଅ କି (ଆବଶ୍ୟକ ବସ୍ତୁମାନଙ୍କ ମଧ୍ୟରୁ) ଯାହା କିଛି ବଂଚିଯାଇଛି ଓ ଯେବେ ମଧ୍ୟ ଅଲ୍ଲାଃତାଲା ନିଜର ବଦାନ୍ୟତା ସମ୍ବନ୍ଧରେ ଚର୍ଚ୍ଚା କରିଛି ସେଠାରେ ଏ କଥା କହିଛନ୍ତି କି ***ଓ୍ୱଲ୍ଲାହୁ ୟର୍‌ଜୁକୁ ମଇଁ ୟଶାଓ ବିଗଏରେ ହିସାବ୍*** (ବକ୍‌ରା:୨୧୩) ଅର୍ଥାତ୍ ଅଲ୍ଲାଃ ଯାହାଙ୍କୁ ଚାହାନ୍ତି ବିନା କୌଣସି ହିସାବରେ (ଅର୍ଥାତ୍ ବହୁମାତ୍ରାରେ) ଜୀବିକା ନିର୍ବାହର ଧନ ପ୍ରଦାନ କରିଥାନ୍ତି ।

ଅର୍ଥାତ୍ ଅଲ୍ଲାଃତାଲା ଦେବାବେଳେ ବହୁମାତ୍ରାରେ ଦେଇଥାଏ ଏବଂ ଯେବେ ନିଜେ ସେ ତା ମାର୍ଗରେ ଖର୍ଚ୍ଚ କରିବା ପାଇଁ ହୁକୁମ୍ ଦିଏ, ସେତେବେଳେ ଏକ ସ୍ୱଳ୍ପ ଓ ନିର୍ଦ୍ଧାରିତ ମାତ୍ରାରେ ଦେବାପାଇଁ କହିଥାଏ । ଯାହାକୁ ଇସ୍‌ଲାମୀୟ ଅର୍ଥ ବ୍ୟବସ୍ଥାର ଭାଷାରେ “ଶରହ୍” କୁହାଯାଏ । ତେଣୁ ଜଣେ ନିର୍ବୋଧ ବ୍ୟକ୍ତି ହିଁ ନିଜର ଆମଦାନୀକୁ ଲୁଚାଇଥାଏ, କାରଣ ତା’ ସାମର୍ଥ୍ୟଠାରୁ ଅଧିକା ତା’କୁ ଦୟାମୟ ଖୁଦା ପ୍ରଦାନ କରିଥାନ୍ତି । ଏହା ସତ୍ତ୍ୱେ ମଧ୍ୟ ସେ ଇଶ୍ୱର ପ୍ରଦତ ଧନରୁ ଏକ ଛୋଟିଆ ଅଂଶକୁ ମଧ୍ୟ ତା’ ମାର୍ଗରେ ଦେଇନଥାଏ । ଯେବେ କି ସେହି ସର୍ବଜ୍ଞାନୀ ଖୁଦା ସବୁକିଛି ଜାଣିଛନ୍ତି ।

ଏ ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ କହୁଛନ୍ତି କି: “ଏପରି ଭାବନା ଆସିଥାଏ କି, ଯଦି ମୋର ଏତିକି ଟିକସ ଦେବାକୁ ଅଛି ତା’ ହେଲେ ସେଥିରୁ ଏତେ କମେଇଦେଲେ ମୋର ଏତେ ଅର୍ଥ ସଂଚୟ ହୋଇଯିବ । ଭାବନା ଆସିବାରେ କିଛି କଥା ନାହିଁ । ଏହାଦ୍ୱାରା ଅଲ୍ଲାଃତାଲା ଧରେ ନାହିଁ । କିନ୍ତୁ ଯଦି ଏପରି କରାଯାଏ, ଟିକସ ଚୋରି କରାଯାଏ, ସରକାରଙ୍କୁ କ୍ଷତି ପହଂଚାଯାଏ ସତ କଥା ନ କହି ନିଜ ଆମଦାନୀକୁ କମ୍ କରି ଲେଖାଏ ତେବେ ପୁଣି ଅଲ୍ଲାଃତାଲା ଧରିଥାଏ । ଏପରି ଅନେକ ଅନୁଭବ ରହିଛି । ବହୁତ ଲୋକଙ୍କ ଉଦାହରଣ ଅଛି ଯେଉଁମାନଙ୍କ ଆମଦାନୀ ପୁଣି ଧିରେଧିରେ କମ୍ ହୋଇଥାଏ ଓ ଏପରି ସ୍ତରରେ ପହଂଚିଯାଇଥାଏ ଅର୍ଥାତ୍ ଯେଉଁ ଆମଦାନୀ ସେ ପୂର୍ବେ ମିଛରେ ଲେଖାଇଥାଏ, ଅଲ୍ଲାଃଙ୍କ ନିମନ୍ତେ କୁର୍ବାନୀ କରିବାରେ । ସରକାରଙ୍କ ହକ୍ ପ୍ରଦାନ କରିବାରେ କହୁଛନ୍ତି ଏପରି ପରିସ୍ଥିତିରେ ପୁଣି ଏହି ପାପ ଦଣ୍ଡନୀୟ । ସୁତରାଂ ଯେବେ ହୃଦୟ ସଂକଳ୍ପ କରିନିଏ ସେତେବେଳେ ତା’ପାଇଁ ଧୃଷ୍ଟତା ଓ ଧୋକା ଦେଇଥାଏ ।

***(ଖୁତ୍‌ବା ଯୁମା ୨୬ ଅକ୍ଟୋବର ୨୦୧୮)***

ସେହିପରି ହଜ୍‌ରତ୍ ଖଲିଫ ତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଲା କହୁଛନ୍ତି କି: “ମୋ ସାରା ଜୀବନର ଅନୁଭବ ଏହା କି ଯେଉଁଲୋକମାନେ ମାଲିକୁର୍ବାନୀ (ଅର୍ଥାତ୍ ଅର୍ଥ ବଳୀଦାନ) କରିବାରେ ଖୁଦାତାଲାଙ୍କ ସହିତ ମାମଲା ସଫା ରଖୁନାହାନ୍ତି ଏବଂ ସତ୍ୟନିଷ୍ଠା ସହିତ ନିଜ ମାଲ୍‌ରୁ ଅଲ୍ଲାଃ ଏବଂ ତା ଧର୍ମ ପାଇଁ ଭାଗ ବାହାର କରୁନାହାନ୍ତି । ସେମାନଙ୍କର ଅନ୍ୟ ସମସ୍ତ ମାମଲା ଗୁଡ଼ିକ ମଧ୍ୟ ବିଗିଡ଼ି ଯାଇଥାଏ । ଘରର ଶାନ୍ତି ନଷ୍ଟ ହୁଏ କାରୋବାର (ଅର୍ଥାତ୍ ବାଣିଜ୍ୟ ଇତ୍ୟାଦି କର୍ମ) ରେ କ୍ଷତି ହୋଇଥାଏ । ସନ୍ତାନମାନଙ୍କ ତର୍‌ବିୟତ୍‌ରେ ବିଗାଡ ସୃଷ୍ଟି ହୋଇଥାଏ ଏବଂ ସାଧାରଣତଃ ମଣିଷ ଜୀବନର ସମସ୍ତ ବର୍‌କତ୍ ଶେଷ ହୋଇଯାଏ” । (ମାଲି ନିଜାମ୍ ପ୍ରଥମଖଣ୍ଡ, ପୃଷ୍ଠା-୯୬)

ସମ୍ମାନୀୟ ଶ୍ରୋତାଗଣ ! ସମୟର ଆବଶ୍ୟକତାକୁ ଦେଖି ଏଠାରେ ଗୋଟିଏ ବିଶ୍ୱାସବର୍ଦ୍ଧକ ଘଟଣା ଚର୍ଚ୍ଚା କରିବାକୁ ଉପଯୁକ୍ତ ମଣୁଛି କି କିପରି ଅଲ୍ଲାଃତାଲା ତା ନିଜ ମାର୍ଗରେ ସହୃଦୟତାର ସହିତ ଆନୁପାତିକ ଚାନ୍ଦା ପ୍ରଦାନ କରିଥିବା ଲୋକଙ୍କୁ ପୁରସ୍କାର ଦେଇଥାଏ । ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅ:ବ:ଅ ନିଜ ଖୁତ୍‌ବାଜୁମା ପ୍ରଦତ ୨୬ ମାର୍ଚ୍ଚ ୨୦୧୦ରେ କହୁଛନ୍ତି:-

ଆଇଭରିକୋଷ୍ଟର ସହର ବସ୍‌ସମ୍‌ର ଜଣେ ନୂତନ ଅହେମଦୀ ମୋକରମ୍ ୟାଗୁ ଅଲିଡୁ ସାହେବ୍‌କୁ ଜମାତି ମାଲି ନିଜାମ ଅନ୍ତର୍ଗତ ଚାନ୍ଦାର ଶରହ୍ ଅର୍ଥାତ୍ ଅନୁପାତିକ କ୍ରମ ବିଷୟରେ ବତାଗଲା । ସେ ତା’ପରଦିନ ନିଜେ ନିଜ ଦରମା ମୁତାବକ ଶରହ୍ ଅନୁସାରେ ଆମ୍ ଚାନ୍ଦା, ଓ୍ୱକ୍‌ଫେ ଜଦିଦ୍ ଏବଂ ତେହ୍‌ରିକ୍ ଜଦିଦ୍‌ର ଚାନ୍ଦା ପଇଠ କରିବା ପାଇଁ ଆସିଲେ । ସେ ସବୁର ମୋଟ ରାଶି ପଚାଶ ପାଉଣ୍ଡ୍ ହେଉଥିଲା । ଏହା ତାଙ୍କପାଇଁ ବହୁତ ବଡ ରାଶି ଥିଲା ଏବଂ ଏହା ତାଙ୍କପାଇଁ ଅହେମଦୀୟତ୍ ଗ୍ରହଣ କରିବା ପରେ ପ୍ରଥମ ଚାନ୍ଦା ଥିଲା । ବର୍ଣ୍ଣନା କରୁଥିବା ଲୋକେ ଏକଥା କହୁଛନ୍ତି କି ଏବେ ଆମ ମୁଅଲିମ୍ ସାହେବ୍ ସେହି ଚାନ୍ଦାର ରସିଦ୍ କାଟୁଥିଲେ ଯେ ୟାଗୁ ଅଲିଡୁ ସାହେବ୍‌ଙ୍କୁ ତାଙ୍କ ବନ୍ଧୁଙ୍କ ନିକଟରୁ ଫୋନ୍ ଆସିଲା ଯେ ଯେଉଁ କରଜ ମୁଁ ତୁମଠାରୁ ଦୁଇବର୍ଷ ପୂର୍ବେ ନେଇଥିଲି ତାହା ଆସନ୍ତା କାଲି ଆସି ମୋ ଠାରୁ ନେଇଯାଅ । ଏହା ଶୁଣି ୟାଗୁ ଅଲିଡୁ ସାହେବ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ କି ଏହି ବ୍ୟକ୍ତିଜଣକ ମୋ ଠାରୁ କରଜ ନେବାପରେ ଏପରି ବ୍ୟବହାର କରୁଥିଲା ଯେ ମୋତେ ତା’ଠାରୁ ସେ ଅର୍ଥ ମିଳିବ ବୋଲି ଆଶା ନଥିଲା । ଏହା କେବଳ ଏହି ଚାନ୍ଦା ଦେବାଯୋଗୁ ହିଁ ସମ୍ଭବ ହୋଇଛି । ଏବଂ କେବଳ ଏତିକି ନୁହେଁ କି ଉକ୍ତ କରଜ ଟଙ୍କା ତାଙ୍କୁ ମିଳିଗଲା ବରଂ କିଛିଦିନ ପରେ ତାଙ୍କୁ ସରକାରଙ୍କ ତରଫରୁ ଗୋଟିଏ ଚିଠି ମିଳିଲା ଯେ ନୂଆବର୍ଷରେ ନା କେବଳ ଆପଣଙ୍କ ଚାକିରିରେ ଗୋଟିଏ ଗ୍ରେଡ୍ ବୃଦ୍ଧି କରାଯାଇଛି ବରଂ ଆପଣଙ୍କ ଦରମାକୁ ମଧ୍ୟ ପଚାଶ ପ୍ରତିଶତ ବଢ଼ାଇ ଦିଆଯାଇଛି । ସୁତରାଂ ଯେତେବେଳେ ସେ ନିଜର ବଢ଼ା ପଇସାକୁ ଦରମା ସହିତ ପାଇଲେ ସେ ତତ୍‌କ୍ଷଣାତ୍ ତାଙ୍କ ନିଜ ଚାନ୍ଦାକୁ ଶରହ୍ ମୁତାବକ ଦୁଇଗୁଣା କରିଦେଲେ । ଏବଂ ଏବେ ନା କେବଳ ସେ ନିଜର ମାସିକ ଆୟର ଚାନ୍ଦା ପଇଠ କରୁଛନ୍ତି ବରଂ ମସ୍‌ଜିଦ୍‌ର୍ ସୌନ୍ଦର୍ଯୀକରଣ ଆଦି କାର୍ଯ୍ୟ ନିମନ୍ତେ ମଧ୍ୟ ନିଜ ପକେଟ୍‌ରୁ ବହୁତ ଅର୍ଥ ଖର୍ଚ୍ଚ କରୁଛନ୍ତି ଓ ସମସ୍ତଙ୍କୁ ଏକଥା ଖୋଲାଖୋଲି ଭାବେ କହୁଛନ୍ତି କି ଏହି ସବୁକିଛି ଯାହା ଖୁଦାତାଲାଙ୍କ ତରଫରୁ ପ୍ରାପ୍ତ ହେଉଅଛି ତାହା କେବଳ ତା ମାର୍ଗରେ ମାଲି କୁର୍ବାନୀ କରିବା ଯୋଗୁ ହିଁ ହେଉଅଛି ।

ଦେଖନ୍ତୁ କିପରି ଅଲ୍ଲାଃତାଲା ନୂଆ ଆସିଥିବା ଲୋକମାନଙ୍କୁ ମଧ୍ୟ *ମିନ୍ ହଇସୁ ଲା ୟହ୍‌ତସିବ୍* (ତଲାକ୍:୪) (ଅର୍ଥାତ୍- ଏମିତି ମିଳିବ ଯାହାକୁ ଗଣିପାରିବ ନାହିଁ)ର ନା କେବଳ ଦୃଶ୍ୟ ଦେଖାଉଛି ବରଂ *ଫ ୟୁଜାଇଫହୁ ଲହୁ ଅଜ୍‌ଆଫନ୍ କସିରାଃ* (ବକ୍‌ରା:୨୪୬) (ଅର୍ଥାତ୍ ସେ ସବୁକୁ ବହୁଗୁଣିତ କରି ପ୍ରଦାନ କରିବେ)ର ପ୍ରତିଶୃତି ମଧ୍ୟ ଦିଆଯାଇଛି ଯାହାକୁ ନଗଦ ପୂରଣ ମଧ୍ୟ କରୁଅଛି ।

ପ୍ରିୟ ସ୍ରୋତାଗଣ ! ବାଶରହ୍ ଚାନ୍ଦା ପ୍ରଦାନ କରିବା ବାସ୍ତବରେ ଅଲ୍ଲାଃ ଏବଂ ତା ରସୁଲଙ୍କ ଆଜ୍ଞାବହତା ସ୍ୱୀକାର କରିବା । ବାଶରହ୍ ଚାନ୍ଦା ପ୍ରଦାନ କରିବା ନିମନ୍ତେ ବେଳେବେଳେ ଦୁର୍ବଳମନା

ଲୋକଙ୍କ ମନରେ ଭାବନା ଆସିଥାଏ କି ଆମେ ଅଧିକ ଖର୍ଚ୍ଚ କରିଦେଉଛୁ । ଯାହାକୁ ସେ ଖର୍ଚ୍ଚ ବୋଲି ଭାବୁଛନ୍ତି ସେ ସମ୍ବନ୍ଧରେ ଅଲ୍ଲାଃତାଲା କହୁଛନ୍ତି କି ତାହା ଅସଲରେ ଖର୍ଚ୍ଚ ନୁହେଁ ବରଂ ମୋ ପ୍ରସନ୍ନତା ଚାହିଁବା ପାଇଁ ମୁଁ କହିଥିବା ଉଦ୍ଦେଶ୍ୟ ଗୁଡିକ ପାଇଁ ତୁମେ ଯେଉଁ ଖର୍ଚ୍ଚ କରିଛ ତାହା ପ୍ରକୃତରେ ଖର୍ଚ୍ଚ ନୁହେଁ ବରଂ ତୁମ ଆକାଉଂଟ୍‌ରେ ଜମା ହୋଇଯାଇଛି ଏବଂ ଯେତେବେଳେ ତୁମକୁ ତାର ଆବଶ୍ୟକ ପଡିବ ଅଲ୍ଲାଃତାଲା ତାକୁ ଫେରାଇଦେବେ ।

ଗୋଟିଏ ହଦିସ୍ କୁଦୁସୀ ଅଛି ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାଃତାଲାଙ୍କ ହୱାଲା ଦେଇ କହୁଛନ୍ତି କି ଅଲ୍ଲାଃତାଲା କହୁଛନ୍ତି ଯେ ହେ ଆଦମ୍‌ର ପୁତ୍ରମାନେ ! ତୁମେ ନିଜର ଖଜାନା ମୋ ନିକଟରେ ଜମା କରି ନିଶ୍ଚିତ ହୋଇଯାଅ ନା ନିଆଁ ଲାଗିବାର ଭୟ ନା ପାଣିରେ ବୁଡିବାର ଭୟ ଏବଂ ନା କୌଣସି ଚୋରର ଚୋରି କରିବାର ଭୟ । ମୋ ନିକଟରେ ରଖିଥିବା ଖଜାନା (ଅର୍ଥାତ୍ ଧନ)କୁ ମୁଁ ସେହିଦିନ ତୁମକୁ ପୂରଣ କରିଦେବି ଯେବେ ତୁମେ ସବୁଠାରୁ ଅଧିକା ତାର ଆଶ୍ରିତ ଥିବ । (କନଜୁଲ୍ ଆମାଲ୍, ଖଣ୍ଡ-୬, ପୃଷ୍ଠା-୩୫୨, ହଦିସ୍ - ୧୬୦୨୧)

ପ୍ରିୟ ବନ୍ଧୁଗଣ ! ଆମେ କେତେ ଧନ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଛେ ଏକଥାର କୌଣସି ଗୁରୁତ୍ୱ ନାହିଁ । ଏକଥାର ଗୁରୁତ୍ୱ ରହିଛି କି କଣ ଆମେ ଖୁଦାତାଲାଙ୍କ ଦୂତଙ୍କ କଥାମାନି ଶରହ୍ ମୁତାବକ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ଖର୍ଚ୍ଚ କରୁଛେ ବା ନୁହେଁ । ଜଣେ ଧନୀ ଲୋକ ଲକ୍ଷ୍ୟାଧିକ ଟଙ୍କା ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରୁଥିବ କିନ୍ତୁ ଯଦି ତାର ଏହି ଚାନ୍ଦା ବେଶରହ (ଅର୍ଥାତ୍ ଅଣ ଆନୁପାତିକ) ଥିବ ତେବେ ତା'ଠାରୁ ଅଧିକା ପୁଣ୍ୟର ହକ୍‌ଦାର୍ ସେହି ଗରୀବ ଲୋକଟି ହେବ ଯାହାର କୁର୍ବାନୀ ଯଦିଚ ଧନ ସୃଷ୍ଟିକୋଟରୁ କମ୍ ଅଟେ କିନ୍ତୁ ସେ ଆଜ୍ଞାବହତାର ଉତମ ସ୍ତରକୁ ଦେଖାଇ ଶରହ୍ ମୁତାବକ ନିଜ ଆମଦାନୀରୁ ଖୁଦାତାଲାଙ୍କ ମାର୍ଗରେ ଭାଗ ପେଶ୍ କରିଛି । ଖୁଦାତାଲାଙ୍କୁ ଧନର ଆବଶ୍ୟକତା ନାହିଁ । ସେ ତୁମ ମନର ଅବସ୍ଥାର ଜାଏଜା ନେଇଥାଏ । ଆଜ୍ଞାବହତାର ଆତ୍ମା ଏବଂ କୁର୍ବାନୀ କରିବାର ଇଚ୍ଛାକୁ ଦେଖି ସେ ଆମ ସହିତ ବ୍ୟବହାର କରିଥାଏ ।

ବର୍ତମାନ ସମୟରେ ପୃଥିବୀର ସମସ୍ତ ଧନୀ ଓ ଗରୀବ ଲୋକମାନେ ନିଜ ଧନ ସମ୍ପତିକୁ ଶିଘ୍ରରୁ ଶିଘ୍ର ଦୁଇଗୁଣା ବା ତିନିଗୁଣା କରିବା ପାଇଁ ଲୋଭ ଦେଖାଉଥିବା ଇସ୍ତେହାରକୁ ଦେଖି ନିଜର କମେଇକୁ ଫାଇନାନ୍‌ସ୍ କମ୍ପାନୀ ଗୁଡିକରେ ଲଗାଇ ଦେଉଛନ୍ତି ଓ ଏହିପରି ଅଧିକାଂଶ ଲୋକେ ନିଜର ଅସଲ ପୁଞ୍ଜି ମଧ୍ୟ ହରାଇ ବସୁଛନ୍ତି କିନ୍ତୁ ଇଶ୍ୱରୀୟ ଜମାତ୍ ଗୁଡିକ ସର୍ବଦା ନିଜର ରୋଜଗାରକୁ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ମୁତାବକ ଖର୍ଚ୍ଚ କରି ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଚାହିଁଥାନ୍ତି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:-

ଆମେ ସର୍ବଦା ନିଜ ଜମାତ୍‌ର ଲୋକମାନଙ୍କଠାରୁ ଏକଥା ଇଚ୍ଛା କରୁଅଛୁ ଏବଂ ସର୍ବଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହି ମୁତାଲବା କରୁଥିଲେ କି ଖୁଦାଙ୍କ ପାଇଁ ନିଜର ଜୀବନ ଓ ଧନକୁ ଉତ୍ସର୍ଗ କରିଦିଅ । କିନ୍ତୁ ପ୍ରତ୍ୟେକ ଯୁଗରେ ଏହି ସ୍ତର ବଦଳିଚାଲିଲା । ପ୍ରଥମ ଦିନ ଯେବେ ଲୋକମାନେ ଏହି କଥାକୁ ଶୁଣିଲେ ଏଥିରେ ସେମାନେ ଆଗକୁ ଆସି କହିଲେ- ଆମ ଜୀବନ ଓ ଆମ ଧନ ଉପସ୍ଥିତ ଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କ ଉତରକୁ ଶୁଣି କହିଲେ- ତୁମେମାନେ ନମାଜ ପଡ, ରୋଜା ରଖ, ଇସ୍‌ଲାମ୍ ଏବଂ ଅହେମଦୀୟତ୍‌କୁ ପ୍ରଚାର ପ୍ରସାର କର ଓ ନିଜ ଧନ ମଧ୍ୟରୁ କିଛି ନା କିଛି ଧର୍ମସେବା ନିମନ୍ତେ ଦିଅ । ତାହା ଏକଟଙ୍କା ଅଥବା ଅଧଲା ନହେଉ କାହିଁକି । ଯେତେବେଳେ ଲୋକମାନେ ଏକଥା ଶୁଣିଲେ ସେମାନଙ୍କ ମନ ଭିତରେ ଏକଥା ଆଶ୍ଚର୍ଯ୍ୟର ସହିତ ସୃଷ୍ଟି ହୋଇଥିଲା କି ଏହି କାର୍ଯ୍ୟ ତ ବହୁତ ମାମୁଲି କାର୍ଯ୍ୟ ଥିଲା । ପୁଣି ଆମକୁ ଏପରି କାହିଁକି କୁହାଯାଉଥିଲା ଯେ ଆସନ୍ତୁ ଓ ନିଜର ଜୀବନ ଓ ନିଜ ଧନକୁ ଉତ୍ସର୍ଗ କରନ୍ତୁ । ଯେତେବେଳେ କିଛି ସମୟ ବିତିଗଲା ସେତେବେଳେ ଲୋକମାନଙ୍କୁ ପୁଣି ଏ କଥା କୁହାଗଲା କି ଜୀବନ ଏବଂ ଧନର ଉତ୍ସର୍ଗ କରିବାର ସମୟ ଆସିଯାଇଛି । ଲୋକମାନେ ଏଥିରେ ପୁଣି ନିଜର ଜୀବନ ଓ ଧନକୁ ନେଇ ହାଜିର୍ ହେଲେ । ଏଥିରେ ସେମାନଙ୍କୁ କୁହାଗଲା ଯେ ତୁମେ ଗୋଟିଏ ଟଙ୍କା ମଧ୍ୟରୁ ଏକ ପଇସା ଚାନ୍ଦା ଆକାରରେ ଦିଅ । ଏଥିରେ କିଛି ସମୟ ବିତିଯିବାରେ ମର୍କଜ୍ ତରଫରୁ ପୁଣି ଏକଥା କୁହାଗଲା କି ଆସ ନିଜ ଜୀବନ ଓ ନିଜର ଧନ ଦୀନ୍‌ର ସେବା ପାଇଁ ଉତ୍ସର୍ଗ କର । ଏହି ଅବସ୍ଥା ଏହିପରି ବଢ଼ିଚାଲିଲା । ଅଧଲାରୁ ଆରମ୍ଭ ହୋଇଥିଲା ତାହା ପଇସାରେ ପହଂଚିଲା ପୁଣି ଦୁଇପଇସା ହେଲା ପୁଣି କୁହାଗଲା କି ଏବେ ଦୁଇପଇସାର ପ୍ରଶ୍ନ ଉଠୁନାହିଁ, ତିନିପଇସା ଦିଅ । ତିନିପଇସା ଦେଇଚାଲିଲେ । ପୁଣି କୁହାଗଲା ବର୍ତମାନ ଚାରିପଇସା ଦିଅ, ପୁଣି ଯେତେବେଳେ ସମୟ ଆସିଲା କୁହାଗଲା କି ନିଜ ଧନ ସମ୍ପତି ଓ ନିଜର ଆମଦାନୀକୁ ୱସିୟତ୍ କରିଦିଅ ଓ ଏହି ୱସିୟତ୍‌ରେ ମଧ୍ୟ ଅତି କମ୍‌ରେ ଦଶ ଭାଗରୁ ଭାଗେ ମୋତଲବା କରାଗଲା । ପୁଣି କୁହାଗଲା କି ଦଶଭାଗରୁ ଭାଗେ ବହୁତ କମ୍ ହୋଇଯାଉଛି । ତେଣୁ ନଅଭାଗରୁ ଭାବେ ଦେବାପାଇଁ ଚେଷ୍ଟା କରିବା ଉଚିତ୍ ଓ ଏତ୍‌ଦ୍‌ବ୍ୟତୀତ ଯେଉଁମାନଙ୍କୁ ଖୁଦାତାଲା ଆହୁରି ଅଧିକ ଦେବାପାଇଁ ଶକ୍ତି ପ୍ରଦାନ କରିଛନ୍ତି ସେମାନେ ତା ଠାରୁ ମଧ୍ୟ ଅଧିକା କୁର୍ବାନୀ କରନ୍ତୁ । ଯେଉଁ ଲୋକମାନଙ୍କୁ ଖୁଦାତାଲା ବୁଝୁଥିବା ହୃଦୟ ଏବଂ ଚିନ୍ତା କରୁଥିବା ବୁଦ୍ଧି ଦେଇଛନ୍ତି ସେମାନେ ତ ଜାଣିଛନ୍ତି ଯେ ଆମକୁ ପାଦେପାଦେ ଏହି ଉଦ୍ଦେଶ୍ୟର ନିକଟତର କରାଯାଉଛି ଯାହା ବିନା କୌଣସି ଜାତି ଜିବୀତ ରହିପାରିବ ନାହିଁ.... ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶର ବାସ୍ତବିକ୍ ପରିପ୍ରକାଶ ହେବ ସେତେବେଳେ ଅବହେଳା କରି ତୁମମାନଙ୍କ ମଧ୍ୟରୁ ବହୁତ ଲୋକ ଏକଥା ଭାବିବେ କି ଏବେ ମଧ୍ୟ ଜୀବନ ଓ ଧନ କୁର୍ବାନୀ କରିବାର ଅର୍ଥ ହେଉଛି ଟଙ୍କାକରେ ଏକଅଣା ଚାନ୍ଦା ଦେବା ବା ଦେଢ଼ଅଣା ଚାନ୍ଦା ଦେବା ଏବଂ ସେହିପରି ଜୀବନ ଉତ୍ସର୍ଗ କରିବାର ଅର୍ଥ ହେଉଛି ସପ୍ତାହରେ ବା ମାସକରେ ଘଂଟାଏ ଦେଢ଼ଘଂଟା ସମୟ ଦେଇଦେବା ଯେବେ କି ବର୍ତମାନ ଏକଅଣା ବା ଦେଢ଼ଅଣା ଚାନ୍ଦା ଦେବାର ସମୟ ନାହିଁ ନା ନିଜର ସମୟ ମଧ୍ୟରୁ ଘଂଟାଏ ଦେଢ଼ଘଂଟା ସମୟ ଦେବାକୁ ଅଛି ବରଂ ସବୁତକ ଧନ ଓ ପୁରା ଜୀବନକୁ ଖୁଦାତାଲାଙ୍କ ମାର୍ଗରେ କୁର୍ବାନ୍ କରିଦେବାର ସମୟ ହେବ । ସେତେବେଳେ ଅଣାଏ ଦେଢ଼ଅଣା ଚାନ୍ଦା ଦେବାର ପ୍ରଶ୍ନ ଉଠିବ ନାହିଁ ବରଂ ନିଜର ସମୟ ଧନ ସମ୍ପତିକୁ କ୍ଷଣକ ଭିତରେ ଛାଡିଦେବାର ପ୍ରଶ୍ନ ହେବ" (ଅଲ୍‌ଫଜଲ୍, ୧୦ ଏପ୍ରିଲ୍ ୧୯୬୨, ମଜ୍‌ଲିସ୍ ମଶାୱରତ ୧୯୪୬ ଅବସରରେ ଭାଷଣ)

ସୁତରାଂ ଏ ଯୁଗ ମାଲି କୁର୍ବାନୀ କରିବା ପାଇଁ ଇଚ୍ଛା କରିବ ଏବଂ ଖଲିଫାମାନଙ୍କର ସେଥିପ୍ରତି ଯେଉଁ ନିର୍ଦ୍ଦେଶ ହେବ ଆମେ ସେଥିରେ ଲବ୍‌ବେକ୍ କହି ନିଜର ଜୀବନ ଓ ଧନକୁ ଖୁଦାତାଲାଙ୍କ ମାର୍ଗରେ ଉତ୍ସର୍ଗ କରି ଚାଲିବାକୁ ହେବ ।

ଏବେ ଏ ଅଧମ ନିଜର ବକ୍ତବ୍ୟର ଦ୍ୱିତୀୟ ଭାଗ ଅର୍ଥାତ୍ ୱସିୟତ୍ ବ୍ୟବସ୍ଥାର ବର୍‌କତ୍ (ଉପକାରିତା) ଆଡକୁ ଆସୁଛି ।

ବନ୍ଧୁଗଣ ! ଏହା ହେଉଛି ଇଶ୍ୱରଙ୍କ ନିୟତି କି ଏବେ ଏ ପୃଥିବୀର ଭବିଷ୍ୟତ ଅହେମଦୀୟତ୍ ସହିତ ସଂଲଗ୍ନ କରିଦିଆଯାଇଛି । ଏବଂ ଯେଉଁ ବ୍ୟବସ୍ଥା ବିଶ୍ୱବ୍ୟାପି ବ୍ୟବସ୍ଥା ରୂପେ ଅଭିହିତ ହେବାକୁ ଅଛି ସେଥିରେ ଏ ବିଶ୍ୱର ବ୍ୟବସ୍ଥାକୁ ଚଲାଇବା ପାଇଁ ଗୋଟିଏ ପୂର୍ଣ୍ଣ ଲାହେ ଅମଲ୍ (ଅର୍ଥାତ୍ କାର୍ଯ୍ୟପନ୍ଥା ସାରଣୀ)ରହିବା ଜରୁରୀ ଅଟେ । ଏହି ନୂଆ ବ୍ୟବସ୍ଥାର ନାମ ହେଉଛି "ନିଜାମେ ୱସିୟତ୍" ଅର୍ଥାତ୍ ୱସିୟତ୍ ବ୍ୟବସ୍ଥା । ସୁତରାଂ ହଜ୍‌ରତ୍ ମୁସ୍‌ହେ୍ ମଉଦ୍ ର:ଅ ଏହାର ବାସ୍ତବିକ ବ୍ୟାଖ୍ୟା କରି କହୁଛନ୍ତି:-

"ସୁତରାଂ ବର୍ତମାନ ଯୁଗର ଆବଶ୍ୟକତାକୁ ପୂରଣ କରିବ ପାଇଁ ଖାତମୁନ୍ ଖୋଲଫା (ଅର୍ଥାତ୍ ଖଲିଫା ଶ୍ରେଷ୍ଠ)ଙ୍କ ଏ ଦାୟିତ୍ୱ ଥିଲା କି ସେ ଇସ୍‌ଲାମୀୟ ସିଦ୍ଧାନ୍ତ ମୁତାବକ କୌଣସି ସ୍କିମ୍ ପ୍ରସ୍ତୁତ କରନ୍ତେ ଏବଂ ଏ ପୃଥିବୀରୁ ସେହି ଦୁଃଖକୁ ଶେଷ କରିଦିଅନ୍ତେ । ଇସ୍‌ଲାମୀୟ ଯୋଜନାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଏହା କି ସବୁ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଉ । କିନ୍ତୁ ଏହି କାର୍ଯ୍ୟକୁ ପୂରଣ କରିବା ସମୟରେ ବ୍ୟକ୍ତିଗତ ଓ ପାରିବାରିକ ଜୀବନର ସୂକ୍ଷ୍ମ ଭାବନାକୁ ଶେଷ କରି ନ ଦିଆଯାଉ । ଏ କାର୍ଯ୍ୟ ସଂପାଦନ କରିବା ପାଇଁ ଧନୀ ଲୋକ ମାନଙ୍କଠାରୁ ଇଚ୍ଛାଧିନ ରୂପେ ଅର୍ଥ ନିଆଯାଉ ଏବଂ କୌଣସି ପ୍ରକାରର ଜୋର୍ ଜବର୍‌ଦସ୍ତି କରି କାମ ନ ନିଆଯାଉ । ଏହି ବ୍ୟବସ୍ଥା ଦେଶୀୟ ନହେଉ ବରଂ ଆନ୍ତର୍ଜାତିକ ହେଉ । ଖୁଦାତାଲାଙ୍କ ଦ୍ୱାରା ପ୍ରେରିତ ଦୂତ ଏହି ନୂଆ ବ୍ୟବସ୍ଥାର ମୂଳଦୁଆ ୧୯୦୫ ମସିହାରେ ରଖିଦେଇଥିଲେ ଓ ତାହା ଅଲ୍ ୱସିୟତ୍ ମାଧ୍ୟମରେ ରଖିଥିଲେ । ଯଦି ଇସ୍‌ଲାମୀୟ ହୁକୁମତ୍ ସାରା ସଂସାରକୁ ଖାଦ୍ୟ ଖୁଆଇବାକୁ ପଡେ, ସାରା ସଂସାରକୁ ବସ୍ତ୍ର ପିନ୍ଧାଇବାକୁ ପଡେ, ସାରା ସଂସାରର ଲୋକଙ୍କ ପାଇଁ ରହିବା ନିମେନ୍ତ ଘରର ବ୍ୟବସ୍ଥା କରିବାକୁ ପଡେ । ସାରା ପୃଥିବୀର ରୋଗିମାନଙ୍କ ନିମନ୍ତେ ଚିକିତ୍ସାର ବ୍ୟବସ୍ଥା କରିବାକୁ ହୁଏ । ସୁରା ପୃଥବୀର ମୁର୍ଖତାକୁ ଦୂର କରିବା ପାଇଁ ଶିକ୍ଷାର ବ୍ୟବସ୍ଥା କରିବାକୁ ହୁଏ । ତେବେ ଏଥିପାଇଁ ନିଶ୍ଚିତ ରୂପେ ହୁକୁମତ୍ ହାତରେ ତାଠାରୁ ଅଧିକ ଟଙ୍କା ରହିବା ଉଚିତ୍, ଯେତେ ମାତ୍ରାରେ ପୂର୍ବଯୁଗରେ ଖର୍ଚ୍ଚ ହେଉଥିଲା । ସୁତରାଂ ହଜ୍‌ର୍‌ତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ଏ ଘୋଷଣା କଲେ କି ଯେଉଁ ଲୋକମାନେ ବାସ୍ତବିକ ସ୍ୱର୍ଗ ହାସଲ କରିବାକୁ ଚାହୁଁଛନ୍ତି ସେମାନଙ୍କ ନିମନ୍ତେ ଖୁଦାତାଲା ଏ ବ୍ୟବସ୍ଥା କରିଦେଇଛନ୍ତି କି ସେମାନେ ନିଜ ଖୁସିରେ ନିଜ ମାଲ୍‌ରୁ ଅତି କମ୍‌ରେ ଦଶ ଭାଗରୁ ଭାଗେ ଓ ଅଧିରୁ ଅଧିକ ତିନିଭାଗରୁ ଭାବେ ୱସିୟତ୍ କରିଦିଅନ୍ତୁ । ସୁତରାଂ ନିଜାମେ ନୌ (ଅର୍ଥାତ୍ ନୂଆ ବ୍ୟବସ୍ଥା)ର ମୂଳଦୁଆ ୧୯୧୦ ମସିହାରେ ନା ତ ରଷ୍ ଦେଶରେ ରଖାଗଲା ନା ଆସନ୍ତାକୁ କୋଣସି ବର୍ଷ ବର୍ତମାନ ହେଉଥିବା ଯୁଦ୍ଧ ପରେ ୟୁରୋପ୍‌ରେ ରଖାଯିବ ବରଂ ଦୁନିଆକୁ ଆରାମ ପହଂଚାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ସ୍ୱଚ୍ଛଳ କରାଉଥିବା ଓ ତତ୍‌ସହିତ ଧର୍ମକୁ ସୁରକ୍ଷା ପ୍ରଦାନ କରୁଥିବା ନିଜାମେ ନୌ ର ମୁଳଦୁଆ ୧୯୦୫ ମସିହାରେ କାଦିଆନ୍‌ରେ ରଖାଯାଇଛି । ଏବେ ଏ ସଂସାରକୁ ଅନ୍ୟ କୌଣସି ପ୍ରକାରର ନିଜାମେ ନୌର ଆବଶ୍ୟକତା ନାହିଁ" । (ମାଲି ନିଜାମ୍, ପୃଷ୍ଠା-୪୦-୪୧)

ବନ୍ଧୁଗଣ ! ଏହା ଆମର ସୌଭାଗ୍ୟ ଯେ ଏପରି ବାବର୍‌କତ୍ ନିଜାମ୍‌ର ଅଂଶୀଦାର ହେବାର ଅବସର ଅଲ୍ଲାଃତାଲା କେବଳ ନିଜ କୃପାବଳରୁ ଆମକୁ ପ୍ରଦାନ କରିଛନ୍ତି ଓ କେତେ ନିରାଦର ଓ ଉପେକ୍ଷା ହେବ କି ଆମେ ନେହ୍‌ନୋ ଅନ୍‌ସାରୁଲ୍ଲାଃର ଦାବୀ ତ କରୁଛେ ଏବଂ ଗୋଟିଏ ଉତମ ତେହ୍‌ରିକ୍‌ରେ ସାମିଲ୍ ନହୋଇ ନିଜ ଦାବୀକୁ ଭୁଲ୍ ମଧ୍ୟ ପ୍ରମାଣିତ

କରିବା । ନିଜାମେ ଓ୍ୱସିୟତ୍‌ରେ ସାମିଲ୍ ହେବାପାଇଁ କିଭଳି ତାଗିଦ୍ ରହିଛି । ଏହାର ଆକଳନ ଆପଣମାନଙ୍କୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିମ୍ନଲିଖିତ ପାରାରୁ ଭଲ ଭାବେ ବୁଝାପଡିଯିବ । ଆପଣ ର:ଅ କହୁଛନ୍ତି:-

"ମୋମିନ୍‌ର ଇମାନ୍‌ର ପରୀକ୍ଷା ଏଥିରେ ଅଛି କି ସେ ଏହି ନିଜାମ୍‌ରେ ଦାଖିଲ୍ ହେଉ ଏବଂ ଖୁଦାତାଲାଙ୍କ ବିଶେଷ କୃପାକୁ ଲାଭ କରୁ । କେବଳ ମୁନାଫିକ୍‌ମାନେ ହିଁ ଏହି ବ୍ୟବସ୍ଥାରୁ ବାହାରେ ରହିବେ । ଅର୍ଥାତ୍ କାହା ଉପରେ ଜୋର୍ ଜବର୍‌ଦସ୍ତି ନାହିଁ କିନ୍ତୁ ଏକଥା ମଧ କହିଦେଲେ ଯେ ଏଥିରେ ତୁମ ଇମାନ୍‌ର ପରୀକ୍ଷା କରାଯିବ । ଯଦି ତୁମେ ଜନ୍ନତ୍ (ଅର୍ଥାତ୍ ସ୍ୱର୍ଗ) ନେବାକୁ ଚାହୁଁଛ ତେବେ ତୁମମାନଙ୍କ ପାଇଁ ଏହା ଜରୁରୀ ଅଟେ କି ତୁମେ ଏହି କୁର୍ବାନୀ କର । ହଁ ଯଦି ଜନ୍ନତ୍‌ର ସମ୍ମାନ ଓ ମୂଲ୍ୟ ତୁମ ହୃଦୟରେ ନାହିଁ ତେବେ ନିଜର ଧନ ସମ୍ପତି ନିଜ ନିକଟରେ ରଖ । ଆମକୁ ତୁମ ମାଲ୍‌ର କୌଣସି ଆବଶ୍ୟକତା ନାହିଁ" । (ମାଲି ନିଜାମ୍, ପୃଷ୍ଠା-୪୨)

ଅତଃ ଜମାତ୍‌ର ଲୋକମାନଙ୍କୁ ଉପଦେଶ ଦେଇ ଆପଣ ର:ଅ କହୁଛନ୍ତି:- "ଯେତେବେଳେ ଓ୍ୱସିୟତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ସେତେବେଳେ ନା କେବଳ ତାଦ୍ୱାରା ତବ୍‌ଲିଗ୍ କରାଯିବ ବରଂ ଇସ୍‌ଲାମ୍‌ର ଉଦ୍ଦେଶ୍ୟ ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତାକୁ ତା ଦ୍ୱାରା ପୂରଣ କରାଯିବ । ସମସ୍ତ ଦୁଃଖ କଷ୍ଟକୁ ଏ ପୃଥିବୀରୁ ଶେଷ କରିଦିଆଯିବ । ଇନ୍‌ଶାଅଲ୍ଲାଃ । ଅନାଥ ଭିକ ମାଗିବେ ନାହିଁ, ବିଧବା ଲୋକମାନଙ୍କ ଆଗରେ ହାତ ପତାଇବେ ନାହିଁ । ଅସହାୟ ବ୍ୟକ୍ତି ବ୍ୟତିବ୍ୟସ୍ତ ହୋଇ ଘୁରିବ ନାହିଁ କାରଣ ଓ୍ୱସିୟତ୍ ପିଲାମାନଙ୍କର ମାଆ ହେବ, ଯୁବକମାନଙ୍କର ବାପା ହେବ, ମହିଳାମାନଙ୍କର ସ୍ୱାମୀ ହେବ ଏବଂ ବିନା କୌଣସି ଜୋର୍ ଜବର୍‌ଦସ୍ତି ପ୍ରେମ ଓ ମନର ଖୁସି ସହିତ ଭାଇ ତା ଭାଇର ଏହା ମାଧ୍ୟମରେ ସାହାଯ୍ୟ କରିବ ଓ ତା'ର ଏପରି ଦେବା ଦ୍ୱାରା କୌଣସି ନିରର୍ଥକ ହେବନାହିଁ । ବରଂ ପ୍ରତ୍ୟେକ ଦେଉଥିବା ବ୍ୟକ୍ତି ଇଶ୍ୱରଙ୍କ ଠାରୁ ଉତମ ପ୍ରତିବଦଳ ପାଇବ । ନା ଧନୀମାନେ କ୍ଷତିଗ୍ରସ୍ତ ହେବେ ନା ଗରୀବ । ନା ଜାତି ଜାତି ସହିତ ଲଢ଼ିବ ବରଂ ତାର ଅନୁଗ୍ରହ ସାରା ସଂସାରରେ ବ୍ୟାପିରହିବ । ସୁତରାଂ ତୁମେ ଯଥାଶିଘ୍ର ଓ୍ୱସିୟତ୍ କର, ଯଦ୍ୱାରା ଶିଘ୍ରରୁ ଶିଘ୍ର ନିଜାମେ ନୌର ନିର୍ମାଣ ହେଉ ଏବଂ ସେହି ମୁବାରକ୍ ଦିନ ଆସିଯାଉ ଯେବେ ଚତୁଃପାର୍ଶ୍ୱରେ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ଧ୍ୱଜା ଉଡିବ । ଏହା ସହିତ ମୁଁ ସେହି ସବୁ ବନ୍ଧୁମାନଙ୍କ ଶୁଭେଚ୍ଛା ଜଣାଉଛି ଯେଉଁମାନଙ୍କୁ ଓ୍ୱସିୟତ୍ କରିବା ପାଇଁ ସୌଭାଗ୍ୟ ମିଳିଛି । ଏବଂ ମୁଁ ପ୍ରାର୍ଥନା କରୁଛି ଯେ ଯେଉଁମାନେ ଏପର୍ଯ୍ୟନ୍ତ ଏହି ନିଜାମ୍‌ରେ ସାମିଲ୍ ହୋଇନାହାଁନ୍ତି ଅଲ୍ଲାଃତାଲା ସେହି ଲୋକମାନଙ୍କୁ ମଧ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ଏଥିରେ ଭାଗ ନେଇ ଧାର୍ମିକ ଓ ସାଂସାରିକ ବର୍‌କତ୍ ଲଭି ମାଲାମାଲ୍ ହୋଇପାରିବେ" ।

*(ମାଲି ନିଜାମ୍, ପୃଷ୍ଠା-୪୨)*

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି "ଏକଥା ଭାବନାହିଁ ଯେ ଏହା କେବଳ ଆଗତୁରା କଥା । ଏହା ସେହି କାଦିର୍ (ଅର୍ଥାତ୍ ଶକ୍ତିଶାଳୀ ଇଶ୍ୱର)ଙ୍କ ଇଚ୍ଛା ଯିଏ ହେଉଛନ୍ତି ଏ ପୃଥିବୀ ଓ ଆକାଶର ସମ୍ରାଟ" । ଏହି ଜୋର୍‌ଦାର୍ ଶବ୍ଦ ଜରିଆରେ ଓ୍ୱସିୟତ୍ ବ୍ୟବସ୍ଥାର ମହାନ୍ ବୈଭବ ଓ ପ୍ରତାପର ନକ୍‌ସା ଆଖି ସମ୍ମୁଖକୁ ଆସିଯାଉଛି । ଏହି ପବିତ୍ର ବ୍ୟବସ୍ଥାର ଭିତି ପ୍ରସ୍ତର ରଖିବା ସମୟରେ ହଜ୍‌ର୍‌ତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କଲମରୁ ଏ ଶବ୍ଦ ବାହାରିଛି ଏବଂ ଆଜି ଶହେ ତେର ବର୍ଷ ପୂରଣ ହେବାରେ ବିଶେଷ କରି ପଂଚମ ଖିଲାଫତ୍‌ର ବୈଭବପୂର୍ଣ୍ଣ ଯୁଗରେ ବିଶ୍ୱବ୍ୟାପି ଓ୍ୱସିୟତ୍ ବ୍ୟବସ୍ଥାକୁ ଦେଖି ହୃଦୟ ଅଲ୍ଲାଃତାଲାଙ୍କ ପ୍ରଶଂସାରେ ପୁରୁ ଉଠୁଛି । ସୁତରାଂ ଆମେ ଯେଉଁମାନେ ଏ ଭାରତବର୍ଷରେ ବସବାସ କରୁଛେ, ଯେଉଁଠି ଏହି ମହାନ୍ ଓ୍ୱସିୟତ୍ ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା, ସେଠି ଆମେ ନିଜକୁ ଅନୁଶୀଳନ କରିବାର ଆବଶ୍ୟକତା ଅଛି କି ଆମେ କେତେମାତ୍ରାରେ ନିଜର ପ୍ରତିଶୃତିକୁ ନିର୍ବାହ କରିଛେ ଏବଂ ଯୁଗ ଖଲିଫାଙ୍କ କଥାରେ ଲବ୍‌ବେକ୍ କହି ସେହି ଭବିଶ୍ୟବାଣୀକୁ ପୂରଣ କରିବାର ଅଂଶୀଦାର ହୋଇଛେ । ତତ୍‌ସହିତ ଆପଣ ଆ:ସ କହିଛନ୍ତି କି:- "ଏହି ଓ୍ୱସିୟତ୍ ଲେଖିବା ଦ୍ୱାରା ଯାହାର ଧନ ସ୍ଥାୟୀ ସାହାଯ୍ୟ କରୁଥିବ ତାକୁ ସ୍ଥାୟୀ ପୁଣ୍ୟ ମଧ ମିଳିବ ଏବଂ ତାହା ଜାରି ରହିଥିବା ପୁଣ୍ୟର ନିର୍ଦ୍ଦେଶ ମଧରେ ରହିବ" ।

ଏହି ଅବସରରୁ ଲାଭ ଉଠାଇ ଏ ଅଧମ ଏକଥା ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ଯେ ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଶ୍ୱବ୍ୟାପୀ ଜମାତ୍‌କୁ ନିଜର ଭୀଷଣ ଇଚ୍ଛାର ପରିପ୍ରକାଶ କରି ନିଜର ଗୋଟିଏ ବାର୍ତା ଜରିଆରେ ଓ୍ୱସିୟତ୍ ବ୍ୟବସ୍ଥା ପ୍ରତି ଧ୍ୟାନ ଆକର୍ଷଣ କରାଇ ନିଜମେ ଓ୍ୱସିୟତ୍‌କୁ ଶହେ ବର୍ଷ ପୂର୍ତି ଅବସରରେ ୨୦୦୫ ମସିହାରେ ଏ ଉପଦେଶ ଦେଇଛନ୍ତି କି:-

"ସୁତରାଂ ଯେପରିକି ମୁଁ କହିସାରିଛି ଯେ ଏହି ନିଜାମ୍‌ରେ ପୁର୍ଣ୍ଣ ପ୍ରସ୍ତୁତି ସହିତ ସାମିଲ୍ ହୁଅନ୍ତୁ । ଯେଉଁମାନେ ନିଜେ ସାମିଲ୍ ହୋଇଛନ୍ତି ସେମାନେ ନିଜ ସ୍ତ୍ରୀ ପିଲାଙ୍କୁ ଓ ଅନ୍ୟ ନିକଟ ସମ୍ପର୍କୀୟମାନଙ୍କୁ ମଧ ଏଥିରେ ସାମିଲ୍ କରାଇବା ପାଇଁ ଚେଷ୍ଟା କରନ୍ତୁ ଓ ଖୁଦାଙ୍କ ମସିହ୍‌ର କଥାରେ ଲବ୍‌ବେକ୍ କହି କୁର୍ବାନୀ କରିବାର ଉଚ୍ଚ ସ୍ତରକୁ ସ୍ଥାପନ କରନ୍ତୁ । ମୁଁ ନିଜର ଏହି ଇଚ୍ଛାର ପରିପ୍ରକାଶ ପୂର୍ବରୁ ମଧ ଗୋଟିଏ ଅବସରରେ କରିସାରିଛି ଯେ ୨୦୦୮ ମସିହାରେ ଯେବେ ଖିଲାଫତ୍ ଅହେମଦୀୟାକୁ ପ୍ରତିଷ୍ଠା ହେବାର ଇନ୍‌ଶାଅଲ୍ଲାଃ ଶହେ ବର୍ଷ ପୂରଣ ହୋଇଯିବ ସେତେବେଳେ ପୃଥିବୀର ପ୍ରତ୍ୟେକ ଦେଶରେ ରହୁଥିବା ପ୍ରତ୍ୟେକ ଜମାତ୍‌ର ରୋଜଗାରକ୍ଷମ ବ୍ୟକ୍ତି ଯେଉଁମାନେ ଚାନ୍ଦା ଦେଉଛନ୍ତି, ସେମାନଙ୍କ ମଧରୁ ଅତି କମ୍‌ରେ ପଚାଶ ପ୍ରତିଶତ ଏପରି ହୁଅନ୍ତୁ ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ମହାନ୍ ନେଜାମ୍‌ରେ ସାମିଲ୍ ହୋଇଯାଇଥିବେ ଓ ଏହା ଜମାତ୍‌ର ଲୋକମାନଙ୍କ ତରଫରୁ ଅଲ୍ଲାଃତାଲାଙ୍କ ନିକଟରେ ଏକ ନ୍ୟୁନତମ ଭେଟି ହେବ ଯାହାକୁ ଜମାତ୍ ଖିଲାଫତ୍‌ର ଶହେବର୍ଷ ପୁର୍ତି ଅବସରରେ କୃତଜ୍ଞତା ଜ୍ଞାପନ କରି ଅଲ୍ଲାଃତାଲାଙ୍କ ଗୋଚରରେ ପେଶ୍ କରୁଥିବ" । ପୁଣି କହୁଛନ୍ତି:-

"ଏହା ମଧ ମନେରଖନ୍ତୁ କି ନିଜାମେ ଓ୍ୱସିୟତ୍ ସହିତ ନିଜାମେ ଖିଲାଫତ୍‌ର ଏକ ଗଭୀର ସମ୍ପର୍କ ରହିଛି କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜ ମୃତ୍ୟୁ ସମ୍ବନ୍ଧିତ ଖବର ମିଳିବା ପରେ ଯେଉଁଠି ଜମାତ୍‌ର ତର୍‌ବିୟତ୍‌ର ଚିନ୍ତା ସୃଷ୍ଟି ହେଲା ଏବଂ ଆପଣ ଆ:ସ ମାଲି କୁର୍ବାନୀର ନେଜାମ୍‌କି ଜାରିକଲେ ସେଠାରେ ଆପଣ ଜମାତ୍‌କୁ ଏ ସୁସମାଚାର ମଧ ଦେଲେ କି ମୋ ମୃତ୍ୟୁ ଖବର ପାଇ ଦୁଖିତ ନହୋଇଯାଅ କାରଣ ଖୁଦାତାଲା ଏ ସିଲ୍‌ସିଲାକୁ ନଷ୍ଟ କରିବେ ନାହିଁ ବରଂ ଆଉ ଏକ ଦ୍ୱିତୀୟ କୁଦ୍‌ରତ୍‌ର ହାତ ସମସ୍ତଙ୍କୁ ସମସ୍ତଙ୍କୁ ଧରିନେବା ସୁତରାଂ ଅଲ୍ ଓ୍ୱସିୟତ୍ ପତ୍ରିକାରେ ନିଜାମେ ଖିଲାଫତ୍ ଅର୍ଥାତ୍ ଖିଲାଫତ ବ୍ୟବସ୍ଥାର ଭବିଷ୍ୟବାଣୀ କରିବା ଏହା ପ୍ରମାଣିତ କରୁଛି ଯେ ଏହି ଦୁଇଟିଯାକ ବ୍ୟବସ୍ଥା ଆପୋଷରେ ଗଭୀର ସମ୍ପର୍କ ରଖଛନ୍ତି । ଏବଂ ଯେଉଁଭଳି ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ୍ ହୋଇ ମନୁଷ୍ୟ ନିଜ ଭିତରେ ଉଚ୍ଚ ସ୍ତର ସୃଷ୍ଟି କରିପାରେ ସେହିପରି ଖିଲାଫତେ ଅହେମଦୀୟାର ଆଜ୍ଞାବହତାର ଜୁଆଳିକୁ ବେକ ଉପରେ ରଖିବା ଦ୍ୱାରା ତାର ଆଧ୍ୟାତ୍ମିକ ଜୀବନରେ ଉନ୍ନତି ସମ୍ଭବ ହେବ । ମାଲି କୁର୍ବାନୀର ବ୍ୟବସ୍ଥା ମଧ ଖିଲାଫତ୍‌ର ବୈଭବପୂର୍ଣ୍ଣ ଛତ୍ରଛାୟା ତଳେ ହିଁ ସୁଦୃଢ଼ ହୋଇପାରିବ । ସୁତରାଂ ଯେପର୍ଯ୍ୟନ୍ତ ଖିଲାଫତ୍ କାଏମ୍ ରହିବ ସେ ପର୍ଯ୍ୟନ୍ତ ମାଲି କୁର୍ବାନୀର ସ୍ତର ବଢ଼ି ଚାଲିବ ଏବଂ ଦୀନ୍ ମଧ ଉନ୍ନତି କରିଚାଲିବ । ତେଣୁ ମୋର ଏ ପ୍ରାର୍ଥନା କି ଅଲ୍ଲାଃତାଲା ଆପଣମାନଙ୍କୁ ଏହି ଦୁଇଟି ନିଜାମ୍ ସହିତ ଯୋଡି ରଖନ୍ତୁ । ଯେଉଁମାନେ ଏପର୍ଯ୍ୟନ୍ତ ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ୍ ହୋଇନାହାଁନ୍ତି ଅଲ୍ଲାଃତାଲା ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ସେଥିରେ ଅଂଶୀଦାର ହୋଇ ଧର୍ମୀୟ ଓ ସାଂସାରିକ ବୈଭବରୁ ମାଲାମାଲ୍ ହୋଇପାରିବେ ଓ ଇଶ୍ୱର କରନ୍ତୁ କି ପ୍ରତ୍ୟେକ ଅହେମଦୀ ସର୍ବଦା ନିଜାମେ ଖିଲାଫତ୍ ସହିତ ସତ୍ୟନିଷ୍ଠା ଓ ଭକ୍ତିଭାବର ସମ୍ପର୍କ କାଏମ୍ ରଖୁ ଏବଂ ଖିଲାଫତ୍‌ର ଉନ୍ନତି ସାଧନ ନିମନ୍ତେ ସର୍ବଦା ଚେଷ୍ଟାରେ ଲାଗିରହୁ ଏବଂ ନିଜର ସମସ୍ତ ଉନ୍ନତି ନିମନ୍ତେ ଖିଲାଫତ୍‌ର ରଜ୍ଜୁକ ମଜ୍‌ବୁତ୍ କରି ଧରିରଖୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦୀକୁ ନିଜର ଦାୟିତ୍ୱଗୁଡିକୁ ବୁଝିବା ପାଇଁ ଏବଂ ସେଗୁଡିକୁ ପୁରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ସମସ୍ତଙ୍କୁ ନିଜ ପ୍ରସନ୍ନତାର ମାର୍ଗରେ ପରିଚାଳିତ କରାଇ ଆମ ସମସ୍ତଙ୍କର ଶେଷ ପରିଣାମ ଉତମ କରାଉ । ଆମିନ୍ ।

*(ଅଲ୍‌ଫଜଲ୍ ଇଂଟ୍ରର ନ୍ୟାସିନାଲ୍ ୨୯ ଜୁଲାଇ ରୁ ୨୨ ଅଗଷ୍ଟ ୨୦୦୫*

ଏହି ନିଜାମ୍‌ରେ ସାମିଲ୍ ହେବାର ଉପକାରୀତା ସମ୍ବନ୍ଦରେ ବହତ ସଂକ୍ଷିପ୍ତ ଶବ୍ଦରେ ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ସ୍ୱର୍ଗୀୟ ଜୀବନ ଲାଭ କରିବେ" ଅର୍ଥାତ୍ ଏହି ଶବ୍ଦ ପରକାଳରେ ସ୍ୱର୍ଗକୁ ପାଇବା ବା ଦିଆଯିବାର ପ୍ରତିଶୃତି ଏବଂ ସଉଦା ନୁହେଁ । ବରଂ ଏହି ନିଜାମ୍‌ରେ ସାମିଲ୍ ହେବା ଜରିଆରେ ନଗଦ ଏହି ସଂସାରରେ ସ୍ୱର୍ଗୀୟ ଜୀବନ ଉକ୍ତ ଲୋକମାନଙ୍କୁ ମିଳିଯିବ । ଏବଂ ପବିତ୍ର କୋରାନ୍ ଆମୁକୁ ବତାଉଛି କି ଯଦି କାହାକୁ ଏ ଜୀବନରେ ସ୍ୱର୍ଗର ମଧୁରତା ନମିଳିଛି ତେବେ ସେ ପରକାଳରେ ମଧ ଉକ୍ତ ପୁରସ୍କାରୁ ଲାଭ କରିପାରିବ ନାହିଁ । କଣ ଏପରି କୌଣସି ବ୍ୟକ୍ତି ହୋଇପାରେ ଯିଏ ଏହା ସବୁକିଛି ଜାଣିବା ସତ୍ୱେ ମଧ ଏ ଦୁନିଆରେ ହିଁ ସ୍ୱର୍ଗୀୟ ଜୀବନ ଲାଭ କରିବାକୁ ଚାହିଁବନାହିଁ । ଏପରି କିଏ ଅଭାଗା ଥିବ ଯିଏ ଏହି ପୁରସ୍କାରରୁ ବଂଚିତ ରହିବାକୁ ପସନ୍ଦ କରିବ । ଇଶ୍ୱର କରନ୍ତୁ କି କୌଣସି ବ୍ୟକ୍ତି ମଧ ଏପରି ନ ହୁଅନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯଥା ସମ୍ଭବ ନେଜାମେ ଓ୍ୱସିୟତ୍ ର ବର୍‌କତ୍ (ଅର୍ଥାତ ଉପକାରିତା) ଏବଂ ଗୁରୁତ୍ୱକୁ ସ୍ପଷ୍ଟ କରିବା ସହିତ ଏଥିରେ ସାମିଲ୍ ହେବା ପାଇଁ ତାଗିଦ୍ କରିଛନ୍ତି । ଏବଂ ସେହି ଉପଦେଶର ପୁରା ପୁରା ହକ୍ ପ୍ରଦାନ କରିଛନ୍ତି । ଆପଣ ଆ:ସ ଏହା ସବୁକିଛି ଅତ୍ୟନ୍ତ ଦରଦ ଏବଂ ପ୍ରେମର ସହିତ ବର୍ଣ୍ଣନା କରିଛନ୍ତି । ଏବଂ ଅଲଓ୍ୱସିୟତ୍ ପତ୍ରିକାର ଶେଷକଥାକୁ ଏପରି ଉଲ୍ଲେଖ କରିଛନ୍ତି:-

"ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଏ ସଂସାର ସହିତ ମୋହା ଲଗାଇ ମୋ ନିର୍ଦ୍ଦେଶକୁ ଟାଳିଦେବେ କିନ୍ତୁ ବହୁତ ଶିଘ୍ର ଏ ସଂସାରରୁ ଅଲଗା କଦିଦିଆଯିବେ ଓ ସେହି କ୍ଷେଶଷ ସମୟରେ କହିବେ *ହାଜା ମା ଓ୍ୱାଦର୍ ରହ୍‌ମାନ୍ ଓ୍ୱ ସଦ୍‌କୁଲ୍ ମୁର୍‌ସଲୁନ ଓ୍ୱସ୍ ସଲାମ୍ ଆଲା ମନିତ୍ ତବଇଲ୍ ହୁଦା*"

ଯେଉଁ ଲୋକମାନେ ଏ ଯୁଗର ଇମାମ୍‌ଙ୍କ ପବିତ୍ର ହସ୍ତରେ ବୟତ କରିବାର ପ୍ରତିଶୃତି କରିବା ସତ୍ୱେ ମଧ ତାଙ୍କର ସେହି ତାଗିଦ୍ ନିର୍ଦ୍ଦେଶକୁ ଟାଳିଦେବେ । ତେଣୁ ସେମାନଙ୍କ ପାଇଁ କେତେ ଦଃଖ ଓ ସନ୍ତାପର ପରିପ୍ରକାଶ କରିଛନ୍ତି । ଇଶ୍ୱର କରନ୍ତୁ କି କୌଣସି ଅହେମଦୀ ସେଭଳି ଦୁର୍ଭାଗ୍ୟଶାଳୀ ନହୁଅନ୍ତୁ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସୟଦ୍‌ନା

ହଜ୍‌ରତ୍ ମସିହ୍‌ମଉଦ୍ ଆ:ସଙ୍କ ପବିତ୍ର ଇଚ୍ଛାକୁ ବୁଝି ଏହି ବାବରତ୍ ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ୍ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଓ୍ୱସିୟତ୍ ବ୍ୟବସ୍ଥା ନିମନ୍ତେ ସ୍ଥାପନ ହୋଇଥିବା ବେହଶ୍‌ତି ମକ୍‌ଓ୍ୱରାକୁ ଏ ସ୍ୱତନ୍ତ୍ରତା ହାସଲ ଅଛି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତିନିଥର ବହୁତ ଜ୍ଞାନଭିତିକ, ଦରଦ ଏବଂ ବିନୟତାର ସହିତ ତା ପାଇଁ ପ୍ରାର୍ଥନା କରିଛନ୍ତି ।

"ମୁଁ ପ୍ରାର୍ଥନା କରୁଛି ଯେ ଇଶ୍ୱର ଏଥିରେ ବର୍‌କତ୍ ଦିଅନ୍ତୁ ଏବଂ ଏହାକୁ ବେହଶ୍‌ତି ମକ୍‌ଓ୍ୱରା ବନାନ୍ତୁ । ଏବଂ ଏହା ଏ ଜମାତ୍‌ର ପବିତ୍ର ହୃଦୟ ସମ୍ପନ୍ନ ବ୍ୟକ୍ତିମାନଙ୍କର ଆଶ୍ରୟସ୍ଥଳୀ ହେଉ ଯେଉଁମାନେ ବାସ୍ତବରେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇଛନ୍ତି । ଏବଂ ସାଂସାରିକ ମାୟାମୋହକୁ ପରିତ୍ୟାଗ କରିଛନ୍ତି । ଏବଂ ଇଶ୍ୱରଙ୍କର ହୋଇଯାଇଛନ୍ତି । ଏବଂ ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିଛନ୍ତ ଓ ରସୁଲୁଲ୍ଲା ସ:ଆ:ସଙ୍କ ସାହାବା ମାନଙ୍କ ପରି ଭକ୍ତି ଏବଂ ସତ୍ୟତାର ନମୁନା ଦେଖାଇଛନ୍ତି । ଆମିନ୍ ରବ୍‌ବୁଲ୍ ଆଲମିନ୍ । ପୁଣି ମୁଁ ଆ କରୁଛି ଯେ ହେ ମୋର ଶକ୍ତିଶାଳୀ ଇଶ୍ୱର ଏ ଭୂମିକୁ ମୋ ଜମାତ୍‌ର ସେହି ପବିତ୍ର ହୃଦୟ ଗୁଡିକର କବରସ୍ଥଳୀ ବନାଇଦିଅ ଯେଉଁମାନେ ପ୍ରକୃତରେ ତୋର ହୋଇସାରିଛନ୍ତି । ଏବଂ ସାଂସାରିକ ଉଦ୍ଦେଶ୍ୟ ଲାଭ କରିବାର ମିଶ୍ରଣ ତାଙ୍କ କାରବାରରେ ନାହିଁ । ଆମିନ୍ ୟା ରବ୍‌ବଲ୍ ଆଲମିନ୍ ।

ପୁଣି ମୁଁ ତୃତୀୟ ଥର ଏ ପ୍ରାଥନା କରୁଛି କି ହେ ମୋର ପ୍ରଭୁତ୍ୱଶାଳି ଦୟାମୟ (ଇଶ୍ୱର) ହେ କ୍ଷମାଶୀଳ ଓ କରୁଣାମୟ ପ୍ରଭୁ । ତୁମେ କେବଳ ସେହି ଲୋକମାନଙ୍କୁ ଏ ସ୍ଥାନରେ କବର ପାଇଁ ସ୍ଥାନ ଦିଅ ଯେଉଁମାନେ ତୁମର ଏହି ସନ୍ଦେସ ବାହକଙ୍କ ଉପରେ ସଚ୍ଚା ଇମାନ୍ ରଖିଛନ୍ତି ଏବଂ କୌଣସି କପଟାଚାର, ସ୍ୱାର୍ଥ ଏବଂ କୁ ବିଶ୍ୱାସ ନିଜ ଭିତରେ ରଖିନାହାଁନ୍ତି । ଏବଂ ଇମାନ୍‌ର ହକ୍ ଏବଂ ଆଜ୍ଞାବହତାର ହକ୍‌କୁ ନିର୍ବାହ କରୁଛନ୍ତି । ଏବଂ ତୁମ ମାର୍ଗରେ ନିଜର ମନକୁ ଉତ୍ସର୍ଗ କରିଛନ୍ତି । ଯଦ୍ୱାରା ତୁ ପ୍ରସନ୍ନ ଅଛୁ ଏବଂ ଯେଉଁମାନଙ୍କୁ ତୁ ଜାଣିଛୁ ଯେ ସେମାନେ ସମ୍ପୂର୍ଣ୍ଣ ରୂପେ ତୋ ପ୍ରେମରେ ହଜିଯାଇଛନ୍ତି ଓ ତୁମ ସନ୍ଦେଶବାହକ ସହିତ ଭକ୍ତି, ସମ୍ମାନ ଏବଂ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରେମ ଓ ଉତ୍ସର୍ଗୀକୃତ ଭାବର ସମ୍ପର୍କ ରଖିଛନ୍ତି । ଆମିନ ୟା ରବ୍‌ବଲ୍ ଆଲମିନ୍" (ଅଲ୍‌ଓ୍ୱସିୟତ୍, ପୃଷ୍ଠା-୧୭-୧୯)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉଚ୍ଚ ଆଶା ମୁତାବକ ଇମାନ୍ ଏବଂ ଆଜ୍ଞାବହତାର ଉଚ୍ଚତମ ସ୍ତରକୁ ପେଶ୍ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦ୍ୱାରା ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ପ୍ରାର୍ଥନା ଗୁଡିକର ବାସ୍ତବିକ ଉତରାଧିକାରୀ ହୋଇପାରିବା । ଆମିନ୍ । ଓ୍ୱ ଆଖିର୍ ଦାଓ୍ୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ।

*ପୃଷ୍ଠା-୧ ର ଅବଶିଷ୍ଟାଂଶ......*

ହଜରତ ମସିହ ମଉଦ[ଅସ] କହିଛନ୍ତି :

"ବିରୋଧିମାନେ ଅନେକ ମସ୍‌ଜିଦରେ ମୋର ମୃତ୍ୟୁ ହୋଇଯାଉ ବୋଲି ନିଜ ନାକକୁ ରଗଡିବାରେ ଲାଗିଲେ । ସେହିପରି ଅନ୍ୟ କେତେକ ଯେପରିକି ମୌଲବୀ ଗୁଲାମ ଦସ୍ତଗିରୀ କସୁରୀ ନିଜ ପୁସ୍ତକରେ ଓ ମୌଲବୀ ଇସମାଇଲ ଆଲିଗଢ଼ି ମୋ ପ୍ରତି ଦୃଢ଼ ଆକ୍ଷେପମୂଳକ ଆଦେଶ ଜାରି କଲା ଯେ ଯଦି ସେ ମିଥ୍ୟାବାଦୀ, ତେବେ ଆମ ଆଗରୁ ସେ ମରିଯିବ ଓ ନିଶ୍ଚୟ ଆମ ପୂର୍ବରୁ ସେ ମରିଯିବା ହିଁ ସାର ହେବ କାରଣ ସେ ଅବଶ୍ୟ ଜଣେ ମିଥ୍ୟାବାଦୀ । କିନ୍ତୁ ଯେବେ ସେହିସବୁ ଲେଖା ଦୁନିଆରେ ପ୍ରକାଶିତ ହୋଇସାରିଥିଲା, ସେତେବେଳକୁ ସେମାନେ ଆପେ ଆପେ ଅତିଶୀଘ୍ର ନିଜେ ହିଁ ମୃତ୍ୟୁବରଣ କଲେ । ସେହି ଦୈବୀ ଉପାୟରେ ସେମାନଙ୍କ ମୃତ୍ୟୁର ନିଷ୍ପତି ହୋଇଗଲା ଯେ ମିଥ୍ୟାବାଦୀ କିଏ ଥିଲା ? ମାତ୍ର ତଥାପି ଏହି ଲୋକମାନଙ୍କ ଚେତନା ଉଦୟ ହେଉନାହିଁ । କ'ଣ ଏହା ଏକ ମହତ୍ୱପୂର୍ଣ୍ଣ ନିଦର୍ଶନ ନୁହେଁ କି ଯେ ମୋହିଉଦ୍ଦିନ ଲଖୋକେ ବାସିନ୍ଦା ମୋ ପ୍ରତି ମୃତ୍ୟୁର ଅନିଷ୍ଟ ଚିନ୍ତା କରି ମିଥ୍ୟାବାଣୀ ପ୍ରକାଶିତ କଲା ମାତ୍ରେ ସଂଗେ ସଂଗେ ମରିଗଲା । ମୌଲବୀ ଇସ୍‌ମାଇଲ ଏହା ପ୍ରକାଶ କଲା ଓ ସେ ମଧ୍ୟ ତତକ୍ଷଣାତ ମରିଗଲା । ମୌଲବୀ ଗୁଲାମ ଦସ୍ତଗିରୀ ଏକ ପୁସ୍ତକ ଲେଖି ତହିଁରେ ନିଜେ ମରିବା ଆଗରୁ ମୋର ମୃତ୍ୟୁ ହେବା ସୁନିଶ୍ଚିତ ବୋଲି ବଡ ଜୋରସୋରରେ ପ୍ରକାଶିତ କଲା ଓ ସେ ମୃତ୍ୟୁବରଣ କଲା । ପାଦ୍ରୀ ହମିଦୁଲ୍ଲାଃ ପେଶାଓ୍ୱରୀ ମୋ ମୃତ୍ୟୁପାଇଁ ଦଶମାସର ସମୟ ଧାର୍ଯ୍ୟ କରି ଭବିଷ୍ୟତ ବାଣୀକୁ ପ୍ରକାଶ କଲା ଓ ସେ ହିଁ ନିଜେ ମୃତ୍ୟୁ ଲାଭ କଲା । ପଣ୍ଡିତ ଲେଖରାମ ମୋ ମୃତ୍ୟୁ ଚିନ୍ତା କରି ତିନି ବର୍ଷର ଅବଧି ଘୋଷଣା କଲା । କିନ୍ତୁ ଶୋଚନୀୟ ମୃତ୍ୟୁବରଣ କରିବାରୁ ସେ ନିଜେ ହିଁ ବର୍ତି ପାରିଲା ନାହିଁ ।

(ତୋହଫା ଏ ଗୋଲଡିୟା, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୭, ପୃ-୪୫)

**ଯେଉଁ ବ୍ୟକ୍ତି ବି ମସିହ ମଉଦଙ୍କ ମୃତ୍ୟୁ ଭିକ୍ଷା କରି ପ୍ରାର୍ଥନା କଲା ସେ ନିଜେ ହିଁ ଅବିଳମ୍ବେ ମୃତ୍ୟୁକୁ ଆଲିଙ୍ଗନ କଲା**

'ମୁଁ ଏହା ଆଦୌ ବିଶ୍ୱାସ କରେ ନାହିଁ ଯେ ନବୀଶ୍ରେଷ୍ଠଙ୍କ ଯୁଗ ପରେ କୌଣସି ଇଶ୍ୱର ପ୍ରେମୀ ଓ ସତ୍ୟର ଅନୁରାଗୀଙ୍କ ମୁକାବିଲାରେ କେବେ କୌଣସି ବିରୁଦ୍ଧାଚରଣ ବ୍ୟକ୍ତି ଏପରି ସ୍ପଷ୍ଟ ରୂପେ ଶୋଚନୀୟ ପରାଜୟ ଓ କୁତ୍ସିତ ଲାଞ୍ଛନାର ଶରବ୍ୟ ହୋଇ ନାହାନ୍ତି, ଯେପରି ମୋର ଶତ୍ରୁପକ୍ଷ ମୋ ମୁକାବିଲାରେ ଛିଡା ହୋଇ ଏହାର ସମ୍ମୁଖୀନ ହୋଇଛନ୍ତି । ଯେବେ ବି ସେମାନେ ମୋ ଇଜ୍ଜତ ଉପରେ ଆକ୍ରମଣ କରିଛନ୍ତି, ଶେଷରେ ନିଜେ ହିଁ ବେଇଜତ୍ ହୋଇଛନ୍ତି । ପୁଣି ଯେବେ ମୋ ପ୍ରାଣ ପ୍ରତି ଆକ୍ରମଣ କରି ଏହା କହିଲେ ଯେ ଏହି ବ୍ୟକ୍ତିର ସତ୍ୟ ଓ ମିଥ୍ୟାର ମାନ ଏଇଥିରୁ ଜଣାପଡିଯିବ ଯେ ସେ ଆମ ଆଗରୁ ମରିଯିବ । ମାତ୍ର ସେମାନେ ତ ନିଜେ ହିଁ ମୋ ଆଗରୁ ମରିଗଲେ । ମୌଲବୀ ଗୁଲାମ ଦସ୍ତଗିରୀଙ୍କ ପୁସ୍ତକ ବେଶୀ ଦୂରରେ ନାହିଁ, ବହୁ ଦିନରୁ ପ୍ରକାଶିତ ହୋଇ ସାରିଲାଣି । ଦେଖନ୍ତୁ, ସେ କିପରି ଦମ୍ଭରେ ଲେଖିଛି ଯେ ଆମ ଦୁଇଜଣଙ୍କ ମଧ୍ୟରେ ଯିଏ ମିଥ୍ୟାବାଦୀ, ସେ ପ୍ରଥମେ ମରିବ । ପୁଣି ସେ ନିଜେ ହିଁ ଆଗରୁ ମରିଗଲା । ଏଥିରୁ ପ୍ରକାଶ ପାଉଛି ଯେ ଯେଉଁ ଲୋକମାନେ ମୋ ମୃତ୍ୟୁର କାମନା କରୁଥିଲେ ଓ ପ୍ରଭୁଙ୍କ ଠାରେ ପ୍ରାର୍ଥନା କଲେ ଯେ ଆମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ, ତା'ର ପ୍ରଥମେ ମୃତ୍ୟୁ ହୋଇଯାଉ । କିନ୍ତୁ ଶେଷରେ ସେହି ମିଥ୍ୟାରୋପକାରୀର ହିଁ ମୃତ୍ୟୁ ହେଲା । ଜଣେ କି ଦୁଇଜଣ ନୁହନ୍ତି ବରଂ ପାଂଚଜଣ ଶତ୍ରୁ ଏହିପରି କହିଥିଲେ ଓ ସେଥିଯୋଗୁଁ ଏହି ସଂସାର ଛାଡି ଚାଲିଗଲେ ।'

***(ତୋହଫାଏ ଗୋଲଡିୟା, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ୧୭, ପୃଷ୍ଠା୪୬)***

**ଇଶ୍ୱର ଏକ ସଂସାରକୁ ଭୃତ୍ୟ ସମ ଭକ୍ତି ଓ ଆସ୍ଥାରେ ଅନୁପ୍ରାଣୀତ କରିଦେଲେ ଏବଂ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ**

**ସୁଖ୍ୟାତି ଆଣିଦେଲେ**

'ପ୍ରଥମତଃ ତୁମମାନଙ୍କ ମଧ୍ୟରୁ ମୌଲବୀ ଇସମାଇଲ ଆଲିଗଡ ନିବାସୀ ମୋ ବିରୁଦ୍ଧରେ କହିଲା ଯେ ଆମମାନଙ୍କ ମଧ୍ୟରୁ ଯିଏ ମିଛୁଆ, ସେ ପ୍ରଥମେ ମରିଯିବ । ତେଣୁ ତୁମେ ଜାଣିଛ ଯେ ବୋଧହୁଏ ଦଶବର୍ଷ ପାଖାପାଖି ହୋଇଗଲାଣି ସେ ମୃତ୍ୟୁ ଲଭିଲା । ଏବେ ମାଟିରେ ମିଳାଇ ଯାଇଥିବ ଓ ତା'ର ଶରୀରରୁ ହାଡ ଖଣ୍ଡେ ବି ମିଳିପାରବ ନାହିଁ । ପୁଣି ପଞ୍ଜାବ୍‌ରେ ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ମୁଣ୍ଡ ଟେକିଲା ଓ ନିଜକୁ କିଛି ଗୋଟେ ହୋଇଯାଇଛି ବୋଲି ଭାବିଲା ଓ ସେ ନିଜ ପୁସ୍ତକରେ ମୋ ମୁକାବିଲାରେ ଏହା ଲେଖିଲା କିମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଛୁଆ ସେ ପ୍ରଥମେ ମରିବ । ସୁତରାଂ ଅନେକବର୍ଷ ହେବ ଗୁଲାମ୍ ଦସ୍ତଗିର୍ ମଧ୍ୟ ମରିଗଲେଣି । ସେହି ପୁସ୍ତକ ଏବେ ମଧ୍ୟ ମହଜୁଦ୍ ଅଛି । ସେହିପରି ମୌଲବୀ ରଶିଦ ଅହମଦ୍ ଗଙ୍ଗୋହି ଉଠିଲା ଓ ମୋ ବିରୁଦ୍ଧରେ ଏକ ଇସ୍ତହାର ବାହାର କଲା ତଥା ମିଥ୍ୟାବାଦୀ ଉପରେ ଅଭିଶାପ ବର୍ଷା କଲା । କିନ୍ତୁ ହେଲା କ'ଣ ? ସ୍ୱଳ୍ପ ସମୟ ମଧ୍ୟରେ ସେ ଅନ୍ଧ ହୋଇଗଲା । ଟିକେ ଦେଖ ଓ ଏଥିରୁ ଶିକ୍ଷା ଲାଭ କର । ଏହି ଘଟଣା ପରେ ମୌଲବୀ ଗୁଲାମ ମୋହିଉଦ୍ଦିନ୍ ଲଖୁକେ ନିବାସୀ ଉଠିଲା । ସେ ବି ଏ ରକମର ଦୈବବାଣୀ ପ୍ରକାଶିତ କଲା, ଶେଷରେ ସେ ମଧ୍ୟ ଏହି ଦୁନିଆରୁ ବିଦାୟ ନେଲା । ପୁଣି ଅବ୍ଦୁଲ ହକ୍ ଗଜନୁଇ ଉଠିଲା ଓ ମୋ ମୁକାବିଲାରେ ମୁବାହିଲା କଲା ଯେ ଅଭିଶାପ ମୂଳକ ପ୍ରାର୍ଥନାରେ ଯିଏ ମଥ୍ୟାବୀଦୀ ତା ଉପରେ ଅଭିଶାପ ପଡୁ । ସେ ସବୁ ପ୍ରକାର କଲ୍ୟାଣରୁ ବଂଚିତ ହେଉ ତଥା ଦୁନିଆରେ ତାକୁ କେହି ଗ୍ରହଣ ନକରନ୍ତୁ ଓ ତା'ର ନାମ ଲୋପ ପାଇଯାଉ ଏବଂ ତା'ର ଚିହ୍ନବର୍ଣ୍ଣ ନରହୁ ଇତ୍ୟାଦି । ସୁତରାଂ ତୁମେମାନେ ନିଜେ ଦେଖିନିଅ ! ସେହି ପ୍ରାର୍ଥନାର ପରିମାଣ କ'ଣ ହେଲା ? ଏବେ ସେମାନେ କିପରି ଅବସ୍ଥାରେ ଅଛନ୍ତି ଓ ଆମେମାନେ କେଉଁ ଅବସ୍ଥାରେ ? ଦେଖନ୍ତୁ, ଏହି ମୁବାହିଲା ହେବା ପରେ ପ୍ରତ୍ୟେକ ବିଷୟରେ ଇଶ୍ୱର ଆମକୁ ଉନ୍ନତି ପ୍ରଦାନ କଲେ । ବଡ ବଡ ଚିହ୍ନ ଦେଖାଇଲେ, ଆକାଶରୁ ମଧ୍ୟ, ପୃଥିବୀରୁ ମଧ୍ୟ ଏବଂ ଏକ ସଂସାରକୁ ମୋ ଆଡକୁ ନୁଆଇଁ ଦେଲେ । ଯେବେ ମୁବାହିଲା ହୋଇଥିଲା, ସେତେବେଳେ ବୋଧହୁଏ ଚାଳିଶ ଜଣ ବ୍ୟକ୍ତି ମୋର ବଂଧୁ ଥିଲେ ଏବଂ ଆଜି ସେହି ଅନୁଗାମୀଙ୍କ ସଂଖ୍ୟା ସତୁରି ହଜାର ପାଖାପାଖି ହେବ । ଆମ ଆର୍ଥିକ ସମ୍ବଳର ବିଜୟ ଅଭିଯାନ ଏବେ ପର୍ଯ୍ୟନ୍ତ ଦୁଇଲକ୍ଷ ଟଙ୍କାରୁ ଅଧିକ ହୋଇ ସାରିଛି । ଏବଂ ଇଶ୍ୱର ଏକ ସଂସାରକୁ ଭୃତ୍ୟସମ ଭକ୍ତି ଓ ଆସ୍ଥାରେ ଅନୁପ୍ରାଣୀତ କରିଦେଲେ ଓ ପୃଥିବୀର ଶେଷ ପ୍ରାନ୍ତରେ ମୋର ସୁଖ୍ୟାତି ପହଂଚାଇଦେଲେ । ତୁମକୁ ମଜା ସେତେବେଳେ ଲାଗିବ, ଯେବେ ପ୍ରଥମେ ତୁମେ କାଦିୟାନ ଆସିବ ଓ ଦେଖିବ ଯେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସେନା ଦଳ କିପରି ଭାବରେ ଏହି ମହିମା ପୀଠରେ ଶିବିର ସ୍ଥାପନ କରିଛନ୍ତି ଓ ସଶକ୍ତ ପ୍ରାଚୀର ସଦୃଶ ଛିଡା ହୋଇଛନ୍ତି । ଅପର ପକ୍ଷେ ଅମୃତ ସହରରେ ଅବ୍ଦୁଲ ହକ୍ ଗଜନୁଇକୁ କେଉଁ ଦୋକାନରେ କି ବଜାର ଗଳିରେ ଘୁରି ବୁଲୁଥିବାର ଦେଖିବାକୁ ପାଇବ । ସେ କିପରି ଅସହାୟ ଅବସ୍ଥାରେ ଏଣେ ତେଣେ ବିଚରଣ କରୁଛି । ବଡ ଅବଶୋଷ ଲାଗୁଛି ଯେ

ଈଶ୍ୱରଙ୍କ ଶକ୍ତି ଖୋଲାଖୋଲି ଭାବରେ ମୋର ସମର୍ଥନରେ ଅବତୀର୍ଣ୍ଣ ହୋଇ ଚାଲିଛି, ମାତ୍ର ଏହି ଲୋକମାନେ ମୋତେ ଚିହ୍ନିପାରୁ ନାହାନ୍ତି ।'

*(ନୁଜୁଲୁଲ୍ ମସିହ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୮, ପୃଷ୍ଠା ୪୦୯)*

**ଯଦି ଏକ ହଜାର ମୌଲବୀ ମଧ୍ୟ ମସିହ ମଉଦଙ୍କ ମରଣ ସକାଶେ ପ୍ରାର୍ଥନା କରିଥାନ୍ତେ ତା' ହେଲେ ସେ ସମସ୍ତଙ୍କର**

**ବିନାଶ ଅବଶ୍ୟ ଘଟିଥା'ନ୍ତା**

"ଅନେକ ବିରୋଧି ମୋ ସପକ୍ଷରେ ଆଲୌକିକ ନିଦର୍ଶନ ପ୍ରକାଶିତ ହେବା କାରଣରୁ ହିଁ ମୋର ପରମ ଶତ୍ରୁ ପାଲଟିଗଲେ । ସେମାନେ ମୋତେ ମୁକାବିଲାରେ ରଖି ନିଜେ ପ୍ରାର୍ଥନା କଲେ ଯେ ଆମ ଦୁହିଁଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ, ସେ ପ୍ରଥମେ ମରିଯାଉ । ଯେପରି କି ମୌଲବୀ ଗୁଲାମ ଦସ୍ତଗିରୀ କସୁରୀ ଓ ମୌଲବୀ ଇସମାଇଲ ଆଲିଗଡ଼୍ ନିବାସୀ ତଥା ଯେପରି ମିଥ୍ୟାବାଦୀ ଉପରେ ଅଭିଶାପ ପଡିବାର ପ୍ରାର୍ଥନା ମୁହମ୍ମଦ ହୁସେନ ମୁତଓ୍ୱଫି କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସେ ସମସ୍ତ ମରିଗଲେ ଏବଂ ଏହା ନିଶ୍ଚିତ ବୋଲି ଭାବ ଯେ **ଯଦି ସେମାନଙ୍କ ମଧ୍ୟରେ ହଜାରେ ମୌଲବୀ ମଧ୍ୟ ମୋତେ ନିଜ ବିରୁଦ୍ଧରେ ମୁକାବିଲା ପାଇଁ ରଖି ଏପରି ପ୍ରାର୍ଥନା କରନ୍ତେ ଯେ ଆମ ଭିତରୁ ଯିଏ ମିଥ୍ୟାବାଦୀ, ସେ ପ୍ରଥମେ ମରିଯାଉ,** ତା' ହେଲେ ସେ ସମସ୍ତ ମୌଲବୀ ଦଳ ନିଶ୍ଚୟ ମରିଯାଇଥା'ନ୍ତେ । ଯେପରିକି ଏହି ଲୋକମାନେ ମରିଗଲେ । ତେବେ କଣ କୌଣସି ଅହଙ୍କାରୀ ମୌଲବୀଙ୍କ ପକ୍ଷେ ଏହି ସ୍ୱର୍ଗୀୟ ନିଦର୍ଶନ ଘଟିବାରେ କୌଣସି ସନ୍ଦେହ ରହିଛି ?"

*(ନଜୁଲୁଲ୍ ମସିହ, ରୁହନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୮, ପୃଷ୍ଠା ୪୬୬ ପାଦଟିକା)*

**ଆମ ସଂପ୍ରଦାୟର ଶତ୍ରୁ ହଜାର ହଜାର ସଂଖ୍ୟାରେ**

**ପ୍ଲେଗ୍ ମହାବ୍ୟାଧିରେ**

**ମୃତ୍ୟୁବରଣ କଲେ**

"ନଅ ବର୍ଷର ସମୟ ବିତିଛି କି ନାହିଁ, ପୁସ୍ତକ 'ସିରରୁଲ୍ ଖିଲାଫାଃ'ର ପୃଷ୍ଠା ୬୨ରେ ବିରୁଦ୍ଧାଚରଣ ବ୍ୟକ୍ତିଙ୍କ ଉପରେ ଧ୍ୱଂସର ପ୍ରକୋପ ତଥା ପ୍ଲେଗ୍ ପଡିବା ସକାଶେ ପ୍ରାର୍ଥନା କରାଯାଇଥିଲା । ତେବେ ଏହି ପ୍ରାର୍ଥନା ଗୃହୀତ ହେବା ଫଳରେ ଏ ପର୍ଯ୍ୟନ୍ତ ହଜାର ହଜାର ବିରୋଧି ବ୍ୟକ୍ତି ପ୍ଲେଗ ଓ ଅନ୍ୟାନ୍ୟ ବିପତି ଯୋଗୁଁ ଧ୍ୱଂସ ମୁଖରେ ପଡିଲେ ଓ ସେମାନଙ୍କର ସମୂଳେ ବିନାଶ ହେଲା । ସେହି ପ୍ରାର୍ଥନାର ଆରବୀ ପଙ୍କ୍ତି ଏହିପରି

وخذ ربّ مَن عادى الصّلاح و مُفسدًا
و نزّل عليه الرِجز حقًّا و دَمّر
وَفرّج كُروبي يا كَريمي و نَجّني
و مزّق خصيمي يا اِلٰهي و عفّر

ଅନୁବାଦ: "ହେ ମୋ ପ୍ରଭୁ ! ପ୍ରତ୍ୟେକ ବିଶୃଙ୍ଖଳାକାରୀ ଉପରେ ତାଉନ (ପ୍ଲେଗ) ଅବତୀର୍ଣ୍ଣ କର । କିମ୍ବା କୌଣସି ଅନ୍ୟ ପ୍ରକାର ମୃତ୍ୟୁ ଦେଇ ସେମାନଙ୍କୁ ବିନାଶ କର । ଅଥବା ଅନ୍ୟ କୌଣସି ପ୍ରତିବଦଳା ସେମାନଙ୍କ ଠାରୁ ନିଅ । ମୋତେ ଦୁଃଖ ଓ ସଂକଟରୁ ଉଦ୍ଧାର କର । ମୋ ଶତ୍ରୁମାନଙ୍କୁ ଛାରଖାର କରିଦିଅ ଓ ସେମାନଙ୍କୁ ମାଟିରେ ମିଶାଇ ଦିଅ । ସେମାନଙ୍କୁ ତଳିତଳାନ୍ତ କର ଓ ସେମାନଙ୍କ ବୁଦ୍ଧିବଣା କରିଦିଅ ।"

ସୁତରାଂ ଦେଶରେ ପ୍ଲେଗ ରୋଗର ପ୍ରାଦୁର୍ଭାବ ଦ୍ୱାରା ହଜାର ହଜାର ନୀଚ ଓ କୃପଣ ଲୋକ ଯେଉଁମାନେ ଆମ ସଂପ୍ରଦାୟର ଶତ୍ରୁ ଥିଲେ, ଏଥିରେ ମରିଗଲେ । ଏବେ ଆଗୁଆ କଥାର ତ ମୋ ପାଖରେ ସୂଚନା ନାହିଁ । କିନ୍ତୁ ତାହା ବ୍ୟତୀତ ଯେଉଁ କେତେକ ବଛା ବଛା ମୌଲବୀ ଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଅନ୍ଧ ହୋଇଗଲେ, ଅନେକ କାଲ ହୋଇଗଲେ ଓ ବହୁତ ପାଗଳ ପରି ପ୍ରଳାପ କରିବାକୁ ଲାଗିଲେ ଏବଂ ବହୁ ଲୋକ ମରିଗଲେ, ତେବେ ଏହି ପ୍ରାର୍ଥନା କରି ମୋ ଉପରେ ଅଭିଶାପ ପକାଇଥିବା ମୌଲବୀ ଶାହାଦୀନ୍ ପାଗଳ ହୋଇଗଲା । ରଶିଦ୍ ଅହମଦ ଅନ୍ଧ ହୋଇଗଲା । ମୁହମ୍ମଦ ବଖ୍ଶ ପ୍ଲେଗ ରୋଗରେ ମୃତ୍ୟୁବରଣ କଲା । ଲୁଧିଆନାର ତିନିଜଣଯାକ ମୌଲବୀଙ୍କୁ ବିନାଶ କରାଗଲା । ମୁହମ୍ମଦ୍ ହୁସେନ୍, ଗୁଲାମ ଦସ୍ତଗିରୀ କସୁରୀ ଓ ମୋହିଉଦ୍ଦିନ ଲଖୁକେ ନିବାସୀଙ୍କର ମଧ୍ୟ ପ୍ରାଣନାଶ ହେଲା । ପୁଣି ଅସଗର ଅଲୀର ଗୋଟିଏ ଆଖି ନଷ୍ଟ ହୋଇଗଲା । ମୌଲବୀ ମୁହମ୍ମଦ ହୁସେନକୁ 'ଅଫ୍‌ଫିରୀ' ଅର୍ଥାତ ବୁଦ୍ଧିବଣା ହୋଇଯିବା ପ୍ରାର୍ଥନାର ଅଭିଶାପ ଗ୍ରାସକଲା ।" ***(ନଜୁଲୁଲ୍ ମସିହ, ରୁହାନି ଖଜାୟୀନ, ଗ୍ରନ୍ଥ ଖଣ୍ଡ ୧୮, ପୃଷ୍ଠା ୫୩୪)***

**ସାଆଦୁଲ୍ଲାଃ ଲୁଧିୟାନୁଭିର**

**ବିନାଶ ହେଲା**

**ଯିଏ ଗାଳି ଦେବାରେ ପ୍ରଥମ ଥିଲା**

"ଯେତେବେଳେ ମୁନଶୀ ସାଆଦୁଲ୍ଲାଃ ଲୁଧିୟାନୁଭି କଟୁ ଶବ୍ଦରେ ଗାଳିଗୁଲଜ ତଥା ଅଶ୍ରାବ୍ୟ ଭାଷା କହିବାରେ ସବୁ ସୀମା ଟପିଗଲା ଏବଂ ନିଜର ଗୀତି କବିତା ପ୍ରସାର ମାଧ୍ୟମରେ ଏପରି ଅପଶବ୍ଦ ପ୍ରୟୋଗ କରି ମୋତେ ଗାଳିଗୁଲଜ କରୁଥିଲା । ମୁଁ ଭାବୁଛି ପଞ୍ଜାବର ସମସ୍ତ ଅଶ୍ଲୀଳ ଭାଷା ପ୍ରୟୋଗକାରୀ ଶତ୍ରୁମାନଙ୍କ ମଧ୍ୟରେ ସେ ସବୁଠାରୁ ଆଗୁଆ ଥିଲା । ସେ ମୃତ୍ୟୁରେ ନିପାତ ହେବା ପାଇ ମୁଁ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କଲି ଯେ ଅନ୍ତତଃ ମୋ ଜୀବନରେ ହିଁ ବିଫଳ ମନୋରଥ ହୋଇ ତା'ର ହୃଦୟ ବିଦାରକ ସ୍ଥିତିରେ ବିନାଶ ହେଉ ଓ ସେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ମୃତ୍ୟୁମୁଖରେ ପଡୁ । ଏହି ପ୍ରାର୍ଥନାର କାରଣ କେବଳ ତା'ର ଗାଳି ଗୁଲଜ ହିଁ ନଥିଲା, ବରଂ ସେ ମୋର ମୃତ୍ୟୁ ଚାହୁଁଥିଲା ।.........ଯଦିଚ ଏହି କାମନା ସମସ୍ତ ଶତ୍ରୁମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ଯେ ସେ ମୋର ମରଣ ଦେଖୁ ଓ ତାଙ୍କ ଜୀବନରେ ହିଁ ମୋର ମୃତ୍ୟୁ ହୋଇଯାଉ । କିନ୍ତୁ ଏହି ଲୋକ ସବୁଠାରୁ ବଢ଼ି ଯାଇଥିଲା ।........ମୁଁ ଏହାର କଳ୍ପନା ବି କରିପାରୁ ନାହିଁ ଯେ ଯେବେଠାରୁ ସଂସାର ସୃଷ୍ଟି ହୋଇଛି, କେହି ଜଣେ ଲୋକ ବି ଏପରି ଅତି କଦର୍ଯ୍ୟ ଗାଳି କୌଣସି ନବୀ ବା ଅବତାରଙ୍କୁ ଦେଇଥିବ ।

ଯେପରି ମୋତେ ଦିଆଯାଇଛି ।....ତେଣୁ ଏହି ସବୁକଥା ଯୋଗୁଁ ମୁଁ ତା' ସଂକ୍ରାନ୍ତରେ ଏତିକି ପ୍ରାର୍ଥନା କଲି ଯେ ମୋ ଜୀବନ କାଳରେ ହିଁ ସେ ବ୍ୟର୍ଥ ଓ ଲୋକହସା ହେଉ ଏବଂ ସେ ଏକ ଶୋଚନୀୟ ମୃତ୍ୟୁ ଲାଭ କରୁ । ସୁତରାଂ ଈଶ୍ୱର ତାହା ହିଁ କଲେ । ୧୯୦୭ ଜାନୁୟାରୀ ପ୍ରଥମ ସପ୍ତାହରେ ହିଁ କେତେ ଘଂଟା ମଧ୍ୟରେ ସେ ନିମୋନିଆ ପ୍ଲେଗରେ ଆକ୍ରାନ୍ତ ହୋଇ ଅନେକ ଦୁଃଖଦପୂର୍ଣ୍ଣ ଅଭିଳାଷ ନେଇ ଏହି ସଂସାରରୁ ବିଦାୟ ନେଲା ।"

**(ହକିକତୁଲ୍ ୱହି, ରୁହାନି ଖଜାୟୀନ୍, ଗ୍ରନ୍ଥଖଣ୍ଡ ୨୨, ପୃଷ୍ଠା ୪୩୫)**

***ସତ୍ୟର ଦାବି ପ୍ରତ୍ୟେକ ସ୍ଥିତିରେ ଝଲମଲ ହୋଇ ଝଟକୁଥାଏ***

"ଯେଉଁ ଦାବି ସତ୍ୟପଥ ଉପରେ ପର୍ଯ୍ୟବେଶିତ, ତାହା ନିଜ ସହିତ ଗୋଟିଏ ପ୍ରକାର ପ୍ରମାଣ ବହନ କରେ ନାହିଁ ବରଂ ତାହା ସେହି ଖାଂଟି ହୀରା ପରି ପ୍ରତ୍ୟେକ ଦିଗରୁ ଝଟକୁଥାଏ । ତେଣୁ ମୁଁ ଜୋରଦେଇ କହୁଛି ଯେ ମୋର ମସିହ ମଉଦ ହେବାର ଦାବି ଏପରି ସ୍ୱଚ୍ଛ, ଯାହା ପ୍ରତ୍ୟେକ ଦିଗରୁ ଝଲମଲ ହୋଇ ଝଟକୁଥାଏ ।"

*(ଲେକଚର ଲାହୋର, ରୁହାନି ଖଜାୟିନ, ଗ୍ରନ୍ଥ ଖଣ୍ଡ ୨୦, ପୃଷ୍ଠା ୧୮୮)*

ବହୁ ଅଧିକ ବିଶ୍ୱାସବର୍ଦ୍ଧକ କଥନ ମଧ୍ୟରୁ ଅଳ୍ପ କେତୋଟିକୁ ଉପସ୍ଥାପନ କରିବା ଏଠାରେ ସମ୍ଭବ ହୋଇ ପାରିଛି । ଅଲ୍ଲାଃତାଲା ସମସ୍ତଙ୍କୁ ବିଶେଷତଃ ଆମ ମୁସଲମାନ ଭାଇମାନଙ୍କୁ ହଜରତ ମସିହ ମଉଦ[ଅସ]ଙ୍କୁ ଚିହ୍ନିବା ଓ ତାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେ କହିଛନ୍ତି: "ହେ ସମସ୍ତ ଲୋକ ଶୁଣିରଖ ! ଏହା ତାଙ୍କ ଦ୍ୱାରା ପ୍ରକଟିତ ଭବିଷ୍ୟତ ବାଣୀ, ଯେ କି ଆକାଶ ଓ ପୃଥିବୀକୁ ଗଢ଼ିଛନ୍ତି । ସେ ନିଜର ଏହି ଜମାଅତକୁ ସମସ୍ତ ଦେଶରେ ପ୍ରସାରିତ କରିଦେବେ । ତାତ୍ୱିକ ଯୁକ୍ତି ଓ ପ୍ରବର୍ତ୍ତନା ମାଧ୍ୟମରେ ସବୁରି ଉପରେ ତାକୁ ବିଜୟ ମଣ୍ଡିତ କରିବେ । ସେହି ଦିନ ଆସୁଛି ବରଂ ନିକଟତର ହେଉଛି । **ସଂସାରରେ କେବଳ ଏହି ଏକମାତ୍ର ସମ୍ପ୍ରଦାୟ ରହିବ, ଯାହାକୁ ସସମ୍ମାନେ ମନେ ପକାଯିବ । ଈଶ୍ୱର ଏହି ଧାର୍ମିକ ସଂଗଠନ ଓ ଏହି ସଂପ୍ରଦାୟରେ ଅତି ଉଚ୍ଚ କୋଟିର ଓ ଉତ୍କୃଷ୍ଟ କଲ୍ୟାଣ ସଂପନ୍ନ ସମୃଦ୍ଧି ପ୍ରଦାନ କରିବେ । ପ୍ରତ୍ୟେକ ସେହି ବ୍ୟକ୍ତିକୁ ଯିଏ ଏହାକୁ ପଦଦଳିତ କରିବା ପାଇଁ ଅବସର ଖୋଜୁଥାଏ, ତା'ର ସକଳ ଉଦ୍ୟମକୁ ପଣ୍ଡ କରାଯିବ । ଏହି ବିଜୟ ସଦା ସର୍ବଦା ବଳବତର ରହିବ, ଏପରିକି ମହା ପ୍ରଳୟ ଆସିଯିବ ।"**

*(ତଜକରାତୁଶ୍ ଶହାଦତୈନ୍, ପୃଷ୍ଠା ୬୭)*

ଉର୍ଦ୍ଦୁ ଆଲେଖ୍ୟ :
ମନ୍‌ସୁର ଅହମଦ୍ ମସରୁର୍
ଓଡିଆ ଭାଷାନ୍ତର :
ଇଂ. ରୌଶନ୍ ଖାନ୍, କେରଙ୍ଗ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**